ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 20/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 326 | ମୂଲ୍ୟ₹୭/-



50 years of Trust

No.1 Odisha RETAIL Chain Brand

GD Symbol of Trust

# GUPTA DISTRIBUTORS



MOBILE, CAMERA, LAPTOP, ELECTRONICS, HOME APPLIANCES & FURNITURES

## FESTIVE SALE

HURRY LIMITED PERIOD OFFER

## COST TO COST DHAMAKA

CHECK OUR PRICE, BEFORE YOU BUY

PICK ANY GIFT ON PURCHASE OF Rs.10,000/- AND ABOVE

DOUBLE BED SHEET MRP - 1999/- @500/-

ELECTRIC KETTLE 1.8ltr MRP - 1399/- @500/-

EGG BOILER MRP - 699/- @300/-

ADDITIONAL ASSURED GIFT ON EVERY PURCHASE

FREE GIFT: SAMSUNG* TOP LOAD 10KG | SAMSUNG* GALAXY S23 | VIP* STROLLEY | SOUND BAR* | BOROSIL DINNER SET | Buy an OLED & Bring Home a 43 inch Google TV* | & MANY MORE OFFER

0 EASY FINANCE DOWN PAYMENT INTEREST | 1 EMI OFF | 5 YEAR ASK FOR EXTENDED WARRANTY | EXCHANGE OFFER | UPTO 15 YEAR WARRANTY* | ASSURED CASHBACK OF UP TO 1,00,000/-* | ASSURED EXCLUSIVE GIFT COUPONS WORTH AROUND Rs. 25,000/-

ADDITIONAL GIFT TO ALL EMI CARD HOLDER | HDFC BANK We understand your world | 0 DOWN PAYMENT 30 EMI | IDFC FIRST Bank 10% CASHBACK UPTO Rs.15,000/- | HDB FINANCIAL SERVICES 10% CASHBACK UPTO Rs.10,000/-

| LED TV | REFRIGETOR | AIR CONDITION | WASHING MACHINE | MICROWAVE OVEN | MOBILE | LAPTOP | CAMERA | ACCESSORIES | HOME APPLIANCES |
|---|---|---|---|---|---|---|---|---|---|
| PRICE START ₹7490/- | PRICE START ₹11190/- | PRICE START ₹28900/- | PRICE START ₹7990/- | PRICE START ₹6990/- | Smartphones at EASY no cost EMI | PRICE START ₹29990/- | PRICE START ₹42990/- | | |

## HOME & OFFICE FURNITURE

UPTO.......... 60% OFF*




FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURACHASE | EXCHANGE FACILITY AVAILABLE
MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA

Furniture Available at PATRAPARA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA, NAYAGARH, BALUGAON, PARADEEP, ATHAGARH, JAJPUR TOWN, ANGUL, PURI & CHANDIKHOLE

FINANCE PARTNER: BAJAJ FINSERV | IDFC FIRST Bank | HDFC BANK We understand your world | HDB FINANCIAL SERVICES

ALL CREDIT & DEBIT CARDS ACCEPTABLE

UP TO 5% INSTANT DISCOUNT* SBI card

*Min. Trxn.: ₹25,000; Max. Discount: ₹4,000 per card. Also valid on EMI Trxns. Validity: 15 Oct - 13 Nov 2023. T&C Apply.

WIDECARE SECURE YOUR PRODUCT WITH EXTENDED WARRANTY

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI Inspire the Next | VOLTAS | BLUE STAR | DAIKIN | Haier | Carrier | LLOYD | IFB | ONEPLUS | oppo | vivo | DELL | hp | ASUS | EUREKA FORBES | BAJAJ | BOSCH | KUTCHINA | CG Cine Gold | HAVELLS | Nikon | Canon

BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*

| | | | |
|---|---|---|---|
| * ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର୍ସ ର ଶୁଭାରମ୍ଭ କେଉଁ ମସିହାରେ ହୋଇଥିଲା ? | ☐ ୧୯୭୦ | ☐ ୧୯୮୩ | ☐ ୧୯୭୨ |
| * ଅନୁଷ୍ଠାନର ମୁଖ୍ୟ ପରିଚାଳକଙ୍କ ନାମ କ'ଣ ? | ☐ ପି. ଗୁପ୍ତା | ☐ ଆର୍. ଗୁପ୍ତା | ☐ ଡି. ଗୁପ୍ତା |
| * ସାରା ଓଡ଼ିଶାରେ କେତେଗୋଟି ଶାଖା ରହିଅଛି ? | ☐ ୧୫ | ☐ ୨୮ | ☐ ୨୨ |
| * ଗୁପ୍ତାର ପ୍ରଥମ ଷ୍ଟୋର କେଉଁଠାରେ ହୋଇଥିଲା ? | ☐ କଟକ | ☐ ଭୁବନେଶ୍ୱର | ☐ ନୟାଗଡ଼ |

ଏହି କୁପନଟି ସଠିକ୍ ଉତ୍ତର ସହିତ ପୂରଣ କରି, ନିକଟତମ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର ଶାଖାରେ ଥିବା LUCKY DRAW BOX ରେ ପକାଇ ଉପହାର ମାନ ଜିତନ୍ତୁ ।

Mob: ..............................................

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ | Bhubaneswar, Friday, October 20/2023 | ପୃଷ୍ଠା-୧



ଘରୋଇ ବସ୍ ସଂଘ ପକ୍ଷରୁ ବନ୍ଦ ଡାକରା ଦେବା ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗୁରୁବାର ଗନ୍ତବ୍ୟସ୍ଥଳକୁ ଯିବା ଲାଗି ଯାତ୍ରୀଙ୍କ ପ୍ରବଳ ଭିଡ଼।

## ପାଣି ଡେକ୍‌ଚିରେ ପଡ଼ି ଶିଶୁକନ୍ୟାର ମୃତ୍ୟୁ

ରେଢ଼ାଖୋଲ,୧୯।୧୦
(ଅଚ୍ୟୁତାନନ୍ଦ ପୁରୋହିତ)

ଏକ ଅଭାବନୀୟ ଘଟଣାକ୍ରମେ ଗୁରୁବାର ପାଣିଡେକ୍‌ଚିରେ ପଡ଼ି ୨ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଘଟିଛି ଏହି ଘଟଣା। ସୂଚନାକ୍ରମେ ରେଢ଼ାଖୋଲ ସହର ଦେହୁରିସାହିର ବିବେକା ବେଉରାଙ୍କ ୨ବର୍ଷର ଶିଶୁକନ୍ୟା ନବ୍ୟା ନିବେଦିତା ସକାଳେ ଘରେ ଖେଳୁଥିବା ବେଳେ ଏକ ପାଣିଡେକ୍‌ଚି ଭିତରେ ପଡିଯାଇଥିଲା। ସେତେବେଳେ କେବଳ ☞ପୃଷ୍ଠା-୨

# ଗଠନ ହେବ ୩ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ପୁରାତନ ଐତିହ୍ୟ, ସଂସ୍କୃତି, ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ତଥା ଗ୍ରନ୍ଥାଗାରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ୩ଟି ନୂତନ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବେ। ସେଗୁଡ଼ିକ ହେଲା ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ, ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ। ଉକ୍ତ ନିର୍ଦ୍ଦେଶାଳୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଉକ୍ତ ନିର୍ଦ୍ଦେଶାଳୟ ଗଠନକୁ ଅନୁମୋଦନ କରାଯାଇଛି।

ଐତିହ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକ ନିଷ୍ପତ୍ତି ଅନୁଯାୟୀ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଦେଶର ବିଭିନ୍ନ ରାଜ୍ୟରେ ଗ୍ରନ୍ଥାଗାରଗୁଡ଼ିକର ପରିଚାଳନା ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ରାଜ୍ୟ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ଗଠନ ହେଲେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ବିଭିନ୍ନ ଜିଲାରେ ଥିବା ଜିଲା ଗ୍ରନ୍ଥାଗାର ଓ ବ୍ଲକସ୍ତରୀୟ ବିଭିନ୍ନ ଗ୍ରାମୀଣ ଗ୍ରନ୍ଥାଗାରଗୁଡ଼ିକର ସୁପରିଚାଳନା ହୋଇପାରିବ।

ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟିକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ନିର୍ଦ୍ଦେଶାଳୟ ପାଇଁ ଗ୍ରନ୍ଥାଗାରିକ ସେବା ସଂବର୍ଗ ସୃଷ୍ଟି ସହିତ ସହକାରୀ ଗ୍ରନ୍ଥାଗାରିକ, ଉପଗ୍ରନ୍ଥାଗାରିକ, ସହନିର୍ଦ୍ଦେଶକ/ଗ୍ରନ୍ଥାଗାରିକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟ ଗ୍ରନ୍ଥାଗାରିକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଓ ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶକ ଇତ୍ୟାଦି ପଦବୀ ସୃଷ୍ଟି କରାଯାଇଛି।

ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶାର ବହୁ ପୁରାତନ ମନ୍ଦିର ଓ ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ଆବିଷ୍କୃତ

**କ୍ୟାବିନେଟ ନିଷ୍ପତ୍ତି**

### ଐତିହ୍ୟ, ସଂସ୍କୃତି, ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ହେବ ସୁରକ୍ଷା

ହୋଇସାରିଥିବା ବେଳେ ଏବେ ମଧ୍ୟ ବିଭିନ୍ନ କୀର୍ତ୍ତିରାଜି ଆବିଷ୍କୃତ ହେଉଛି। ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ ହେଲେ ଓଡ଼ିଶାର କୋଣ ଅନୁକୋଣରୁ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ହୋଇପାରିବ। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ଆବଶ୍ୟକ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ନିର୍ଦ୍ଦେଶାଳୟ ପାଇଁ ସହକାରୀ ସଂଗ୍ରାହକ, ସଂଗ୍ରାହକ/ସହନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏହି ନିର୍ଦ୍ଦେଶାଳୟ ନିମନ୍ତେ ଏକ ସ୍ୱତନ୍ତ୍ର ଯାନ୍ତ୍ରିକ ଶାଖା ମଧ୍ୟ ସୃଷ୍ଟି ହୋଇଛି। ଓଡ଼ିଶାରେ ବହୁ ପୁରାତନ ମନ୍ଦିର ତଥା ବିଭିନ୍ନ ସମୟର ପ୍ରତ୍ନତତ୍ତ୍ୱ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି ଓ ବର୍ତ୍ତମାନ ମଧ ବିଭିନ୍ନ କୀର୍ତ୍ତିରାଜିର ଆବିଷ୍କାର ହେବାକୁ ଅଛି। ସେସବୁର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନିମିତ୍ତ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ।

ସେହିପରି ତୃତୀୟ ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ସ୍ୱତନ୍ତ୍ର ସଂଗ୍ରହାଳୟ (ମ୍ୟୁଜିୟମ) ନିର୍ଦ୍ଦେଶାଳୟ ଗଠନ କରିବା ପ୍ରସ୍ତାବକୁ ମଧ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟରେ ସଂଗ୍ରହାଳୟଗୁଡ଼ିକର ପରିଚାଳନା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ରହିଛି। ସେହିପରି ଓଡ଼ିଶାର ବିଭିନ୍ନ ସମୟରେ ଆବିଷ୍କୃତ ସମୃଦ୍ଧ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପୃଥିବୀ ବଞ୍ଚିରହୁ









**ଆଜିର ମନ୍ତବ୍ୟ**

"ନିର୍ବାଚନ ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗ ପକ୍ଷରୁ ବିପକ୍ଷ ନେତାଙ୍କ ବିରୋଧରେ ଚଢ଼ାଉ ବେଳେ ଆଦର୍ଶ ଆଚରଣବିଧି ପାଳନ କରାଯିବା ଉଚିତ୍। ପ୍ରଧାନମନ୍ତ୍ରୀ ଓ ନିର୍ବାଚନ କମିଶନ ୨ଏଜେନ୍ସିକୁ ରୋକନ୍ତୁ। **-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡର କାହାକୁ ଭୟ କାହାକୁ**
**ଠାକୁର ଅଛନ୍ତି ଚଉ ବାହାକୁ।**

ଈଶ୍ୱର ସର୍ବତ୍ର ବିଦ୍ୟମାନ। ଈଶ୍ୱରଙ୍କଠାରେ ଆସ୍ଥା ରଖିଥିବା ବ୍ୟକ୍ତି ତାଙ୍କର ସାନ୍ନିଧ୍ୟ ଓ କୃପା ଲାଭ କରୁଥିବାବେଳେ ସେ ଆଶ୍ରିତ ପ୍ରାଣୀଙ୍କୁ ସକଳ ବିପଦରୁ ଉଦ୍ଧାର କରିଥାନ୍ତି। ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡରୁ ଯଦି କରୁ କାହିଁକି ?**
**କରୁ ଯଦି ଡରୁ କାହିଁକି ?**

କାମ ଆରମ୍ଭ କରିବା ପୂର୍ବରୁ ବା କରିସାରିବା ପରେ ମନରେ ଯଦି ଫଳାଫଳକୁ ନେଇ ସେଭଳି କିଛି ଡର ବା ଭୟ ରହୁଥାଏ, ତେବେ ସେପରି କାମରୁ ନିବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କାରଣ ଡରି ଡରି କାମ କରିବା ବା କାମ କରିସାରିବା ପରେ ଡରିବାର ମାନେ କିଛି ରହି ନ ଥାଏ। ଅବସ୍ଥା ଚକ୍ରରେ ଭୟର ସମ୍ମୁଖୀନ ହୋଇ ଦ୍ୱନ୍ଦ୍ୱରେ ପଡ଼ିଥିବା ବ୍ୟକ୍ତିର ଦୟନୀୟ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# କଟକ, କେନ୍ଦ୍ରାପଡ଼ା ଜିଲାର ୮,୭୦୪ ପ୍ରକଳ୍ପ ପାଇଁ ୩୧୧ କୋଟି ମଞ୍ଜୁର

**ଭୁବନେଶ୍ୱର,୧୯।୧୦(ଅନିଲ ଦାସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଓ କେନ୍ଦ୍ରାପଡ଼ା ଜିଲାରେ ଶୁଭାରମ୍ଭ କରିଛନ୍ତି। କଟକ ଏବଂ କେନ୍ଦ୍ରାପଡ଼ା ଜିଲାର ୧୩ ନିର୍ବାଚନମଣ୍ଡଳୀର ୮,୭୦୪ ପ୍ରକଳ୍ପ ପାଇଁ ୩୧୧କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜନ ଅଭିଯୋଗ ଶୁଣାଣି ଭିତ୍ତିରେ ଏହି ଦୁଇ ଜିଲାର ୫୩ ବିକାଶମୂଳକ ପ୍ରକଳ୍ପ ପାଇଁ ୩୫୬କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ହିସାବରେ କଟକ ଜିଲାର ୮ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୧୮୬ କୋଟି ୫୦ ଲକ୍ଷ ଟଙ୍କା। ବଡ଼ମ୍ବା, ଚୌଦ୍ୱାର-କଟକ, ବାଙ୍କୀ, ଆଠଗଡ଼, ନିଆଳି, କଟକ ସଦର, ସାଲେପୁର ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୩୭୩ ଗ୍ରାମ ପଞ୍ଚାୟତରେ ୫,୩୫୧ଟି ପ୍ରକଳ୍ପ ହେବ। ସେହିପରି କେନ୍ଦ୍ରାପଡ଼ା ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୨୪ କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମହାକାଳପଡ଼ା, କେନ୍ଦ୍ରାପଡ଼ା, ପାଟକୁରା, ରାଜନଗର ଓ ଆଳି ନିର୍ବାଚନମଣ୍ଡଳୀର ୨୪୯ ଗ୍ରାମପଞ୍ଚାୟତରେ ୩,୩୫୩ଟି ପ୍ରକଳ୍ପ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ସହ ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ଏବଂ ୱାର୍କସ ହବ୍ ହେବ। ଏଥିସହ ବ୍ୟାଙ୍କିଂ ସୁବିଧା ମିଳିବ। ଏହିକାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର

## ଆମ ଓଡ଼ିଶା ନବୀନ ଓଡ଼ିଶା

### ଗ୍ରାମାଞ୍ଚଳ ପାଇଁ ଅପାର ସୁଯୋଗ ଆଣିବ 'ଆମ ଓଡ଼ିଶା ନବୀନ ଓଡ଼ିଶା': ମୁଖ୍ୟମନ୍ତ୍ରୀ




ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶାର ଗାଁଗୁଡ଼ିକ ବିକାଶର କେନ୍ଦ୍ର ହେବ। ଗାଁ ଲୋକଙ୍କୁ ଆଉ ସହର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପ ସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କଟକ ଜିଲାର ବଡ଼ମ୍ବା ଅଞ୍ଚଳରେ ସାତକୋଶିଆ ଜୈବବିବିଧତା ପର୍ଯ୍ୟଟନ କେନ୍ଦ୍ର ପାଇଁ ୯.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମା' ପ୍ରଗଳା ପୀଠ ପାଇଁ ୫.୨୭ କୋଟି, ମା' ଭଟ୍ଟାରିକା ପୀଠ ପାଇଁ ୮.୫୭ କୋଟି, ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଡାଏଲିସିସ୍ କେନ୍ଦ୍ର ପାଇଁ ୧୫.୬୬ କୋଟି, ବଡ଼ମ୍ବା ମୋହନ ସୁବୁଦ୍ଧି ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ନରସିଂହପୁର ଜୁନିୟର କଲେଜ ପାଇଁ ୧.୨୫ କୋଟି, କାନପୁର ଆଞ୍ଚଳିକ ମହାବିଦ୍ୟାଳୟ ପାଇଁ ୧.୨୫ କୋଟି, ବାଣେଶ୍ୱରୀ ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୦ କୋଟି, ନରସିଂହପୁର ଆମ ହସ୍ପିଟାଲ ପାଇଁ ୪.୧୬ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ବାଙ୍କୀ ଅଞ୍ଚଳରେ ମା' ଚର୍ଚ୍ଚିକା ପୀଠ ଉନ୍ନତୀକରଣ ପାଇଁ ୧୧.୦୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, କଳାପଥର ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୦.୫୦ କୋଟି, ଅଂଶୁପା ଡିଗ୍ରୀ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଆଠଗଡ଼ ଅଞ୍ଚଳରେ ବାବା ଧବଳେଶ୍ୱର ମନ୍ଦିର ପାଇଁ ୧୭.୫୦ କୋଟି, ସାପୁଆ ନଦୀର ସେତୁ ପାଇଁ ୬.୧୪ କୋଟି, ଗୋପବନ୍ଧୁ ଡିଗ୍ରୀ ବିଜ୍ଞାନ କଲେଜ ପାଇଁ ୧ କୋଟି, ନୂଆପାଟଣା ଚୈତନ୍ୟ ସାହୁ ଯୁକ୍ତ୨ କଲେଜ ପାଇଁ ୦.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ନିଆଳି ଅଞ୍ଚଳରେ ମାଧବାନନ୍ଦ ଜୀଉ ମନ୍ଦିର ପାଇଁ ୪.୮୪ କୋଟି, ଗୋବିନ୍ଦପୁର ଡିଗ୍ରୀ କଲେଜ ପାଇଁ ୧.୫୦ କୋଟି, ବ୍ରାହ୍ମଣଝରିଲୋ ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ଦୋଳଗୋବିନ୍ଦ ବ୍ରଜ କିଶୋର ଡିଗ୍ରୀ କଲେଜ କସର୍ଦ୍ଦା ପାଇଁ ୧ କୋଟି, ଅଡ଼ଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ୧.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। କଟକ ସଦର ଅଞ୍ଚଳରେ ନେମାଳ ଅଚ୍ୟୁତାନନ୍ଦ ଦାସ ପୀଠ ପାଇଁ ୨୩.୦୩ କୋଟି, ପରମହଂସ ପୀଠର ଉନ୍ନତୀକରଣ ପାଇଁ ୪.୯୬ କୋଟି, ଚିତ୍ରୋପ୍ତଳା ନଦୀ ଉପରେ ସେତୁ ପାଇଁ ୫୩.୦୪ କୋଟି, କନ୍ଦରପୁର ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ସାଲେପୁର ଅଞ୍ଚଳରେ ମଧୁବାବୁଙ୍କ ଜନ୍ମସ୍ଥଳୀର ବିକାଶ ପାଇଁ ୨୧.୦୨ କୋଟି, ସାଲେପୁର ସ୍ୱୟଂଶାସିତ କଲେଜ ପାଇଁ ୧.୫୦ କୋଟି, ବହୁଗ୍ରାମ କଲେଜ ପାଇଁ ୨ କୋଟି, ଟାଙ୍ଗୀ ମହାବିଦ୍ୟାଳୟ ପାଇଁ ୦.୫୦ କୋଟି, ଟାଙ୍ଗୀଠାରେ ଆମ ହସ୍ପିଟାଲ ପାଇଁ ୩.୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହିପରି କଟକ ଜିଲାରେ ସମୁଦାୟ ୩୨ଟି ପ୍ରକଳ୍ପ ପାଇଁ ୨୧୩.୫୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ୫-ଟି ସଚିବ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ମା' ରାମଚଣ୍ଡୀ ମନ୍ଦିର ପାଇଁ ୫.୮୭ କୋଟି, ଜମ୍ବୁ ଲକ୍ ଏରିଆ ସୌନ୍ଦର୍ଯ୍ୟକରଣ ପାଇଁ ୭.୫୦ କୋଟି, ମାର୍ଶାଘାଇ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, ବାୟାବାବା ଡିଗ୍ରୀ କଲେଜ ପାଇଁ ୧ କୋଟି, ହୁକିଟୋଲା ପର୍ଯ୍ୟଟନ କ୍ଷେତ୍ର ପାଇଁ ୧.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରାପଡ଼ା ଅଞ୍ଚଳରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ୨.୭୫ କୋଟି, ତୁଳସୀ ମହିଳା ମହାବିଦ୍ୟାଳୟ ପାଇଁ ୧.୭୫ କୋଟି, ବିରୂପା କଲେଜ ପାଇଁ ୧ କୋଟି, ବଳଦେବ ଜୀଉ ମନ୍ଦିର ପାଇଁ ୫.୯୫ କୋଟି ଟଙ୍କା ମଞ୍ଜୁର ହୋଇଛି। ପାଟକୁରା ଅଞ୍ଚଳରେ ଦଧିବାମନ ଜୀଉ ପାଇଁ ୪.୯୬ କୋଟି, ଲୋକନାଥ ଡିଗ୍ରୀ କଲେଜ ଓ ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୨ କୋଟି, କରିଲୋପାଟଣା ଡିଗ୍ରୀ କଲେଜ ପାଇଁ ୧.୨୫ କୋଟି, କରିଲୋପାଟଣା ଉଚ୍ଚମାଧ୍ୟମିକ ସ୍କୁଲ ପାଇଁ ୧ କୋଟି, ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ୍ ଲାଗି ୦.୨୫ କୋଟି ଟଙ୍କା ମଞ୍ଜୁର ହୋଇଛି । ରାଜନଗର ଅଞ୍ଚଳରେ ସାତଭାୟା ଲୋକଙ୍କ ଥଇଥାନ ପାଇଁ ୨୨.୫୨ କୋଟି, କେରଡ଼ାଗଡ଼ ବାୟାବାବା ମଠ ପାଇଁ ୪.୯୬ କୋଟି, ବଗପାଟିଆ ପଞ୍ଚୁବରାହୀ ମନ୍ଦିର ପାଇଁ ୪.୯୪ କୋଟି, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩.୦୩ କୋଟି, ବ୍ରାହ୍ମଣୀ ସେତୁ ପାଇଁ ୫୯.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଳି ଅଞ୍ଚଳରେ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପାଇଁ ୭.୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କେନ୍ଦ୍ରାପଡା ଜିଲାରେ ୨୧ଟି ପ୍ରକଳ୍ପ ପାଇଁ ୧୪୨.୪୩ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୫-ଟି ସଚିବ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ସିକିମ୍ ରୟତମାନଙ୍କୁ ଖୁବ୍‌ଶୀଘ୍ର ଜମିପଟ୍ଟା ଦିଆଯିବ । ଏହା ଦ୍ୱାରା ଜିଲାର ୫୦ ହଜାର ପରିବାର ଉପକୃତ ହେବେ। ସେମାନଙ୍କ ଦୀର୍ଘଦିନର ସମସ୍ୟା ଦୂର ହେବ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଶଶିଭୂଷଣ ବେହେରା, ସାବିତ୍ରୀ ଅଗ୍ରୱାଲ, ଧ୍ରୁବଚରଣ ସାହୁ, ଦେବୀ ପ୍ରସାଦ ମିଶ୍ର, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରମୋଦ ମଲ୍ଲିକ, ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ ବେହେରା, ପ୍ରତାପ ଜେନା, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଛନ୍ତି। ସେମାନେ କହିଥିଲେ, ଗତ ୨୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଓଡ଼ିଶାରେ ନିରନ୍ତର ବିକାଶ ଚାଲିଛି। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ ଭଉଣୀଙ୍କ ଆଶୀର୍ବାଦ ନେଲେ ରାଜ୍ୟପାଳ ରଘୁବର ଦାସ



**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ଥାନରେ ରଘୁବରଙ୍କୁ ଅବସ୍ଥାପିତ କରାଯାଇଛି। ରଘୁବରଙ୍କୁ ରାଜ୍ୟପାଳଭାବେ ନିଯୁକ୍ତ କରାଯିବା ପରେ ତାଙ୍କୁ ସବୁଆଡ଼ୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟୁଛି। ଝାଡ଼ଖଣ୍ଡର ଭାଜପା ନେତାମାନେ ରଘୁବରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷରେ ପରମ୍ପରା ଅନୁଯାୟୀ ରଘୁବର ଗୁରୁବାର ବଡ଼ଭଉଣୀଙ୍କଠାରୁ ଆଶୀର୍ବାଦ ନେଇଛନ୍ତି। ସାନ ଭାଇର ମଥାରେ ଚନ୍ଦନ, ସିନ୍ଦୂର ଲଗାଇ ଦୀପ ବନ୍ଦାପନା କରିଛନ୍ତି ବଡ଼ ଭଉଣୀ।

ଏହି ଅବସରରେ ରଘୁବର ପୁରୁଣା ଦିନର ସଂଘର୍ଷମୟ ସ୍ମୃତିକୁ ମନେ ପକାଇଛନ୍ତି। ଏଥିସହ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରିଛନ୍ତି। ଟାଟା ଷ୍ଟିଲରେ ଜଣେ ସାଧାରଣ କର୍ମଚାରୀ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ରଘୁବର ପରବର୍ତ୍ତୀ ସମୟରେ ରାଜନୀତିରେ ପ୍ରବେଶ କରିବା ସହ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡବାସୀଙ୍କ ସେବା କରିବା ତାଙ୍କ ପାଇଁ ଏକ ବରଦାନ ଥିଲା। ତାଙ୍କୁ ରାଜ୍ୟପାଳ ଭଳି ଏକ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିଥିବାରୁ ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଜଣେ ଲୋକପ୍ରିୟ ନେତା ଭାବେ ଓଡ଼ିଶାବାସୀଙ୍କ ସେବା କରୁଛନ୍ତି। ତେଣୁ ଓଡ଼ିଶାର ବିକାଶ ପାଇଁ ସେ ସବୁ ପ୍ରକାର ଚେଷ୍ଟା କରିବେ ବୋଲି ରଘୁବର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗଠନ ହେଲା...

ଐତିହାସିକ, ସାଂସ୍କୃତିକ, କଳା କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ଏବଂ ଏହା ଉପରେ ଗବେଷଣା ଓ ପ୍ରଚାର ନିମିତ୍ତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସଂଗ୍ରହାଳୟ ନିମିତ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିର୍ଦ୍ଦେଶାଳୟ ନିମନ୍ତେ ନୂତନ ପଦବୀ ସୃଷ୍ଟି ପାଇଁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ନିର୍ଦ୍ଦେଶାଳୟ ସହକାରୀ ସଂଗ୍ରାହକ, ସଂଗ୍ରାହକ/ ସହ-ନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ ଓ ସଂଗ୍ରହାଳୟ ନିର୍ଦ୍ଦେଶକ ପଦବୀ ସୃଷ୍ଟି ହେବ। ଏହା ଦ୍ୱାରା ରାଜ୍ୟର କଳା, ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡିକର ସୁଚାରୁରୂପେ ସଂରକ୍ଷଣ, ପରିଚାଳନା ଓ ଗବେଷଣା ସହ ଉପଯୁକ୍ତ ପ୍ରଚାର ହୋଇପାରିବ।

ଏଥିସହିତ ରାଜ୍ୟ ସରକାର ରାଜ୍ୟରେ ସାର ସଂଗ୍ରହ ଓ ଆଗୁଆ ମହଜୁଦ ପାଇଁ କର୍ପସ ପାଣ୍ଠିର ପରିମାଣ ବୃଦ୍ଧି କରିଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ମୋଟ ଆବଶ୍ୟକତାର ପ୍ରାୟ ୨୦ରୁ ୨୫ ପ୍ରତିଶତ ସାର ମହଜୁଦ କରାଯାଉଛି। ଏଥିପାଇଁ ଏହି ଦୁଇ ସଂସ୍ଥାକୁ ପ୍ରତି ବର୍ଷ ଯଥାକ୍ରମେ ୯୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର କର୍ପସ ପାଣ୍ଠି ବିନା ସୁଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ରାଜ୍ୟରେ ସାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୪-୨୫ ବର୍ଷଠାରୁ ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ପାଇଁ ଥିବା କର୍ପସ ପାଣ୍ଠିର ପରିମାଣ ପ୍ରତି ବର୍ଷ ୯୦ କୋଟିରୁ ୧୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ପାଇଁ ଥିବା କର୍ପସ ପାଣ୍ଠିର ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଏହି ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଆସନ୍ତା ୫ବର୍ଷ (୨୦୨୩-୨୪ରୁ ୨୦୨୭-୨୮) ପାଇଁ ୭୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଧ୍ୟ ମଞ୍ଜୁରୀ ଦେଇଛି। କର୍ପସ ପାଣ୍ଠି ବୃଦ୍ଧି ଦ୍ୱାରା ରାଜ୍ୟର ସମୁଦାୟ ଆବଶ୍ୟକତାର ୫୦ ପ୍ରତିଶତ ସାର ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଜରିଆରେ ପ୍ରତିବର୍ଷ ଆଗୁଆ ମହଜୁଦ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ସାରକୁ ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ଏବଂ ଉପଯୁକ୍ତ ମୂଲ୍ୟରେ ପଞ୍ଜୀକୃତ ଖୁଚୁରା ବ୍ୟବସାୟୀ, ମୁଖ୍ୟତଃ ସମବାୟ ସମିତି ମାଧ୍ୟମରେ ଯୋଗାଇ ଦିଆଯାଇପାରିବ।

ଆଗାମୀ ୫ ବର୍ଷ ପାଇଁ ସଘନ କୃଷି କାର୍ଯ୍ୟକ୍ରମ ସହିତ ବିଲୁପ୍ତପ୍ରାୟ ଫସଲର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୪୮୧୯୪.୦୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

ଏହି ଯୋଜନାକୁ ବୈଜ୍ଞାନିକ ଏବଂ ପ୍ରଗତିଶୀଳ ଉପାୟରେ କାର୍ଯ୍ୟକାରୀ କରାଯିବ। ଏହା ଡାଲି, ତୈଳବୀଜ, ଫାଇବର (କପା ଓ ଝୋଟ) ଓ ମକା ଫସଲର ଆୟତନ, ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧିରେ ସହାୟକ ହେବ। ଏହା କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଗ୍ରହୀ କୃଷକ ଗୋଷ୍ଠୀ ମାଧ୍ୟମରେ ଉତ୍ପାଦର ବଜାରରେ ବିକ୍ରିବଟା, ଏକକୀକରଣ, ପ୍ରାଥମିକ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣ ଦ୍ୱାରା କୃଷିକୁ ଲାଭଜନକ କରିବା ସହ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ସହାୟକ ହେବ। ନୂତନ ଭାବେ କାର୍ଯ୍ୟକାରୀ କରାଯାଇଥିବା 'ମୁଖ୍ୟମନ୍ତ୍ରୀ ମକା ମିଶନ'କୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ମକାର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇବ। ଏହାକୁ ମୂଲ୍ୟଯୁକ୍ତ କରାଯିବା ସହ ବଜାରୀକରଣର ସୁବିଧା ଉପଲବ୍ଧ କରାଯାଇପାରିବ। ଏହା ଗ୍ରାମାଞ୍ଚଳରେ ରୋଜଗାର ଯୋଗାଇବା ସହ କୃଷି ଓ ସହଯୋଗୀ କ୍ଷେତ୍ରରେ ରାଜ୍ୟର କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବ। ଏହାଦ୍ୱାରା କୃଷି କ୍ଷେତ୍ରର ଦ୍ରୁତ ଆଧୁନିକୀରଣ ହେବ ଏବଂ କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ପଦ୍ଧତିର ବିନିଯୋଗ ହେବ। ଏଥିସହିତ କ୍ୟାବିନେଟ୍ ବୈଠକରେ ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

### ପାଣି ଡେକ୍‌ଚିରେ...

ଶିଶୁର ମା' ଘରେ ଥିଲେ ମଧ୍ୟ କାମ ବ୍ୟସ୍ତତା ଯୋଗୁ ଜାଣିପାରି ନ ଥିଲେ। ଶିଶୁକୁ ଦେଖି ନ ପାରି ସେ ଘର ବାହାରେ ଖୋଜାଖୋଜି କରିଥିଲେ। ପରେ ଡେକ୍‌ଚିରେ ଥିବା ପାଣିରେ ବୁଡିଯାଇଥିବା ଦେଖିଥିଲେ। ସେଠାରୁ ତାକୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିବେକାଙ୍କ ୨ଝିଅ ମଧ୍ୟରୁ ନବ୍ୟା ସାନ ଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଲ-ନାମାକ୍ଷର ବ୍ୟକ୍ତିଙ୍କର ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସାହାଯ୍ୟ କାରଣରୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ।

**ବୃଷ** – ସମୟ ଓ ପରିସ୍ଥିତି ବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗିରହିବ। କର୍ମ କ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ବ-ନାମାକ୍ଷର ବ୍ୟକ୍ତି ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** – ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମଗୁଡିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବ। ହଠାତ୍ କୌଣସି ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ଘ-ନାମାକ୍ଷର ବ୍ୟକ୍ତିମାନେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ** – ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ହେ-ନାମାକ୍ଷର ଅନ୍ୟମନସ୍କ ରହି ବିଭିନ୍ନ ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** – କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇପାରେ। ମ-ନାମାକ୍ଷର ବ୍ୟକ୍ତି ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**କନ୍ୟା** – ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ନିଜ ପରିସରର ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ କିନ୍ତୁ ବିବାଦୀୟ ଘଟଣରେ ଚିନ୍ତିତ ରହିବେ। ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ସକାଶେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ଯୋଗ ରହିଛି।

**ତୁଳା** – କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ତ-ନାମାକ୍ଷର ବ୍ୟକ୍ତିମାନେ ନୂତନ ଘର ସାଜସଜ୍ଜାରେ ମଜିରହିପାରନ୍ତି।

**ବିଛା** – କୌଣସି କାମରେ ବ୍ୟସ୍ତତା ବଢିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ନ-ନାମାକ୍ଷର ବ୍ୟକ୍ତିମାନେ ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ** – ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ଭ-ନାମାକ୍ଷର ବ୍ୟକ୍ତି ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** – ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଖ-ନାମାକ୍ଷର ବ୍ୟକ୍ତି ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ। କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ସଭାସମିତି କ୍ଷେତ୍ରରୁ ମନ ଖୁସି ରହିବ।

**କୁମ୍ଭ** – ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଶ-ନାମାକ୍ଷର ବ୍ୟକ୍ତି କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** – ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଦ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଅସୁବିଧାରେ ପଡିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ମୃଣ୍ମୟୀ ଦେବୀଙ୍କ ବିଲ୍ୱାଧିବାସ, ପୀଠେ ମହାସପ୍ତମୀ ପୂଜା, ଅକ୍ଟୋବର୨୦ତାରିଖ, ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁ ଦିବସ, ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ମୂଳା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୬।୩୨ ମଧ୍ୟେ, ଘ.୦୭।୧୮ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ୧୦।୦୫ ଗତେ ଘ.୧୧।୩୧ ମଧ୍ୟେ ରାହୁକାଳ।

# ମିଳିଲାନି ଲିଖିତ ପ୍ରତିଶ୍ରୁତି: ଆଜିଠୁ ବସ୍ ଧର୍ମଘଟ

ଭୁବନେଶ୍ୱର,୧୯।୧୦
(ଅନିଲ ଦାସ)

ରାଜ୍ୟ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମିଳିଲା ନାହିଁ। ଘରୋଇ ବସ୍ ମାଲିକ ସଂଘ ଡାକରାରେ ଶୁକ୍ରବାରଠାରୁ ସମଗ୍ର ରାଜ୍ୟରେ ବସ୍ ଧର୍ମଘଟ କରାଯିବ। ସରକାର ଲିଖିତ ପ୍ରତିଶ୍ରୁତି ନ ଦେବାରୁ ମାଲିକ ସଂଘ ବସ୍ ଧର୍ମଘଟ ନିଷ୍ପତ୍ତିରେ ଅଟଳ ରହିଛି। ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ୍ ଧର୍ମଘଟ ଜାରିରହିବ ବୋଲି ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି, ଅନିଚ୍ଛା ସତ୍ତ୍ୱେ ବାଧହୋଇ ଧର୍ମଘଟ କରୁଛୁ। ପୂଜା ସମୟରେ ଯାତ୍ରୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟ ନୁହେଁ। ଏଥିପାଇଁ ଯାତ୍ରୀଙ୍କଠାରେ କ୍ଷମାପ୍ରାର୍ଥନା କରୁଛୁ।

ଘରୋଇ ବସ୍ ମାଲିକ ସଂଘର ଏହି ନିଷ୍ପତ୍ତି ଫଳରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଦଶହରା ପାଇଁ ଶୁକ୍ରବାରଠାରୁ ସ୍କୁଲ ଓ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଯେଉଁମାନେ ଗାଁକୁ କିମ୍ବା ବନ୍ଧୁବାନ୍ଧବ ଘରକୁ ଯିବା ପାଇଁ ବାହାରିଛନ୍ତି ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅନେକ ଲୋକ ଆଗୁଆ ସିଟ୍ ବୁକ୍ କରିଛନ୍ତି। ବସ୍ ଧର୍ମଘଟ ଖବର ସମସ୍ତଙ୍କୁ ନିରାଶ କରିଛି।

ଧର୍ମଘଟ କଥା ଶୁଣି ଗୁରୁବାର ରାଜ୍ୟର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଦୂରଦୂରାନ୍ତ ଯିବାକୁ ଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡ ମୁହାଁ ହୋଇଛନ୍ତି। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ କଟକର ନେତାଜୀ ଟର୍ମିନାଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଟିକେଟ ଖଣ୍ଡେ ପାଇବାକୁ ଯାତ୍ରୀମାନେ କାକୁତିମିନତି ହେଉଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ବସ୍‌ଷ୍ଟାଣ୍ଡରେ ସମାନ ଅବସ୍ଥା ଦେଖିବାକୁ ମିଳିଛି।

ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚରମ ନିଷ୍ପତ୍ତି ନେଇଛି। ଘରୋଇ ବସ୍‌ଗୁଡ଼ିକରେ ଦୈନିକ ପ୍ରାୟ ୭ରୁ ୧୦ ଲକ୍ଷ ଲୋକ ଯାତାୟାତ କରନ୍ତି। ବନ୍ଦ ଡାକରା ଯୋଗୁ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏହା ରାଜ୍ୟର ପରିବହନ ସେବାକୁ ଗୁରୁତର ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଅକ୍ଟୋବର ୧୦ ତାରିଖରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଥିଲା। ତେବେ ଏହାକୁ ଏଡ଼ାଇବା ପାଇଁ ଅକ୍ଟୋବର ୯ ତାରିଖରେ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ କରୁଛି। ଏହାକୁ ଘରୋଇ ବସ୍ ମାଲିକମାନେ ତୀବ୍ର ବିରୋଧ କରି ଏଭଳି ଧର୍ମଘଟ ଡାକରା ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ଗ୍ୟାସ୍ ସିଲିଣ୍ଡରରୁ ଭୟଙ୍କର ବିସ୍ଫୋରଣ

## ଉଡ଼ିଗଲା ଦୋକାନ ସହ ଘର: ପୁଅ ମୃତ, ମା' ବାପା ଆହତ


ବିସ୍ଫୋରଣରେ ଜଳିଯାଇଥିବା ଘର।

ନୀଳଗିରି, ୧୯।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପୁରୁଣା ଗାଁର ହରିହର ବେହେରାଙ୍କ ଘରେ ଗ୍ୟାସ୍ ସିଲିଣ୍ଡରରୁ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ତାଙ୍କ ପୁଅ ଭାଗବତଙ୍କ ମୃତ୍ୟୁ ଘଟିଥିବା ବେଳେ ଦୋକାନ ସହ ଘର ଛିନ୍ନଛତ୍ର ହୋଇଯାଇଛି। ମା' ସୁକାନ୍ତିଙ୍କୁ ବଞ୍ଚାଇବାକୁ ଯାଇ ଭାଗବତ ଅଧିକ ଗୁରୁତର ହୋଇଥିଲେ। ଆହତ ମା', ବାପା ଓ ଗୁରୁତର ଅବସ୍ଥାରେ ପୁଅଙ୍କୁ ଚିକିତ୍ସା ଲାଗି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାଗବତଙ୍କ ମୃତ୍ୟୁ ହୋଇଛି। ସୁକାନ୍ତି ରୋଷେଇ କରୁଥିବା ବେଳେ ଗ୍ୟାସ୍ ସିଲିଣ୍ଡରରୁ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ଘରେ ଥିବା ପୁରୁଣା ବାଣରେ ନିଆଁ ଲାଗି ଉଗ୍ରରୂପ ଧାରଣ କରିଥିଲା। ଦୋକାନରେ ଥିବା ପେଟ୍ରୋଲରେ ନିଆଁ ଲାଗିଯିବାରୁ ଚାହୁଁ ଚାହୁଁ ବିସ୍ଫୋରଣରେ ଘରର ଛପର ଉଡ଼ିଯାଇ ଗଛରେ ଲାଗିଥିଲା। ଏପରିକି ଘରର କବାଟ ୨୦ ଫୁଟ ଦୂରରେ ଛିଟିକି ପଡ଼ିଥିଲା। ରେମୁଣା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଘରେ ଦୋକାନ କରିବା ସହ ମା' ବାପା ଓ ପୁଅ ରହୁଥିଲେ। ଦୋକାନରେ ପେଟ୍ରୋଲ ସମେତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରୁଥିଲେ। ବିସ୍ଫୋରଣ ସ୍ଥାନରୁ ପାଖାପାଖି ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବାଣର ଭସ୍ମାବଶେଷ ମିଳିଛି। ତେବେ ଏତେସଂଖ୍ୟକ ବାଣ କେଉଁଠୁ ଆସିଲା, ଉକ୍ତ ଦୋକାନୀ ଚୋରାରେ ବାଣ ବ୍ୟବସାୟ କରୁଥିଲେ ନା ନିଜେ ବାଣ ତିଆରି କରି ବିକ୍ରି କରୁଥିଲେ ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି।

# ରିମାଟଏଡ୍ ଆର୍ଥ୍ରାଇଟିସ୍‌ରେ ମହିଳାମାନେ ଅଧିକ ପ୍ରଭାବିତ



## ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳିତ

ଭୁବନେଶ୍ୱର, ୧୯।୧୦
(ଅସମାପିକା ସାହୁ)

ପ୍ରତି ମାସରେ ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ୍(ଭେଷଜ) ବିଭାଗ ଓପିଡିକୁ ବିଭିନ୍ନ ଗଣ୍ଠିବାତ(ଆର୍ଥ୍ରାଇଟିସ୍) ଓ ଅଟୋଇମ୍ୟୁନ୍ ରୋଗରେ ପୀଡ଼ିତ ପ୍ରାୟ ଏକ ହଜାରରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ପ୍ରତିମାସରେ ୫୦ରୁ ଅଧିକ ରୋଗୀଙ୍କୁ ଏହି ବିଭାଗରେ ଭର୍ତ୍ତି କରାଯାଉଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଗୁରୁବାର ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳନ ଅବସରରେ ଆୟୋଜିତ ଏକ ଜନସଚେତନତା କାର୍ଯ୍ୟକ୍ରମରେ ଡା. ବିଶ୍ୱାସ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଭେଷଜ ବିଭାଗ ମୁଖ୍ୟ ଡା. ଅନୁପମ ଦେ କହିଛନ୍ତି, ମହିଳାମାନେ ଅଧିକାଂଶ କ୍ଷେତ୍ରରେ ରିମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଅଧିକ ପ୍ରଭାବିତ ହୁଅନ୍ତି। ସେହିପରି ପୁରୁଷଙ୍କ କ୍ଷେତ୍ରରେ ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଅଧିକ ଦେଖାଯାଇଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଡା. ଦେ ସୂଚନା ଦେଇଛନ୍ତି।

ଏମ୍ସ ଭୁବନେଶ୍ୱରରେ ଉପରୋକ୍ତ ରୋଗର ଚିହ୍ନଟ ଓ ନିରାକରଣ ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଉପଲବ୍ଧ ରହିଛି। ପିଏମ୍‌ଆର୍ ବିଭାଗ ରହିଥିବାବେଳେ ଚିକିତ୍ସା, ଔଷଧ ସହିତ ଫିଜିଓଥେରାପି ପାଇଁ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ଭାରତରେ ୭ କୋଟିରୁ ଅଧିକ ଲୋକ ଆର୍ଥ୍ରାଇଟିସ୍ ସମସ୍ୟାରେ ପୀଡ଼ିତ। ବୟସାଧିକଜନିତ ସମସ୍ୟା, ସଂକ୍ରମଣ, ଅଟୋଇମ୍ୟୁନ୍ ସମସ୍ୟା ଆଦି ଏହି ରୋଗର କିଛି ପ୍ରମୁଖ କାରଣ ଅଟେ। ମଦ୍ୟପାନ ଓ ଧୂମପାନ ଏହି ରୋଗକୁ ଅଧିକ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଥାଏ। ବର୍ତ୍ତମାନ ସମୟରେ ଉପଲବ୍ଧ ଚିକିତ୍ସା ଅତ୍ୟନ୍ତ ପ୍ରଭାବଶାଳୀ। ଏହାର ଉପଯୋଗ କରି ରୋଗୀ ଯନ୍ତ୍ରଣାମୁକ୍ତ ଜୀବନ ବିତାଇ ପାରିବେ। ସନ୍ତୁଳିତ ଖାଦ୍ୟ ଓ ବ୍ୟାୟାମ ସହିତ ଏକ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡା. ଦେ କହିଛନ୍ତି। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ପିଏମ୍‌ଆର୍ ବିଭାଗ ମୁଖ୍ୟ ଡା. ଜଗନ୍ନାଥ ସାହୁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଗୁରୁଦ୍ୱୀପ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ରୋଗର ଲକ୍ଷଣ, ନିଦାନ ଏବଂ ଉପଚାର ସମ୍ପର୍କରେ ସୂଚନା ଦେଇଥିଲେ।

# 'ମୋ ସରକାର' ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୧୦
(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ 'ମୋ ସରକାର' ପ୍ରକୋଷ୍ଠରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଉକ୍ତ ଅଭିଯୋଗଗୁଡ଼ିକୁ ଅନୁଧ୍ୟାନ କଲା ପରେ ଜଣାପଡ଼ିଲା ଯେ, ଏଗୁଡ଼ିକ ମୁଖ୍ୟତଃ ଶିକ୍ଷକମାନଙ୍କର ପେନ୍‌ସନ୍, ଅବସରକାଳୀନ ପ୍ରାପ୍ୟ ଓ ସରକାରୀ କାର୍ଯ୍ୟରେ ଅବହେଳା ସମ୍ବନ୍ଧୀୟ ଥିଲା। ଏହି ଆଧାରରେ ବିଭାଗ ତରଫରୁ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଜିଲା କାର୍ଯ୍ୟାଳୟ(ଭଦ୍ରକ, କଳାହାଣ୍ଡି ଓ ଯାଜପୁର)ଗୁଡ଼ିକୁ ତଦନ୍ତ ନିମନ୍ତେ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ଅଭିଯୋଗଗୁଡ଼ିକର ସତ୍ୟତା ରହିଛି। ତେଣୁ ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ବିଭାଗ ତରଫରୁ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକମାନଙ୍କୁ ଏହି କର୍ମଚାରୀଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର କର୍ମଚାରୀ

ଭୁବନେଶ୍ୱର,୧୯।୧୦
(ଅନୁରାଧା ମହାରଣା)

ଓଡିଶା ବିଭାଗୀୟ ମୁଖ୍ୟ ଦପ୍ତର ସେକ୍ସନ ଅଫିସର ସଂଘ ଓ ଅମଲା ସଂଘ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଭେଟିଛନ୍ତି। ୨୦୧୮ରୁ କ୍ୟାଡର ପୁର୍ନଗଠନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଥିବା ମୂଳ ପଦବୀକୁ ଏଏସ୍‌ଓ ଭାବେ ଘୋଷଣା କରିବା, ପ୍ରତିଷ୍ଠାନ ଅଧିକାରୀ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଦେବା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଲେଭଲ – ୧) ପଦବୀ ସୃଷ୍ଟି କରିବା ଆଦି ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଆଲୋଚନା କରାଯାଇଛି । ମୁଖ୍ୟ ଶାସନ ସଚିବ ଏ ବିଷୟଟିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଆଲୋଚନାରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ମଧ ଉପସ୍ଥିତ ଥିଲେ। ପ୍ରତିନିଧିମଣ୍ଡଳୀରେ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରଭାତ ମହାନ୍ତି, ଶିଶିର କୁମାର ମିଶ୍ର, ସେକ୍ସନ ଅଫିସର ସଂଘର ସାଧାରଣ ସମ୍ପାଦକ ଭୁବନ ବିହାରୀ ମହାପାତ୍ର, ଅମଲା ସଂଘର ଉପସଭାପତି ସମରେଶ ମହାନ୍ତି ଓ ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ପାଢ଼ୀ ପ୍ରତିନିଧିତ୍ୱ କରିଥିଲେ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସା ବନ୍ଦ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ

କଟକ,୧୯।୧୦ (କାର୍ତ୍ତିକ ସାହୁ)

ସରକାରୀ ଡାକ୍ତର ଘରୋଇ ଚିକିତ୍ସା କରିବା ଚାକିରି ନିୟମ ବହିର୍ଭୂତ। ସରକାରୀ ମେଡିକାଲର ଡାକ୍ତରଙ୍କ ଏହି ଘରୋଇ ଚିକିତ୍ସା ବନ୍ଦ ପାଇଁ ଯେତେ ଉଦ୍ୟମ କରାଗଲେ ବି ଫଳ ଶୂନ। ଡାକ୍ତରମାନେ ଏହାକୁ ମାନୁ ନ ଥିବାରୁ ସରକାରୀ ଡାକ୍ତରଖାନାରେ ରୋଗୀମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ସରକାରୀ ଡାକ୍ତରଖାନାରୁ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ଡାକ୍ତରଙ୍କ ସହଯୋଗରେ ସ୍ଥାନାନ୍ତର କରାଯାଉଛି। ସେଠାରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଶୋଷଣର ଶିକାର ହେଉଛନ୍ତି। ତେଣୁ ସରକାରୀ ଚାକିରି କରିଥିବା ଡାକ୍ତରଙ୍କୁ ଘରୋଇ ଚିକିତ୍ସା ବନ୍ଦ ଲାଗି ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ପିପିଲି ଟୋଲ୍ ପ୍ଲାଜାରେ ଗୁଳିଚାଳନା

ପିପିଲି/ନିମାପଡ଼ା/ଗୋପ,
(ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର/ ବିଚିତ୍ରାନନ୍ଦ ସାହୁ/ ଭାରତୀ ଭୂଷଣ ଉପାଧ୍ୟାୟ), ୧୯।୧୦



ଅଭିଯୁକ୍ତଙ୍କୁ ପୋଲିସ ଧାନ ବିଲରୁ ଗିରଫ କରି ଆଣୁଛି। ଜବତ କାର୍।

ପୁରୀ– ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ଥିବା ପିପିଲି ଟୋଲ ପ୍ଲାଜାରେ ଗୁରୁବାର ଭୋର ସମୟରେ ଟୋଲ ଦେୟକୁ କେନ୍ଦ୍ରକରି ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା ହୋଇଛି। ଏଥିରେ ୨ଜଣ ଟୋଲ ପ୍ଲାଜା କର୍ମଚାରୀ ଆହତ ହୋଇଛନ୍ତି। ଗୁଳିଚାଳନା ନେଇ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ନିମାପଡ଼ା ଥାନା ଅଞ୍ଚଳର ଏକ ଧାନକ୍ଷେତରୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କିଶନ ନଗର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ରମାକାନ୍ତ ରାଉତରାୟ (୨୫), ଶୁଭକାନ୍ତ ରାଉତରାୟ (୨୭), ଗାଙ୍ଗୁଲି ମଲ୍ଲିକ (୨୫) ଏବଂ ଅର୍ତ୍ତକ ଗ୍ରାମର ରୂପକ ବରାଳ (୨୪)। ଏମାନଙ୍କଠାରୁ ବ୍ୟବହୃତ କାର, ଗୋଟିଏ ବନ୍ଧୁକ, ଗୁଳି ଜବତ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ଏଥିଲାଗି ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ୯ଟି ଟିମ୍ ଗଠନ କରାଯିବା ସହ ଜିଲାର ପ୍ରବେଶ ପଥ ଓ କେତେକ ଅଞ୍ଚଳ ନାକାବନ୍ଦୀ କରାଯାଇ ତଲାସି ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ଏକ କାର୍ (ନଂ ଓଡି–୦୨ସିଜି ୭୭୪୩)ରେ ୬ଜଣ ଯୁବକ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିଲେ। କାର୍‌ରେ ଫାଷ୍ଟଟାଗ୍ ନ ଥିବାରୁ ପିପିଲି ଟୋଲ ପ୍ଲାଜାରେ କର୍ମଚାରୀମାନେ ଗାଡ଼ିକୁ ଅଟକାଇଥିଲେ। ଟୋଲ ଅର୍ଥକୁ ନେଇ ପ୍ଲାଜା କର୍ମଚାରୀ ଏବଂ ଉକ୍ତ ଯୁବକମାନଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ସେମାନେ ଟୋଲ ଅର୍ଥ ଦେଇଥିଲେ। ପରେ ଉକ୍ତ ଯୁବକମାନେ କିଛି ବାଟ ଯାଇ କାରରୁ ଓହ୍ଲାଇ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଆତଙ୍କ ଖେଳାଇ କୋଣାର୍କ ବାଇପାସ୍ ରାସ୍ତାରେ ଗାଡ଼ି ସହ ଚମ୍ପଟ ମାରିଥିଲେ। ଖବର ପାଇ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ଟୋଲ ପ୍ଲାଜାର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲେ। ସେହିପରି ପୁରୀ ଏସ୍‌ପି ତୁରନ୍ତ ସମସ୍ତ ଥାନାକୁ ଆଲର୍ଟ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ପିପିଲି ଏସ୍‌ଡିପିଓଙ୍କ ସମେତ ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ, ଏଏସ୍‌ଆଇ ସଞ୍ଜୀବ ଦାସ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବାମଦେବ ସ୍ୱାଇଁ ଏବଂ ପିପିଲି, ନିମାପଡ଼ା, ଗୋପ, ବଳଙ୍ଗା, ପୁରୀ ସଦର ଥାନାର ବଛାବଛା ପୋଲିସ ଅଫିସର ସାମିଲ ଥିଲେ। ସମ୍ପୃକ୍ତ ଯୁବକମାନେ ନିମାପଡ଼ା ଥାନା ଅନ୍ତର୍ଗତ କୁଶଭଦ୍ରା ନଦୀ ଉପର ଦେଇ ଯାଉଥିବାବେଳେ ନଦୀବନ୍ଧ ତଳକୁ ଥିବା ଅରିଷଣ୍ଡ ନିକଟ ଡଗରା ସାହି ଗାଁକୁ ପଶିଯାଇଥିଲେ। କିନ୍ତୁ ସେଠାରୁ ବାଟ ନ ପାଇ କାର୍ ଛାଡି ଫେରାର ଉଦ୍ୟମ କରିଥିଲେ। ତେବେ ଡଗରାସାହି ଗ୍ରାମବାସୀ ୩ଜଣଙ୍କୁ ଓ ନିକଟବର୍ତ୍ତୀ ଅରଙ୍ଗା ସାହି ଗ୍ରାମବାସୀ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷରେ ଟୋଲ ପ୍ଲାଜା ମ୍ୟାନେଜର ଚିନ୍ମୟ କୁମାର ନାୟକ ଏ ସଂକ୍ରାନ୍ତରେ ପିପିଲି ଥାନାରେ ଏକ ଏତଲା ଦେଇଛନ୍ତି। ଗୁଳିମାଡ଼ରେ ଟୋଲ କର୍ମଚାରୀ ସୌମ୍ୟରଞ୍ଜନ ରାଉତ (୨୨) ଓ ପୁପୁନା ମହାପାତ୍ର (୪୩) ଆହତ ହୋଇଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଦଫା ୩୮୪ରେ ଏକ ମାମଲା (ନଂ. ୪୭୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଯୁବକମାନେ ଗୋଟିଏ ରଙ୍ଗର ଡ୍ରେସ୍ ପିନ୍ଧିଥିବା ଓ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ବେଳେ ପାଖରେ ବନ୍ଧୁକ ରଖିବା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।






“କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା। କାରଣ, ଦୁଃଖ କାମ୍ୟ ନୁହେଁ। କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ। ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ। ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ। **-ଶ୍ରୀଅରବିନ୍ଦ**



# ପୃଥିବୀ ବଞ୍ଚିରହୁ



ଡିକେନ୍ସ କାମୁଗିଶା

ମାନବ ଓ ପରିବେଶ ଅଧିକାର ପାଇଁ ଦୀର୍ଘଦିନ ହେଲା ସ୍ୱର ଉଠାଇ ଆସୁଥିଲେ ବି ଏବକାର ଚରମ ପାଣିପାଗ ଘଟଣାଗୁଡ଼ିକର ତୀବ୍ରତାକୁ ନେଇ ମୁଁ ଅତ୍ୟନ୍ତ ଭୟଭୀତ। ଆମେ ଏକ ଜଳବାୟୁ ଜରୁରୀ ସ୍ଥିତି ମଧ୍ୟରେ ରହିଥିବା ସ୍ପଷ୍ଟ ହେଉଛି। ଅତୀତର ପିଢ଼ି ଦେଖୁଥିବା ସର୍ବନାଶକ ବିପର୍ଯ୍ୟୟସବୁ ଏବେ ଆମ ପାଇଁ ସାଧାରଣ ହୋଇଯାଇଛି। ପ୍ରଳୟଙ୍କରୀ ବନ୍ୟା ଏବଂ ଗମ୍ଭୀର ମରୁଡ଼ି ଉଗାଣ୍ଡା ଓ ଆଫ୍ରିକା ମହାଦେଶର ଉତ୍ତର-ପୂର୍ବାଞ୍ଚଳରେ ଅନେକ ଶହ ଲୋକଙ୍କ ଜୀବନ ନେବା ସହ ଲକ୍ଷାଧିକ ଲୋକଙ୍କୁ ବିସ୍ଥାପିତ କରିଛି। ନିକଟରେ ଭୀଷଣ ବନ୍ୟା ଲିବ୍ୟାର ସହରଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏହି ଘଟଣାଗୁଡ଼ିକ କେବଳ ପ୍ରକୃତି ଯୋଗୁ ହେଉଛି ତାହା ନୁହେଁ, ଏହା ପଛରେ ଅନେକ କାରଣ ରହିଛି। ଅର୍ଦ୍ଧଶତାବ୍ଦୀ ହେଲା ଆମେ ଜାଣୁଛୁ ଯେ, ଜୀବାଶ୍ମ ଇନ୍ଧନ ବ୍ୟବହାର ପୃଥିବୀର ତାପମାତ୍ରା ବୃଦ୍ଧି କରୁଛି ଏବଂ ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପରିଣାମ ଅଛି। ହେଲେ ତାହାକୁ ନିରନ୍ତର ବ୍ୟବହାର କରିଆସୁଛୁ। ନିକଟରେ ଦକ୍ଷିଣ ଫ୍ରାନ୍ସରେ ହୋଇଥିବା ଜଳବାୟୁ ପ୍ରତିବାଦର ଏକ ଆକର୍ଷଣୀୟ ଛବିରେ ଜଳବାୟୁ ଆକ୍ଟିଭିଷ୍ଟମାନେ ଅଗ୍ଲୀ ନଦୀର ଶୁଷ୍କ ଶଯ୍ୟାରେ ଫ୍ରାନ୍ସର ବୃହତ୍ ତୈଳ କମ୍ପାନୀ ଟୋଟାଲ ଏନର୍ଜିକୁ ଦାୟୀ କରି ସ୍ଲୋଗାନ୍ ଲେଖିଥିଲେ। ଏବକାର ସ୍ଥିତି ପାଇଁ ବିଶେଷକରି ବିଶ୍ୱରେ ସର୍ବାଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା କେତୋଟି ହାତଗଣତି ଧନୀ ଦେଶ ବେଶି ଦାୟୀ ବୋଲି ଏହି ସ୍ଲୋଗାନ ସ୍ପଷ୍ଟ ସୂଚିତ କରିଛି।

କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ବାସ୍ତବରେ ଦୋଷୀ। ଏହିସବୁ କମ୍ପାନୀ ପୃଥିବୀର ସମ୍ପଦକୁ ଲୁଟୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ୧୯୭୦ ଦଶନ୍ଧିରୁ ସେମାନଙ୍କ କାର୍ଯ୍ୟକଳାପର ପରିବେଶ ଉପରେ କ'ଣ ପ୍ରଭାବ ରହିଛି, ସେ ସମ୍ପର୍କରେ ଜାଣିଥିଲେ। କିନ୍ତୁ ସେମାନେ ଏହି ନିଷ୍କର୍ଷକୁ ଲୁଚାଇ ରଖି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଭୁଲ୍ ତଥ୍ୟ ପ୍ରକାଶ କରୁଥିଲେ। ସାରା ବିଶ୍ୱରେ ଆମେ ଦେଖୁଥିବା ଅତ୍ୟଧିକ ତାପମାତ୍ରା ଓ ଅପ୍ରତ୍ୟାଶିତ ବିପର୍ଯ୍ୟୟଗୁଡ଼ିକ ହିଁ ସେମାନଙ୍କ କାର୍ଯ୍ୟକଳାପର ପରିଣାମ। ବିଶ୍ୱ ତାପନକୁ ରୋକିବାକୁ ହେଲେ ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବାକୁ ହେବ ଏବଂ ତା' ଉପରେ ନିର୍ଭରଶୀଳତାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ। ଉଭୟ ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ (ଆଇପିସିସି) ଏବଂ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଏହା କରିବାକୁ ଏକ ଉପାୟ ଉପରେ ଗୁରୁତ୍ୱ ଦେଇଛନ୍ତି, ଯେଉଁଥିରେ ତୁରନ୍ତ ଜୀବାଶ୍ମ ଇନ୍ଧନ ଉତ୍ତୋଳନ ଶେଷ କରିବା ଆବଶ୍ୟକ। ଏହା ସ୍ପଷ୍ଟ ଯେ, ନିର୍ଗମନ ହ୍ରାସ କରିବା ଲାଗି ଅଧିକ ସମୟ ଅପେକ୍ଷା କଲେ ସମସ୍ତେ ଅଧିକ ଦୁଃଖ ଭୋଗିବା। କିନ୍ତୁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକର ଏକ ଭିନ୍ନ ଦୃଷ୍ଟିକୋଣ ଥିବା ଦେଖାଯାଏ। ନିୟାମକ ଅଥରିଟିରେ ଦାଖଲ କରିଥିବା ତଥ୍ୟରେ ଆକ୍ସନ ମୋବିଲ କମ୍ପାନୀ ସ୍ପଷ୍ଟ କରିଛି, ଶୂନ୍ୟ ନିର୍ଗମନ ସ୍ତର ହାସଲ କରିବା ସକାଶେ ବଞ୍ଚିବା ପାଇଁ ଆବଶ୍ୟକ ବୈଶ୍ୱିକ ମାନକର ଅଧୋଗତିକୁ ସମାଜ ଗ୍ରହଣ କରିବା ସମ୍ଭାବନା ବହୁତ କମ୍। ସେମାନଙ୍କ କାର୍ଯ୍ୟକଳାପର ଜଳବାୟୁଗତ ପ୍ରଭାବ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ ବି ସେହି କମ୍ପାନୀଗୁଡ଼ିକ ବିପୁଳ ଲାଭ ପାଇବା ଲାଗି ନିଜ ଜଳବାୟୁ ବିଜ୍ଞାନୀମାନଙ୍କ କଥା ବି ଶୁଣୁନାହାନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ୍ସନ ମୋବିଲ ୨୦୨୨ରେ ୫୬ ବିଲିୟନ ଡଲାର ଲାଭ କରିଥିଲା, ଯାହାର ସିଇଓ ପାଇଥିଲେ ୩୬ ମିଲିୟନ ଡଲାର। ଉଗାଣ୍ଡାରେ ଟୋଟାଲ ଏନର୍ଜିର ଟଲେଙ୍ଗା ପ୍ରୋଜେକ୍ଟ ସ୍ଥାନୀୟ ଲୋକଙ୍କର ବ୍ୟାପକ କ୍ଷତି କରିଥିଲା ଏବଂ କୃଷି କ୍ଷେତ୍ରରେ ଦୂଷିତ ଜଳର ବନ୍ୟା ସୃଷ୍ଟି କରିଥିଲା। ଏହା କରି କମ୍ପାନୀ ଗତବର୍ଷ ୩୬ ବିଲିୟନ ଡଲାର ପାଇଥିଲା। ସେଥିପାଇଁ ଫ୍ରେଞ୍ଚ ରିଭର ପେଣ୍ଟିଂରେ ଥିବା ଆପ୍ତବାକ୍ୟ 'ଯଦି ପାଣି ନାହିଁ, ତେବେ ସେମାନଙ୍କୁ ତେଲ ପିଇବାକୁ ଦିଆଯାଉ' ଏକ ବିଚାରଧାରା ଯାହା ଲୋକମାନଙ୍କୁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ। ହେଲେ ଜୀବାଶ୍ମ ଇନ୍ଧନ ଶିଳ୍ପର କାର୍ଯ୍ୟକଳାପ ସମସ୍ତଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନେ କ୍ଷମତା ଓ ପ୍ରଭାବ ତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।



ଶୂନ୍ୟ ନିର୍ଗମନ ସ୍ତରକୁ ପରିବର୍ତ୍ତନ ହେଲେ ଜୀବନ ମାନରେ ଅତ୍ୟଧିକ ହ୍ରାସ ହେବ ବୋଲି ଯାହା ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଦାବି କରନ୍ତି, ତାହା ବାସ୍ତବରେ ଘଟିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେହି ବି ଦାବି କରୁନାହାନ୍ତି। ଜଳବାୟୁ ମଡେଲଗୁଡ଼ିକ ପ୍ରକାଶ କରନ୍ତି ଯେ, ଏହାକୁ ସମାଧାନ କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ନୂତନ ଅନୁସନ୍ଧାନକୁ ବନ୍ଦ କରି ଅଧିକ ପ୍ରଭାବୀ ପଦ୍ଧତିକୁ ପରିବର୍ତ୍ତନ କରିବା, ଯାହା ଏବକାର ଗଚ୍ଛିତ ସଂସାଧନର ଖୁବ୍ କମ୍ ବ୍ୟବହାର କରିବ। ସ୍ୱଚ୍ଛ ଶକ୍ତି ମାଧ୍ୟମରେ ସାମ୍ପ୍ରତିକ ଜୀବନ ମାନ ବଜାୟ ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଗଢ଼ାଯାଉଥିବାବେଳେ ଏଭଳି ପଦ୍ଧତି ଆପଣାଇବାକୁ ପଡ଼ିବ। ସବୁଜ କ୍ଷେତ୍ରକୁ ପରିବର୍ତ୍ତନ ଏକ ସମାଧାନ ନୁହେଁ, ବରଂ ଏହା ଏକ ପ୍ରତିବଦ୍ଧତା। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅକ୍ଷୟଶକ୍ତି ଓ କମ୍ ଶକ୍ତିରେ ଅଧିକ ଲାଭ ପାଇବା ଭଳି ପଦ୍ଧତି ଦ୍ୱାରା ଘର, ଅଫିସ, ସହର ଓ ଶିଳ୍ପଗୁଡ଼ିକ ସହ ବିକାଶଶୀଳ ଦେଶରେ ଅନେକ କୋଟି ଲୋକଙ୍କ ଶକ୍ତି ଚାହିଦା ପୂରଣ କରିପାରିବା। ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ହେଲେ ତାହା ନୂତନ ନିଯୁକ୍ତି ସୃଷ୍ଟି କରିବ, ବାୟୁ ଓ ଜଳର ମାନରେ ଉନ୍ନତି ଆଣିବ ଏବଂ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପ୍ରଭାବ କମାଇବାରେ ସାହାଯ୍ୟ କରିବ। ଏହା ବିପଦରେ ଥିବା ଦେଶ ଓ ଜନସମୁଦାୟଗୁଡ଼ିକୁ ଗମ୍ଭୀର ପାଣିପାଗ ଘଟଣାଗୁଡ଼ିକର ମୁକାବିଲା କରିବାକୁ ସକ୍ଷମ କରାଇବ।

ଏହା ନିଶ୍ଚିତ ଯେ, ଶକ୍ତି କ୍ଷେତ୍ରରେ ଏଭଳି ପରିବର୍ତ୍ତନ ପାଇଁ ପାଣ୍ଠି ଯୋଗାଣ ଏକ କଠିନ ଆହ୍ୱାନ। ଏଥିପାଇଁ ସମ୍ମିଳିତ ରଣନୀତି ଓ ପ୍ରକ୍ରିୟା ଆବଶ୍ୟକ। ଉଦାହରଣ ସ୍ୱରୂପ, ବାର୍ବାଡସ ପ୍ରଧାନମନ୍ତ୍ରୀ ମିୟା ଅମୋର ମୋଟଲେଙ୍କ ବ୍ରିଜ୍‌ଟାଉନ ଇନିସିଏଟିଭ (ଜଳବାୟୁ ପ୍ରଭାବକୁ ମୁକାବିଲା କରିବାରେ ନୂଆ ପଦ୍ଧତି ଲାଗି ପଦକ୍ଷେପ) ବୈଶ୍ୱିକ ପାଣ୍ଠି ଯୋଗାଣରେ ଜରୁରୀ ସୁଧାର ଉପରେ ଜୋର ଦିଏ। ସେହିପରି ନିକଟରେ ନାଇରୋବିରେ ଆଫ୍ରିକା ଜଳବାୟୁ ସମ୍ମିଳନୀ ବିଶ୍ୱ ସ୍ତରରେ କାର୍ବନ ଟାକ୍ସ (ଅତ୍ୟଧିକ ସବୁଜ ବାଷ୍ପ ନିର୍ଗମନ କରୁଥିବା ଶିଳ୍ପ ଉପରେ ଲଗାଯାଉଥିବା ଜରିମାନା) ପାଇଁ ସହମତିଭିତ୍ତିକ ପ୍ରସ୍ତାବରେ ଶେଷ ହୋଇଛି।

ଭବିଷ୍ୟତର ସଫଳତା ପାଇଁ ଆଉ ଏକ ବିଚାରକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ଜଳବାୟୁ କାର୍ଯ୍ୟକର୍ତ୍ତାମାନେ ସାମ୍ନାକୁ ଆଣିଛନ୍ତି। ଜଳବାୟୁ ପରିବର୍ତ୍ତନଜନିତ କ୍ଷତି ପୂରଣ କରିବା ଏବଂ ଅତ୍ୟଧିକ କାର୍ବନ ନିର୍ଗମନ କରୁଥିବା ଜୀବାଶ୍ମ ଇନ୍ଧନକମ୍ପାନୀଗୁଡ଼ିକର ପ୍ରଚୁର ଲାଭ ଅର୍ଥରେ ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ପାଇଁ ଏହି ବିଚାର ଉତ୍ସାହିତ କରେ। ନଭେମ୍ବରରେ ସଂଯୁକ୍ତ ଆରବ ସଂଘ (ୟୁଏଇ)ରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ପାଇଁ ବିଶ୍ୱ ପ୍ରସ୍ତୁତ ହେଉଥିବାବେଳେ ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରିବା ଉଚିତ। ବିଶ୍ୱର ସର୍ବବୃହତ୍ ପ୍ରଦୂଷଣକାରୀଙ୍କୁ ଦାୟୀ କରିବା ଉଭୟ ନୈତିକତା ଦୃଷ୍ଟିରୁ ନ୍ୟାୟସଙ୍ଗତ ଓ ଆର୍ଥିକ ଦଗିରୁ ବି ସମ୍ବେଦନଶୀଳ।

ସାମ୍ପ୍ରତିକ ସମୟରେ ଅସଂଖ୍ୟ ରାଜନୈତିକ ଓ ଆର୍ଥିକ ଉତ୍ଥାନପତନ ମଧ୍ୟରେ ଅଗ୍ଲି ନଦୀରେ କରାଯାଇଥିବା ଜଳବାୟୁ ଚିତ୍ରକଳା ସେଭଳି ଦୃଷ୍ଟି ଆକର୍ଷଣ କରିପାରିନାହିଁ। କିନ୍ତୁ ମୁଁ ଆଶାକରେ, ଏହି ଶକ୍ତିଶାଳୀ ଛବିର ବିଚାର ଯେଭଳି ମୋତେ ପ୍ରଭାବିତ କରିଛି ତାହା ଅନ୍ୟମାନଙ୍କ ମଧ୍ୟରେ ପ୍ରତିଧ୍ୱନିତ ହେଉ। ଶେଷରେ କୁହାଯାଇପାରେ ଯେ, ଏହି ଗ୍ରହ ଆମର ଏକମାତ୍ର ଘର। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ଏବକାର ବିପଦକୁ ଦେଖିଲେ ଆମ ପାଖରେ ଆଉ କୌଣସି ବିକଳ୍ପ ନାହିଁ, କେବଳ ପୃଥିବୀକୁ ବଞ୍ଚାଇ ରଖିବା ଲାଗି ଆମକୁ ସଂଗ୍ରାମ କରିବାକୁ ହେବ।

**ମୁଖ୍ୟ କାର୍ଯ୍ୟନିର୍ବାହୀ,**
**ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏନର୍ଜି ଗଭର୍ନାନ୍ସ**

## ଏଇ ଭାରତରେ

ବର୍ଜ୍ୟର ପୁନଃ ଉପଯୋଗ ଏବେ ପରିବେଶ ସୁରକ୍ଷାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏ କ୍ଷେତ୍ରରେ ଭାରତରେ ଯେଉଁ କେତେଜଣ ପ୍ରୟାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ମୁମ୍ବାଇର ମା'ପୁଅଙ୍କର ଏକ ଟିମ୍ ଅନ୍ୟତମ। ନାଓମି ଓ ୟୋହନା ପରେରା ଭଙ୍ଗା ଟାଇଲ ଓ ସମୁଦ୍ରରେ ଭାସି ଆସି ବେଳାଭୂମିରେ ପଡ଼ିଥିବା କାଠ ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଫର୍ଣ୍ଣିଚର ତିଆରି କରୁଛନ୍ତି। ସେମାନେ ୨୦୧୮ରେ ଦି ଡ୍ରୁଇଡ ଗାର୍ଡେନ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି। ଏଥିପାଇଁ ସେମାନେ ଏକ ଟିମ୍ ଗଢ଼ିଛନ୍ତି। ପ୍ରତି ମାସରେ ୟୋହନା ଓ ତାଙ୍କ ଟିମ୍ ଗୋରାଇ ମାଛଧରା ଗାଁ ନିକଟ ବେଳାଭୂମିକୁ ଯାଇ ସେଠାରୁ ବର୍ଜ୍ୟକାଠ ସଂଗ୍ରହ କରୁଛନ୍ତି। ଏହାସହ ମୁମ୍ବାଇର ବିଭିନ୍ନ ସ୍ଥାନରୁ ଭଙ୍ଗା ଟାଇଲ ସଂଗ୍ରହ କରୁଛନ୍ତି। ସଂଗୃହୀତ କାଠରେ ବହିଥାକ, ମିରର ଷ୍ଟାଣ୍ଡ,ସାଇଡ୍ ଟେବୁଲ, ୱାଲ୍ ଆର୍ଟ, ବେଞ୍ଚ, ଚେୟାର, ଷ୍ଟୁଲ୍, ନେମ୍ ପ୍ଲେଟ, କ୍ୟାଣ୍ଡେଲ ହୋଲ୍‌ଡର ଏବଂ ସୁଇଂ ସେଟ୍ ଆଦି ତିଆରି କରୁଛନ୍ତି। ଏଗୁଡ଼ିକୁ ସେମାନେ ବିଭିନ୍ନ ହୋଟେଲ, ହସ୍ପିଟାଲ ଓ ସଂସ୍ଥାଗୁଡ଼ିକୁ ଯୋଗାଉଛନ୍ତି। ଭଙ୍ଗା ଟାଇଲ ଉପଯୋଗ କରି ସେଥିରେ ବିଭିନ୍ନ ମୋଜାଇକ ଆର୍ଟ କରାଯାଉଛି।

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ। -(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | 2 | | | | | |
| | | | | | 9 | 8 | 7 | 3 |
| | | 9 | | | 7 | | 4 | |
| | | | | 2 | 1 | | | |
| 1 | | 7 | 4 | | | | | |
| | | | 7 | 9 | | | 2 | |
| | | | 3 | | | 5 | | 4 |
| | 8 | | | 1 | 2 | 6 | | |
| | 6 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 7 | 4 | 6 | 2 | 9 | 5 |
| 2 | 4 | 6 | 5 | 8 | 9 | 1 | 7 | 3 |
| 9 | 5 | 7 | 1 | 2 | 3 | 6 | 4 | 8 |
| 1 | 3 | 4 | 6 | 9 | 5 | 7 | 8 | 2 |
| 6 | 9 | 8 | 3 | 7 | 2 | 5 | 1 | 4 |
| 5 | 7 | 2 | 8 | 1 | 4 | 9 | 3 | 6 |
| 7 | 2 | 3 | 9 | 5 | 8 | 4 | 6 | 1 |
| 8 | 1 | 5 | 4 | 6 | 7 | 3 | 2 | 9 |
| 4 | 6 | 9 | 2 | 3 | 1 | 8 | 5 | 7 |

ଗତକାଲିର ଉତ୍ତର

# ଭାରତର ଦୁଇ ପଡ଼ୋଶୀ ଦେଶ



ବୈକୁଣ୍ଠନାଥ ମିଶ୍ର

ପଡ଼ୋଶୀଟିଏ ଉତ୍ତମ ବନ୍ଧୁତ୍ୱର ନିଦର୍ଶନ ହୋଇପାରେ କିମ୍ବା ଶତ୍ରୁତା ଆଚରଣ ବି କରିପାରେ। ଏହା ପରିବାର, ଗୋଷ୍ଠୀ, ସମାଜ ଏବଂ ସର୍ବୋପରି ଦେଶ ଦେଶ ମଧ୍ୟରେ ଦେଖାଯାଏ। ଜଣେ ଉତ୍ତମ ପଡ଼ୋଶୀ ସେହି ଯେ ସୁଖଦୁଃଖରେ ଆନ୍ତରିକତାର ସହଭାଗିତା ସ୍ଥାପନ କରେ। ଗୋଟିଏ ଦେଶର ପଡ଼ୋଶୀ ଯଦି ଉତ୍କଟ ଶତ୍ରୁତା ଆଚରଣ କରେ ତେବେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧିପାଏ ଓ ଉଭୟ ଦେଶର ସାଧାରଣ ଜନତା ଏଥିରେ ଦୁଃଖ ଭୋଗ କରନ୍ତି। ଭାରତର ଦ୍ରୁତ ବିକାଶ ତା'ର ପଡ଼ୋଶୀ ଦେଶ ବିଶେଷ ଭାବେ ପାକିସ୍ତାନକୁ ଈର୍ଷାନ୍ୱିତ କରିଛି। ଫଳ ସ୍ୱରୂପ ପାକିସ୍ତାନ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାରତରେ ଆତଙ୍କୀ କାର୍ଯ୍ୟକଳାପ ଜାରିରଖିଛି। ପାକିସ୍ତାନର ସାଧାରଣ ଜନତା ମଧ୍ୟ ସେ ଦେଶର ସରକାରୀ ବ୍ୟବସ୍ଥାକୁ ବିରୋଧ କରିବା ଆରମ୍ଭ କଲେଣି। ଭାରତ ପରି ପାକିସ୍ତାନ କାହିଁକି ସଫଳତା ଅର୍ଜନ କରି ପାରୁନାହିଁ ବୋଲି ସେ ଦେଶର ଶିକ୍ଷିତ ନାଗରିକ ପ୍ରଶ୍ନ ଉଠାଇଲେଣି। ଏପରି କି ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ମଧ୍ୟ ଏ ବିଷୟରେ ପ୍ରଶ୍ନ ଉଠାଇଛନ୍ତି। ସମ୍ପ୍ରତି ଲଣ୍ଡନରେ ଥିବା ସରିଫ୍ ପ୍ରଶ୍ନ କରିଛନ୍ତି ଭାରତ ପରି ପାକିସ୍ତାନ କାହିଁକି ସଫଳତା ହାସଲ କରିପାରୁନାହିଁ- ଏ ବିଷୟରେ ପାକିସ୍ତାନ ନେତୃମଣ୍ଡଳୀ ସମୀକ୍ଷା କରିବା ଆବଶ୍ୟକ। ଚନ୍ଦ୍ରୟାନ-୩ର ସଫଳତା ଓ ଜି-୨୦ ସମ୍ମିଳନୀରେ ସଫଳ ଆୟୋଜନ ପରେ ପାକ୍ ଗଣମାଧ୍ୟମଗୁଡ଼ିକ ଭାରତକୁ ପ୍ରଶଂସା କରିଛନ୍ତି, ଯାହା ସେ ଦେଶର ଶାସକଙ୍କୁ ବିବ୍ରତ କରିଛି। ବଡ଼କଥା ହେଲା, ପାକିସ୍ତାନ ଜନ୍ମିତ ସ୍ୱିଡେନ ରାଜନୀତି ବିଶେଷଜ୍ଞ ଭାବେ ସୁପରିଚିତ ଇସ୍ତିଆଜ ଅହମ୍ମଦ କହିଛନ୍ତି ଯେ, ଭାରତରେ ବସବାସ କରୁଥିବା ମୁସଲମାନମାନେ ପାକିସ୍ତାନ ମୁସଲମାନଙ୍କ ତୁଳନାରେ ଯଥେଷ୍ଟ ଭଲରେ ଅଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଏତେ ସଂଖ୍ୟକ ମୁସଲମାନ ଯଦି ଭାରତରେ ସୁଖରେ ରହି ପାରୁଛନ୍ତି, ତେବେ ପାକିସ୍ତାନରେ ଏହା କାହିଁକି ସମ୍ଭବ ହେଉନାହିଁ ? ଇସ୍ତିଆଜ ଭାରତର ସମାନ ନାଗରିକ ସଂହିତା (ୟୁସିସି)କୁ ସମର୍ଥନ କରି କହିଛନ୍ତି ଯେ ଏହାଦ୍ୱାରା ସବୁ ସମ୍ପ୍ରଦାୟ ସମାନଭାବେ ଆଇନଗତ ସୁବିଧା ପାଇବେ, ଯାହାଫଳରେ ବିକାଶ ଅବଶ୍ୟମ୍ଭାବୀ। ଇସ୍ତିଆଜ ପୁଣି କହିଛନ୍ତି ଭାରତଠାରୁ ଅଲଗା ହେବା ଥିଲା ଏକ ଭୁଲ୍ ନିଷ୍ପତ୍ତି। ଅବଶ୍ୟ ବିଭାଜନ ପରେ ଆମେରିକା ଓ ବିଶ୍ୱବ୍ୟାଙ୍କ ସହାୟତାରେ ପାକିସ୍ତାନ ଆର୍ଥିକ ପ୍ରଗତି ହାସଲ କରିଥିଲା। କିନ୍ତୁ ୧୯୬୫ର ଯୁଦ୍ଧ ପାକିସ୍ତାନକୁ ପ୍ରଭୂତ କ୍ଷତି ପହଞ୍ଚାଇଲା ଓ ପାକ୍ ଅର୍ଥନୀତି ଭୟଙ୍କର ପ୍ରଭାବିତ ହେଲା। ବିଶେଷକରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହେବାପରେ ପାକିସ୍ତାନର ଆର୍ଥିକ ଅଧୋଗତି ତୀବ୍ରତର ହେଲା। ବାଂଲାଦେଶ ଶିଳ୍ପ ସମୃଦ୍ଧ ହୋଇ ବିକାଶ ପଥରେ ଅଗ୍ରସର ହେଲା। ବାଂଲାଦେଶର ବୟନଶିଳ୍ପ ଉତ୍ପାଦ ବିଶ୍ୱବିଖ୍ୟାତ। ପାକିସ୍ତାନ ପ୍ରାୟତଃ ଶିଳ୍ପଶୂନ୍ୟ ହୋଇଗଲା। ଇସ୍ତିଆଜ କହିଛନ୍ତି ଆତଙ୍କବାଦ ପ୍ରୋତ୍ସାହନ ବ୍ୟୟଭାର ପାକିସ୍ତାନର ଆର୍ଥିକ ଦୁର୍ଗତିର ଅନ୍ୟତମ କାରଣ। ଉଦ୍‌ବେଗର କଥା ପାକିସ୍ତାନର ଗଣତାନ୍ତ୍ରିକ ସରକାର ପରିବର୍ତ୍ତେ ଶାସନ ବ୍ୟବସ୍ଥା ଅଙ୍କୁଶ ସେନାହାତକୁ ଚାଲିଯିବା ଦ୍ୱାରା ପାକିସ୍ତାନରେ ଅରାଜକତା ବ୍ୟାପିଗଲା। ମୋଟାମୋଟି ଇସ୍ତିଆଜଙ୍କ ମତହେଲା ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦକଲେ ଭାରତ ସହ ସମ୍ପର୍କ ସୁଧୁରିବାର ସୁଯୋଗ ସୃଷ୍ଟିହେବ ଓ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପିତ ହୋଇ ପ୍ରଗତିର ପଥ ଉନ୍ମୁକ୍ତ ହେବ। ଇସ୍ତିଆଜଙ୍କ ସର୍ବଶେଷ ମତହେଲା ଯେ ଭାରତରେ ସାମାଜିକ ସୁରକ୍ଷା ଓ ବିଶେଷକରି ମହିଳାମାନଙ୍କର ସ୍ୱାଧୀନତା ସେ ଦେଶକୁ ଆଗକୁ ନେଇଥିବା ବେଳେ, ପାକିସ୍ତାନ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି।

ଅପରପକ୍ଷେ ଅନ୍ୟତମ ଦକ୍ଷିଣ ଏସୀୟ ପଡ଼ୋଶୀ ଦେଶ ଭୁଟାନ କଥା ଚିନ୍ତା କରାଯାଉ। ଭୁଟାନର ସମୁଦାୟ ବାଣିଜ୍ୟିକ କାରବାରର ଦୁଇ/ତୃତୀୟାଂଶ କେବଳ ଭାରତ ସହ ହୋଇଥାଏ। ଭୁଟାନ ଜଳବିଦ୍ୟୁତ ଉତ୍ପାଦନରେ ପୃଥିବୀ ବିଖ୍ୟାତ। ବଳକା ଜଳବିଦ୍ୟୁତ ଭାରତ ସମେତ ପୃଥିବୀର ଅନେକ ଦେଶକୁ ଯୋଗାଇଦିଏ ଭୁଟାନ। ଯଦିଓ ଚାଇନା ଭାରତ ବିରୋଧରେ ଭୁଟାନକୁ ଉସୁକାଉଛି, ଭୁଟାନ କିନ୍ତୁ ଭାରତ ସହ ତା'ର ବନ୍ଧୁଭାବାପନ୍ନ ମନୋଭାବକୁ ପରିହାର କରିନାହିଁ। ଭୁଟାନର ପ୍ରଧାନମନ୍ତ୍ରୀ ଲୋଟେ ସେରିଂ ନିକଟରେ ସୂଚନା ଦେଇଛନ୍ତି ଯେ, ଯେଉଁ ବିଶ୍ୱସ୍ତରୀୟ କମ୍ପାନୀମାନେ ଭାରତରେ ପୁଞ୍ଜିନିବେଶ କରୁଛନ୍ତି ଓ ଅନ୍ୟ ଯେଉଁମାନେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ସେମାନଙ୍କୁ ଭୁଟାନ ପ୍ରତି ଆକର୍ଷିତ କରିବା ପାଇଁ ନୂଆଦିଲ୍ଲୀକୁ ଅନୁରୋଧ କରାଯାଇଛି। ଭୁଟାନର ପର୍ଯ୍ୟଟନ ଶିଳ୍ପ ଅତ୍ୟନ୍ତ ବ୍ୟବସ୍ଥିତ। ଅନ୍ୟ ଦେଶ ତୁଳନାରେ ଭାରତୀୟ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ଖର୍ଚ୍ଚର ଏକ ବଡ଼ ରିହାତି ଘୋଷଣା ଭାରତୀୟଙ୍କୁ ସେ ଦେଶପ୍ରତି ଆକୃଷ୍ଟ କରିବ ବୋଲି ଭୁଟାନ ଆଶାବାଦୀ। ଭୁଟାନ ସମ୍ପ୍ରତି ଉତ୍କଟ ବେକାରିକୁ ସାମନା କରୁଥିବା ବେଳେ ଖୁବ୍‌ଶୀଘ୍ର ଏଥିରୁ ମୁକ୍ତିଲାଭ କରିବା ପାଇଁ ଆଶାବାଦୀ। ବଡ଼କଥା ହେଲା ଭୁଟାନ ପାକିସ୍ତାନ ପରି ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦିଏନାହିଁ। ଚାଇନାର ବିସ୍ତାରବାଦୀ ରାଜନୀତିକୁ ଭୁଟାନ ଭଲଭାବରେ ବୁଝିସାରିଛି। ନେପାଳପରି ଚାଇନାକୁ ସେ ସମର୍ଥନ କରିନାହିଁ। ଭୁଟାନ ଦୃଷ୍ଟିରେ ଭାରତ ହିଁ ଏକମାତ୍ର ନିର୍ଭରଯୋଗ୍ୟ ପଡ଼ୋଶୀ ଦେଶ। ବିଗତ ୨୦୦୦ ମସିହାଠାରୁ ୨୦୨୩ ମଧ୍ୟରେ ଭାରତ ଭୁଟାନରେ ୮୬ ନିୟୁତ ଡଲାର ପୁଞ୍ଜି ନିବେଶ କରିସାରିଛି, ଯାହା ଭୁଟାନର ପ୍ରଗତି ପ୍ରତି ଭାରତର ଏକ ବଡ଼ ଅବଦାନ। ଭୁଟାନ ବୁଝିସାରିଛି ଯେ ଭାରତର ସେପରି କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଭାରତ ମଧ୍ୟ ଭୁଟାନର ବିକାଶରେ ସହଭାଗିତା ପାଇଁ ହାତ ବଢ଼ାଇଛି।



**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# କାଳିଦାସ ଓ ନବରାତ୍ରି



ଅନୀତା ପଟ୍ଟନାୟକ

ମୋର ଜଣେ ନାତି ପଚାରିଲା ନବରାତ୍ରିରେ ହୁଏ କ'ଣ? ମୁଁ କହିଲି ନବରାତ୍ରିର ପ୍ରଥମ ତିନି ଦିନ ମହାକାଳୀଙ୍କର ପୂଜା କରାଯାଏ। ଦ୍ୱିତୀୟ ତିନି ଦିନ ମହାଲକ୍ଷ୍ମୀଙ୍କର ପୂଜା କରାଯାଏ ଓ ତୃତୀୟ ତିନି ଦିନ ମା'ସରସ୍ୱତୀଙ୍କର ପୂଜା କରାଯାଏ। ତୁମେ କାଳିଦାସଙ୍କ ନାମ ଶୁଣିଥିବ। ସେ ସୁନ୍ଦର ସୁନ୍ଦର ନାଟକ ଓ ମହାକାବ୍ୟ ରଚନା କରିଛନ୍ତି। ସେଥିମଧ୍ୟରୁ ରଘୁବଂଶମ୍, ମେଘଦୂତମ୍, ଅଭଧାନ ଶକୁନ୍ତଳମ୍, ବିକ୍ରମ ଉର୍ବଶୀୟମ୍, ଋତୁସଂହାର ଇତ୍ୟାଦି ସର୍ବଜନ ଆଦୃତ। ଲୋକମତ ଅନୁସାରେ କାଳିଦାସ ଉଜ୍ଜୟିନୀରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନୁ ସେ ତାଙ୍କର ମାତାପିତାଙ୍କୁ ହରାଇଥିଲେ। ତାଙ୍କର ସାଧାରଣ ଜ୍ଞାନ ନ ଥିଲା। ସେ ମହାକାଳୀଙ୍କୁ ପୂଜା କରୁଥିଲେ ଓ କାଳୀଙ୍କୁ ଆରାଧନା କରୁଥିଲେ। ଅନେକଙ୍କ ମତରେ କାଳୀଙ୍କର ଭକ୍ତ ଥିବାରୁ ତାଙ୍କର ନାମ କାଳିଦାସ ହୋଇଥିଲା। ଅନ୍ୟ ଅର୍ଥରେ ସେ କାଳୀଙ୍କ ଦାସ ହୋଇଥିବାରୁ ତାଙ୍କ ନାମ କାଳିଦାସ ହୋଇଥିଲା।

ମନୁଷ୍ୟର ତିନୋଟି ଗୁଣ ଅଛି। ଯଥା ସତ୍ତ୍ୱ, ରଜ ଓ ତମ। ମା' କାଳୀ ତମ ଗୁଣକୁ ନାଶ କରୁଥିବାର ପ୍ରତୀକ। ତମଗୁଣ ନାଶ ହେଲେ ଜଣେ ରଜଗୁଣରେ ପ୍ରବେଶ କରିପାରେ ଓ ରଜଗୁଣକୁ ପରିତ୍ୟାଗ କରିପାରିଲେ ସେ ସତ୍ତ୍ୱଗୁଣରେ ପ୍ରବେଶ କରେ। ନାତୁଣୀ କହିଲା ଜେଜେମା' ତୁମେ କହୁଥିଲ ଲୋକକଥା ଅନୁଯାୟୀ କାଳିଦାସ ଗରିବ ଥିଲେ ଓ ଗାଈ ଚରାଉଥିଲେ। ସେ ମହାକାଳ ଓ ମହାକାଳୀଙ୍କୁ ପୂଜାକରି ତମଗୁଣକୁ ପରିହାର କରିବା ପରେ ରାଜସିକ ଗୁଣରେ ଅଭିସିକ୍ତ ହୋଇପାରିଥିଲେ କି? ଏବେ ମୁଁ ବୁଝି ପାରିଲି ନବରାତ୍ରି, ଦଶହରାରେ ଅନେକ ଜାଗାରେ ଶିବଙ୍କ ମଣ୍ଡପ (ମହାକାଳ)ଙ୍କର ମଧ୍ୟ କାହିଁକି ପୂଜା କରାଯାଏ।

ମୁଁ କହିଲି ଉଜ୍ଜୟିନୀର ରାଜାଙ୍କର ଝିଅ ବିଦ୍ୟୋମା ଅତ୍ୟନ୍ତ ଜ୍ଞାନୀ ଥିଲେ। ତାଙ୍କର ଗୁରୁଙ୍କ ନାମ ଥିଲା ବରରୁଚି। ବିଦ୍ୟୋମା ନିଜର ଜ୍ଞାନ ଯୋଗୁ ଗର୍ବିତ ହୋଇ ପଣ୍ଡିତମାନଙ୍କୁ ଯୁକ୍ତିତର୍କରେ ହରାଇବା ସହିତ ନିଜର ଗୁରୁ ବରରୁଚିଙ୍କୁ ମଧ୍ୟ ଅପମାନିତ କରିଥିଲେ। ବିଦ୍ୟୋମା ପଣ ରଖିଥିଲେ ତାଙ୍କୁ ବିଦ୍ୟାରେ ଯିଏ ହରାଇବ ସେ ତାକୁ ବିବାହ କରିବେ। ଏପରି ଗର୍ବୀ ନାରୀକୁ ଶିକ୍ଷା ଦେବା ପାଇଁ ଗୁରୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ଏକ ଯୋଜନା କଲେ। ଦିନେ ରାସ୍ତାରେ ଯାଉ ଯାଉ ସେମାନେ ଦେଖିଲେ ଅତ୍ୟନ୍ତ ବଳିଷ୍ଠ ସୁନ୍ଦର ଯୁବକ ଗଛ ଡାଳରେ ବସି ସେହି ଡାଳକୁ କୁରାଢ଼ିରେ କାଟୁଛନ୍ତି। ସେମାନେ ସେହି ଯୁବକଙ୍କୁ ଗଛରୁ ଓହ୍ଲାଇ ସ୍ନାନ କରାଇ ରାଜବସ୍ତ୍ର ପିନ୍ଧାଇ ରାଜାଙ୍କ ନିକଟକୁ ନେଲେ ଓ ରାଜକନ୍ୟାଙ୍କର ଉପଯୁକ୍ତ ପାତ୍ର ଆଣିଛନ୍ତି ବୋଲି କହିଲେ। କାଳୀଦାସ ମୌନବ୍ରତ ରଖିଛନ୍ତି ବୋଲି ରାଜାଙ୍କୁ ଜଣାଇଲେ। ରାଜକନ୍ୟାଙ୍କୁ କାଳିଦାସଙ୍କ ସମ୍ମୁଖକୁ ଅଣାଗଲା ଓ ପ୍ରଶ୍ନ ପଚାରିବାକୁ କୁହାଗଲା। ରାଜକନ୍ୟା ତର୍ଜନୀରେ କାଳିଦାସଙ୍କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ଈଶ୍ୱର ଏକ ଓ ଅଦ୍ୱିତୀୟ। କାଳିଦାସ ଭାବିଲେ ଏ ରାଜକନ୍ୟା ମୋର ଗୋଟିଏ ଆଖି ଫୁଟାଇବ ବୋଲି କହୁଛି। ତେଣୁ ସେ ଦୁଇଟି ଆଙ୍ଗୁଠି ରାଜକନ୍ୟାଙ୍କ ଆଡ଼କୁ ନିର୍ଦ୍ଦେଶ କଲେ। ଯାହାର ଅର୍ଥ ଥିଲା ତୁ ମୋର ଗୋଟିଏ ଆଖି ଫୁଟାଇବୁ କହୁଛୁ ମୁଁ ତୋର ଦୁଇଟି ଆଖି ଫୁଟାଇ ଦେବି। କିନ୍ତୁ ବରରୁଚି ଓ ଅନ୍ୟ ପଣ୍ଡିତମାନେ ତାଳି ମାରି ଏହାକୁ ସ୍ୱାଗତ କଲେ ଓ କହିଲେ ଏହାର ଅର୍ଥ ହେଉଛି ଈଶ୍ୱର ଏକ ନୁହନ୍ତି ସେ ଦୁଇ ଯାହାକି ଆତ୍ମା ଓ ପରମାତ୍ମା। ଏହି ଉତ୍ତରରେ ଅତ୍ୟନ୍ତ ପ୍ରୀତ ହୋଇ ବିଦ୍ୟୋମା ବିବାହ ପାଇଁ ରାଜି ହୋଇଥିଲେ ଓ ବିବାହ ସମ୍ପନ୍ନ ହୋଇଥିଲା। କିନ୍ତୁ ଚତୁର୍ଥୀ ରାତିରେ ଓଟ ବୋବାଳି ଶବ୍ଦକୁ ଅପଭ୍ରଂଶ କରି କହିବାରୁ ବିଦ୍ୟୋମା କାଳିଦାସଙ୍କୁ ଘରୁ ବିତାଡ଼ିତ କରିଥିଲେ । ଏଥିରେ ଅପମାନିତ ହୋଇ ଜୀବନକୁ ଝାସ ଦେବା ପାଇଁ କାଳିଦାସ ନଦୀକୁ ଡେଇଁପଡ଼ିଲେ। ତମଗୁଣ ଓ ରାଜସିକ ଗୁଣକୁ ପରିତ୍ୟାଗ କରି ସତ୍ତ୍ୱଗୁଣରେ ପ୍ରବେଶ କରିଥିବା କାଳିଦାସଙ୍କୁ ମା' ମହାସରସ୍ୱତୀ ସାତଥର ପାଣିରେ ବୁଡ଼ାଇ ତାଙ୍କର ସାତ ଜନ୍ମର ଅଜ୍ଞାନ ଅନ୍ଧକାରକୁ ଦୂର କରି ଜ୍ଞାନାଲୋକରେ ଉଦ୍ଭାସିତ କରିଥିଲେ। କଥାରେ ଅଛି କାଳିଦାସ 'କଜ୍ଜଳପୂରିତ ଲୋଚନ ଧାରେ' ଗାନ କରିବା ଆରମ୍ଭ କରିଥିଲେ। କିନ୍ତୁ କି ଦୁଃଖର ବିଷୟ ସ୍ତୁତିରେ ମା'ଙ୍କର ପାଦଆଡ଼ୁ ବର୍ଣ୍ଣନା ନ କରି ସେ ମୁହଁ ଆଡ଼ୁ ସ୍ତୁତି କରିଥିଲେ। ତେଣୁ ଯୁବ ସମାଜ ନବରାତ୍ରିରେ ନାରୀମାନଙ୍କର ପଦବନ୍ଦନା କରିବା ଉଚିତ।

ସରସ୍ୱତୀଙ୍କ ପ୍ରସାଦ ଲାଭ କରି ସେ ଭୋଜ ରାଜାଙ୍କର ନଅରକୁ ଆସି ବିଦ୍ୟୋମାଙ୍କର ଘରର କବାଟ ଖୋଲିବାକୁ ଅନୁରୋଧ କରି କହିଲେ ଅନାବୃତଂ କପାଟଂ ଦେହି। ତା'ର ଉତ୍ତରରେ ବିଦ୍ୟୋମା କହିଲେ ଅସ୍ତି କଶ୍ଚିତ ବାକ୍ ବିଶେଷ (କିଛି କହିବାର ଅଛି) ତା'ର ଉତ୍ତରରେ ତାଙ୍କ କଣ୍ଠରୁ ଅସ୍ତିରେ କୁମାର ସମ୍ଭବମ୍, କିଚିତ୍‌ରେ ମେଘଦୂତମ୍ ଓ ବାକ୍‌ରେ ରଘୁବଂଶମ୍ ପରି ତିନୋଟି ମହାକାବ୍ୟ ଝରି ଆସିଥିଲା। ଏହାପରେ ସେ ରାଜ ଦରବାରରେ ରାଜକବି ଭାବରେ ଅଭିଷିକ୍ତ ହୋଇଥିଲେ। ସେ ଜାଣିଥିଲେ ଈର୍ଷା ଓ ଦ୍ୱେଷରୁ ମୁକ୍ତିଲାଭ କରିବାର ଏକମାତ୍ର ଉପାୟ ମହାକାଳୀ ଉପାସନା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ-୯୬୯୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚୟନରେ ଦୁର୍ନୀତି

ମହାଶୟ,
ସେପ୍ଟେମ୍ବର ୧୫ ରେ ଓଡିଶା ସବୋର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ ତରଫରୁ ପ୍ରକାଶିତ ପିଇଓ ଲିଖିତ ପରୀକ୍ଷା ଫଳକୁ ଦେଖି ପରୀକ୍ଷାରେ ଶତ ପ୍ରତିଶତ ଠିକ୍ ଉତ୍ତର ଦେଇଥିବା ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କ ଚାକିରି ପାଇବା ଆଶା ଧୂଳିସାତ ହୋଇଯାଇଛି। ସର୍ବମୋଟ ୨୩୧୮ ଗୋଟି ପଦବୀ ପାଇଁ ୬୯୫୪ ଜଣଙ୍କୁ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଯାଇଛି ; ଅର୍ଥାତ ପ୍ରତି ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ଅନ୍ୟାନ୍ୟ ଆନୁଷଙ୍ଗିକ ଟେଷ୍ଟ ପରେ ନିଯୁକ୍ତି ଦିଆଯିବ। ଅନେକ ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଉଛି ଯେ ଏସବୁ ଚାକିରି ପରୀକ୍ଷା ପୂର୍ବରୁ ୧୦ରୁ ୧୫ ଲକ୍ଷ ଟଙ୍କାରେ ବିକ୍ରି ହୋଇସାରିଛି। କୋଟି କୋଟି ଟଙ୍କାର କଳାଧନ ରଖିଥିବା ନେତା, ଅମଲା ଓ ମାଫିଆ ପ୍ରମୁଖଙ୍କ ପିଲା ଚାକିରି ପାଉଛନ୍ତି। ଦୁଃଖର ବିଷୟ ଏଭଳି ଅନିୟମିତତା ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟକୁ ଯିବାକୁ ପିଲାଙ୍କ ପାଖରେ ଅର୍ଥ ନାହିଁ। ସୁତରାଂ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ଉଚିତ। ଅନ୍ୟଥା ଓଡ଼ିଶାର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବେନାମୀ ବ୍ୟାଙ୍କ ଆକାଉଣ୍ଟ୍ ର୍ୟାକେଟ୍ ଧରିଲା ଏସ୍‌ଟିଏଫ୍

## ମାଷ୍ଟରମାଇଣ୍ଡଙ୍କ ସମେତ ୩ ଗିରଫ

- ୧୫ରୁ ୨୦ ହଜାର ଟଙ୍କାରେ ସାଇବର ଠକଙ୍କୁ ବିକ୍ରି କରୁଥିଲେ
- ଏଯାଏ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍ ବିକ୍ରି ସୂଚନା



ଭୁବନେଶ୍ୱର,୧୯।୧୦(ସତ୍ୟଜିତ୍ ରାଉତ)

ନିରୀହ ଗାଁ ଲୋକଙ୍କୁ ଫସାଇ ଖୋଲୁଥିଲେ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ୍। ପରେ ଏହାକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କମାଉଥିଲେ ବିପୁଳ ଟଙ୍କା। ଏଭଳି ଏକ ବେନାମି (ମ୍ୟୁଲ୍) ବ୍ୟାଙ୍କ ଆକାଉଣ୍ଟ୍ ର୍ୟାକେଟ୍‌କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ତଥା ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲା ମୋହନପୁର ଥାନା ଅନ୍ତର୍ଗତ ରାମପୁରା ଅଞ୍ଚଳର ଏସ୍.କେ. ଜାମିରଉଦ୍ଦିନ୍, ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ବରହମ୍ପୁର ଅଞ୍ଚଳର ଏସ୍.କେ. ଜାହାଙ୍ଗିର୍ ଓ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ରହୁଥିବା ବାଲେଶ୍ୱର ରାଇବଣିଆ ଥାନା ଅନ୍ତର୍ଗତ ବରହମ୍ପୁର ଅଞ୍ଚଳର ଏସ୍.କେ. ହାପିଜୁଲ୍। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୨୪/୨୦୨୩) ରୁଜୁ କରାଯାଇଛି। ଅଭିଯୁକ୍ତତ୍ରୟଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ର୍ୟାକେଟ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମଙ୍ଗର ତ୍ରିକୋଣୀୟ ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ର୍ୟାକେଟର ସଦସ୍ୟମାନେ ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ, ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଓ ସରାଇକେଲା ଜିଲାରେ ଏପରି ବେଆଇନ କାରବାର ଚଳାଇଥିଲେ। ଜାମିର୍‌ଉଦ୍ଦିନ୍ ୧୦ରୁ ୧୫ଜଣ ଲୋକଙ୍କୁ ମାସକୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ଦେଇଥିଲେ। ସେମାନେ ଏସବୁ ଜିଲାର ଗ୍ରାମୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପ୍ରତି ଲୋକଙ୍କୁ ଆକାଉଣ୍ଟ୍ ପିଛା ୨ ହଜାର ଟଙ୍କା ଦିଆଯାଉଥିଲା। ବଡ଼ କଥା ହେଲା, ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରେ ଗ୍ୟାଙ୍ଗର ସଦସ୍ୟମାନେ ଦେଉଥିବା ମୋବାଇଲ୍ ନମ୍ବର ହିଁ ଲିଙ୍କ୍ କରାଯାଉଥିଲା। ଏହାପରେ ଏସବୁ ବ୍ୟାଙ୍କ୍ ଆକାଉଣ୍ଟ ଓ ଲିଙ୍କ୍ ଥିବା ମୋବାଇଲ ନମ୍ବରକୁ ଏହି ର୍ୟାକେଟ୍ ବିଭିନ୍ନ ସାଇବର ଠକମାନଙ୍କୁ ବିକ୍ରି କରୁଥିଲେ। କୋଲକାତା ଓ ଦେଶର ଅନ୍ୟ ପ୍ରାନ୍ତରରେ ଥିବା ସାଇବର ଅପରାଧୀମାନେ ହିଁ ଏହି ଆକାଉଣ୍ଟକୁ କିଣୁଥିଲେ। ସିକ୍ରେଟ୍ ହ୍ୱାଟ୍‌ସଆପ୍ ଗ୍ରୁପ୍, ଫେସ୍‌ବୁକ୍ ପେଜ୍, ଟେଲିଗ୍ରାମ ଚ୍ୟାନେଲ୍ ଆଦି ମାଧ୍ୟମରେ ଏହି ମ୍ୟୁଲ୍ ଆକାଉଣ୍ଟ ବିକାକିଣା କାରବାର ଚାଲୁଥିଲା। ପ୍ରତି ବ୍ୟାଙ୍କ୍ ଆକାଉଣ୍ଟକୁ ୧୫ରୁ ୨୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଅଭିଯୁକ୍ତମାନେ ଏଯାଏ ବିଭିନ୍ନ ମାଧ୍ୟମରେ ୫ ହଜାର ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ବିକ୍ରି କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେବେ ଏହି ଆକାଉଣ୍ଟଗୁଡ଼ିକ ପୋଲିସ ତଥା ଲ’ ଏନ୍‌ଫୋର୍ସମେଣ୍ଟ୍ ଏଜେନ୍ସିର ଅନୁରୋଧକ୍ରମେ ବ୍ୟାଙ୍କ କର୍ତ୍ତୃପକ୍ଷ ଫ୍ରିଜ୍ କରିଦେଉଥିବାରୁ ସାଇବର ଅପରାଧୀମାନେ ଆକାଉଣ୍ଟର ଟ୍ରାଞ୍ଜାକ୍ସନ୍ ୧ ଲକ୍ଷ ଛୁଇଁଲା ପରେ ଏହାକୁ ବନ୍ଦ କରିଦେଉଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# କୋଟିପତି ଜେଇଙ୍କୁ ଗିରଫ କଲା ଭିଜିଲାନ୍ସ

### ଆୟଠାରୁ ୩୩୧ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଛନ୍ତି ପ୍ରସନ୍ନ

ଭୁବନେଶ୍ୱର,୧୯।୧୦ (ସତ୍ୟଜିତ୍ ରାଉତ)



ପ୍ରସନ୍ନ କୁମାର ପାଣି

ଚଢ଼ାଉ ଓ ଯାଞ୍ଚ ପରେ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଜୁନିୟର ଇଞ୍ଜିନିୟର (ଟେକ୍ନିକାଲ୍ କନ୍‌ସଲ୍‌ଟାଣ୍ଟ) ପ୍ରସନ୍ନ କୁମାର ପାଣିଙ୍କ ବହୁ କୋଟିର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୩୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ପ୍ରସନ୍ନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗୁରୁବାର ଏକ ମାମଲା (ନଂ.୨୯/୨୦୨୩) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ପ୍ରସନ୍ନଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ପ୍ରସନ୍ନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସର ୧୧ଟି ଟିମ୍ ବୁଧବାର ପ୍ରସନ୍ନଙ୍କ ଘର ସମେତ ଖୋର୍ଦ୍ଧା, ଅନୁଗୋଳ ଓ ପୁରୀ ଜିଲାର ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ଫ୍ରେଣ୍ଡ୍‌ସ କ୍ଲବ୍ ନିକଟରେ ଥିବା ୩ ମହଲା କୋଠା, ତ୍ରିଲୋଚନ ବିହାରରେ ୨ଟି ୩ ମହଲା କୋଠା, ସୁନ୍ଦରପଦା ହାଇଟେକ୍ ପ୍ଲାଜା ପ୍ରଥମ ମହଲାରେ ୧ ଫ୍ଲାଟ୍, ପୁରୀ ଜିଲା ନିମାପଡ଼ା ଅଁଳାପଡ଼ାସ୍ଥିତ ୩ ମହଲା କୋଠା ଠାବ କରିଥିଲା। ଏଥିସହ ଭୁବନେଶ୍ୱର, କଟକ, ପିପିଲି, ନିମାପଡ଼ା, ଜଙ୍କିଆ ଓ ଜଟଣୀରେ ୨୬ଟି ପ୍ଲଟ୍ ମଧ୍ୟ ଠାବ ହୋଇଥିଲା। ସେହିଭଳି ଜମି ଓ ଫ୍ଲାଟ୍ କିଣିବାକୁ ବିଭିନ୍ନ ଡେଭଲପର୍ସ ତଥା ପ୍ରମୋଟର୍ସଙ୍କୁ ଦେଇଥିବା ୪୨.୮୪ ଲକ୍ଷ ଟଙ୍କା, ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୬୪.୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୩.୩୩ ଲକ୍ଷ ନଗଦ ଟଙ୍କା, ୩୨ ଲକ୍ଷ ଟଙ୍କାର ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଓ ଅନ୍ୟ ଘରୋଇ ସାମଗ୍ରୀକୁ ସମ୍ପତ୍ତି ଭାବେ ହିସାବ କରିଥିଲା ଭିଜିଲାନ୍ସ ଟିମ୍। ତେବେ ପ୍ରସନ୍ନ ଦୁର୍ନୀତି କରି ଏସବୁ ସମ୍ପତ୍ତି କରିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ୬ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଓଡ଼ିଶା ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା: ଧର୍ମେନ୍ଦ୍ର




ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ପୁରାତନ କାଳରୁ ଗୌରବମୟ ସାମୁଦ୍ରିକ ପରମ୍ପରାର କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ଆମେ ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ଦରକାର ବୋଲି ଗୁରୁବାର ମୁମ୍ବାଇଠାରେ ଅନୁଷ୍ଠିତ ବିଶ୍ୱ ସାମୁଦ୍ରିକ ଭାରତ ଶିଖର ସମ୍ମିଳନୀ ୨୦୨୩ର ତୃତୀୟ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଭାରତର ଗୌରବମୟ ସାମୁଦ୍ରିକ ଐତିହ୍ୟ ଏବଂ ଜାତୀୟ ବିକାଶରେ ଆମ ନାବିକଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତରେ ସାମୁଦ୍ରିକ ଶିଳ୍ପ ବହୁ ପୁରୁଣା। ଭାରତର ସଭ୍ୟତା ସହ ନୌବାଣିଜ୍ୟ କାରବାରର ସମ୍ପର୍କ ରହିଆସିଛି। ଏବେ ସମଗ୍ର ବୈଶ୍ୱିକ ଶ୍ରମବଳରେ ୧୨% ନାବିକଙ୍କ ଯୋଗଦାନ ରହିଛି। ଏହାକୁ ୨ ଗୁଣା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଏଥିପାଇଁ ଜୋର୍ ଦେଇଛନ୍ତି। ଆମେ ଏକ ନୂଆ ଭାରତର ମୂଳଦୁଆ ପକାଇବା ସମୟରେ ଆମର ସାମୁଦ୍ରିକ ଶକ୍ତି ମଧ୍ୟ ବୃଦ୍ଧି କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ଏକ ସୁଦୃଢ଼, ଦକ୍ଷତାଭିତ୍ତିକ ଏବଂ ଶିଳ୍ପ-ପ୍ରସ୍ତୁତ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛୁ। ଜାତୀୟ ଶିକ୍ଷାନୀତି ଦ୍ୱାରା ଆମେ ଆମର ନାବିକମାନଙ୍କୁ ସ୍କିଲ୍, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରିବା ସହ ସେମାନଙ୍କୁ ଭବିଷ୍ୟତ ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁରଙ୍କ ସହ ଧର୍ମେନ୍ଦ୍ର ସାକ୍ଷାତ କରିଥିଲେ।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ବଡ଼ଗାଁ,୧୯।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ ଲାଖପଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଦନ୍ତା କଚାଡି ମାରିଛି। ମୃତକ ହେଲେ ବୀରେନ କିଷାନ (୪୨)। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଲାଖପଡ଼ା ଗାଁରେ ଦନ୍ତା ପଶିଥିଲା। ଦନ୍ତା ପଶିବା ଜାଣି ଲୋକେ ପାଟି କରିଥିଲେ। ପାଟି ଶୁଣି କିଷାନ ଘରୁ ବାହାରି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ଘର ସମ୍ମୁଖ ଅନ୍ଧାର ଥିବାରୁ ହାତୀ ଛିଡା ହୋଇଥିବା ସେ ଜାଣି ପାରି ନ ଥିଲେ। ଏହି ସମୟରେ ହାତୀ ତାଙ୍କୁ ଶୁଣ୍ଢରେ ଟାଣିନେଇ ଏକ କରଞ୍ଜ ଗଛରେ ପିଟି ତଳେ କଚାଡି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ହାତୀଟି ବୁଧବାର ରାତିରେ ଗରଗଡବାହାଲ ଗ୍ରାମର ମଙ୍ଗଲୁ ମାଝି ଓ ଯାଜପୁର ଗ୍ରାମର ତୁଲାରାମ ଡୁଙ୍ଗଡୁଙ୍ଗଙ୍କ ଘର ଭାଙ୍ଗି ଚାଉଳ ଖାଇ ଦେଇଥିଲାବେଳେ ଦାଣ୍ଡଜମରା ଗ୍ରାମର ଯଦୁମଣି ମାଝି, ରମେଶ ମାଝି, ଜୟଚନ୍ଦ୍ର ମାଝିଙ୍କ ଘର ସମ୍ମୁଖ ପାଚେରି ଭାଙ୍ଗି ଦେଇଛି।

# ଜିଏମ୍‌ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

### ହଷ୍ଟେଲରୁ ଝୁଲନ୍ତା ମୃତଦେହ ଜବତ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଟ୍ରଷ୍ଟଫଣ୍ଡ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଘନଶ୍ୟାମ କରୁଆଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେ ରହୁଥିବା ରୁମ ନଂ.୩୮ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ମୃତଦେହ ଜବତ କରିଥିଲା। ଘନଶ୍ୟାମ ଜିଏମ୍‌ୟୁ ଯୁକ୍ତତିନି ବାଣିଜ୍ୟ ବିଭାଗ ଶେଷବର୍ଷର ଛାତ୍ର ଥିଲେ। ତାଙ୍କ ଘର କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳରେ। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେ ହଷ୍ଟେଲ ରୁମ୍ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଦୀର୍ଘସମୟ ଧରି କବାଟ ନ ଖୋଲିବାରୁ ସାଙ୍ଗମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଟାଉନ ଥାନା ପୋଲିସ ହଷ୍ଟେଲରେ ପହଞ୍ଚି କବାଟ ଭାଙ୍ଗିଥିଲା। ରୁମ୍ ଭିତରେ ଘନଶ୍ୟାମ ଏକ ଗାମୁଛା ସାହାଯ୍ୟରେ ପଙ୍ଖାରେ ଝୁଲୁଥିବା ପୋଲିସ ଦେଖିଥିଲା। ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ରାତି ହୋଇଯାଇଥିବାରୁ ମୃତଦେହ ହଷ୍ଟେଲରେ ରହିଛି। ଶୁକ୍ରବାର ସକାଳେ ପରିବାର ବର୍ଗ ପହଞ୍ଚିଲେ ପାଞ୍ଚନାମା ହେବ। ଏହାପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଏମ୍‌ୟୁ ଉପକୁଳସଚିବ ଡ. ଉମାଚରଣ ପତି କହିଛନ୍ତି, ଘନଶ୍ୟାମ ଭଲ ଛାତ୍ର ଥିଲେ। ପାଠ ସହ କ୍ରୀଡ଼ାରେ ମଧ୍ୟ ତାଙ୍କର ଉତ୍କର୍ଷତା ଥିଲା। ଗୁରୁବାର ପରୀକ୍ଷା ଦେବା ସହ ମଧ୍ୟାହ୍ନଭୋଜନ ମଧ୍ୟ କରିଛନ୍ତି। କିନ୍ତୁ କ’ଣ ପାଇଁ ଆତ୍ମହତ୍ୟା କରିଛନ୍ତି ତାହା ପୋଲିସର ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

ରାୟଗଡ଼ା,୧୯।୧୦ (ଆଶିଷ ରଞ୍ଜନ ପଣ୍ଡା)

ନାବାଳିକା ବଳାତ୍କାର ମାମଲାର ବିଚାରକରି ରାୟଗଡ଼ା ପୋକ୍ସୋ କୋର୍ଟ ଗୁରୁବାର ଜଣେ ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ୨ ବର୍ଷ ଅତିରିକ୍ତ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ଜଜ୍ ସୋନାଲି ପଟ୍ଟନାୟକ ୧୯ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ବ୍ଲକ ଜେକେପୁର ଅଞ୍ଚଳର ଭଗବାନ ପଣ୍ଡା ୨୦୨୧ରେ ଜଣେ ୧୪ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ମା’ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ୮୫/୨୧ରେ ମାମଲା ରୁଜୁକରି ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ୩୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ନେଇଥିଲେ। ପୀଡ଼ିତାଙ୍କ ମା’ଙ୍କ ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅନୁସାରେ ନାବାଳିକା ଜଣକ ଭଗବାନ ପଣ୍ଡାଙ୍କ ରାଶନ ଦୋକାନକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ବାଥ୍‌ରୁମ୍‌କୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ଜଜ୍ ପଟ୍ଟନାୟକ ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଭିତ୍ତିକରି ସେକ୍ସନ ୪/୨, ପୋକ୍ସୋ ଆକ୍ଟ, ୩୭୬ (୩) ଏବଂ ୫୦୬ ଆଇପିସି ଧାରା ଅନୁସାରେ ଏହି ରାୟ ଶୁଣାଇଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ ଦୋଷୀଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାରେ ସରକାରୀ ଓକିଲ ଭାବେ ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ। ଏହି ଦଣ୍ଡାଦେଶ ଯୋଗୁ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି ଏବଂ ଆଗାମୀ ଦିନରେ ଏଭଳି ଜଘନ୍ୟକାଣ୍ଡ ରୋକିବାରେ ରାୟ ସହାୟକ ହେବ ବୋଲି ଆଇନଜୀବୀ ପାତ୍ର କହିଛନ୍ତି।

# ଓଡ଼ିଶା ଓଭିଇପି କାର୍ଯ୍ୟକ୍ରମକୁ ଆଇଓସି ସଭାପତିଙ୍କ ପ୍ରଶଂସା

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଭିଇପିରେ ଭାଗ ନେଇଥିବା ଓଡ଼ିଶାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ(ଓଭିଇପି)ରେ ଭାଗନେଇଥିବା ଓଡ଼ିଶାର ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବୈଠକରେ ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ସଭାପତି ଥୋମାସ ବାକ୍‌ଙ୍କ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଚିଠିରେ ଓଡ଼ିଶାରେ ଚାଲିଥିବା ଓଭିଇପି କାର୍ଯ୍ୟକ୍ରମ ଏବଂ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଏହାର ସଫଳତା ସହ ଅବଦାନକୁ ପ୍ରଶଂସା କରାଯାଇଥିଲା।

ଚିଠିରେ ଆଇଓସି ସଭାପତି ଥୋମାସ ବାକ୍ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଓଡ଼ିଶା ରିଡ୍ଲେ ପ୍ରକଳ୍ପ ପାଇଁ ଆଇଓସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି। ଆଇଓସି ଅଧିବେଶନରେ ଓଡ଼ିଶାର ଅନେକ ପିଲାଙ୍କୁ ଭେଟିବା ଅତ୍ୟନ୍ତ ଆନନ୍ଦଦାୟକ ବୋଲି ସେ କହିଛନ୍ତି। ମୁମ୍ବାଇରେ ଆୟୋଜିତ ସମ୍ମାନଜନକ ଅନ୍ତର୍ଜାତୀୟ ଆଇଓସି ଅଧିବେଶନରେ ଯୋଗଦେବାର ଅନନ୍ୟ ଓ ପ୍ରେରଣାଦାୟକ ଅନୁଭୂତିକୁ ଛାତ୍ରୀ ଭାରତୀ ଶବର, ମହମ୍ମଦ ହମ୍ମାଦ ନୁରେନ୍, ପ୍ରତ୍ୟାଶା ସାହୁ, ସୌମ୍ୟ ରଞ୍ଜନ ବାରିକ ଓ ଶୁଚିସ୍ମିତା ସାହୁ ଉତ୍ସାହର ସହ ବର୍ଣ୍ଣନା କରିଥିଲେ। ସେଠାରେ ପିଲାଙ୍କ ଲାଗି ଅନ୍ୟତମ ସ୍ମରଣୀୟ ଆକର୍ଷଣ ଥିଲା କିମ୍ବଦନ୍ତୀ ଅଲିମ୍ପିଆନ୍ ଅଭିନବ ବିନ୍ଦ୍ରାଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଯୁବ ପ୍ରତିଭାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହି ସୁଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ। ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକ ସେମାନଙ୍କ ପାଇଁ ଅତୁଳନୀୟ ସଫଳତା ଥିଲା ଏବଂ ଓଡ଼ିଶାର ଅଗଣିତ ଛାତ୍ରୀଛାତ୍ରଙ୍କ ମାନସିକତା ପାଇଁ ଏକ ପ୍ରେରଣା ଥିଲା। ଆଇଓସି ଅଧିବେଶନ ଭଳି ବିଶ୍ୱସ୍ତରୀୟ ମଞ୍ଚରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବାରୁ ଏହା ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ପ୍ରକାଶକରି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉପସ୍ଥିତ ରହି ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସର ଓଡ଼ିଶାର ଅସାଧାରଣ ସାମର୍ଥ୍ୟ ଓ ପ୍ରତିଭାକୁ ପ୍ରମାଣିତ କରୁଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଓଡ଼ିଶା ଗର୍ବିତ ଏବଂ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଭବିଷ୍ୟତର ପ୍ରୟାସକୁ ସାକାର କରିବା ପାଇଁ ରାଜ୍ୟ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବାକୁ ଆଗ୍ରହୀ ୫-ଟି ସଚିବ କହିଛନ୍ତି। ୨୦୨୨ ମେ ୨୪ରେ ମୁଖ୍ୟମନ୍ତ୍ରୀ ରାଉରକେଲା ଓ ଭୁବନେଶ୍ୱରର ୯୦ଟି ବିଦ୍ୟାଳୟରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପୁରୀ ଓ କଟକ ସମେତ ୫ ଜିଲାର ୨୫୦ ବିଦ୍ୟାଳୟରେ ଓଭିଇପି କାର୍ଯ୍ୟକ୍ରମ ଚାଲିଥିବାରୁ ୨ରୁ ୧୦ମ ଶ୍ରେଣୀରେ ଦେଢ଼ ଲକ୍ଷ ଛାତ୍ରୀଛାତ୍ର ସାମିଲ ହେଉଛନ୍ତି। ୫୦୦ ଶିକ୍ଷକଙ୍କୁ ମାଷ୍ଟର ଟ୍ରେନର ଭାବେ ତାଲିମ ଦିଆଯାଇଛି।

# ଧକ୍କାଦେଇ ଫେରାର ବେଳେ ଜଳିଗଲା ଟ୍ରକ୍




### ବାଇକ୍ ଆରୋହୀ ଗୁରୁତର

ଭଦ୍ରକ/ବନ୍ତ, ୧୯।୧୦ (ସନାତନ ରାଉତ/ହରିନାରାୟଣ ମହାନ୍ତି)

ଭଦ୍ରକ-ଆନନ୍ଦପୁର ରାସ୍ତାର ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍‌କୁ ଧକ୍କା ଦେଇ ଏକ ଟ୍ରକ୍ ଫେରାର ହୋଇଯାଉଥିବା ବେଳେ ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ବାଇକ୍ ଆରୋହୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଈପାରି ଗଡ଼ିଆ ଗ୍ରାମର ଦାଶରଥି ପରିଡ଼ା(୪୮) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକରୁ ଏକ ଆଇରନ ବୋଝେଇ ଟ୍ରକ୍ (ନଂ.ଓଡି ୨୨ ୱାଇ ୮୦୬୬) ଆନନ୍ଦପୁର ଅଭିମୁଖେ ଯାଉଥିଲା। ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଦାଶରଥିଙ୍କ ସମେତ ୩ ଯୁବକ ରାସ୍ତାକଡ଼ରେ ବାଇକ୍ ରଖି ଦୋକାନରୁ ଚା’ ପିଉଥିଲେ। ଟ୍ରକ୍ ଭାରସାମ୍ୟ ହରାଇ ବାଇକ୍ ଉପରେ ବସିଥିବା ଦାଶରଥିଙ୍କୁ ଧକ୍କା ଦେଇ ବାଇକ୍ ସହ ସେଠାରେ ଥିବା ଏକ ସାଇକେଲକୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଗଣିଜାଙ୍ଗଠାରେ ଟ୍ରକ୍ ସହ ବାଇକ୍ ଓ ସାଇକେଲ ଜଳିଯାଇଥିଲା। ଖବରପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟ୍ରକ୍‌ଟି ରାସ୍ତା ଉପରେ ହୁତୁହୁତୁ ହୋଇ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଡ୍ରାଇଭର ଓହ୍ଲାଇ ପଡ଼ିଥିବାରୁ ସୁରକ୍ଷିତ ଥିବା ଜଣାପଡ଼ିଛି।

# ଆମ୍ବୁଲାନ୍ସ ସହ ଧକ୍କାହୋଇ ଓଲଟିଲା ବସ୍



ଭଦ୍ରକ,୧୯।୧୦(ସନାତନ ରାଉତ): ଭଦ୍ରକ-ଆଗରପଡ଼ା ରାସ୍ତାର ଅରଞ୍ଜି ନିକଟରେ ଗୁରୁବାର ଅପରାହ୍ନରେ ଏକ ବସ୍ ଆମ୍ବୁଲାନ୍ସ ସହ ଧକ୍କା ହେବାରୁ ରାସ୍ତାପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ‘କ୍ରୀଷ୍ଣା’ ନାମକ ଯାତ୍ରୀବାହୀ ବସ୍ ଭଦ୍ରକରୁ ଆଗରପଡ଼ା ଅଭିମୁଖେ ଯାଉଥିଲା। ଅରଞ୍ଜି ନିକଟରେ ସାମ୍ନାରୁ ଆସୁଥିବା ଏକ ଆମ୍ବୁଲାନ୍ସ ସହ ବସ୍ ଧକ୍କା ହୋଇ ନୟନଯୋରିକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ କାଚ ଭାଙ୍ଗି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ନିକଟସ୍ଥ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବଲାଙ୍ଗୀରର ଶଙ୍କର ବିସି(୩୩), ଆଗରପଡ଼ା ଥାନା ଅଞ୍ଚଳର ତପନ କୁମାର ପଣ୍ଡା(୪୫), ପୂଜାରାଣୀ ନାୟକ(୧୬), ବର୍ଷାରାଣୀ ଜେନା(୧୮), ନିବେଦିତା ମଣ୍ଡଳ(୩୦), ତପନ କୁମାର ପଲେଇ(୨୦), ମୀନାକ୍ଷୀ ପାଣିଗ୍ରାହୀଙ୍କ ସମେତ ୨୦ ଆହତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଜଣକ ହେଲେ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମର ସିଦ୍ଧାର୍ଥ ଗାନ୍ଧୀ ରାଉତ (୧୮)। ତେବେ ଆହତଙ୍କ ମଧ୍ୟରେ ଅଧିକାଂଶ କଲେଜ ଛାତ୍ରୀ ଅଛନ୍ତି। ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଓ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ।

# ଗାଜାରେ ପହଞ୍ଚିପାରୁନି ସହାୟତା

**ଗାଜା ସିଟି/ତେଲ ଆଭିଭ୍/କାଏରୋ,୧୯।୧୦**

ଇସ୍ରାଏଲୀ ସାମରିକ ବଳ ଆକାଶମାର୍ଗରୁ ପାଲେଷ୍ଟିନୀୟ ଭୂଖଣ୍ଡରେ ରକେଟ୍ ମାଡ଼ ଜାରି ରଖିଥିବାରୁ ପ୍ରତିଶ୍ରୁତି ମୁତାବକ ଇଜିପ୍ଟରୁ ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ପହଞ୍ଚିପାରିନାହିଁ। ଉତ୍ତର ଗାଜା ଓ ଗାଜା ସିଟିରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ (ଗାଜାର ପ୍ରାୟ ଅଧା ଜନସଂଖ୍ୟା) ଜୀବନ ବଞ୍ଚାଇବା ପାଇଁ ଗଣପଳାୟନ କରିଛନ୍ତି। ପୂର୍ବରୁ ଇସ୍ରାଏଲ ଦ୍ୱାରା 'ସୁରକ୍ଷିତ ଅଞ୍ଚଳ' ଘୋଷିତ ସାଉଥ୍ ଗାଜା ସମେତ ସମଗ୍ର ଭୂଖଣ୍ଡକୁ ଗୁରୁବାର ଏହାର ସୈନ୍ୟମାନେ ଟାର୍ଗେଟ କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଇସ୍ରାଏଲ ଗସ୍ତକରି ଗାଜାକୁ ମାନବୀୟ ସହାୟତା ପଠାଇବା ପାଇଁ ଇଜିପ୍ଟକୁ ଅନୁମତି ଦେବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଅନୁରୋଧ କରିଥିଲେ। ଏହିକ୍ରମେ ନେତାନ୍ୟାହୁ ସୀମିତ (ଖାଦ୍ୟ, ଜଳ ଏବଂ ଔଷଧ) ସହାୟତା ଦେବାକୁ ରାଜି ହୋଇଥିଲେ। ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତହ ଅଲ୍-ସିସି ଗାଜା ଷ୍ଟ୍ରିପ୍‌କୁ ପ୍ରଥମେ ୨୦ଟି ଟ୍ରକ୍‌ରେ ସହାୟତା ପଠାଇବେ ବୋଲି ବାଇଡେନ୍ କହିଥିଲେ। କିନ୍ତୁ ଇସ୍ରାଏଲର ରକେଟମାଡ଼ରେ ଗାଜା ଷ୍ଟ୍ରିପ୍ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିବାରୁ ଏହାର ରାସ୍ତା ମରାମତି କରିବା ପାଇଁ ସମୟ ଦରକାର। ଏଥିଲାଗି କାଏରୋ ପଠାଇଥିବା ଟ୍ରକ୍‌ଗୁଡ଼ିକ ଅନେକ ହଜାର ଟନ୍ ମାନବୀୟ ସହାୟତା ନେଇ ଇଜିପ୍ଟ ପଟେ ଛିଡ଼ା ହୋଇରହିଛି। ରାଫାହରେ ପ୍ରାୟ ୧୫୦ ଟ୍ରକ୍ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଇଜିପ୍ଟର ଏଲ୍ ଆରିଶ ସହରରୁ କେତେକ ବିମାନରେ ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବା ପାଇଁ ଯୋଜନା ଚାଲିଛି। ଜାତିସଂଘର ହ୍ୟୁମାନିଟାରିଆନ୍ ମୁଖ୍ୟ ମାର୍ଟିନ ଗ୍ରିଫିଥ୍‌ସ କହିଛନ୍ତି, ଗାଜାର ଆବଶ୍ୟକତା ପୂରଣ ପାଇଁ ଦୈନିକ ପ୍ରାୟ ୧୦୦ ଟ୍ରକ୍ ସହାୟତା ପଠାଯିବା ଜରୁରୀ।

ଅକ୍ଟୋବର ୭ରେ ଗାଜାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲକୁ ଅନୁପ୍ରବେଶ କରିବା ସହ ୫,୦୦୦ ରକେଟ୍ ମାଡ଼ କରିଥିଲେ। ଏଥିରେ ଜର୍ଜରିତ ଇସ୍ରାଏଲ ହମାସ୍‌କୁ ସମୂଳେ ନାଶ କରିବା ପାଇଁ ପ୍ରତିଜ୍ଞା କରିଥିଲା। ସେବେଠୁ ଇସ୍ରାଏଲ ପକ୍ଷରୁ ଗାଜା ଉପରେ ବୋମା, ମିଶାଇଲ ଓ ରକେଟ୍ ବର୍ଷା ଜାରି ରହିଛି। ଏଥିରେ ୩,୭୮୫ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ପ୍ରାୟ ୧୨,୫୦୦ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ହମାସ୍ ଆକ୍ରମଣରେ ଇସ୍ରାଏଲର ୧,୪୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୨୦୬ ଜଣ ପଣବନ୍ଦୀ ରଖିଛନ୍ତି।



ସହାୟତା ପହଞ୍ଚାଇବା ପାଇଁ ଇଜିପ୍ଟର ଇସ୍‌ମାଇଲିଆ ମରୁରାସ୍ତାରେ ଟ୍ରକ୍‌ଗୁଡ଼ିକ ଛିଡ଼ା ହୋଇଛି।

### ରୁଷିଆ ପଠାଇଲା ୨୭ ଟନ୍

ଯୁଦ୍ଧ ପ୍ରଭାବିତ ଗାଜା ଷ୍ଟ୍ରିପ୍‌ରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ପାଇଁ ଗୁରୁବାର ରୁଷିଆ ପକ୍ଷରୁ ୨୭ ଟନ୍ ସହାୟତା ପଠାଯାଇଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଇଜିପ୍ଟରୁ ପରିବହନ କରାଯିବ ବୋଲି ରୁଷିଆର ଜରୁରୀ ସ୍ଥିତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଆତ୍ମରକ୍ଷା ଇସ୍ରାଏଲର ପୂର୍ଣ୍ଣ ଅଧିକାର: ସୁନକ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଗୁରୁବାର ଇସ୍ରାଏଲରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ଇସ୍ରାଏଲକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ହମାସ୍ ବିରୋଧୀ ଯୁଦ୍ଧରେ ଆତ୍ମରକ୍ଷା ପାଇଁ ଇସ୍ରାଏଲର ପୂର୍ଣ୍ଣ ଅଧିକାର ଥିବା ସୁନକ ପ୍ରକାଶ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସୁନକ କହିଛନ୍ତି, ଗାଜାବାସୀଙ୍କ କ୍ଷତି ନ ଘଟିବା ଦିଗରେ ତେଲ୍ ଆଭିଭ୍ ପକ୍ଷରୁ ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ ଉଲ୍ଲେଖନୀୟ। ବ୍ରିଟିଶ୍ ନାଗରିକମାନଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଇସ୍ରାଏଲୀଙ୍କୁ ବ୍ରିଟେନ୍‌ର ସମର୍ଥନ ଜଣାଇବା ପାଇଁ ସେ ଏହି ଗସ୍ତ କରିଛନ୍ତି। ପାଲେଷ୍ଟିନୀୟମାନେ ମଧ୍ୟ ହମାସ୍ ବର୍ବରତାର ଶିକାର ହୋଇଥିବା ସୁନକ କହିଛନ୍ତି।



ଋଷି ସୁନକଙ୍କ ସହ ବେଞ୍ଜାମିନ୍ ନେତାନ୍ୟାହୁ

## ଅବ୍ବାସଙ୍କ ସହ କଥାହେଲେ ମୋଦି

### ପାଲେଷ୍ଟିନୀୟଙ୍କୁ ଭାରତୀୟ ସହାୟତା ଜାରି ରହିବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମୁଦ ଅବ୍ବାସ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ଏହି ଅବସରରେ ସେ ଗାଜା ହସ୍ପିଟାଲରେ ରକେଟ୍‌ମାଡ଼ରେ ନିହତ ଲୋକଙ୍କ ପାଇଁ ସମବେଦନା ଜଣାଇଛନ୍ତି। ଇସ୍ରାଏଲ-ପାଲେଷ୍ଟାଇନ୍ ପ୍ରସଙ୍ଗରେ ଭାରତର ସୈଦ୍ଧାନ୍ତିକ ଆଭିମୁଖ୍ୟ ଦୋହରାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦ, ହିଂସା ଓ ବିଗୁଡୁଥିବା ସୁରକ୍ଷା ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ମୋଦି ଚିନ୍ତାବ୍ୟକ୍ତ କରିଛନ୍ତି। ପାଲେଷ୍ଟିନୀୟଙ୍କୁ ଭାରତ ପକ୍ଷରୁ ସହାୟତା ପ୍ରେରଣ ଜାରି ରହିବ ବୋଲି ମୋଦି କହିଛନ୍ତି।

## ୨ ଦୁର୍ନୀତି ମାମଲାରେ ନୱାଜ ଶରିଫ୍‌ଙ୍କୁ ଜାମିନ

**ଇସ୍‌ଲାମାବାଦ,୧୯।୧୦(ପି.ଟି.)**

ପାକିସ୍ତାନକୁ ଶନିବାର ଫେରିବାକୁ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଇସ୍‌ଲାମାବାଦ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ଆଭେନ୍‌ଫିଲ୍ଡ ଏବଂ ଅଲ୍-ଅଜିଜିଆ ଦୁର୍ନୀତି ମାମଲାରେ ଅଦାଲତ ତାଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ସୁରକ୍ଷାମୂଳକ ଜାମିନ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ତୋଷାଖାନା ଯାନ ମାମଲାରେ ତାଙ୍କ ବିରୋଧରେ ଜାରି ଗିରଫ ପରୱାନାକୁ ପାକିସ୍ତାନର ଏକ ଦୁର୍ନୀତି ନିରୋଧୀ ଅଦାଲତ ସ୍ଥଗିତ ରଖିଛନ୍ତି। ୨ ବର୍ଷ ପୂର୍ବେ ଜାରି ସ୍ଥାୟୀ ଗିରଫ ପରୱାନାକୁ ସ୍ଥଗିତ ରଖିବା ପାଇଁ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ନୱାଜ (ପିଏମ୍‌ଏଲ୍-ଏନ୍) ସୁପ୍ରିମୋ ତାଙ୍କ ଓକିଲ କାଜି ମୁଶାହିଦ୍‌ଙ୍କ ଜରିଆରେ ବୁଧବାର ଇସ୍‌ଲାମାବାଦର ଉତ୍ତରଦାୟୀ କୋର୍ଟ ନଂ.୧ରେ ଆବେଦନ କରିଥିଲେ। ୭୩ ବର୍ଷୀୟ ନୱାଜ ଆଭେନ୍‌ଫିଲ୍ଡ ଏବଂ ଅଲ୍-ଅଜିଜିଆ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ତୋଷାଖାନା ଯାନ ମାମଲାରେ ପଳାତକ ଅପରାଧୀ ଘୋଷିତ ହୋଇଥିଲେ। ୨୦୧୯ରେ ଚିକିତ୍ସା ହେବା ଲାଗି ବ୍ରିଟେନ ଯିବା ବେଳେ ତାଙ୍କୁ ଉପରୋକ୍ତ ମାମଲାଗୁଡ଼ିକରେ ଜାମିନ ଦିଆଯାଇଥିଲା। ଲଣ୍ଡନରେ ୪ ବର୍ଷ ଆତ୍ମନିର୍ବାସନରେ ରହିବା ପରେ ଆଗକୁ ପାକିସ୍ତାନର ସାଧାରଣ ନିର୍ବାଚନ ଥିବାରୁ ନୱାଜ ୨୧ ତାରିଖରେ ସ୍ୱଦେଶ ଫେରୁଛନ୍ତି।



## ସାଇବର ଅପରାଧ: ୭୬ ସ୍ଥାନରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୧୯।୧୦**

ସାଇବର ଆର୍ଥିକ ଜାଲିଆତି ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୫ଟି ପୃଥକ୍ ମାମଲା ରୁଜୁ କରିବା ପରେ 'ଅପରେଶନ ଚକ୍ର-୨'ରେ ଦେଶର ୭୬ଟି ସ୍ଥାନରେ ଚଢ଼ାଉ କରିଛି। କ୍ରିପ୍ଟୋକରେନ୍ସି ଜାଲିଆତି ଜରିଆରେ ଏକ ର୍‌ୟାକେଟ୍ ଭାରତୀୟଙ୍କ ୧୦୦ କୋଟି ଟଙ୍କା ବେଆଇନ ଭାବେ ହଡ଼ପ କରାଯାଇଥିବା ନେଇ ଆର୍ଥିକ ଗୋଇନ୍ଦା ସଂସ୍ଥା (ଏଫ୍‌ଆଇୟୁ) ତଥ୍ୟ ଆଧାରରେ ମାମଲା ରୁଜୁ ହୋଇଛି। ସେହିପରି ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିବା ଲାଗି କେତେକ କଲ୍ ସେଣ୍ଟର ଜାଲ୍ କମ୍ପାନୀଗୁଡ଼ିକୁ ବୈଷୟିକ ସହାୟତା ଯୋଗାଉଥିବା ଆମାଜନ ଏବଂ ମାଇକ୍ରୋସଫ୍ଟ ଅଭିଯୋଗ କରିବା ପରେ ଆଉ ୨ ମାମଲା ସିବିଆଇ ରୁଜୁ କରିଛି। ଅନ୍ୟ ଦୁଇଟି ମାମଲା ସମ୍ପର୍କରେ ତଦନ୍ତକାରୀ ସଂସ୍ଥା ସବିଶେଷ ତଥ୍ୟ ଦେଇନାହିଁ। ଏଫଆଇୟୁ, ଏଫ୍‌ବିଆଇ, ଇଣ୍ଟରପୋଲ୍ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଏଜେନ୍ସିର ତଥ୍ୟ ଆଧାରରେ ସିବିଆଇ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ନାଟକ, ହିମାଚଳପ୍ରଦେଶ, ହରିୟାଣା, କେରଳ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

## ପିଏମ୍‌ଏଲ୍‌ଏ ଧାରା ୫୦ ବଳରେ ଗିରଫ କରିପାରିବନି ଇଡି: ହାଇକୋର୍ଟ

**ନୂଆଦିଲ୍ଲୀ,୧୯।୧୦**

ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୫୦ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ସମନ ଜାରି କରିବା କ୍ଷମତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ରହିଛି, ତେବେ ଗିରଫ କରିବା କ୍ଷମତା ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଗୁରୁବାର କହିଛନ୍ତି। ୨୦୨୦ରେ ଇଡି ଦାଏର କରିଥିବା ଏତଲା (ଇସିଆଇଆର୍)କୁ ଖାରଜ କରିବା ଲାଗି ଆଶିଷ ମିତ୍ତଲଙ୍କ ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ଅନୁପ ଜୟରାମ ଭମ୍ଭାନୀ ଉପରୋକ୍ତ ରାୟ ଦେଇଛନ୍ତି। ଇସିଆଇଆର୍ ଆଧାରରେ ସମସ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବା ପାଇଁ ମିତ୍ତଲ ଆବେଦନ କରିଥିଲେ। ପିଏମ୍‌ଏଲ୍‌ଏର ଧାରା ୫୦ରେ ଗିରଫ କରିବା କ୍ଷମତା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇ ନାହିଁ, ଯାହା ବଳରେ ଏହି କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିଥାନ୍ତି ବୋଲି ଜଷ୍ଟିସ୍ ଭମ୍ଭାନୀ କହିଛନ୍ତି। କେବଳ ସମନ ଜାରି କରିବା, ଦସ୍ତାବିଜ୍ ଦାଖଲ ପାଇଁ ମାଗିବା ଓ ବୟାନ ରେକର୍ଡ କରିବା କ୍ଷମତା ଇଡିର ରହିଛି, ଯାହା ଏକ ଦେୱାନୀ ଅଦାଲତର କ୍ଷମତା ସହ ସମାନ। ପିଏମ୍‌ଏଲ୍‌ଏର ଧାରା ୧୯ରେ ଥିବା ଗିରଫ କ୍ଷମତାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଧାରା ୧୯ ଏବଂ ୫୦ ସମ୍ପୂର୍ଣ୍ଣ ଅଲଗା ବ୍ୟବସ୍ଥା। ଗୋଟିଏ ଧାରାର କ୍ଷମତାର ଉପଯୋଗ କରି ଜଣକୁ ଅନ୍ୟ ଧାରାରେ ଅଟକ ରଖାଯିବା ଉଚିତ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

## ୪ ପୋଲିସଙ୍କୁ ୧୪ ଦିନ ଜେଲ

### ମୁସଲମାନଙ୍କୁ ସର୍ବସାଧାରଣରେ ବାନ୍ଧି ପିଟିଥିଲେ

**ଅହମଦାବାଦ,୧୯।୧୦**

ଗୁଜରାଟର ଖେଡ଼ା ଜିଲାରେ ୫ ଜଣ ମୁସଲମାନ ଯୁବକଙ୍କୁ ସର୍ବସାଧାରଣରେ ଦଣ୍ଡ ଦେବା ଘଟଣାରେ ଗୁଜରାଟ ହାଇକୋର୍ଟ ଗୁରୁବାର ୪ ପୋଲିସ ଅଫିସରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କୁ ୧୪ ଦିନ ପାଇଁ ଜେଲ ପଠାଇଛନ୍ତି। ଗତବର୍ଷ ଅକ୍ଟୋବର ୪ରେ ଉକ୍ତ ଜିଲାରେ ଗରବା ଉତ୍ସବ ଚାଲିଥିବାବେଳେ ଉକ୍ତ ଯୁବକମାନେ ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରିବା ପରେ ଏକ ଖୁଣ୍ଟରେ ବାନ୍ଧି ଲୋକମାନଙ୍କ ଉପସ୍ଥିତିରେ ବେତ୍ରାଘାତ କରିଥିଲା। ଏମିତି ଦିନ ଆସିଲା, ଯେତେବେଳେ ଅଫିସରଙ୍କୁ ଜେଲ ପଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ପଡୁଛି ବୋଲି ଜଷ୍ଟିସ୍ ଏ.ଏସ୍. ସୁପେହିଆ ଏବଂ ଗୀତା ଗୋପୀଙ୍କ ଖଣ୍ଡପୀଠ ରାୟ ପ୍ରଦାନ କରିବା ଅବସରରେ କହିଛନ୍ତି। ଏଥିସହିତ ଅଫିସରମାନଙ୍କୁ ୨,୦୦୦ ଟଙ୍କା ଲେଖାଏ ଜରିମାନା ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ପୈଠ ନ କଲେ ସେମାନଙ୍କୁ ଆଉ ୩ ଦିନ ଜେଲରେ ରହିବାକୁ ପଡ଼ିବ। ଅନ୍ୟପକ୍ଷରେ ଅଭିଯୁକ୍ତ ପୋଲିସ ଅଫିସରମାନଙ୍କ ଓକିଲ ରାୟ ବିରୋଧରେ ଅପିଲ କରିବେ ବୋଲି କହିବାରୁ ଦଣ୍ଡାଦେଶକୁ ୩ ମାସ ପାଇଁ ସ୍ଥଗିତ ରଖାଯାଇଛି।

## ଅଙ୍ଗଦାନ କଲା ୪ ଦିନର ଶିଶୁ

**ସୁରଟ,୧୯।୧୦**

ଗୁଜରାଟର ସୁରଟରେ ଜଣେ ୪ ଦିନର ବ୍ରେନ୍‌ଡେଡ୍ ଶିଶୁ ତା'ର ଅଙ୍ଗଦାନ କରିଛି। ଡାକ୍ତରମାନେ ଉକ୍ତ ଶିଶୁର ୨ କିଡ୍‌ନୀ, ୨ କର୍ଣ୍ଣିଆ, ଲିଭର ଏବଂ ପ୍ଲିହା ସଂଗ୍ରହ କରିଛନ୍ତି। ଏହି ଅମୂଲ୍ୟ ଦାନ କେତେଜଣ ଶିଶୁଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବା ନେଇ ଆଶାସଞ୍ଚାର ହୋଇଛି। ଜଣେ ୮ ମାସର ଶିଶୁଠାରେ କିଡ୍‌ନୀ ପ୍ରତିରୋପଣ ଲାଗି ଏହାକୁ ଅହମଦାବାଦର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କିଡ୍‌ନୀ ଡିଜିଜ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରକୁ ପଠାଯାଇଥିବାବେଳେ ଜଣେ ୧୦ ମାସର ଶିଶୁ ଦେହରେ ଲିଭର ଲଗାଇବା ପାଇଁ ଏହାକୁ ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବାଇଲିଆରି ସାଇନ୍ସ (ଆଇଏଲ୍‌ବିଏସ୍)କୁ ପଠାଯାଇଛି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସୁରଟର ବାଲକ ପଟିୟା ଅଞ୍ଚଳରେ ଜନ୍ମ ହୋଇଥିବା ଶିଶୁଟି ହଲଚଲ ନ ହେବା ଓ ନ କାନ୍ଦିବାରୁ ତାକୁ ଏକ ଶିଶୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ଉକ୍ତ ଶିଶୁକୁ ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା। ଫଳରେ ଶିଶୁର ମାଆବାପା ତା'ର ଅଙ୍ଗଦାନ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, ଯେପରି ଉକ୍ତ ଅଙ୍ଗ ଦିୱାଲି ପୂର୍ବରୁ ଅନ୍ୟ କେତେଜଣ ପିଲାଙ୍କ ଜୀବନରେ ଆଲୋକ ଆଣିପାରିବ।



## ମହଶା ଅମିନୀଙ୍କୁ ଇୟୁ ମାନବାଧିକାର ପୁରସ୍କାର

### ଇରାନ୍‌ର ମୋରାଲିଟି ପୋଲିସ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିଲେ

**ଷ୍ଟ୍ରାସ୍‌ବର୍ଗ(ଫ୍ରାନ୍ସ),୧୯।୧୦**

ଗତବର୍ଷ ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବାରୁ ଇରାନର ମୋରାଲିଟି ପୋଲିସ ଦ୍ୱାରା ହତ୍ୟାର ଶିକାର ହୋଇଥିବା ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହଶା ଅମିନୀଙ୍କୁ ମରଣୋତ୍ତର ଭାବେ ୟୁରୋପୀୟ ସଂଘ (ଇୟୁ)ର ସର୍ବୋଚ୍ଚ ମାନବାଧିକାର ପୁରସ୍କାର ପ୍ରଦାନ କରାଯାଇଛି।

ମାନବାଧିକାର ଓ ମୌଳିକ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ୧୯୮୮ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ସୋଭିଏଟ୍ ବିଦ୍ରୋହୀ ଆଣ୍ଡ୍ରେଇ ସାଖୋର୍ଭଙ୍କ ନାମରେ ଏହି ଇୟୁ ଆୱାର୍ଡ ନାମିତ। ଚଳିତବର୍ଷ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଥିଲେ ଭିଲ୍‌ମା ନୁନେଜା ଡେ ଏସ୍କୋରିକା ଏବଂ ରୋମାନ୍ କ୍ୟାଥୋଲିକ୍ ବିଶପ୍ ରୋଲାଣ୍ଡୋ ଅଲ୍‌ଭାରେଜ୍। ଏହି ଦୁଇଜଣ ନିକାରାଗୁଆରେ ମାନବାଧିକାର ସୁରକ୍ଷା ପାଇଁ ଲଢ଼େଇ କରିଥିଲେ। ଏହାବାଦ୍ ପୋଲାଣ୍ଡ, ଏଲ୍‌ସାଲଭାଡୋର ଏବଂ ଆମେରିକାର ୩ ଜଣ ମହିଳାଙ୍କୁ ମନୋନୀତ କରାଯାଇଥିଲା। ସେମାନେ ମୁକ୍ତ, ସୁରକ୍ଷିତ ଓ ଆଇନଗତ ଗର୍ଭପାତ ପାଇଁ ସଂଗ୍ରାମ ଚଳାଇଆସିଛନ୍ତି।

ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୨୧ରେ କୁର୍ଦ୍ଦିସ୍ତାନ ପ୍ରଦେଶର ସକେଜ୍‌ରେ ଜନ୍ମିତ ମହଶା ଅମିନୀ ୨୦୨୨ ସେପ୍ଟେମ୍ବର ୧୩ରେ ନିଜ ଭାଇଙ୍କୁ ଭେଟିବା ପାଇଁ ପରିବାର ସହ ଇରାନ ରାଜଧାନୀ ତେହରାନକୁ ଯାଇଥିଲେ। ଜିନା ନାମରେ ପରିଚିତ ଏହି ଯୁବତୀ ଭଲଭାବେ ମୁହଁ ଢାଙ୍କି ନ ହେବା ଭଳି ପୋଷାକ ପରିଧାନ କରିଥିବା ଦର୍ଶାଇ ଶହୀଦ ହଘାନି ଏକ୍ସପ୍ରେସ୍‌ୱେରେ ଧର୍ମୀୟ ବ୍ୟାପାର ପୋଲିସ ତାଙ୍କୁ ଗିରଫ କରିଥିଲା। ହାଜତରେ ତାଙ୍କୁ ଲାଠିମାଡ଼ କରି ଅକଥନୀୟ ନିର୍ଯାତନା ଦେଇଥିଲା। ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅତି ରହସ୍ୟଜନକ ଭାବେ ମହଶାଙ୍କ ମୃତ୍ୟୁ ଘଟିଥିଲା। ତେବେ ସେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ପୋଲିସ କହିଥିଲା। ମହଶାଙ୍କ ମୃତ୍ୟୁ ପରେ ରକ୍ଷଣଶୀଳ ଇରାନରେ ସରକାର ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିକ୍ଷୋଭକାରୀମାନେ ନିଜ ହିଜାବ ଖୋଲି ଚୁଟି କାଟି ବିରୋଧ ପ୍ରଦର୍ଶନ କରିଥିଲେ। ୨୦୨୨ ଡିସେମ୍ବର ସୁଦ୍ଧା ଇରାନୀୟ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୪୭୬ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନର ନିଆଁ ବିଭିନ୍ନ ଦେଶକୁ ବ୍ୟାପିଥିଲା।



**ଫୁରସତ**

## ଲୁନା ମୈଥ ପ୍ରଜାତିର ବିରଳ ପ୍ରଜାପତି

**ଲକ୍ଷ୍ନୌ:** ଆମେରିକାର ଏବଂ ଜାପାନ ଭଳି ଦେଶରେ ଅଧିକାଂଶ ଦେଖାଯାଉଥିବା ଲୁନା ମୈଥ ପ୍ରଜାତିର ବିରଳ ପ୍ରଜାପତି ବୁନ୍ଦେଲଖଣ୍ଡର ସାଗରରେ ଦେଖିବାକୁ ମିଳିଛି। ପୂର୍ବରୁ ଏହି ପ୍ରଜାତିର ପ୍ରଜାପତି ହିମାଳୟ, ଉତ୍ତରାଖଣ୍ଡ ଭଳି ଅଞ୍ଚଳରେ ନଜରକୁ ଆସୁଥିଲେ। ହେଲେ ବହୁତ ଲମ୍ବା ସମୟ ପରେ ଏହି ପ୍ରଜାତି ଭାରତରେ ଦେଖିବାକୁ ମିଳିଛି। ତେବେ ଏତେ ସମୟ ପରେ ବିରଳ ପ୍ରଜାପତି ଦେଖାଯିବା ଜୈବବିବିଧତା ପାଇଁ ଭଲ ସଙ୍କେତ ବୋଲି ଧରାଯାଉଛି। ପ୍ରାଣୀ ବିଜ୍ଞାନିକଙ୍କ କହିବା ମୁତାବକ, ଏହି ପ୍ରଜାତି କେବଳ ବିଦେଶରେ ଦେଖିବାକୁ ମିଳୁଥିବାବେଳେ ହିମାଳୟ, ଉତ୍ତରାଖଣ୍ଡ ଭଳି ସ୍ଥାନରେ ଦେଖାଯାଆନ୍ତି। ହେଲେ କିଛିବର୍ଷ ହେବ ଏହା ବିଲୁପ୍ତପ୍ରାୟ ଅଛନ୍ତି। ସାଗର ଜିଲାର ଜୈସିନଗର ବ୍ଲକର ମୋଚଲ ଗାଁରେ ଏହି ବିରଳ ପ୍ରଜାପତି ଦେଖାଯାଇଛି। ଗ୍ରାମପଞ୍ଚାୟତ ସଚିବ ନରେନ୍ଦ୍ର ସିଂ ଠାକୁରଙ୍କ ବଗିଚାରେ ଏହି ପ୍ରଜାପତି ଦେଖାଯାଇଥିଲା। ପ୍ରଜାପତି ଦେହର ରଙ୍ଗ ଧଳା ଏବଂ ଡେଣାର ରଙ୍ଗ ହଳଦିଆ। ଡାକ୍ତର ସର ହରି ସିଂ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନୀ ରୋଶନୀ ରାଜପୁତ କହିଛନ୍ତି, ବହୁ ବର୍ଷ ଧରି ଏହି ଲୁନା ମୈଥ ପ୍ରଜାତିର ପ୍ରଜାପତି ବିଲୁପ୍ତ ଥିଲା। ସାଧାରଣତଃ ପ୍ରଜାପତି କୌଣସି ସ୍ଥାନରେ ବସିବା ସମୟରେ ତାଙ୍କ ପରକୁ ବନ୍ଦ କରିଥାନ୍ତି। ଏହି ପ୍ରଜାତିର ପ୍ରଜାପତି ବସିବା ସମୟରେ ତାଙ୍କ ପରକୁ ସମ୍ପୂର୍ଣ୍ଣ ଖୋଲା କରିଥାନ୍ତି। ତାଙ୍କର ଏପରି ଶୈଳୀ ମାଧ୍ୟମରେ ସେ ଶତ୍ରୁଠାରୁ ନିଜକୁ ରକ୍ଷା କରିଥାନ୍ତି।



## ଏକତା ହିଁ ବଳ



### ଜାତୀୟ ଏକତା ଦିବସ

ମଣିଷ ଏକାଠି ରହିଲେ ବିଭିନ୍ନ ସମସ୍ୟାର ସହଜରେ ସମାଧାନ ହୋଇପାରିଥାଏ। ତେଣୁ କୁହାଯାଏ ଏକତା ହିଁ ସର୍ବଶ୍ରେଷ୍ଠ ଶକ୍ତି। ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରରେ ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ୧୯୬୨ ଅକ୍ଟୋବର ୨୦ରେ ଚାଇନା ୮୦ ହଜାର ସୈନ୍ୟ ନେଇ ଭାରତ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା। ଭାରତ ଯୁଦ୍ଧରେ ପରାସ୍ତ ହୋଇଥିଲା। କିନ୍ତୁ ସମଗ୍ର ଦେଶ ଏକଜୁଟ ହୋଇ ଚାଇନା କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଭାରତୀୟଙ୍କ ଦ୍ୱାରା ଯୁଦ୍ଧ ସମୟରେ ଏକ ହୃଦୟସ୍ପର୍ଶୀ ଏକତା, ଏକଜୁଟ ବୋଧ ଏବଂ ଦଳଗତ ଏକତା ପ୍ରଦର୍ଶିତ ହୋଇଥିଲା। ୧୯୬୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ଭାରତ-ଚାଇନା ଯୁଦ୍ଧ ସମୟର ଏକତାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରକୁ ଜାତୀୟ ଏକତା ଦିବସ ରୂପେ ପାଳନ କରିବାକୁ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା।

## କ୍ୟାଟ୍ରିନା ଗର୍ଭବତୀ ଥିବା ଚର୍ଚ୍ଚା

**ମୁମ୍ବାଇ:** ନିକଟରେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ତାଙ୍କ ଆଗାମୀ ଫିଲ୍ମ 'ଟାଇଗର ୩' ନେଇ ବେଶ୍ ଚର୍ଚ୍ଚାରେ ରହୁଛନ୍ତି। ତେବେ ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅଭିନେତା ଭିକ୍କି କୌଶଲଙ୍କ ସ୍ତ୍ରୀ କ୍ୟାଟ୍ରିନା ପୁଣି ଥରେ ଗର୍ଭବତୀ ଥିବା ଶୁଣିବାକୁ ମିଳିଛି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କ୍ୟାଟ୍ରିନା ଗର୍ଭବତୀ ଥିବା ଅନୁମାନ କରାଯାଉଛି। ନିକଟରେ କ୍ୟାଟ୍ରିନା ତାଙ୍କ ଫିଲ୍ମର ପ୍ରମୋଶନ୍ ପାଇଁ ହାଇଦ୍ରାବାଦରେ ପହଞ୍ଚିଥିଲେ। ସେଠାରୁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ତାଙ୍କ ପେଟକୁ ଓଢ଼ଣାରେ ଢାଙ୍କିଥିବା ନଜର ଆସିଛନ୍ତି। ଏଥିରୁ ସେ ତାଙ୍କ ବେବି ବମ୍ପ୍‌କୁ ଲୁଚାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ହେଲେ ଏଥିନେଇ କ୍ୟାଟ୍ରିନା କିଛି ମତ ରଖିନାହାନ୍ତି। ତେବେ କ୍ୟାଟ୍ରିନାଙ୍କ ଆଗାମୀ ଫିଲ୍ମ 'ଟାଇଗର ୩'ରେ ସେ ପୁଣି ଥରେ ଜୋୟା ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ଦୀପାବଳିରେ ମୁକ୍ତିଲାଭ କରିବ। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ନିଜ ଅଭିନୟ ଯାଦୁରେ ସେ ଅନେକଙ୍କ ପସନ୍ଦ ହୋଇପାରିଛନ୍ତି। ସେ ଆଗକୁ 'ମେରି ଖ୍ରୀଷ୍ଟମାସ୍'ରେ ମଧ୍ୟ ନଜରକୁ ଆସିବେ।



**ମେଟ୍ରୋ ପ୍ରକଳ୍ପ ପାଇଁ ଡିପିଆର୍, ବିଜ୍ଞାପନରେ ଅଟକିଯାଇଛନ୍ତି ସରକାର: ଭାଜପା**

**ଭୁବନେଶ୍ୱର, (ସୁନିତ୍ ମିଶ୍ର):** ଦେଶର ୨୨ ସହର ମେଟ୍ରୋ ରେଳ ସୁବିଧା ପାଇସାରିଲା ପରେ ଏବେ ରାଜ୍ୟ ସରକାରଙ୍କର ମେଟ୍ରୋ କଥା ମନେପଡ଼ିଛି। ଆଉ ଓଡ଼ିଶା ସରକାର ଡିପିଆର୍, ବିଜ୍ଞାପନରେ ଅଟକି ଯାଇଛନ୍ତି ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଡିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଜପା ନେତାଙ୍କୁ ନୀତୀଶଙ୍କ ପ୍ରଶଂସା

ପାଟନା,୧୯।୧୦

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗୁରୁବାର ଏକ କାର୍ଯ୍ୟକ୍ରମରେ ଭାଜପା ନେତାମାନଙ୍କୁ ପ୍ରଶଂସା କରିବା



ନୀତୀଶ କୁମାର

ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ବଞ୍ଚିଥିବା ପର୍ଯ୍ୟନ୍ତ ଭାଜପା ନେତାମାନଙ୍କ ସହ ବନ୍ଧୁତା ଓ ସମ୍ପର୍କ ଜାରି ରହିବ ବୋଲି ନୀତୀଶ କହିଥିଲେ। ଉକ୍ତ ସଭାରେ ନରେନ୍ଦ୍ର ମୋଦି ସରକାରଙ୍କୁ ବିହାର ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ବିରୋଧୀ ଭାଜପା ପ୍ରତି ନୀତୀଶ ପୁଣିଥରେ ଆକର୍ଷିତ ହେଉଥିବା ଚର୍ଚ୍ଚା ହେଉଛି। ମୋତିହାରିସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ନୀତୀଶ କହିଥିଲେ, ଆମେ ସମସ୍ତେ ବନ୍ଧୁ। ଆମ ଭିତରେ ମତ ପାର୍ଥକ୍ୟ ରହିଛି, ଅର୍ଥ ନୁହେଁ ଆମର ବନ୍ଧୁତ୍ୱ ତୁଟିଯାଇଛି। ଜୀବନ ଥିବା ପର୍ଯ୍ୟନ୍ତ ସେମାନେ ମୋ ସହ ଯୋଡ଼ିହୋଇରହିବେ ଓ ଆମେ ଏକାଠି କାମ କରିବୁ। ଉକ୍ତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଏବଂ ଭାଜପା ଏମ୍‌ପି ରାଧାମୋହନ ସିଂ ଉପସ୍ଥିତ ଥିଲେ। ଭାଜପା ବିରୋଧରେ ଇଣ୍ଡିଆ ମେଣ୍ଟରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରାଇବା ଲାଗି ଉଦ୍ୟମର ନେତୃତ୍ୱ ନେଉଥିବା ନୀତୀଶ ମୋତିହାରିରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି କେନ୍ଦ୍ର ସରକାରଙ୍କୁ ଶ୍ରେୟ ଦେଇଥିଲେ। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ସେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏହାକୁ ଉକ୍ତ ସରକାର କାର୍ଯ୍ୟକାରୀ କରି ନ ଥିଲା ବୋଲି କହି ନୀତୀଶ ସମାଲୋଚନା କରିଥିଲେ।

# ତେଲଙ୍ଗାନାରେ ଜାତି ଜନଗଣନା କରାଯିବ: ରାହୁଲ



ତେଲଙ୍ଗାନାରେ କଂଗ୍ରେସର 'ବିଜୟଭେରି ଯାତ୍ରା' ଅବସରରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ,୧୯।୧୦

ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା କରାଯିବ ବୋଲି ଦଳର ନେତା ରାହୁଲ ଗାନ୍ଧୀ ଗୁରୁବାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେଲଙ୍ଗାନା ବିଧାନସଭା ନିର୍ବାଚନ ନଭେମ୍ବର ୩୦ରେ ଅନୁଷ୍ଠିତ ହେବାକୁ ଯାଉଛି। ଦଳର 'ବିଜୟଭେରି ଯାତ୍ରା'ରେ ଭୁପଲପାଲିରୁ ପେଡ୍ଡାପାଲ୍ଲି ଯିବା ବାଟରେ ଏକ ପଥପ୍ରାନ୍ତ ସଭାକୁ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଜାତି ଜନଗଣନା ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଜାତି ଜନଗଣନା ଦେଶ ଆଗରେ ଏକ ବଡ଼ ପ୍ରସଙ୍ଗ। ଦଳିତ, ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଲୋକଲୋଚନକୁ ଆଣିବା ଲାଗି ଜାତିଗତ ସର୍ଭେ ଏକ୍ସ-ରେ ସଦୃଶ ବୋଲି ସେ କହିଛନ୍ତି। ଦେଶର ପାଣ୍ଠି କିପରି ବିନିଯୋଗ ହେବ, ତାହା ଏଥିରୁ ନିର୍ଦ୍ଧାରଣ କରାଯିବ। ମୋଦି ଏବଂ କେସିଆର କେବେ ଜାତି ଜନଗଣନା କରିବେ ବୋଲଇ ଜନସାଧାରଣ ପ୍ରଶ୍ନ ପଚାରିବାକୁ କଂଗ୍ରେସ ନେତା ଆହ୍ୱାନ ଦେଇଛନ୍ତି। କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ଼, ରାଜସ୍ଥାନ ଏବଂ କର୍ନାଟକରେ ଜାତି ଜନଗଣନା ପାଇଁ କୁହାଯାଇଛି। ତେଲଙ୍ଗାନାରେ କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଜନଗଣନା ଏହି ସରକାରର ପ୍ରଥମ କାର୍ଯ୍ୟ ହେବ ବୋଲି ରାହୁଲ କହିଛନ୍ତି।

# ଜେଡିଏସ୍ ରାଜ୍ୟ ସଭାପତି ପଦରୁ ଇବ୍ରାହିମ୍ ବିଦା

**ବେଙ୍ଗାଲୁରୁ,୧୯।୧୦:** ଜେଡିଏସ୍‌ର କର୍ନାଟକ ରାଜ୍ୟ ସଭାପତି ପଦରୁ ସିଏମ୍ ଇବ୍ରାହିମ୍‌ଙ୍କୁ ଗୁରୁବାର ହଟାଇ ଦିଆଯାଇଛି। ଏନେଇ ଦଳ ମୁଖ୍ୟ ଏଚ୍‌ଡି ଦେବେଗୌଡା କହିଛନ୍ତି, ଦଳର ସମ୍ବିଧାନ ଅନୁଯାୟୀ ଆମେ ଇବ୍ରାହିମଙ୍କୁ ହଟାଉଛୁ। ଅପରପକ୍ଷେ ଦେବେଗୌଡାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ଦଳର କାର୍ଯ୍ୟକାରୀ ପ୍ରଦେଶ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ନିକଟରେ ଇବ୍ରାହିମ୍ କହିଥିଲେ, ଆମେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସହ ମେଣ୍ଟକୁ ଗ୍ରହଣ କରୁନାହୁଁ। ଏନେଇ ସେ ଦଳର କେତେକ ନେତାଙ୍କ ସହ ବୈଠକ କରିଥିଲେ। ଏହା ପରେ ସେ ଘୋଷଣା କରିଥିଲେ ଯେ, ତାଙ୍କ ସହିତ ଥିବା ନେତା ପ୍ରକୃତ ଜେଡିଏସ୍। ଆଉ ଆମେ ଦଳର ମୁଖ୍ୟ ଏଚ୍‌ଡି ଦେବେଗୌଡାଙ୍କୁ ଭାଜପା ସହ ନ ଯିବାକୁ କହିବୁ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
**ମୁଦ୍ରା ଫାଇନାନ୍ସ**
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
Mob. 7382841797
7618668625

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ଚାହୁଁଛି, ହେଲେ ପଦ ମୋତେ ଛାଡୁନାହିଁ: ଗେହଲଟ୍

**ନୂଆଦିଲ୍ଲୀ,୧୯।୧୦ :** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେବାକୁ ଚାହୁଁଥିଲେ ମଧ୍ୟ ପଦବୀ ମୋତେ ଛାଡୁନାହିଁ ଏବଂ ଭବିଷ୍ୟତରେ ସମ୍ଭବତଃ ଛାଡ଼ି ନ ପାରେ ବୋଲି ଅଶୋକ ଗେହଲଟ୍ ଗୁରୁବାର କହିଛନ୍ତି। ତେବେ ତାଙ୍କଠାରେ ଏପରି କିଛି ରହିଛି, ଯେଉଁଥିପାଇଁ ଦଳ ହାଇକମାଣ୍ଡ ତାଙ୍କୁ ରାଜ୍ୟରେ ତୃତୀୟ ଥର ପାଇଁ ନେତୃତ୍ୱ ନେବା ନିମନ୍ତେ ବାଛିଛନ୍ତି। ଦଳର ନେତୃତ୍ୱ ଯେକୌଣସି ନିଷ୍ପତ୍ତି ନେବେ, ତାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ କହିଛନ୍ତି।



**ଅଭିନନ୍ଦନ**
ଶାରଦୀୟ ଦୁର୍ଗାପୂଜା ଓ ମା' ମାଣିକେଶ୍ୱରୀ ଛତର ଯାତ୍ରା ଉପଲକ୍ଷେ କଳାହାଣ୍ଡିବାସୀ ତଥା କାଣ୍ଡେଲ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ମୋର ଆୟୁର୍ବେଦିକ ସେବା ସଦନରେ ସମସ୍ତ ପ୍ରକାରର ରୋଗୀଙ୍କୁ ସୁଲଭ ମୂଲ୍ୟରେ ଚିକିତ୍ସା କରାଯାଏ ।



**ଡଃ.ସଦାନନ୍ଦ ପୁଟେଲ**
ଶ୍ରେଷ୍ଠ ଯୁବ ଚାଷୀ ତଥା ବିଶିଷ୍ଟ ସମାଜସେବକ, କାଣ୍ଡେଲ, କେସିଙ୍ଗା,କଳାହାଣ୍ଡି

# ଅନୁସୂଚିତ ବର୍ଗ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଆଗ୍ରହୀ ନୁହନ୍ତି: ଜୁଏଲ

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା ସମୁଦାୟ ଜନସଂଖ୍ୟାରୁ ଅନୁସୂଚିତ ଜାତି ବର୍ଗଙ୍କ ସଂଖ୍ୟା ପ୍ରାୟ ୨୦% ହେବ। ହେଲେ ଅନୁସୂଚିତ ଜାତି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ ଆଦି କୌଣସି ଗୋଟିଏ କ୍ଷେତ୍ରରେ ସଂରକ୍ଷଣର ଶତପ୍ରତିଶତ ସୁବିଧା ସୁଯୋଗ ଦିଆଯାଇନାହିଁ । ରାଜ୍ୟରେ ଅନୁସୂଚିତ ଜାତି ବର୍ଗର ବିକାଶ ଓ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଏସ୍‌ସି ଆଡଭାଇଜରି କମିଟି ବୈଠକ ମଧ୍ୟ ଆଦୌ ବସୁନାହିଁ। ଦୀର୍ଘଦିନ ଧରି ରାଜ୍ୟରେ ଅନୁସୂଚିତ ବର୍ଗର ଲୋକଙ୍କ ସମସ୍ୟା ସମାଧାନ ଓ ବିକାଶ ପାଇଁ ରାଜ୍ୟ ସରକାର ଆଦୌ ଆଗ୍ରହୀ ନୁହନ୍ତି। ସେହିପରି ଅନୁସୂଚିତ ଛାତ୍ରବୃତ୍ତି ପ୍ରଦାନରେ ରାଜ୍ୟ ସରକାର ବହୁ ବିଳମ୍ବ କରୁଛନ୍ତି ବୋଲି ଭାଜପା ଏମ୍‌ପି ଜୁଏଲ ଓରାମ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ରାଜ୍ୟ ପଦାଧିକାରୀ, ଜିଲା ପ୍ରଭାରୀ ଓ ଜିଲା ସଭାପତିମାନଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଜୁଏଲ ଯୋଗଦେଇ ବିସ୍ତୃତଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ସାଙ୍ଗଠନିକ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ନ୍ୟାଯ୍ୟ ଅଧିକାର ଉପରେ ଆଲୋଚନା କରିଥିଲେ।

# ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଟଙ୍କାର ଟେଣ୍ଡର କରି ଲୁଟ୍ ଚାଲିଛି: କଂଗ୍ରେସ

ଭୁବନେଶ୍ୱର, ୧୯।୧୦(ସୁନିତ୍ ମିଶ୍ର)

ରାଜଧାନୀ ସ୍ଥିତ ନିର୍ମାଣ ସୌଧଠାରେ ଅବସ୍ଥିତ ଆର୍ ଆଣ୍ଡ ବି(ସିଭିଲ)ର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କଂଗ୍ରେସ ନେତା ମାନସ ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଗୁରୁବାର ଘେରାଉ କରାଯାଇଥିଲା। ବରଗଡ଼ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଟେଣ୍ଡର କରାଯାଇ ରାଜ୍ୟ ରାଜକୋଷ ଅର୍ଥକୁ ସରକାର ଲୁଟ୍ କରୁଥିବା ଅଭିଯୋଗ ଆଣି କଂଗ୍ରେସ ଏହି ଘେରାଉ କରିଛି। ତେବେ ଏହି ଦୁର୍ନୀତିରେ ଆର୍ ଆଣ୍ଡ ବି (ସିଭିଲ) ବିଭାଗର ଜଣେ ବରିଷ୍ଠ ଅଧିକାରୀ ମୁଖ୍ୟ ଭୂମିକା ତୁଲାଉଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଆହୁରି କହିଛି, ସେହି ଅଫିସରଙ୍କ ନିର୍ଦ୍ଦେଶରେ ଟେଣ୍ଡର ଫିକ୍ସିଂ ହେଉଛି। ତାଙ୍କ ତତ୍ତ୍ୱାବଧାନରେ ବରଗଡ଼ ଜିଲାରେ ଅଧିକ ମୂଲ୍ୟର ଟେଣ୍ଡର କରାଯାଇ ସରକାରୀ ଅର୍ଥକୁ ହରିଲୁଟ କରାଯାଉଛି। ନିର୍ବାଚନ ଖର୍ଚ୍ଚ ପାଇଁ ଏଭଳି ଅସାଧୁ ଉପାୟ ଅବଲମ୍ବନ କରାଯାଉଛି। ଯଦି ଏହି ଦୁର୍ନୀତିରେ ସଂଶ୍ଲିଷ୍ଟ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

**Classified Everyday**
**0674-2580101, 2549949**



REAL ESTATE

**SALE**

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**Twincity** ମଧ୍ୟଭାଗରେ **Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ- 7008833643. D-75245

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, **30' road,** ଘରବାରି **Boundary,** ଥାଇ ପ୍ଲଟ୍‌ମିଳୁଛି- **9348884684.** D-75244

Plot sale near AIIMS Hospital, Bhubaneswar. Contact: 9777433701. D-75240

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛଟାବର- 500/-, ନଖରା SC/Gen plot-300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

**Flat for sale 3BHK at Bijunagar, Patia Rs.90lakhs. M: 9827769868, Phone No.- 06743513969.** D-71065

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75243

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589




Spa Kerala body Massage only best Therapist @699/- Bhubaneswar. 9337672475. D-1602

**Full body relax massage refresh your body with trend therapist. 9827090587.** D-1580

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

Newly open health benefits Spa special offer @ 999. Contact: 7749034655. D- 75157

**Full body massage by expert therapist positively health benefits. 9938843929.** D-75159

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

**LOST**

ମୁଁ ଶ୍ରୀ ସୁକାନ୍ତ କୁମାର ପରିଡା, ପିତା-ତ୍ରିନାଥ ପରିଡା, (ଗ୍ରାମ)/ (ପୋଷ୍ଟ)/(ପୋଲିସ)- ବେଣ୍ଟପୁର, କଟକପଡା, ଜିଲ୍ଲା- ପୁରୀ, ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ ମୋର ଗୋଟିଏ କବଲା ନଂ- ୧୧୪୮୧୧୦୭୨୭୦ ଏବଂ ଗୋଟିଏ ପଟ୍ଟା ଖାତା ନଂ- ୧୦୨/ ୨୭୪ ଏ.୦.୧୨ ଡିସିମିଲ, ମୌଜା- କଟକପଡା, ତା- ୧୨.୧୦.୨୦୨୩ ଦିନ ମୋର କୌଣସି ଅସାବଧାନ ଯୋଗୁ ସବ୍‌ରେଜିଷ୍ଟ୍ରର ଅଫିସରେ ଓରିଜିନାଲ ପଟ୍ଟା ଓ କବଲା ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି, ଉକ୍ତ କବଲା ଏବଂ ପଟ୍ଟାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛି।
ଓକିଲ- ଦିପକ କୁମାର ସାହୁ, ମୋ- ୬୭୩୭୦୫୮୭୮୫ D-1614

Notice is hereby given from Sri Jayanarayan Mohapatra that at present, I have lost the original ROR No. 521/2866 which was kept in my handbag while going to Court from my residence at Puri on dt 15.10.2023 and despite my best efforts, failed to trace the same. Therefore, if anybody has found the same, please contact with my Mobile Number: 9438320540. D-1616

**AFFIDAVIT**

I, Vinod Bhura, S/o- Late Shantilal Bhura, resident of Block-A, Flat No- 163, Pahal, Utkal Heights, NH-16, Pahal, Bhubaneswar, Bhubanpur, Khorda, Odisha- 752101 declare by this affidavit No- C.F-13, Date.- 21.07.2023 that now onwards I shall be known as VINOD KUMAR BHURA for all future purposes. D-1615

By an affidavit before Notary Public, Rayagada, I have changed my name from IPPILI SUSHMA to IPPILI PRABHAVATHI for purposes. D-1613

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା**
ଆବିର୍ଭାବ: ୨୦।୦୭।୧୯୬୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୨ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ମାତା: ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ବନ୍ଧୁବର୍ଗ।
ଧ-୧୬୦୮

**ତୃତୀୟ ଶ୍ରାଦ୍ଧବାର୍ଷିକୀ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏଅଚ୍ୟୁତାନନ୍ଦ ସାହୁ**
ତିରୋଧାନ : ୨୨.୦୯.୨୦୨୦
ଜନ୍ମସ୍ଥାନ: ଗାଡ଼କଣ, ବାସସ୍ଥାନ: ଇଞ୍ଜଣା
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା, ତୁମେ ସର୍ବଦା ମନେପଡୁଛ। ଯେଉଁଠି ଥାଅ, ଯେପରି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଏବଂ ପରୋପକାରିତା ସର୍ବଦା ଆମ୍ଭମାନଙ୍କ ପାଇଁ ଅତୁଟ ହୋଇ ରହିବ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ : ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୭୫୨୪୬

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ବାଂଲାଦେଶ ବିପକ୍ଷ ମ୍ୟାଚ ଉପଭୋଗ ଅବସରରେ ଉଲ୍ଲସିତ ଭାରତୀୟ ଦର୍ଶକ।



ଉଇକେଟ ନେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଯଶପ୍ରୀତ୍ ବୁମ୍ରା।

## ଆହତ ହୋଇ ପଡ଼ିଆ ଛାଡ଼ିଲେ ପାଣ୍ଡ୍ୟା



ହାର୍ଦ୍ଦିକ ପାଣ୍ଡ୍ୟା

**ପୁଣେ,୧୯।୧୦(ପି.ଟି.)**

ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇ ପଡିଆ ଛାଡିଛନ୍ତି। ପୁଣେରେ ଖେଳା ଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚରେ ବୋଲିଂ କରୁଥିବା ସମୟରେ ସେ ଆହତ ହୋଇଥିଲେ। ମ୍ୟାଚ୍‌ର ନବମ ଓଭର ବୋଲିଂ କରିବାକୁ ଆସିଥିବା ପାଣ୍ଡ୍ୟା ବୋଲିଂ ଫଲୋ ଥ୍ରୁରେ ବଲ୍ ରୋକିବାକୁ ପ୍ରୟାସ କରିଥିବା ବେଳେ ତାଙ୍କ ଗୋଇଠି ମୋଡି ହୋଇ ଯାଇଥିଲା। ଓଭରର ତୃତୀୟ ବଲରେ ଲିଟନ୍ ଦାସ ଏକ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିବା ବେଳେ ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ପାଣ୍ଡ୍ୟା। ବଲ୍ ରୋକିପାରି ନ ଥିବା ବେଳେ ଗୋଡ ଘୋଷାଡି ହୋଇ ଯାଇଥିଲା। ପାଣ୍ଡ୍ୟା ଛିଡା ହେବାକୁ ଅସମର୍ଥ ଥିବାବେଳେ ବିରାଟ କୋହଲି ଆଉ ୩ଟି ବଲ୍ ପକାଇ ଓଭର ସମାପ୍ତ କରିଥିଲେ। ସୂର୍ଯ୍ୟକୁମାର ଯାଦବ ସବ୍‌ଷ୍ଟିଚ୍ୟୁଟ୍ ଫିଲ୍ଡର ଭାବରେ ପଡିଆକୁ ଆସିଥିଲେ। ବିସିସିଆଇ ମେଡିକାଲ ଟିମ୍ ହାର୍ଦ୍ଦିକଙ୍କ ଯତ୍ନ ନେଉଥିବା ବେଳେ ସ୍କାନ ପରେ ରିପୋର୍ଟ ଆସିବ ବୋଲି ଜଣାପଡିଛି। ବିଶ୍ୱକପରେ କୋହଲିଙ୍କର ଏହା ଚତୁର୍ଥ ଓଭର। ପୂର୍ବରୁ ୨୦୧୧ କ୍ରିକେଟ ବିଶ୍ୱକପର କ୍ୱାର୍ଟର ଫାଇନାଲ ଓ ଫାଇନାଲରେ ସେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଏହା ବ୍ୟତୀତ ୨୦୧୫ ଅଷ୍ଟ୍ରେଲିଆ ବିପକ୍ଷ ସେମି ଫାଇନାଲରେ ମଧ୍ୟ ୧ ଓଭର ବୋଲିଂ କରିଥିଲେ।

### ଭାରତ-ବାଂଲାଦେଶ ସ୍କୋର ବୋର୍ଡ

**ବାଂଲାଦେଶ ଇନିଂସ**
ତାନଜିଦ୍ ହସନ- ଏଲବିଡବ୍ଲ୍ୟୁ- କୁଲଦୀପ-୫୧
ଲିଟନ ଦାସ-କ-ଗିଲ୍-ବୋ-ଜାଡେଜା-୬୬
ନାଜମୁଲ ହୋସେନ ଶାନ୍ତୋ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୮
ମେହିଦି ହସନ ମିରାଜ-କ-ରାହୁଲ-ବୋ-ସିରାଜ-୩
ତୋହିଦ ହ୍ରିଦୟ-କ-ଗିଲ୍-ବୋ-ଠାକୁର-୧୬
ମୁସ୍‌ଫିକର ରହିମ-କ-ଜାଡେଜା-ବୋ-ବୁମ୍‌ରା-୩୮
ମହମୁଦୁଲ୍ଲା-ବୋ-ବୁମ୍‌ରା-୪୬
ନାସୁମ ଅହମଦ-କ-ରାହୁଲ-ବୋ-ସିରାଜ-୧୪
ମୁସ୍ତାଫିଜୁର ରହମନ-ନଟଆଉଟ-୧
ଶୋରିଫୁଲ୍ ଇସ୍‌ଲାମ-ନଟଆଉଟ-୭
ଅତିରିକ୍ତ-୬
**ମୋଟ:** (୫୦ ଓଭର/୮ ଉଇକେଟ) ୨୫୬ ରନ।
**ଉଇକେଟ ପତନ:** ୧/୯୩, ୨/୧୧୦, ୩/୧୨୯, ୪/୧୩୭, ୫/୧୭୯, ୬/୨୦୧, ୭/୨୩୩, ୮/୨୪୮।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦-୧-୪୧-୨
ମହମଦ ସିରାଜ ୧୦-୦-୬୦-୨
ହାର୍ଦ୍ଦିକ ପାଣ୍ଡ୍ୟା ୦.୩-୦-୮-୦
ବିରାଟ କୋହଲି ୦.୩-୦-୨-୦
ଶାର୍ଦ୍ଦୂଳ ଠାକୁର ୯-୦-୫୯-୧
କୁଲ୍‌ଦୀପ ଯାଦବ ୧୦-୦-୪୭-୧
ରବୀନ୍ଦ୍ର ଜାଡେଜା ୧୦-୦-୩୮-୨।
**ଭାରତ ଇନିଂସ**
ରୋହିତ ଶର୍ମା-କ-ତୋହିଦ ହ୍ରିଦୟ-ବୋ-ହସନ ମହମୁଦ-୪୮
ଶୁବମନ ଗିଲ୍-କ-ମହମୁଦୁଲ୍ଲା-ବୋ-ମେହିଦି ହସନ-୫୩
ବିରାଟ କୋହଲି-ନଟ ଆଉଟ-୧୦୩
ଶ୍ରେୟସ ଆୟର-କ- ମହମୁଦୁଲ୍ଲା-ବୋ-ମେହିଦି ହସନ ମିରାଜ-୧୯
କେ.ଏଲ୍. ରାହୁଲ- ନଟ ଆଉଟ-୩୪
ଅତିରିକ୍ତ:-୪
**ମୋଟ:** (୪୧.୩ ଓଭର/୩ ଉଇକେଟ) ୨୬୧ ରନ।
**ଉଇକେଟ ପତନ:** ୧/୮୮, ୨/୧୩୨, ୩/୧୭୮।
**ବୋଲିଂ (ବାଂଲାଦେଶ)**
ଶୋରିଫୁଲ୍ ଇସ୍‌ଲାମ ୮-୦-୫୪-୦
ମୁସ୍ତାଫିଜୁର ରହମନ ୫-୦-୨୯-୦
ନାସୁମ ଅହମଦ ୯.୩-୦-୬୦-୦
ହସନ ମହମୁଦ ୮-୦-୬୫-୧
ମେହିଦି ହସନ ମିରାଜ ୧୦-୦-୪୭-୨
ମହମୁଦୁଲ୍ଲା ୧-୦-୬-୦।

## ବ୍ୟାଟିଂ, ବୋଲିଂରେ ଉନ୍ନତି ଲକ୍ଷ୍ୟ

**ବେଙ୍ଗାଲୁରୁ,୧୯।୧୦(ପି.ଟି.)**

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଶ୍ୱକପ୍‌ର ୧୮ତମ ମ୍ୟାଚ୍‌ରେ ଶୁକ୍ରବାର ପରସ୍ପରକୁ ଭେଟିବେ ପାକିସ୍ତାନ ଓ ଅଷ୍ଟ୍ରେଲିଆ। ଉଭୟ ଦଳ ଏହି ମ୍ୟାଚ୍‌ରେ ନିଜର ବ୍ୟାଟିଂ ଓ ବୋଲିଂରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଅଷ୍ଟ୍ରେଲିଆ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ବେଳେ ପାକିସ୍ତାନର ବ୍ୟାଟିଂ ଓ ବୋଲିଂ ଦୁର୍ବଳତା ଭାରତ ବିପକ୍ଷ ମ୍ୟାଚରେ ପଦାରେ ପଡିଛି। ଉଭୟ ଦଳର ବ୍ୟାଟିଂ ଓ ବୋଲିଂରେ ତଥା ଦଳ ଚୟନକୁ ନେଇ ରହିଥିବା ଦୁର୍ବଳତାକୁ ଏଡାଇବାକୁ ଚେଷ୍ଟା କରିବେ। ପାକିସ୍ତାନ ଦଳ ସର୍ବଦା ଚାପରେ ଭଲ ପ୍ରଦର୍ଶନ କରିଥାଏ। ଏହାର ଉଦାହରଣ ହେଉଛି ୧୯୯୨ ବିଶ୍ୱକପ୍। ଦଳ ଯେଉଁ ସ୍ଥିତିରୁ ଯାଇ ବିଶ୍ୱକପ୍ ଜିତିଥିଲା ତାହା ପ୍ରଶଂସନୀୟ। ଶ୍ରୀଲଙ୍କା ବିପକ୍ଷରେ ୩୪୫ ରନ୍‌କୁ ସଫଳତାର ସହ ଚେଜ୍ କରି ବିଶ୍ୱରେକର୍ଡ କରିଥିବା ବେଳେ ଭାରତ ବିପକ୍ଷରେ ମାତ୍ର ୧୯୧ ରନ୍‌ରେ ଅଲଆଉଟ ହୋଇ ଅସ୍ଥିର ପ୍ରଦର୍ଶନର ଉଦାହରଣ ଦେଇଥିଲା। ଅନ୍ୟପକ୍ଷରେ ୫ ଥରର ବିଶ୍ୱ ଚାମ୍ପିୟନ ସର୍ବଦା ନିଜର ଲଢୁଆ ମନୋଭାବ ପାଇଁ ପ୍ରସିଦ୍ଧ। ପ୍ରଥମ ଦୁଇ ମ୍ୟାଚ୍ ହାରିଥିଲେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଦଳ ଆତ୍ମବିଶ୍ୱାସରେ ରହିଥିବା ବେଳେ ଏହା ପାକିସ୍ତାନ ବିପକ୍ଷରେ ସହାୟକ ହେବ। ସେହିପରି ଉଭୟ ଦଳ ମଧ୍ୟରେ ଦିନିକିଆ ପ୍ରଦର୍ଶନକୁ ଧ୍ୟାନରେ ରଖିଲେ ଅଷ୍ଟ୍ରେଲିଆ ଆଗୁଆ ରହିବ। ପାକିସ୍ତାନ ବିପକ୍ଷରେ ଦଳର ବିଜୟ ରେକର୍ଡ ୬୯-୩୪ ରହିଥିବା ବେଳେ ଦିନିକିଆ ବିଶ୍ୱକପ୍‌ରେ ଏହି ରେକର୍ଡ ୬-୪ ରହିଛି।



ଅଧିନାୟକ ବାବର ଆଜମଙ୍କ ସହ ପାକିସ୍ତାନ ଦଳର ଅଭ୍ୟାସ।

ପାକିସ୍ତାନ ଦଳର ଟପ୍ ଅର୍ଡର ବର୍ତ୍ତମାନ ସୁଦ୍ଧା କ୍ଲିକ୍ କରିନାହିଁ। ଫାଖର ଜମାନ ବାଦ୍ ପଡିଥିବା ବେଳେ ଇମାମ୍ ଉଲ ହକ୍ ୩ ମ୍ୟାଚ୍‌ରୁ ମାତ୍ର ୬୩ ରନ୍ ସଂଗ୍ରହ କରିଛନ୍ତି। ଅନ୍ୟତମ ଓପନର ଅବଦୁଲ୍ଲା ଶଫିକ୍ ଗୋଟିଏ ଶତକ ହାସଲ କରିଥିବା ବେଳେ ତାଙ୍କୁ ଇମାମଙ୍କ ସହାୟତା ଆବଶ୍ୟକ। ସେହିପରି ପାକିସ୍ତାନ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ଥିବା ବାବର ଆଜମଙ୍କ ବ୍ୟାଟ ଚଳିତ ଟୁର୍ନାମେଣ୍ଟରେ ନୀରବ ରହିଛି। ଭାରତ ବିପକ୍ଷରେ ଏକ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ବାବର ନେଦରଲାଣ୍ଡ୍ସ ଓ ଶ୍ରୀଲଙ୍କା ବିପକ୍ଷରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆର ଦୃଢ ପେସ୍ ବୋଲିଂ ଲାଇନଅପ୍ ବିପକ୍ଷରେ ବାବର କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଇକେଟ କିପର ମହମ୍ମଦ ରିଜ୍‌ୱାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ପ୍ରତି ମ୍ୟାଚ୍‌ରେ ସେ ଭଲ ସ୍କୋର କରିବା ସହ ପାକିସ୍ତାନକୁ ଏକାକୀ ମ୍ୟାଚ୍ ବିଜୟୀ କରିଛନ୍ତି। ଅନ୍ୟପକ୍ଷରେ ମଧ୍ୟକ୍ରମରେ ସୌଦ୍ ଶକିଲ୍ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରୁଛନ୍ତି। ତେବେ ଇଫତିଖାର ଅହମଦଙ୍କ ଫର୍ମ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପାକିସ୍ତାନ ବୋଲର ଅତ୍ୟନ୍ତ ସାଧାରଣ ବୋଲିଂ କରିଛନ୍ତି। ପେସର୍ ଶାହିନ୍ ଆଫ୍ରିଦି ଓ ହାରିସ୍ ରୌଫ୍ ନିଜ ପୂର୍ବ ଫର୍ମ ବଜାୟ ରଖିବାରେ ସମର୍ଥ ହୋଇ ନ ଥିବା ବେଳେ ଦୁଇ ସ୍ପିନର ଶାଦାବ ଖାନ୍ ଓ ମହମ୍ମଦ ନୱାଜଙ୍କ ପ୍ରଦର୍ଶନ ଦୁର୍ବଳ ରହିଛି। ଏହି ମ୍ୟାଚ୍‌ରେ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଉସାମା ମୀରଙ୍କୁ ଖେଳାଇପାରେ ପାକିସ୍ତାନ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛି। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳ ଶୋଚନୀୟ ପରାଜୟ ବରଣ କରିଥିବା ବେଳେ ଏହା ଦଳର ବ୍ୟାଟିଂ ଲାଇନ୍‌ଅପ୍ ଉପରେ ସୃଷ୍ଟି କରିଥିଲା ବଡ ପ୍ରଶ୍ନବାଚୀ। ମାର୍ନସ୍ ଲାବୁଶେନ୍ ଏକମାତ୍ର ଅଷ୍ଟ୍ରେଲୀୟ ବ୍ୟାଟର ଭାବରେ ୩ ମ୍ୟାଚ୍‌ରୁ ୧୦୦ ରୁ ଅଧିକ ରନ୍ ସ୍କୋର କରିଛନ୍ତି। ବ୍ୟାଟିଂ ୟୁନିଟ୍ ଭାବରେ ଅଷ୍ଟ୍ରେଲିଆକୁ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଦଳର ପେସ୍ ବୋଲରମାନେ ଚମତ୍କାର ବୋଲିଂ କରିଥିବା ବେଳେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଦଳ ପାଖରେ ଆଉ କ୍ୱାଲିଟି ସ୍ପିନର ନାହାନ୍ତି। ସେହିପରି ଚିନ୍ନାସ୍ୱାମୀର ବାଉନ୍ସି ଉଇକେଟ ଓ ଛୋଟ ଗ୍ରାଉଣ୍ଡ ଅଷ୍ଟ୍ରେଲିଆ ଦଳ ପାଇଁ ବେଶ୍ ଲାଭଦାୟକ ରହିବ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ପାକିସ୍ତାନ ଆରମ୍ଭରୁ ରାଜି ନ ଥିବା ବେଳେ ଏହା ଅଷ୍ଟ୍ରେଲିଆକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହିତ ଏହି ମ୍ୟାଚ୍‌ରେ ରନ୍ ଭୋଜି ଦେଖିବାକୁ ମିଳିବ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**
**ଅଷ୍ଟ୍ରେଲିଆ ବନାମ ପାକିସ୍ତାନ**
**ସ୍ଥାନ: ବେଙ୍ଗାଲୁରୁ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଶ୍ରୀଲଙ୍କା ଦଳରେ ଯୋଗଦେବେ ମାଥ୍ୟୁସ, ଚାମିରା

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ଭେଟେରାନ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ଓ ପେସ୍ ବୋଲର ଦୁଷ୍ମନ୍ତ ଚାମିରା ଶୁକ୍ରବାର ଶ୍ରୀଲଙ୍କା ଦଳରେ ରିଜର୍ଭ ଖେଳାଳି ଭାବେ ଯୋଗଦେବେ। ଦେଶର କ୍ରିକେଟ ବୋର୍ଡ ଗୁରୁବାର ଏହା ଘୋଷଣା କରିଛି। ଉଭୟ ମାଥ୍ୟୁସ ଓ ଚାମିରା ଗତଥର ଜୁନ୍ ମାସରେ ଆଫଗାନିସ୍ତାନ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଛନ୍ତି। ୩୬ ବର୍ଷୀୟ ମାଥ୍ୟୁସ ହେଉଛନ୍ତି ଜଣେ ଭେଟେରାନ ଖେଳାଳି। ସେ ୨୧୧ ଗେମ୍ ଖେଳି ପାଖାପାଖି ୬୦୦୦ ରନ ସଂଗ୍ରହ କରିଥିବା ବେଳେ ୧୨୦ ଉଇକେଟ ଅକ୍ତିଆର କରିଛନ୍ତି। ସେ ବେଶି ବୋଲିଂ ନ କରି ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିଛନ୍ତି। ୩୧ ବର୍ଷୀୟ ଡାହାଣହାତୀ ପେସ୍ ବୋଲର ଚାମିରା ୪୪ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ବେଳେ ୫୦ ଉଇକେଟ ଅକ୍ତିଆର କରିଛନ୍ତି। ଚଳିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୨୧ରେ ଲକ୍ଷ୍ନୌରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | -୦.୭୩୪ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | -୧.୫୩୨ |




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ Bhubaneswar, Friday, October 20/ 2023


# ସିକ୍କିମ୍ ବିପକ୍ଷରେ ଓଡ଼ିଶାର ସହଜ ବିଜୟ



ପ୍ରୟାସ ସିଂ



ସନ୍ଦୀପ ପଟ୍ଟନାୟକ



ସୁନୀଲ ରାଉଳ

ଭୁବନେଶ୍ୱର,୧୯।୧୦
(ସରୋଜ ଜେନା)

ନଭିମୁମ୍ବାଇର ଡିୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିର ଗ୍ରୁପ୍ ବିର ଏକ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି ଓଡ଼ିଶା। ଗୁରୁବାର ଓଡ଼ିଶା ୧୦୪ ରନ୍‌ରେ ସିକ୍କିମ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୨୧୦ ରନ୍ କରିଥିଲା। ପ୍ରୟାସ ସିଂ ୭୫ ଓ ସନ୍ଦୀପ ପଟ୍ଟନାୟକ ୭୧* ରନ୍ କରିଥିଲେ। ଜବାବରେ ସିକ୍କିମ ୧୭.୨ ଓଭରରେ ୧୦୬ ରନ୍‌ରେ ଅଲଆଉଟ ହୋଇଥିଲା।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସ୍ୱସ୍ତିକ ସାମଲ (୧୦), ଶୁଭ୍ରାଂସୁ ସେନାପତି (୨୩) ଓ ଗୋବିନ୍ଦ ପୋଦ୍ଦାର(୩) ବିଫଳ ହୋଇଥିଲେ। ତେବେ ସନ୍ଦୀପ ପଟ୍ଟନାୟକ(୭୧* ରନ୍) ଓ ପ୍ରୟାସ ସିଂ (୭୫ ରନ୍) ଚତୁର୍ଥ ଉଇକେଟରେ ୧୨୧ ରନ୍ ଯୋଡିଥିଲେ। ସନ୍ଦୀପ ୪୫ ବଲ୍ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ପ୍ରୟାସ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୪ ବଲ୍ ଖେଳି ୭ ଚୌକା ଓ ୫ ଛକା ମାରିଥିଲେ। ସିକ୍କିମ ପକ୍ଷରୁ ସୁମିତ ସିଂ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ସପତୁଲ୍ଲା, ପ୍ଲାଜୋର ତମାଙ୍ଗ ଓ ଜିତେନ୍ଦର ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଜବାବରେ ସିକ୍କିମ ୧୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଧିନାୟକ ନୀଲେଶ ଲାମିଚାନେ ସର୍ବାଧିକ ୨୮ ରନ୍ କରିଥିବା ବେଳେ ୫ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୪ ଓ ଦେବବ୍ରତ ପ୍ରଧାନ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୨ ଓ ହର୍ଷିତ ରାଠୋଡ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୨୧୦/୫ (ପ୍ରୟାସ ସିଂ-୭୫, ସନ୍ଦୀପ ପଟ୍ଟନାୟକ-୭୧*, ଶୁଭ୍ରାଂସୁ ସେନାପତି-୨୩, ସୁମିତ ସିଂ-୨/୨୧, ଏମ୍‌ଡି ସପତୁଲ୍ଲା-୧/୧୧, ଜିତେନ୍ଦ୍ର ଶର୍ମା-୧/୩୨)। ସିକ୍କିମ ୧୭.୨ ଓଭରରେ ୧୦୬/୧୦(ନୀଲେଶ ଲାମିଚାନେ-୨୮, ସୁମିତସିଂ-୧୯, ସୁନୀଲରାଉଳ-୪/୨୪, ଦେବବ୍ରତପ୍ରଧାନ-୩/୧୪, ଅଭିଷେକ ଯାଦବ-୨/୧୬)।

# ସଚିନ୍‌ଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ପୁଣେ,୧୯।୧୦

ଭାରତୀୟ କ୍ରିକେଟର ମାଇଲଷ୍ଟୋନ ମ୍ୟାନ୍ ବିରାଟ କୋହଲି ନିଜ ନାମରେ ଆଉ ଏକ ରେକର୍ଡ କରିଛନ୍ତି। ଏହା ସହ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଛନ୍ତି କୋହଲି। ଦ୍ରୁତତମ ଖେଳାଳି ଭାବରେ ୨୬ ହଜାର ରନ୍ କ୍ଲବରେ ପ୍ରବେଶ କରିଛନ୍ତି କୋହଲି। ପୁଣେରେ ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଅପରାଜିତ ୧୦୩ ରନ୍‌ର ଇନିଂସ ଖେଳି କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ସଚିନ୍ ତେନ୍ଦୁଲକର ୬୦୦ ତମ ଅନ୍ତର୍ଜାତୀୟ ଇନିଂସରେ ୨୬ ହଜାର ରନ୍ ସ୍କୋର କରିଥିବା ବେଳେ କୋହଲି ୫୬୭ ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍‌ସଂଗ୍ରହକାରୀ ଖେଳାଳିଙ୍କ ମଧ୍ୟରେ କୋହଲି ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୫୬୭ ତମ ଇନିଂସରୁ ସେ ୨୬୦୨୩ ରନ୍ ସହିତ ଚତୁର୍ଥ ସ୍ଥାନରେ ରହିଛନ୍ତି।



ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚରେ ଗୁରୁବାର ବୋଲିଂ ଆକ୍ସନରେ ବିରାଟ କୋହଲି।

# ମେସିଙ୍କ ରୋଜଗାର ୨୦.୪ ନିୟୁତ ଡଲାର

ନ୍ୟୁୟର୍କ,୧୯।୧୦(ଏପି)

ମେଜର ସକ୍କର ଲିଗ୍ (ଏମ୍‌ଏସ୍‌ଏଲ୍) ପାଇଁ ଇଣ୍ଟର ମାୟାମି ଦଳ ସହିତ କରିଥିବା ଚୁକ୍ତି ଦ୍ୱାରା ଲିଓନେଲ ମେସି ବାର୍ଷିକ ୨୦.୪ ନିୟୁତ ଡଲାର ରୋଜଗାର କରୁଛନ୍ତି। ୩୬ ବର୍ଷୀୟ ଷ୍ଟାର ଖେଳାଳିଙ୍କ ମୂଳ ବେତନ ହେଉଛି ୧୨ ନିୟୁତ ଡଲାର। କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ସହ ତାଙ୍କର ମୋଟ ଆୟ ହେଉଛି ୨୦,୪୪୬, ୬୬୭ ଡଲାର ବୋଲି

**ମେଜର ଲିଗ୍ ସକ୍କର**

ଏମ୍‌ଏସ୍‌ଏଲ୍ ପ୍ରକାଶ କରିଛି। ମେସି ୨୦୨୫ ସିଜନ ପର୍ଯ୍ୟନ୍ତ ଏହି ରାଶି ପାଇବେ। ତନ୍ମଧ୍ୟରେ ମାର୍କେଟିଂ ବୋନସ ଏବଂ ଏଜେଣ୍ଟ ଫି' ସାମିଲ ରହିଛି। ଏମ୍‌ଏସ୍‌ଏଲ୍‌ରେ ସେ ସର୍ବାଧିକ କ୍ଷତିପୂରଣ ରାଶି ପାଉଛନ୍ତି। ତାଙ୍କ ପଛକୁ ପଛ ରହିଛନ୍ତି ଟରଣ୍ଟୋର ଲୋରେଞ୍ଜୋ ଇନସିନେ (୧୫.୪ ନିୟୁତ ଡଲାର), ସିକାଗୋର ଝେର୍ଡାନ ଶାକ୍ୱିରି (୮୧,୫୩,୦୦୦ ଡଲାର), ଲସ୍ ଏଞ୍ଜେଲ୍ସ ଗାଲାକ୍ସିର ଜାଭିଏର୍ ହର୍ନାଣ୍ଡେଜ(୭୪,୪୩, ୭୫୦ ଡଲାର), ଟରଣ୍ଟୋର ଫେଡ୍ରିକୋ ବର୍ନାରଡେସ୍‌ଚି (୬୨,୯୫,୩୮୧ ଡଲାର) ଓ ଅଷ୍ଟିନର ସେବାଷ୍ଟିଆନ ଡ୍ରିୟୁସି (୬୦,୨୨,୫୦୦ ଡଲାର)। ଲିଗ୍‌ରେ ଖେଳାଳିମାନଙ୍କ କ୍ଷତିପୂରଣ ଗ୍ୟାରେଣ୍ଟି ଭାବେ ସର୍ବାଧିକ ମୋଟ ୩୯.୪ ନିୟୁତ ଡଲାର ବ୍ୟୟ କରୁଛି। ଏହା ପଛକୁ ପଛ ରହିଛନ୍ତି ଟରଣ୍ଟୋ (୩୨.୩ ନିୟୁତ ଡଲାର), ଏଲଏଞ୍ଜେଲ୍ସ ଗାଲାକ୍ସି (୨୫ ନିୟୁତ ଡଲାର) ଏବଂ ଏଲ୍‌ଏଏଫ୍‌ସି (୨୦.୮ ନିୟୁତ ଡଲାର)। ଓର୍ଲାଣ୍ଡୋ ସିଟିର ପେ-ରୋଲ୍ ୯. ୬ ନିୟୁତ ଡଲାଲ ରହିଛି ଯାହାକି ଲିଗ୍‌ର ସର୍ବନିମ୍ନ। ମେସି ଏ ତୁଳନାରେ ୨ ଗୁଣାରୁ ଅଧିକ ଆୟ କରୁଛନ୍ତି। ଏମ୍‌ଏଲ୍‌ଏସ୍‌ର ମୋଟ କ୍ଷତିପୂରଣ ରାଶି ୫୦୧ନିୟୁତ ଡଲାରର ୪ ପ୍ରତିଶତ ମେସି ପାଉଛନ୍ତି। ମେସି ମାୟାମି ତରଫରୁ ୫ଥର ଖେଳି ସାରିଛନ୍ତି। ସେ ଦଳ ପାଇଁ ମୋଟ ୨୮୩ ମିନିଟ ଖେଳି ଗୋଟିଏ ଗୋଲ୍ ସ୍କୋର କରିଛନ୍ତି। ସେ ଆହୁରି ମଧ୍ୟ ଦଳକୁ ଉଦ୍‌ଘାଟନୀ ଲିଗ୍ସ କପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୭ଟି ଗେମ୍‌ରେ ୧୦ ଗୋଲ୍ ସ୍କୋର କରିଥିଲେ। ମାୟାମିର ଦ୍ୱିତୀୟ ସର୍ବାଧିକ କ୍ଷତିପୂରଣ ଗ୍ୟାରେଣ୍ଟି ରାଶି ଜୋସେଫ୍ ମାର୍ଟିନେଜ ୪୩,୯୧,୬୬୭ ଡଲାର ପାଉଛନ୍ତି।



ଲିଓନେଲ ମେସି

# ଓଡ଼ିଶାରେ ୪ ରଣଜୀ ମ୍ୟାଚ

ଭୁବନେଶ୍ୱର, ୧୯।୧୦
(ତପନ ସ୍ୱାଇଁ)

**୨୦୨୩-୨୪ ଘରୋଇ କ୍ରିକେଟ ସିଜନ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୩-୨୪ ଘରୋଇ କ୍ରିକେଟ ସିଜନ କାର୍ଯ୍ୟସୂଚୀ ଅନୁସାରେ ଓଡ଼ିଶାରେ ଏଲିଟ ଗ୍ରୁପ୍-ଡି'ର ୪ଟି ରଣଜୀ ଟ୍ରଫି ମ୍ୟାଚ ଆୟୋଜନ ସ୍ପଷ୍ଟ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଗୁରୁବାର ଏହା ସୂଚାଇ ଦିଆଯାଇଛି। ଭେନ୍ୟୁ ତାଲିକା ଦିଆଯାଇ ନ ଥିଲେ ମଧ୍ୟ ୨୦୨୪ ଜାନୁୟାରୀ ୧୯ରୁ ଫେବୃୟାରୀ ୯ ମଧ୍ୟରେ ୪ଟି ମ୍ୟାଚ ଆୟୋଜନ ନେଇ ସ୍ପଷ୍ଟ କରାଯାଇଛି। ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ୨୦୨୪ ଜାନୁୟାରୀ ୧୯ରୁ ୨୨ ପର୍ଯ୍ୟନ୍ତ ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଜାନୁୟାରୀ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଫେବୃୟାରୀ ୨ରୁ ୫ ପର୍ଯ୍ୟନ୍ତ ପୁଡୁଚେରି ଓ ଫେବୃୟାରୀ ୯ରୁ ୧୨ ପର୍ଯ୍ୟନ୍ତ ଉତ୍ତରାଖଣ୍ଡକୁ ଭେଟିବ ଓଡ଼ିଶା।

ସିନିୟର ମହିଳା ଟି୨୦ ଟ୍ରଫି ଗ୍ରୁପ୍ 'ସି' ଲିଗ୍ ଗୁରୁବାରଠାରୁ କଟକର ବାରବାଟୀ ଷ୍ଟାଡିୟମ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଦୁଇ ଭେନ୍ୟୁରେ ଲିଗ୍ ମ୍ୟାଚଗୁଡ଼ିକ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୧ଟି ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ୧୬ ବର୍ଷରୁ କମ୍ ପୁରୁଷ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପ୍ଲେଟ୍ ଗ୍ରୁପ୍ ଲିଗ୍ ଡିସେମ୍ବର ୧ରୁ ୨୩ ପର୍ଯ୍ୟନ୍ତ ଚାଲିବ। ମ୍ୟାଚଗୁଡ଼ିକ ୩ ଦିନ ବିଶିଷ୍ଟ ହେବ ଏବଂ ଏଥିରେ ମୋଟ ୧୫ଟି ମ୍ୟାଚ ଆୟୋଜନ ହେବ। ୧୯ ବର୍ଷରୁ କମ୍ ପୁରୁଷ କୁଚ୍ ବିହାର ଟ୍ରଫି ଏଲିଟ ଗ୍ରୁପ୍-ଇ ଲିଗ୍‌ର ୩ଟି ମ୍ୟାଚ ନଭେମ୍ବର ୧୭ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ୩ଟି ମ୍ୟାଚରେ ଯଥାକ୍ରମେ ପୁଡୁଚେରି, ହାଇଦ୍ରାବାଦ ଓ ଛତିଶଗଡ଼କୁ ଭେଟିବ। ମ୍ୟାଚଗୁଡ଼ିକ ୪ ଦିନ ବିଶିଷ୍ଟ ହେବ। ୨୩ ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫି ଏଲିଟ୍ ଗ୍ରୁପ୍-ସି ଲିଗ୍‌ର ୩ଟି ମ୍ୟାଚ ୨୦୨୪ ଜାନୁୟାରୀ ୭ରୁ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଆୟୋଜନ ହେବ। ଏଥିରେ ୩ଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ସୌରାଷ୍ଟ୍ର, ଝାଡ଼ଖଣ୍ଡ ଓ ପଞ୍ଜାବ ସହିତ ମୁକାବିଲା କରିବ।

## କୋହଲିଙ୍କ ଶତକ: ଭାରତର...

**ପ୍ରଥମ ପୃଷ୍ଠାରୁ...**

କରି ପ୍ୟାଭିଲିୟନ ଫେରିଥିଲେ। ଟପ୍ ଅର୍ଡରରେ ଶାନ୍ତୋ (୮) ଓ ମେହିଦି ହାସନ ମିରାଜ (୩) ଫେଲ୍ ମାରିଥିଲେ। ଆତ୍ମବିଶ୍ୱାସର ସହ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଲିଟନ ଦାସ ୮୨ ବଲ୍‌ରୁ ୬୬ (୭ ଚୌକା) ରନକରି ଆଉଟ ହୋଇଥିଲେ। ଫଳରେ ଏକଦା କୌଣସି ଉଇକେଟ ନ ହରାଇ ୯୩ ରନ କରିଥିବା ବାଂଲାଦେଶ ଇନିଂସ ୨୭.୪ ଓଭର ବେଳକୁ ୧୩୭/୪ ହୋଇ ଯାଇଥିଲା। ଲୋୟର ମିଡିଲ ଅର୍ଡରରେ ମହମୁଦୁଲ୍ଲାଙ୍କ ୩୬ ବଲ୍‌ରେ ୪୬ (୩ ଚୌକା, ୩ ଛକା) ଓ ମୁଶଫିକର ରହିମଙ୍କ ୩୮ (୧ ଚୌକା, ୧ ଛକା) ରନ ସହାୟତାରେ ବାଂଲାଦେଶ ସ୍କୋର ୨୫୦ ଅତିକ୍ରମ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସର ୯ମ ଓଭରରେ ବୋଲିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ବଲ୍ ପକାଇବା ସମୟରେ ବାମପାଦ ମୋଡ଼ି ହୋଇ ଯାଇଥିଲା। ପାଦରେ ଯନ୍ତ୍ରଣା ଯୋଗୁ ପାଣ୍ଡ୍ୟା ଫିଜିଓଙ୍କ ସହାୟତାରେ ପଡ଼ିଆ ଛାଡ଼ିଥିଲେ। ଅଧିନାୟକ ରୋହିତ ଶର୍ମାଙ୍କ ସହ ଆଲୋଚନା ପରେ ବିରାଟ କୋହଲି ଓଭରର ଅବଶିଷ୍ଟ ୩ଟି ବଲ୍ ପକାଇଥିଲେ। ତାଙ୍କ ବୋଲିଂ ସମୟରେ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇଥିଲା। କୋହଲି ୩ ବଲ୍‌ରେ ୨ ରନ ବ୍ୟୟ କରିଥିଲେ। ବିଶ୍ୱକପରେ କୋହଲି ବୋଲିଂ କରିବା ଏହା ନୁଆ ନ ଥିଲା। ସେ ପୂର୍ବରୁ ୨୦୧୧ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ, ଫାଇନାଲରେ ଶ୍ରୀଲଙ୍କା ଏବଂ ୨୦୧୫ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଦିନିକିଆରେ ସେ ଶେଷଥରପାଇଁ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ କଲମ୍ବୋରେ ବୋଲିଂ କରିଥିଲେ।

୨୫୭ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଆକ୍ରମଣର ନେତୃତ୍ୱ ନେଇଥିଲେ ଅଧିନାୟକ ରୋହିତ ଶର୍ମା। ଶୁବମନ ଗିଲ୍ ଯଦିଓ ଆରମ୍ଭରେ ଧିମା ଖେଳିଥିଲେ ତେବେ ପରେ ଏଥିରେ ସାମିଲ ହୋଇ ଯାଇଥିଲେ। ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୮୮ ରନ ସଂଗ୍ରହ ପରେ ରୋହିତଙ୍କୁ ଆଉଟ କରି ବାଂଲାଦେଶକୁ ବ୍ରେକ୍ ଥ୍ରୁ ଦେଇଥିଲେ ହାସନ ମେହମୁଦ। ଶର୍ଟବଲ୍ ରଣନୀତି ହାସନ ଓ ବାଂଲାଦେଶ ପାଇଁ କାମ ଦେଇଥିଲା। ରୋହିତ ବଲ୍‌କୁ ପୁଲ୍ କରିବାକୁ ଯାଇ ଡିପ୍ ବ୍ୟାକୱାର୍ଡ ସ୍କୋୟାର ଲେଗ୍‌ରେ ତୋହିଦ ହ୍ରିଦୟଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରିଥିଲେ। ଶୁବମନଙ୍କ ସହ କ୍ରିଜରେ ଯୋଗଦେଇ ବିରାଟ କୋହଲି ଇନିଂସକୁ ଆଗେଇ ନେଇଥିଲେ। ତେବେ ଅର୍ଦ୍ଧଶତକ ହାସଲ କରିବାପରେ ଗିଲ୍ ଆଉଟ ହୋଇ ଯାଇଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ୪୨ ବଲ୍‌ରୁ ୪୪ ରନର ଭାଗୀଦାରି ଗଢ଼ିଥିଲେ। ୫୫ ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୫ ଚୌକା ଓ ୨ ଛକା ସହାୟତାରେ ୫୩ ରନ କରିଥିଲେ। ଶ୍ରେୟସ ଆୟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୯ ରନ କରିଥିବାବେଳେ ସ୍ପିନର ମେହିଦି ହାସନ ମିରାଜଙ୍କୁ ବଡ଼ ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟ ବାଉଣ୍ଡାରୀ ନିକଟରେ ମହମୁଦୁଲ୍ଲାଙ୍କୁ କ୍ୟାଚ ଦେଇଥିଲେ। କୋହଲି କିନ୍ତୁ ଥିଲେ ଦୃଢ଼ ନିଶ୍ଚିତ। ସେ ବାଂଲାଦେଶର ସମସ୍ତ ବୋଲରଙ୍କୁ ଧୂଳେଇ କରି ହାସଲ କରିଥିଲେ କ୍ୟାରିୟରର ୪୮ତମ ଦିନିକିଆ ଶତକ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୬,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଲୋକେଶ ରାହୁଲ ୩୪ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ କୋହଲି ଓ ରାହୁଲ ୭୪ ବଲ୍‌ରୁ ୮୩ ରନର ଭାଗୀଦାରି ଗଢ଼ିଥିଲେ।

# ରିଟେନ୍ ଖେଳାଳିଙ୍କ ତାଲିକା ପ୍ରକାଶକଲେ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସିଜନ ପାଇଁ ପ୍ରକାଶ ପାଇଛି ରିଟେନ୍‌ସନ୍ ତାଲିକା। ନିଲାମୀ ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜ୍ ଗୁରୁବାର ଏହି ତାଲିକା ପ୍ରକାଶ କରୁଥିବା ବେଳେ ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର, ମେଗ୍ ଲାନିଙ୍ଗ ଓ ସ୍ମୃତି ମାନ୍ଧନା ରିଟେନ୍ ହୋଇଛନ୍ତି। ୫ ଫ୍ରାଞ୍ଚାଇଜିରେ ସମୁଦାୟ ୮୯ ଖେଳାଳି ରହିଥିବା ବେଳେ ଏହା ମଧ୍ୟରୁ ୬୦ ଖେଳାଳିଙ୍କୁ ରିଟେନ୍ କରାଯାଇଛି। ରିଟେନ୍ ହୋଇଥିବା ୬୦ ଖେଳାଳିଙ୍କ ମଧ୍ୟରେ ୨୧ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ପ୍ରଥମ ସିଜନରେ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ହିଲି ମାଥ୍ୟୁସ, ୟାସ୍ତିକା ଭାଟିଆ, ନାଟାଲି ସ୍କିଭର ବ୍ରଣ୍ଟ, ଆମେଲିଆ କେର୍ ଓ ଇସାବେଲ ଓଙ୍ଗଙ୍କୁ ରିଟେନ୍ କରିଛି।

ପ୍ରଥମ ସିଜନରେ ରନର ଅପ୍ ରହିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଏହାର ୧୫ ଖେଳାଳିଙ୍କୁ ରିଟେନ୍ କରିଛି। ଏହା ମଧ୍ୟରେ ୫ ଜଣ ବିଦେଶୀ ଖେଳାଳି ସାମିଲ ଅଛନ୍ତି। ତୃତୀୟ ସ୍ଥାନରେ ରହିଥିବା ୟୁପି ୱାରିୟର୍ଜ ଏହାର ସମସ୍ତ ବିଦେଶୀ ଖେଳାଳିଙ୍କୁ ରିଟେନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ବୋଲର ସବନିମ୍ ଇସମାଇଲ୍‌ଙ୍କୁ ରିଲିଜ କରିଛି। ଏହା ବ୍ୟତୀତ ଦେବିକା ବୈଦ୍ୟ, ସିମରନ୍ ଶେଖ୍ ଓ ଶିବାଳି ସିନ୍ଦେଙ୍କୁ ମଧ୍ୟ ଦଳ ରିଲିଜ୍ କରିଛି।



ରିଟେନ ହୋଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଂ ଓ ମୁମ୍ବାଇ ଇଣ୍ଡିଆନ୍ସର ହରମନପ୍ରୀତ କୌର।

**ଓମେନ୍ସ ପ୍ରିମିୟର ଲିଗ୍**

**ରିଟେନ୍‌ସନ୍ ପରେ ୫ ଦଳର ଖେଳାଳି ତାଲିକା:**

**ଦିଲ୍ଲୀ କ୍ୟାପିଟାଲ୍ସ:** ରିଟେନ୍ ଖେଳାଳି: ଆଲିସ୍ କାପ୍‌ସି, ଅରୁନ୍ଧତୀ ରେଡ୍ଡୀ, ଜେମିମା ରୋଡ୍ରିଗ୍ୱେଜ୍, ଜେସ୍ ଜୋନାସେନ୍, ଲଉରା ହାରିସ୍, ମାରିଜେନ୍ କାପ୍, ମେଗ୍ ଲାନିଙ୍ଗ, ମିନ୍ନୁ ମଣି, ପୁନମ୍ ଯାଦବ, ସ୍ନେହା ଦୀପ୍ତି, ତାନିୟା ଭାଟିଆ, ତିତାସ୍ ସାଧୁ।
ରିଲିଜ୍ ଖେଳାଳି: ଅପର୍ଣ୍ଣା ମଣ୍ଡଳ, ଜାସିଆ ଅଖତର, ତାରା ନୋରିସ୍।

**ଗୁଜରାଟ ଜାଏଣ୍ଟ୍ସ**
ରିଟେନ୍ ଖେଳାଳି: ଆସ୍‌ଲେ ଗାର୍ଡ଼ନର, ବେଥ୍ ମୁନି, ଦୟଲାନ୍ ହେମଲତା, ହରଲିନ୍ ଦେଓଲ୍, ଲୌରା ଓଲ୍ଭାର୍ଡ୍ଟ, ଶବନମ୍ ଶକିଲ୍, ସ୍ନେହ ରାଣା, ତନୁଜା କନୱର।
**ରିଲିଜ୍ ଖେଳାଳି:** ଆନାବେଲ ସଦରଲାଣ୍ଡ, ଅଶ୍ୱିନୀ କୁମାରୀ, ଜର୍ଜିଆ ୱେୟାରହାମ୍, ହର୍ଲି ଗାଲା, କିମ୍ ଗାର୍ଥ, ମାନସୀ ଯୋଶୀ, ମୋନିକା ପଟେଲ, ପାରୁଣିକା ସିସୋଦିଆ, ସବିନେନୀ ମେଘନା, ସୋଫିଆ ଡଙ୍କଲି, ସୁଷମା ବର୍ମା।

**ମୁମ୍ବାଇ ଇଣ୍ଡିଆନ୍ସ:**
ରିଟେନ୍ ଖେଳାଳି: ଅମନଜୋତ କୌର, ଆମେଲିଆ କେର୍, କ୍ଲୋଏ ଟ୍ରାୟନ୍, ହରମନ୍‌ପ୍ରୀତ୍ କୌର୍, ହିଲି ମାଥ୍ୟୁସ୍, ହୁମାଇରା କାଜି, ଇସାବେଲ ଓଙ୍ଗ, ଜିନ୍ତିମଣି କାଲିଟା, ନାଟାଲି ସ୍କିଭର, ପୂଜା ବସ୍ତ୍ରକାର, ପ୍ରିୟଙ୍କା ବାଲା, ସାଇକା ଇସାକ୍, ୟାସ୍ତିକା ଭାଟିଆ।
**ରିଲିଜ୍ ଖେଳାଳି:** ଧାରା ଗୁଜ୍ଜର, ହିଥର୍ ଗ୍ରାହାମ୍, ନୀଲମ ବିଷ୍ଟ, ସୋନମ ଯାଦବ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:**
**ରିଟେନ୍ ଖେଳାଳି:** ଆଶା ଶୋବନା, ଦିଶା କସାଟ, ଏଲିସ୍ ପେରୀ, ହିଥର ନାଇଟ୍, ଇନ୍ଦ୍ରାଣୀ ରୟ, କନିକା ଆହୁଜା, ରେଣୁକା ସିଂ, ରିଚା ଘୋଷ, ଶ୍ରେୟାଙ୍କା ପାଟିଲ, ସ୍ମୃତି ମନ୍ଧାନା, ସୋଫି ଡିଭାଇନ୍।
**ରିଲିଜ୍‌ଖେଳାଳି:** ଡେନ୍‌ଭାନ୍‌ନିକର୍କ, ଏରିନ୍ ବର୍ନସ, କୋମଲ ଜଞ୍ଜାଡ, ମେଗାନ ଶୁଟ୍, ପୁନମ ଖେମନାର, ପ୍ରୀତି ବୋଷ, ଶ୍ରାହାନା ପୱାର।

**ୟୁପି ୱାରିୟର୍ଜ:**
ରିଟେନ୍ ଖେଳାଳି: ଆଲିସା ହିଲି, ଅଞ୍ଜଲି ଶ୍ରାବଣୀ, ଦୀପ୍ତି ଶର୍ମା, ଗ୍ରେସ୍ ହାରିସ୍, କିରଣ ନଭଗିରେ, ଲରେନ୍ ବେଲ୍, ଲକ୍ଷ୍ମୀ ଯାଦବ, ପାର୍ଶଭି ଚୋପ୍ରା, ରାଜେଶ୍ୱରୀ ଗାଏକ୍ୱାଡ, ଏସ୍ ୟଶସ୍ରୀ, ଶ୍ୱେତା ଶେରାୱତ, ସୋଫି ଏକେଲଷ୍ଟୋନ୍, ଟାହ୍ଲିଆ ମ୍ୟାକଗ୍ରା।
ରିଲିଜ୍ ଖେଳାଳି: ଦେବିକା ବୈଦ୍ୟ, ଶବନିମ୍ ଇସମାଇଲ୍, ଶିବାଲି ସିନ୍ଦେ, ସିମରନ୍ ଶେଖ୍।

# ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ

ଭୁବନେଶ୍ୱର, ୧୯।୧୦
(ତପନ ସ୍ୱାଇଁ)

ଚନ୍ଦ୍ରଶେଖର ପତି ସ୍ମାରକୀ ଭେଙ୍କଟେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଚନ୍ଦ୍ରଶେଖରପୁର ଶାଖା ବିଜେତା ଏବଂ ରସୁଲଗଡ଼ ଶାଖା ରନରଅପ୍ ହୋଇଛି। ପ୍ରତିଯୋଗିତାରେ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ଟି ଶାଖା ଭାଗ ନେଇଥିଲେ। ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଦ୍ୟାଳୟର ଚେୟାରମ୍ୟାନ ସୂର୍ଯ୍ୟପ୍ରକାଶ ପତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପ୍ରଶାସକ ହିମାଂଶୁ ଶେଖର ପତି, ଶକ୍ତି ପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ କମିଟି ମୁଖ୍ୟ ଶଶାଙ୍କ ଶେଖର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଜି. ରାମ କିଶୋର ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ପ୍ରଶାସକ ବିଜୟ କୁମାର ନାୟକ, ଏସ୍.ଏମ୍‌ଏ. ନବି, ଏସ୍. ଉଦ୍‌ଗାତା ଏବଂ ବିଥିକା ଛୋଟରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, October 20/2023 | Page 20 | ₹ 7.00 | SAMBALPUR





प्रवेश नि:शुल्क
झारखण्ड
महिला एशियन चैंपियंस ट्रॉफी 2023
मरङ गोमके जयपाल सिंह मुंडा एस्ट्रोटर्फ स्टेडियम, रांची
भारत
चीन
जापान
कोरिया
मलेशिया
थाईलैंड
JUHI
ड्रैग फ्लिक स्कोर
27 अक्टूबर - 05 नवम्बर 2023
हॉकी के महासंग्राम का बनें गवाह
WATCH LIVE ON
Title Sponsor
Host Partner
AHF Partners
Official Partner
Official Suppliers
सूचना एवं जनसंपर्क विभाग, झारखण्ड सरकार
PR-309583 (IPRD) 2023-24

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୦/୨୦୨୩ | Bhubaneswar, Friday, October 20/2023 | ପୃଷ୍ଠା-୧



ପୁଣେରେ ଗୁରୁବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚରେ ଶତକ ହାସଲ ପରେ ବିରାଟ କୋହଲି।

# ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

## ବଳାତ୍କାର, ହତ୍ୟା ମାମଲାରେ ସୁନ୍ଦରଗଡ଼ ପୋକ୍ସୋ କୋର୍ଟ ରାୟ

ସୁନ୍ଦରଗଡ,୧୯।୧୦ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଟାଉନ ଥାନା ଡେଙ୍ଗିଭାଡିରେ ୨୦୧୬ ଅକ୍ଟୋବରରେ ଏକ ୪ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଓ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସଞ୍ଜୀବ କେରକେଟା(୪୦)ଙ୍କୁ ଫାଶି ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୨୧ତାରିଖ ରାତିରେ ଉକ୍ତ ନାବାଳିକା ଜଣକ ଘରେ ନିଜ ମା'ଙ୍କ ପାଖରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଅଭିଯୁକ୍ତ ସଞ୍ଜୀବ ତାଙ୍କୁ ଅପହରଣ କରିନେଇଥିଲେ। ସେଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ଏକ ନିର୍ମାଣାଧୀନ କୋଠା ଭିତରେ ବଳାତ୍କାର କରିବା ପରେ ହତ୍ୟା କରି ଫେରାର ହୋଇଯାଇଥିଲେ। ଝିଅକୁ କେହି ଅପହରଣ କରିନେଇଥିବା ମା' ପଡୋଶୀଙ୍କୁ ଜଣାଇଥିଲେ ଏବଂ ପଡୋଶୀଙ୍କ ସହ ଖୋଜାଖୋଜି ପରେ ଝିଅକୁ ନ ପାଇ ରାତି ୩ଟାରେ ଟାଉନ ଥାନାରେ ରିପୋର୍ଟ କରିଥିଲେ। ପ୍ରଥମେ ଟାଉନ ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୩ ଦିନ ପରେ ନିଖୋଜ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ନିର୍ମାଣାଧୀନ କୋଠରିରୁ ପୋଲିସ ଜବତ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଅକ୍ଟୋବର ୨୬ରେ ସଞ୍ଜୀବଙ୍କୁ ଗିରଫ କରିଥିଲା। ଜେରା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ଏକ ମାମଲା (ନଂ.୨୮୪/୧୬) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍ସୋ କୋର୍ଟ ଜଜ୍ ବ୍ୟବଚ୍ଛେଦ ରିପୋର୍ଟ ଓ ୩୫ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଏହି ଫାଶି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଜଜ୍ ମୃତା ଶିଶୁକନ୍ୟାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ। ଏହି ଜଘନ୍ୟ ମାମଲାରେ ଜିଲା ଓକିଲ ସଂଘର ନିଷ୍ପତ୍ତି କ୍ରମେ ଅଭିଯୁକ୍ତଙ୍କ ସପକ୍ଷରେ କୌଣସି ଓକିଲ ମାମଲା ଲଢି ନ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ କୋର୍ଟର ଏହି କଠୋର ଦଣ୍ଡାଦେଶ ସମାଜରେ ଘଟୁଥିବା ଏଭଳି ଅମାନବୀୟ ଘଟଣା ପାଇଁ ଏକ ଦୃଷ୍ଟାନ୍ତମୂଳକ ରାୟ ହେବ ବୋଲି ସ୍ୱତନ୍ତ୍ର ପ୍ରସିକ୍ୟୁଟର ମିଶ୍ର ପ୍ରକାଶ କରିବା ସହ ପୀଡିତାଙ୍କ ପରିବାର ଏହି ରାୟକୁ ସ୍ୱାଗତ କରିଛନ୍ତି। ଅନ୍ୟ କୌଣସି ବ୍ୟକ୍ତି ଏଭଳି ନାରକୀୟ କାଣ୍ଡ ଘଟାଇବା ପାଇଁ ସାହସ କରିବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି: ସିକ୍କିମ୍ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

### ଓଡ଼ିଶାରେ ହେବ ୪ ରଣଜୀ ଟ୍ରଫି ମ୍ୟାଚ

(ଖେଳ ପୃଷ୍ଠାରେ)

# ୨୪ରେ ବାତ୍ୟାରୂପ ନେଇପାରେ ଲଘୁଚାପ

- ଓଡ଼ିଶା ଉପକୂଳ ଦେଇ ବାଂଲାଦେଶ ଯିବ
- ୨୩ରୁ ୨୬ ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୧୦(ଅନିଲ ଦାସ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୧ ତାରିଖରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ୨୨ ତାରିଖ ବେଳକୁ ଅଧିକ ଘନୀଭୂତ ହୋଇ ଡିପ୍ରେସନ(ଅବପାତ) ଓ ୨୪ରେ ଏହା ଡିପ୍ ଡିପ୍ରେସନ (ଗଭୀର ଅବପାତ)ରେ ପରିଣତ ହୋଇ ସାମୁଦ୍ରିକ ଝଡ଼ ରୂପ ନେବ ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ୨୨ ତାରିଖ ବେଳକୁ ଆନ୍ଧ୍ର ଉପକୂଳକୁ ମୁହାଁଇବ। ୨୩ ତାରିଖରେ ଓଡ଼ିଶା ଉପକୂଳ ମୁହାଁ ହେବ। ଉପକୂଳରୁ ୭୦ରୁ ୮୦ କି.ମି. ଦୂର ସମୁଦ୍ର ଦେଇ ୨୬ ତାରିଖ ରାତ୍ରି କିମ୍ବା ୨୭ ତାରିଖ ସକାଳେ ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶରେ ସ୍ଥଳ ଭାଗ ଛୁଇଁବ ବୋଲି ଅନୁମାନ କରାଯାଉଛି। ସମୁଦ୍ରରେ ଥିବାବେଳେ ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କି.ମି. ହେବ ବୋଲି ଆକଳନ କରାଯାଉଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୬୦ରୁ ୭୦ କି.ମି. ବେଗରେ ପବନ ବହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ଏପରି କି ପୁରୀ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୩ରୁ ୨୬ ତାରିଖ ଯାଏ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

# କୋହଲିଙ୍କ ଶତକ: ଭାରତର ଦମ୍‌ଦାର ବିଜୟ

ପୁଣେ, ୧୯।୧୦

ବିରାଟ କୋହଲିଙ୍କ ସ୍ମରଣୀୟ ଶତକ ସହାୟତାରେ ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଦମ୍‌ଦାର ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୭ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୫୬ ରନ କରିଥିଲା। ଜବାବରେ ଭାରତ କୋହଲିଙ୍କ ଦ୍ରୁତ ଶତକ ବଳରେ ୪୧.୩ ଓଭରରେ ୩ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରି ନେଇଥିଲା। ଭାରତ ବିଜୟୀ ହେବାପାଇଁ ୧ ରନ ଆବଶ୍ୟକ କରୁଥିବାବେଳେ ୯୭ ରନରେ ଥିବା କୋହଲି ଛକା ମାରି ଶତକ ପୂରଣ କରିଥିଲେ। ୯୭ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୧୦୩ ରନକରି ଅପରାଜିତ ରହିଥିବା କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ବିଶ୍ୱକପରେ ଭାରତର ଏହା କ୍ରମାଗତ ଚତୁର୍ଥ ବିଜୟ। ଫଳରେ ୮ ପଏଣ୍ଟ ସହିତ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ଶକିବ ଅଲ୍ ହାସନ ଆହତ ଥିବାରୁ ଏହି ମ୍ୟାଚରେ ନଜମୁଲ ହୋସେନ ଶାନ୍ତୋ ବାଂଲାଦେଶ ଦଳର ନେତୃତ୍ୱ ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଦୁଇ ଓପନର ତନଜିଦ ହାସନ ଓ ଲିଟନ ଦାସ ଉଚିତ ସାବ୍ୟସ୍ତ କରିଥିଲେ। ଦୁହେଁ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଓପନିଂ ଯୋଡ଼ିରେ ୮୮ ବଲ୍‌ରୁ ୯୩ ରନ ସଂଗ୍ରହ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁଇ ଓପନର ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ୧୫ତମ ଓଭରର ୪ର୍ଥ ବଲ୍‌ରେ ତନଜିଦଙ୍କୁ ସ୍ପିନର କୁଲଦୀପ ଯାଦବ ଏଲବିଡବ୍ଲ୍ୟୁ ଆଉଟ କରିବାପରେ ବାଂଲାଦେଶ ଇନିଂସ ଦିଗହରା ହୋଇ ଯାଇଥିଲା। ତନଜିଦ ୪୩ ବଲ୍‌ରୁ ୫୧ (୫ ଚୌକା, ୩ ଛକା) ରନ (ଖେଳ ପୃଷ୍ଠାରେ)

# ୫ ରାଉଣ୍ଡ ଗୁଳି ଫୁଟାଇ ୫ ଲକ୍ଷ ନେଇଗଲେ




## ପେଟ୍ରୋଲ ପମ୍ପରେ ସଶସ୍ତ୍ର ଡକାୟତି

କେନ୍ଦୁଝର, ୧୯।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଫୁଲଝର ସ୍ୱପ୍ନେଶ୍ୱର ପେଟ୍ରୋଲ ପମ୍ପରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତ ୫ ରାଉଣ୍ଡ ଗୁଳି ଫୁଟାଇ ୫ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏନେଇ ପେଟ୍ରୋଲ ପମ୍ପ ମାଲିକ କ୍ଷେତ୍ରମୋହନ ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ିରେ ୪ ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ଫୁଲଝର ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। କର୍ମଚାରୀଙ୍କୁ ପ୍ରଥମେ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ୫ରାଉଣ୍ଡ ଗୁଳି ଫୁଟାଇ ଏହାର ଆଇରନଚେଷ୍ଟରୁ ୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆଇରନ ଚେଷ୍ଟ ସହ ସିସିଟିଭି ଲୁଟିନେଇଥିଲେ। ଗୁରୁବାର ସଦର ଏସ୍‌ଡିପିଓ ଓ ଫୋରେନ୍‌ସିକ ଏକ୍ସପର୍ଟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ଟି ଫୁଟା ଓ ୩ଟି ଅଫୁଟା ଗୁଳି ଜବତ କରିଥିବା ବେଳେ ପମ୍ପ ନିକଟସ୍ଥ ପଡ଼ିଆରୁ ଲକର ଓ ସିସିଟିଭିକୁ ମଧ୍ୟ ଉଦ୍ଧାର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୫/୨୩) ରୁଜୁ ହୋଇଛି। ଦୁର୍ବୃତ୍ତଙ୍କୁ ଖୋଜିବା ପାଇଁ ଉଦ୍ୟମ ଚାଲିଛି। ତଦନ୍ତ ପରେ ଲୁଟ୍ ଘଟଣାର ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ଦେବକୀ ନାୟକ କହିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ହେବ ନାର୍କୋ ଟେଷ୍ଟ

ଭୁବନେଶ୍ୱର, ୧୯।୧୦ (ଅସମାପିକା ସାହୁ)

ଓଡ଼ିଶାରେ ହେବ ନାର୍କୋ ଟେଷ୍ଟ। ଫଳରେ ଅଭିଯୁକ୍ତ କିମ୍ବା ଅପରାଧୀର ନାର୍କୋ ଟେଷ୍ଟ ତଥା ମିଛଧରା ପରୀକ୍ଷା ପାଇଁ ଆଉ ମୁମ୍ବାଇ, ପୁଣେ କିମ୍ବା ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ହିଁ ନାର୍କୋ ଆନାଲିସିସ୍ ଟେଷ୍ଟ କରାଯିବ। ଆସନ୍ତା ମାସରୁ ଏହି ଟେଷ୍ଟ ଆରମ୍ଭ ହେବ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ଅପରେଶନ ଥିଏଟର(ଓଟି)ରେ ନାର୍କୋ ଟେଷ୍ଟ କରାଯିବ। ଏଥିଲାଗି ରାଜ୍ୟ ଫରେନ୍‌ସିକ୍ ଲାବ୍(ଏସ୍‌ଏଫ୍‌ଏଲ୍)କୁ ଆବଶ୍ୟକ ଉପକରଣ ଆସିସାରିଛି। ଏ ନେଇ ବୁଧବାର ଏସ୍‌ଏଫ୍‌ଏଲ୍‌ର ଅଧିକାରୀ ଓ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ନାର୍କୋ ଟେଷ୍ଟ ସଂକ୍ରାନ୍ତରେ ସୂଚନା ଦେଇ ଡା. ସାହୁ କହିଲେ, ଏଥିପାଇଁ ଏବେ କ୍ୟାପିଟାଲ ହସ୍ପିଟାଲ ଆନାସ୍ଥେସିଆ ଓ ମାନସିକ ରୋଗ ବିଶେଷଜ୍ଞଙ୍କର ପ୍ରଶିକ୍ଷଣ ଚାଲିଛି। ହସ୍ପିଟାଲ ଓଟିରେ ନିଶା ଇଞ୍ଜେକ୍ସନ ପ୍ରୟୋଗ କରାଯିବା ସହ ଟେଷ୍ଟ କରାଯିବ। ଯେହେତୁ ଏହି ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ସେଥିପାଇଁ ଟ୍ରେନିଂ ଦିଆଯାଉଛି। ଆସନ୍ତା ମାସରୁ ହସ୍ପିଟାଲରେ ଟେଷ୍ଟ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ହତ୍ୟା, ଗଣବଳାତ୍କାର, ଦଙ୍ଗା ଭଳି ବହୁ ସଙ୍ଗିନ ଅପରାଧ ମାମଲାରେ ଅଭିଯୁକ୍ତଙ୍କଠାରୁ ସତ ବାହାର କରିବା ପାଇଁ ସେମାନଙ୍କର ନାର୍କୋ ଟେଷ୍ଟ କରାଯାଇଥାଏ। ଏହି ଟେଷ୍ଟ ପାଇଁ ଉଭୟ ଅଭିଯୁକ୍ତ ଓ କୋର୍ଟଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହାର ରିପୋର୍ଟକୁ ତଦନ୍ତକାରୀ ଅଧିକାରୀ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନ କରିପାରିବେ ନାହିଁ। କେବଳ ତଦନ୍ତରେ ସହଯୋଗ ବା ସତ କ'ଣ ତାହା ଜାଣିବା ପାଇଁ ଅଭିଯୁକ୍ତର ଏଭଳି ଟେଷ୍ଟ କରାଯାଇଥାଏ।

# ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍‌ଶନ ନିରାପଦ

## କ୍ଲିନିକାଲ ପରୀକ୍ଷାରୁ ସ୍ପଷ୍ଟ ହେଲା | ଆଇଆଇଟି ଖଡ୍ଗପୁରରେ ବିକଶିତ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ବିଶ୍ୱର ପ୍ରଥମ ପୁରୁଷ ଗର୍ଭନିରୋଧୀ ଇଞ୍ଜେକ୍ଶନର କ୍ଲିନିକାଲ ପରୀକ୍ଷା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସମ୍ପୂର୍ଣ୍ଣ କରିଛି। କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାବେଳେ ଏହା ବେଶ୍ ଫଳପ୍ରଦ ଏବଂ ନିରାପଦ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଏହି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରେ ୨୫ରୁ ୪୦ ବର୍ଷ ବୟସବର୍ଗର ୩୦୩ ଜଣଙ୍କୁ ସାମିଲ କରାଯାଇଥିଲା। ଗତ ମାସରେ ଉକ୍ତ ପରୀକ୍ଷା ସମ୍ପର୍କରେ ଆଣ୍ଡ୍ରୋଲୋଜି ପତ୍ରିକାରେ ପ୍ରକାଶ ପାଇଛି। ହସ୍ପିଟାଲ ଆଧାରିତ ଏହି



କ୍ଲିନିକାଲ ପରୀକ୍ଷା ନୂଆଦିଲ୍ଲୀ, ଉଦ୍ଧାମପୁର, ଲୁଧିଆନା, ଜୟପୁର ଏବଂ ଖଡଗପୁରରେ କରାଯାଇଥିଲାବେଳେ ନୂଆଦିଲ୍ଲୀର ଆଇସିଏମ୍‌ଆର୍ ସବୁ ପରୀକ୍ଷା କେନ୍ଦ୍ର ସହ ସମନ୍ୱୟ ରଖିଥିଲେ। ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଇଣ୍ଡିଆ (ଡିସିଜିଆଇ) ଅନୁମତି ଦେଇଥିବାବେଳେ ସମ୍ପୃକ୍ତ ସେଣ୍ଟରଗୁଡ଼ିକର ଏଥିକାଲ କମିଟି ଏହାକୁ ଅନୁମୋଦନ କରିଥିଲା। ଟ୍ରାଏଲ୍‌ରେ ୩୦୩ ଜଣ ସୁସ୍ଥ, ଯୌନ ସକ୍ରିୟ ଏବଂ ବିବାହିତ ପୁରୁଷ ଏବଂ ସେମାନଙ୍କ ସୁସ୍ଥ ଓ ଯୌନକ୍ଷମ ସ୍ତ୍ରୀଙ୍କୁ ନିଆଯାଇଥିଲା, ଯେଉଁମାନେ ଫାମିଲି ପ୍ଲାନିଂ କ୍ଲିନିକ୍ କିମ୍ବା ଭାସେକ୍ଟୋମି ଅଥବା ନୋ ସ୍କାଲପେଲ୍ ଭାସେକ୍ଟୋମି କରିବାକୁ ଆସିଥିଲେ। ପୁରୁଷମାନଙ୍କୁ ୬୦ ମିଲିଗ୍ରାମ 'ରିଭର୍ସିବଲ୍ ଇନ୍‌ହିବିଶନ ଅଫ୍ ସ୍ପର୍ମ ଅଣ୍ଡର ଗାଇଡାନ୍ସ' (ଆର୍‌ଆଇଏସ୍‌ୟୁଜି) ଦିଆଯାଇଥିଲା। ଏହାର ଗର୍ଭନିରୋଧୀ କ୍ଷମତା ୯୯.୦୨ ପ୍ରତିଶତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ପୁରୁଷ ଓ ମହିଳାମାନଙ୍କ ପାଇଁ ଥିବା ଅନ୍ୟ ସମସ୍ତ ଗର୍ଭନିରୋଧକ ତୁଳନାରେ ଆର୍‌ଆଇଏସ୍‌ୟୁଜି ସର୍ବାଧିକ ଫଳପ୍ରଦ ବୋଲି କୁହାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣ ଲାଗି ପୁରୁଷ ଗର୍ଭନିରୋଧକର ଆଧୁନିକ ପଦ୍ଧତିର ବିକାଶ କରିବା ଜରୁରୀ ଥିଲା। ଆର୍‌ଆଇଏସ୍‌ୟୁଜି ଏ ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆଇଆଇଟି ଖଡଗପୁରରେ ଡ. ସୁଜୟ କେ. ଗୁହାଙ୍କ ଟିମ୍ ଉକ୍ତ ଇଞ୍ଜେକ୍ଶନକୁ ବିକଶିତ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ, କେସିଙ୍ଗାରୁ ମାଟି ସଂଗ୍ରହ

କେସିଙ୍ଗା,୧୯।୧୦(ତୁମେଶ୍ୱର ସାହୁ)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଶାଖା ତତ୍ତ୍ୱାବଧାନରେ କେସିଙ୍ଗା ବିଦ୍ୟାପୀଠ ଖେଳ ପଡିଆ ପରିସରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଯୋଗଦେଇଥିଲେ। ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି ମୁରଲୀ ଧର ଆଚାରି, କେସିଙ୍ଗାର ବିଶିଷ୍ଟ ସାମାଜିକ କର୍ମୀ ତଥା ଆଇନଜୀବୀ ମଗନ ସିନ୍ଦୂର ଓ କେସିଙ୍ଗା ୱାର୍ଡ ନଂ ୪ର କାଉନସିଲର ଧରଣୀଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାପୀଠ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଜଣ ଅବସରପ୍ରାପ୍ତ ସୈନିକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କେସିଙ୍ଗା ଡାକବିଭାଗ ପକ୍ଷରୁ ଗୋଟିଏ କଳସ ଦ୍ୱାରା କେସିଙ୍ଗା ୱାର୍ଡ ୱାର୍ଡ ବୁଲି ମାଟି ସଂଗ୍ରହ କରାଯାଇଥିଲା। ତାହାକୁ ଡାକ ବିଭାଗ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ଏହି ସବୁ ମାଟିହାଣ୍ଡି ଗୁଡ଼ାକ ଆସନ୍ତା ୨୯ ତାରିଖ ଦିଲ୍ଲୀ ପଠାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ହୃଦ୍‌ଘାତରେ ଜିଲା ପୁନର୍ବାସ ଅଧିକାରୀଙ୍କ ପରଲୋକ

ଭବାନୀପାଟଣା,୧୯।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶୁଭାଶିଷ ମହାନ୍ତି (୫୨)ଙ୍କ ଗୁରୁବାର ସକାଳେ ହୃଦଘାତରେ ହାଇଦ୍ରାବାଦର ଏକ ଘରୋଇ



ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ହୃଦଜନିତ ସମସ୍ୟାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ଶୁଣି କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ୨୦ ବର୍ଷ ହେବ କଳାହାଣ୍ଡି ଜିଲାର କୋଣ ଅନୁକୋଣରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟରୁ ଆରମ୍ଭ କରି ଉପକରଣ ପ୍ରଦାନ, ସେମାନଙ୍କ ସଶକ୍ତିକରଣ ଆତ୍ମନିର୍ଭରଶୀଳତା ଆଦି ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକକୁ ନେଇ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### କେନ୍ଦୁବାହାଲି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ରାଜପଥ ଅବରୋଧ

ପଲମ,୧୯।୧୦(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତସ୍ଥିତ କେନ୍ଦୁବାହାଲି ଗ୍ରାମରେ ଏସ୍‌ଏଚଜି ମହିଳା ଓ ଯୁବକ ସଂଘ ସଭ୍ୟମାନଙ୍କ ଦ୍ୱାରା ବୁଧବାର ୫୯ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଉକ୍ତ ଗ୍ରାମର ଏକ ସର୍ବସାଧାରଣ ଜାଗାକୁ ଜବରଦଖଲ କରାଯାଇଥିବାରୁ ଏହାକୁ ଜବରଦଖଲମୁକ୍ତ କରିବା ଦାବିରେ ଏହି ରାସ୍ତାରୋକୋ ହୋଇଥିଲା। ୫୯ନଂ. ଜାତୀୟ ରାଜପଥକୁ ପ୍ରାୟ ୩ଘଣ୍ଟା ଅବରୋଧ କରାଯାଇଥିଲା। ପ୍ରକାଶ ଯେ, ୨୫ବର୍ଷ ହେଲା ସରକାରୀ ଜମି ସର୍ବସାଧାରଣ ଯାଗାରେ ଗ୍ରାମର ଏସ୍‌ଏଚଜି ମହିଳା ଓ ଯୁବକ ସଂଘ ସଭ୍ୟମାନେ ମିଳିତ ହୋଇ ଗୋଟିଏ ସଭାଗୃହ ନିର୍ମାଣ କରିଥିଲେ। ଉକ୍ତ ସଭାଗୃହଟି ଭୁଶୁଡି ଯିବା ଫଳରେ ତାଙ୍କ ଗ୍ରାମର ୨ଜଣ ବ୍ୟକ୍ତି ଜବରଦସ୍ତ ଭାବରେ ନିଜ ଆୟତ୍ତାଧିନ କରି ସେହି ଜାଗାରେ ଗୁହାଳ କରି ଗୋରୁ ରଖିଲେ। ଚଳିତବର୍ଷ ସଂଘର ସଭ୍ୟମାନେ ପୂଜାର୍ଚ୍ଚନା କରିବା ପାଇଁ ଉକ୍ତ ସ୍ଥାନ ଯିବା ସମୟରେ ଜବରଦଖଲକାରୀ ଗାଳିଗୁଲଜ କରି ତଡିଦେଇଥିଲେ। ଏହାକୁ ଜବରଦଖଲମୁକ୍ତ କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇଥିବାବେଳେ କୌଣସି ଫଳ ମିଳି ନ ଥିଲା। ତେଣୁ ଏସଏଚଜି ମହିଳା ଏବଂ ଯୁବକ ସଂଘର ସଦସ୍ୟମାନେ ମିଳିତ ଭାବରେ ରାସ୍ତାରୋକୋ କରିଥିଲେ। ନର୍ଲା ତହସିଲଦାର ଉକ୍ତ ଜାଗା ଚିହ୍ନଟ ଲାଗି ମାପଚୁପ କରିବାକୁ କହିବା ଓ ଜବରଦଖଲକାରୀଙ୍କୁ ନୋଟିସ କରିବା ପରେ ରାସ୍ତାରୋକୋ ହଟିଥିଲା।

# ତୁରନ୍ତ ଡାକ୍ତର ନିଯୁକ୍ତି କର

## ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

■ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଜିଲାପାଳଙ୍କୁ ଦାବିପତ୍ର

ଜୁନାଗଡ଼,୧୯।୧୦(ସୁନିଲ କୁମାର ସିଂହ)

କଳାହାଣ୍ଡି ଜିଲାର ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି ନେଇ ଜୁନାଗଡ଼ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟି ତଥା ସଚେତନ ସଂଗ୍ରାମ ସମିତିର କର୍ମକର୍ତ୍ତା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନରୁ ଡାକ୍ତର ପଦବୀ ଖାଲି ଥିବାରୁ ଏହା ପୂରଣ ନେଇ ସରକାରଙ୍କଠାରେ ଦାବି ରଖିଥିଲେ। ସରକାର ଅତିଶୀଘ୍ର ଏହା ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିକଟରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଳାହାଣ୍ଡିର ବିଭିନ୍ନ ଡାକ୍ତରଖାନାରେ ବିଭିନ୍ନ ଡାକ୍ତରୀ ପଦ ପୂରଣ ହୋଇଛି। ହେଲେ ଜୁନାଗଡ ଡାକ୍ତରଖାନାରେ ଏହି ଡାକ୍ତରୀ ପଦ ପୂରଣ ପାଇଁ ଅପେକ୍ଷା କରାଯାଇଥିବା ସୂଚନା ମିଳିଛି। ଏଥିନେଇ ଜୁନାଗଡ଼ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ସ୍ଥାନୀୟ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜନସାଧାରଣ କ୍ଷୋଭ ପ୍ରକାଶ କରିବା ସହ ପ୍ରତିକ୍ରିୟାଶିଳ ହୋଇଛନ୍ତି। ଏଥିନେଇ ଗୁରୁବାର ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ନେଇ କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଧର୍ମଗଡ ଉପଖଣ୍ଡର ଅର୍ଦ୍ଧାଧିକ ଲୋକ ନିର୍ଭର କରୁଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ୍ ସ୍ପେଶାଲିଷ୍ଟ ନିଯୁକ୍ତି ସହ ଅସ୍ତ୍ରୋପଚାର ସ୍ପେଶାଲିଷ୍ଟ ଡା. ପ୍ରହଲାଦ ନାଏକଙ୍କୁ ପୁଣି ଥରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଦାବି ଯଦି ଶୀଘ୍ର ପୂରଣ ନ ହୁଏ, ତାହାହେଲେ ମିଳିତ କ୍ରିୟାନୁଷ୍ଠାନ କମିଟି ପୁଣି ଥରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚରମ ଚେତାବନୀ ଦେଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ଆବାହକ ହିମାଂଶୁ ଶେଖର ବରାଡ, ପ୍ରଭାତ ଦାସ ଓ ସଂଯୋଜକ ତଥା ନଗରପାଳ ମୁକେଶ ଅଗ୍ରୱାଲ, ସଚେତନ ସଂଗ୍ରାମ ସମିତିର ଆବାହକ ରଶ୍ମିରଞ୍ଜନ ନାଏକ ଏବଂ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ବୋଡ଼େନ ଦୁର୍ଗାପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି



ନିର୍ମାଣ ହୋଇଥିବା ତୋରଣ।

ବୋଡେନ,୧୯।୧୦(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ୫୨ବର୍ଷରେ ପଦାର୍ପଣ କରୁଛି। ଏଥିପାଇଁ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଶନିବାର କଳସ ଯାତ୍ରା ଅନୁଷ୍ଠିତ ହେବ। ଆଡମ୍ବରପୂର୍ଣ୍ଣ ଭାବେ ପୂଜା କରିବାକୁ କମିଟି ନିଷ୍ପତ୍ତି ନେଇଥିବା ପୂଜା କମିଟି ସଭାପତି ସୁବ୍ରତ ମାଝି, ସମ୍ପାଦକ ସୌଦାଗର ସାହୁ, ଜ୍ୟୋତି ଦଣ୍ଡସେନା, ଗଣେଶ ଦଣ୍ଡସେନା, ରୁନୁ କୈବର୍ତ୍ତ କହିଛନ୍ତି। ମା' ଦୁର୍ଗାଙ୍କ ସମେତ ଗଣେଶ, ସରସ୍ୱତୀ, କାର୍ତ୍ତିକ ଏବଂ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି। ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। ଚଳିତବର୍ଷ ରୋହିତ ଦଣ୍ଡସେନା ଏବଂ ତାଙ୍କ ସ୍ତ୍ରୀ ରଶ୍ମିତା ଦଣ୍ଡସେନା କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇବେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା କରାଯାଇଛି।

# ଭାଜପା ଯୁବ ମୋର୍ଚ୍ଚାର ବିକ୍ଷୋଭ




ଗାନ୍ଧୀ ଛକଠାରେ ଭାଜପା ଯୁବ ମୋର୍ଚ୍ଚାର ବିକ୍ଷୋଭ।

## ଏସ୍‌ସି, ଏସ୍‌ଟି, ଓବିସି ଛାତ୍ରଙ୍କ ବୃତ୍ତି ଓ ଦକ୍ଷତା ବିକାଶ ପାଣ୍ଠି ହଡ଼ପ ଅଭିଯୋଗ

ଭବାନୀପାଟଣା,୧୯।୧୦(ଉତ୍ତମ କୁମାର ଦାଶ)

ଏସ୍‌ସି,ଏସ୍‌ଟି, ଓବିସି ଛାତ୍ରଙ୍କ ମେଧାବୃତ୍ତି ଓ ପିଏମ୍ ସ୍କୋଲାରଶିପରେ ଘୋଟାଲା ସମେତ ଯୁବକମାନଙ୍କ ଦକ୍ଷତା ବିକାଶ ପାଣ୍ଠିକୁ ହଡ଼ପ ପ୍ରତିବାଦରେ ଗୁରୁବାର କଳାହାଣ୍ଡି ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭବାନୀପାଟଣା ସହର ଗାନ୍ଧୀ ଛକଠାରେ ବିକ୍ଷୋଭ କରାଯାଇଛି। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ପରେ ଗାନ୍ଧୀ ଛକ ନିକଟରେ ଉପରୋକ୍ତ ଯୋଜନାର ହଡ଼ପ ଓ ଘୋଟାଲାକୁ ନେଇ ବିଜେଡି ସରକାରଙ୍କ ଉପରେ ବିଭିନ୍ନ ନାରାବାଜି କରାଯାଇଥିଲା। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଦୁଇଟି ଅଣଓଡ଼ିଆ ସଂସ୍ଥା ଦ୍ୱାରା ଚଳାଯାଉଥିବା ୧୬ଟି ଅନୁଷ୍ଠାନ ମଧ୍ୟରୁ ୮ଟିର ଜମାରୁ ଅସ୍ତିତ୍ୱ ନ ଥିବା ଓ ଆଉ ଗୋଟିଏ ଅନୁଷ୍ଠାନରେ ବସିବା ପାଇଁ କ୍ଷମତା ୬୦ ହୋଇଥିବା ବେଳେ ଅନୁଷ୍ଠାନ ୭୨୦ ଜଣଙ୍କ ତାଲିମ ପାଇଁ ଟଙ୍କା ନେଇଛନ୍ତି। ଦୁଇଟି ଜିଲାର ଦୁଇଟି ସଂସ୍ଥା ଦ୍ୱାରା ୧୫ କୋଟି ୫୭ ଲକ୍ଷ ଟଙ୍କାର ସିଧାସଳଖ ଦୁର୍ନୀତି ହୋଇଛି। ତେବେ ୩୦ ଜିଲାରେ ମୋଟ କେତେ କୋଟି ଟଙ୍କା ଦୁର୍ନୀତି ହୋଇଥିବ ବୋଲି ଯୁବ ମୋର୍ଚ୍ଚା କର୍ମକର୍ତ୍ତା ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କଳାହାଣ୍ଡି ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ସମାବେଶରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ମାନସ ଜେନା, ଦିବ୍ୟ ଦୀପ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଅବିନାଶ ନନ୍ଦ, ଯୁବ ମୋର୍ଚ୍ଚା ଭବାନୀପାଟଣା ନଗର ସଭାପତି ରାକେଶ ଶର୍ମା, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଯୁବ ନେତା ରୋହିତ ଦୁର୍ଗା, ସଞ୍ଜୀବ ଯୋଶୀ, ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ଉପରେ ସଚେତନତା ସଭା

କର୍ଲାମୁଣ୍ଡା,୧୯।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଗ୍ରାମପଞ୍ଚାୟତ ଭୋଇରମୁଣ୍ଡା ଗଜାନନ ଯୁବକ ସଂଘ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀଙ୍କୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୋଷ୍ଟମାଷ୍ଟର ଗୋପାଳ ସାହୁ, ସମ୍ମାନିତ ଅତିଥି ଭାବେ ସହ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର କମଳ ସାହୁ, ଆଇସିଡିଏସ୍ କର୍ମୀ ଝିଲି ସହୁ, ଇସି ମେମ୍ବର ମାଧବୀ ସାହୁ, ସ୍ଥାନୀୟ ବିଦ୍ୟାଳୟର ସଭାପତି ପୂର୍ଣ୍ଣମୀ ସାହୁ, ଗଜାନନ ଯୁବକ ସଂଘର ସଭାପତି ଗିରିଧାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ତରଫରୁ କରାଯାଇଥିବା ଯୋଜନାଗୁଡିକ କିଭଳି ଗାଁରେ ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରିବା ସହ ସାଇବର ଠକେଇ ଉପରେ ଅତିଥିମାନେ ସଚେତନ କରିଥିଲେ। ସଭାକାର୍ଯ୍ୟରେ ଯୁବକ ସଂଘ ସମ୍ପାଦକ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ବୃକ୍ଷ ରୋପଣ କରାଯାଇଥିଲା।

# ତେରେସିଂହାଠାରେ ମା' ପାଟଖଣ୍ଡା ଯାତ୍ରା ସମ୍ପନ୍ନ

କର୍ଲାମୁଣ୍ଡା,୧୯।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଐତିହାସିକ ଗ୍ରାମ ତେରେସିଂହା ଠାରେ ମା' ପାଟଖଣ୍ଡା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଯାତ୍ରାରେ ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ଶହଶହ ଭକ୍ତଙ୍କର ସମାଗମ ହୋଇଥିଲା। ଭକ୍ତମାନଙ୍କର ମାନସିକ ପୂରଣ ହୋଇ ଥିବାରୁ ଏଠାରେ ବୋଦା, କୁକୁଡ଼ା ବଳି ପଡ଼ିଥାନ୍ତି। ଏହି ଯାତ୍ରା ତେରେସିଂହା ସ୍କୁଲ ପଡ଼ିଆର ଗୋଟିଏ ପାର୍ଶ୍ୱରେ ତେରେସିଂହା ଓ ଅପରପାର୍ଶ୍ୱରେ ବେଲପଡ଼ାର ଯାତ୍ରା ହୋଇଥାଏ।



ପୂଜା ପୀଠରେ ମା' ପାଟଖଣ୍ଡାଙ୍କ ଛତରକୁ ପୂଜାର୍ଚ୍ଚନା କରାଯାଉଛି।

ତେରେସିଂହା ଯାତ୍ରା ଖଳାପଡ଼ିଆ ଓ ବେଲପଡ଼ା ଯାତ୍ରା ଖଳାରେ ଶହଶହ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଏହି ଯାତ୍ରା କୈବର୍ତ୍ତ ସମ୍ପ୍ରଦାୟର ହୋଇଥିଲେ ହେଁ ଏଥିରେ ବିଭିନ୍ନ ଜାତିର ଲୋକ ବାର ଦେହେଲିଆ ଭାବେ ରହିଥାନ୍ତି। ଯାତ୍ରାର ଆଠ ଦିନ ପୂର୍ବରୁ ଗୁଡ଼ି ପ୍ରବେଶ ହୋଇ ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କର ପୂଜା ହୋଇଥାଏ। ଯାତ୍ରାର ଏକ ଲୋକବିଶ୍ୱାସ ଆଜିବି ରହିଆସିଛି ଯେ, ଯାତ୍ରାର ପୂର୍ବ ରାତ୍ରୀ ପୂଜା ସ୍ଥାନରେ ଗୋରସ ରଖି ଦିଆଯାଇଥାଏ ଓ ସେହି ଗୋରସକୁ ରାତ୍ରିରେ ବାଘ ଆସି ପିଇ ଯାଉଥିବା କୁହାଯାଏ। ତେରେସିଂହା ଯାତ୍ରାର ମୁଖ୍ୟ ପୂଜକ ଦାମୋଦର ନାଏକ, ବରୁଆ ବିବେକାନନ୍ଦ ନାଏକ ଓ ମିନକେତନ ନାଏକ, ଛତ୍ରିଆ ଗୋପାଳ ନାଏକ, ଯାତ୍ରା କମିଟି ସଭାପତି ରୁଦ୍ର ଭୋଇ, ସମ୍ପାଦକ ସୁବିନ୍ଦ୍ର ରଣା, ସନାତନ ନାଏକ, ଧର୍ମ ରଣା, ଲତାବନ ରଣା,ଦୈତାରି ନାଏକ, ଜଗବନ୍ଧୁ ଭୋଇ, ଗୋପାଳ ବାଗ ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ'

ଭବାନୀପାଟଣା,୧୯।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୁଧବାର ଭବାନୀପାଟଣା ସହର ସ୍ଥିତ ପୋଲିସ ରିଜର୍ଭ ପଡିଆଠାରେ ଜିଲାସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ଉତ୍ସାହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା. ଅଜୟ କୁମାର ମିଶ୍ର, ପୂର୍ବତନ ସଦସ୍ୟ ସତ୍ୟନାରାୟଣ ମହାପାତ୍ର, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଶିଶୁ ସୁରକ୍ଷା ୟୁନିଟର ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସାହ କାର୍ଯ୍ୟକ୍ରମରେ ଜିଲାର ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରୁ ୧୮୦ ଜଣ ଅନ୍ତେବାସୀ



ଜିଲାସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ଉତ୍ସାହରେ କୃତୀ ପ୍ରତିଯୋଗୀ ଓ ଅତିଥିଗଣ।

## କୃତୀ ପ୍ରତିଯୋଗୀ ପୁରସ୍କୃତ

ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀଙ୍କ ମଧ୍ୟରେ ୧୦୦ ମିଟର ଦୌଡ ପ୍ରତିଯୋଗିତା ଓ ୨୦୦ ମିଟର ଦୌଡ, ଲମ୍ଫଡିଆ, ଉଚ୍ଚଡିଆଁ, ଚେସ, କ୍ୟାରମ ଓ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ହୋଇଥିବା ପ୍ରତିଯୋଗୀମାନ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଅବସରରେ ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ଦୁଲାଳ ସେନାପତି , ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧ୍ୟକ୍ଷ ଡା: ଅଜୟ ମିଶ୍ର ଓ ରାଜେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ସମସ୍ତ ଅତିଥିମାନଙ୍କୁ ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଟେଣ୍ଡର କଲ୍ ନୋଟିସ୍
ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା
DIST.: SUNDARGARH
No. 3122/DIR, RGH Dt.: 18.10.2023
No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from www.sundargarh.nic.in and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.
Sd./- (Dr. Santosh Kumar Swain)
Director, RGH, Rourkela
OIPR-10158/11/0002/2324

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM,BERHAMPUR
No.O-1311
Phone:0680-2291405, E-Mail:eerw_gm1@yahoo.co.in
Government of Odisha, e-Procurement Notice
Bid Identification No.Online Tender//04//SERWDG-I//2023-24
Letter No.3772// RWDG-I//BAM//Date:16.10.2023

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.
Sd./- Superintending Engineer
R.W. Division-I, Ganjam, Berhampur
OIPR-25085/11/0006/2324

E-Procurement Notice
OFFICE OF THE DIRECTOR,
TEXT BOOK PRODUCTION & MARKETING
KHARVEL NAGER, UNIT-III, BHUBANESWAR-751001.
No.n-204: TEL. NO.0674-2380871/72
E.MAIL-directortbpmodisha@gmail.com
Bid Letter No. 10444/TBPM. Dated. 18.10.2023
01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered "Agent Licence" for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.
02. Date & Time of availability of bid document in the portal
Start Date & Time: 19.10.2023 10.00 A.M.
Closing Date & Time: 08.11.2023 05.00 PM.
03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.
Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.
Sd/- DIRECTOR,
TEXT BOOK PRODUCTION & MARKETING,
BHUBANESWAR-1
OIPR-02005/11/0014/2324

OFFICE OF THE ENGINEER-IN-CHIEF (CIVIL)
ODISHA, BHUBANESWAR
GOVERNMENT OF ODISHA
"e"-PROCUREMENT NOTICE
WORKS DEPARTMENT
E-mail : ceworldbankprojects@gmail.com
Bid Identification No. CE-W.B.P. (O) - 28 / 2023-24
No.B-1102:1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.
Sd./- Chief Engineer
World Bank Project, Odisha
OIPR-34003/11/0047/2324

# ଗ୍ରାମବାସୀ ତିଆରି କଲେ ରାସ୍ତା


ଗ୍ରାମବାସୀ ମାଟି ପକାଇ ରାସ୍ତା ତିଆରି କରୁଛନ୍ତି।

ରିଆମାଳ, ୧୯।୧୦
(ନିରଞ୍ଜନ ବେହେରା)

ଦେବଗଡ ଜିଲା ରିଆମାଳ ବ୍ଲକ ମଳେହିପଡା ପଞ୍ଚାୟତ ରେଙ୍ଗାଲବାହାଲ ଗ୍ରାମରୁ କତ୍ରାପାଲି, ଖଣ୍ଡମୁଣ୍ଡା, ଦେଇ ହରିହରପୁର ଗ୍ରାମକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ୧୫ବର୍ଷ ହେଲା ହରିହରପୁର ମାଝି ସାହିରୁ ଖଣ୍ଡମୁଣ୍ଡା ଦେଇ ଯାଇଥିବା ୩ କି.ମି. ରାସ୍ତା ଉନ୍ନତିକରଣ ହୋଇନାହିଁ। ଫଳରେ ଏହି ରାସ୍ତା ଦେଇ ୩-୪ ଚକିଆ ଯାନ ଯିବା ବହୁ କଷ୍ଟକର ଥିଲା। ଏଠାରେ ବହୁ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିଲା। ଏହି ରାସ୍ତା ଉପରେ ହରିହରପୁରର ମାଝି ସାହି, ଅଙ୍ଗନୱାଡି ସାହି, ଖଣ୍ଡମୁଣ୍ଡା ଗ୍ରାମ, କତ୍ରାପାଲି ଗ୍ରାମର କିସାନ ସାହି ତଥା ଚଷାସାହିରୁ ୧୫୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ରାସ୍ତାର ଉନ୍ନତିକରଣ ପାଇଁ ପଞ୍ଚାୟତ ତଥା ବ୍ଲକ ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କଲେ ମଧ କିଛିପଦକ୍ଷେପ ନ ନେବାରୁ ଗ୍ରାମବାସୀମାନେ ମଳେହିପଡା ସମିତିସଭ୍ୟ ତଥା ରିଆମାଳ ବିକାଶ ମଞ୍ଚର ସଭାପତି ମୁନସୁନ କୁମାର ସାହୁଙ୍କ ସହଯୋଗରେ ଟ୍ରାକ୍ଟର ଯୋଗେ ମାଟିମୁରୁମ ଆଣି ରାସ୍ତାକୁ ମରାମତି କରିଥିଲେ। ଏଥିରେ ପ୍ରଶାନ୍ତ ପ୍ରଧାନ, ମାନସ ପ୍ରଧାନ, ସିବ ପ୍ରଧାନ, ଗୁନା ପ୍ରଧାନ, ଚନ୍ଦ୍ର ଖେଖର ପ୍ରଧାନ, ନିଳିମା ପ୍ରିୟଦର୍ଶନୀ ପ୍ରଧାନ, ବାବୁଲି ସାହୁ, ସନ୍ତୋଷ ସାହୁ, ହୃଷିକେଶ ସ୍ୱାଇଁ, ଶୁଶିଳ ସ୍ୱାଇଁ, ତପନ ପ୍ରଧାନ ପ୍ରମୁଖଙ୍କ ସହିତ ଶତାଧିକ ମହିଳା, ଯୁବଗୋଷ୍ଠୀ ସହଯୋଗ କରିଥିଲେ।।

# ୩ ମାସ ହେଲା ଅନ୍ଧାରରେ କେନ୍ଦୁଛାପଲ ଗ୍ରାମବାସୀ


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ନୂତନ ଟ୍ରାନ୍ସଫର୍ମର ଦାବି

ଦେବଗଡ, ୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟୁତ୍ ବିତରଣ କମ୍ପାନୀର ଅବହେଳା ଯୋଗୁ ଆଜିକୁ ପ୍ରାୟ ୩ ମାସ ହେଲା ଦେବଗଡ ଜିଲା ତିଲେଇବଣି ପଞ୍ଚାୟତ କେନ୍ଦୁଛାପଲ ଗ୍ରାମବାସୀ ଅନ୍ଧାରରେ ରହୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ଗୁରୁବାର ବିଜେଡି ଯୁବନେତା ସୋଭେନ ସାମଲଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ କାର୍ଯ୍ୟାଳୟକୁ ଆସି ନୂତନ ଟ୍ରାନ୍ସଫର୍ମର ସଂଯୋଗ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଆଜିକୁ ପ୍ରାୟ ୩ମାସ ହେଲା ବଜ୍ରପାତରେ କେନ୍ଦୁଛାପଲ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଫଳରେ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଥିଲେ। ବିଦ୍ୟୁତ ଟ୍ରାନ୍ସଫର୍ମର ସଂଯୋଗ କରିବାକୁ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମଧ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା। ଉକ୍ତ ଗାଁରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି। ବିଜୁଳି ନ ଥିବାରୁ ଅକଥନୀୟ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଉକ୍ତ ଗ୍ରାମରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଇବାକୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାରକୋଟ ସ୍ନାତକ କଲେଜରେ ବାର୍ଷିକ କ୍ରୀଡା

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହକି ଖେଳକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ସଙ୍ଗୀତ, ଅଭିନୟ, ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ, ଦଳଗତ ନୃତ୍ୟ, ସଲୋ ଡ୍ୟାନ୍ସ, କ୍ୟାରମ ଆଦି ପ୍ରତିଯୋଗିତା ହୋଇଥିଲା। ଅନ୍ତିମ ଦିବସରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯାତ୍ରାକର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅକ୍ଷୟ କୁମାର ସାହୁମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କେଲଜର ସମସ୍ତ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଭୋଟର ସଚେତନତା ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସନ୍ଧ୍ୟାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେସ କୁମାର ଉପାଧାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ, ଡେପୁଟି କଲେକ୍ଟର ତଥା ନିର୍ବାଚନ ଅଧିକାରୀ ସପନ କୁମାର ପ୍ରଧାନ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜଣେ ହେଲେ ଭୋଟର ଯେମିତି ମତଦାନରୁ ବଞ୍ଚିତ ନ ରହିବେ ସେଥିପ୍ରତି ସମସ୍ତଙ୍କୁ ସଚେତନ କରିବା ସହ ବୟସ ଅନୁଯାୟୀ ଭୋଟର କାର୍ଡ ସଂଶୋଧନ ଏବଂ ପଞ୍ଜିକୃତ କରିବାକୁ ପରାମର୍ଶ କରିଥିଲେ। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ୨୭ରୁ ଡିସେମ୍ବର ୯ ଯାଏଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧମରେ ଭୋଟରଙ୍କୁ ସଚେତନ କରାଯିବ। ବିଶେଷ କରି ଭୋଟର କାର୍ଡ ପଞ୍ଜିକୃତ ପାଇଁ ଯୁବବର୍ଗଙ୍କୁ ଏଥିରେ ସାମିଲ କରାଯିବ। ଏହି ଅବସରରେ ଆସନ୍ତା ୨୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ୱାକାଥନ କାର୍ଯ୍ୟକ୍ରମ ସହ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରାଯିବ। ଏଥିରେ ଜିଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀ, କଲେଜ ଛାତ୍ରୀଛାତ୍ର ଏବଂ ଜନସାଧାରଣ ସାମିଲ ରହିବେ। ଏଥିସହ ରଙ୍ଗୋଲି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନିର୍ବାଚନ ଆଧାରିତ ଫଟୋ ଏବଂ ଏଲଇଡି ମାଧମରେ ସଚେତନତା କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ।

## ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ନୂତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସନ୍ଧ୍ୟାରେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନବ ନିଯୁକ୍ତ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆଚାର୍ଯ୍ୟଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟ ମାନଙ୍କ ମଧରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, କୋଷାଧକ୍ଷ ଶ୍ରୀତମ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ମନୋଜ ସାହୁ, ଦେବେନ୍ଦ୍ର ଗଡନାୟକ, ନାଥ ଜାଲ , ସୁମନ୍ତ ବେହେରା ଓ ମିନତୀ ନାଏକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲାରେ କଂଗ୍ରେସ ଓ ମହିଳା କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ କରାଯିବ ବୋଲି ଏହି ଅବସରରେ ନୂତନ ସଭାନେତ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ।

# କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନ ରୋକିବାକୁ ସଚେତନତା

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଶେଷ କରି କାର୍ଯ୍ୟସ୍ଥଳୀରେ ମହିଳା କର୍ମଚାରୀମାନେ ବିଭିନ୍ନ ସମୟରେ ଯୌନ ଉତ୍ପୀଡନର ଶିକାର ହେଉଥିବା ବେଳେ ଏହାକୁ କିଭଳି ରୋକାଯାଇ ପାରିବ ଏବଂ ଏନେଇ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ଶିଶୁ ମଙ୍ଗଳ ସମିତି ଅଧକ୍ଷା ପିଙ୍କିରାଣୀ ନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରହରି ସିଂ, ଆଇନଜୀବୀ ପ୍ରିତୀପରିମିତା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ସାମିଲ ହୋଇଥିଲେ।

## ରିଆମାଳ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଉଗ୍ରସେନ ଓରାମ ଗୁରୁବାର ଯୋଗ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସରପଞ୍ଚ ସଂଘ ପକ୍ଷରୁ ଓରାମଙ୍କୁ ସ୍ୱାଗତ କରାଯାଇଥିଲା। ବିଡିଓ ଦାୟିତ୍ୱରେ ଥିବା ଦିବ୍ୟଶଙ୍କର ଜୟପୁରିଆଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଓରାମ ନୂତନ ବିଡିଓ ଭାବେ ଯୋଗ ଦେଇଛନ୍ତି। ସରକାରଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଆମର ଦାୟିତ୍ୱ ବୋଲି ଓରାମ ପ୍ରକାଶ କରିଛନ୍ତି। ବିଡିଓଙ୍କ ଯୋଗଦାନ ପରେ ସରପଞ୍ଚ ସଂଘ ସମ୍ପାଦକ ତଥା ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ, ଯୁଧିଷ୍ଠିର ପ୍ରଧାନ, ଶରତ କୁମାର ପ୍ରଧାନ, ଦଳଗୋବିନ୍ଦ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ଓରାମଙ୍କୁ ସ୍ୱାଗତ କରିଥିଲେ।

# ଦେବଗଡ଼ରେ ଯୋଡିହେଲା ଆଭାସି ଉଚ୍ଚ ନ୍ୟାୟାଳୟ

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)


ଉପସ୍ଥିତ ଓକିଲଗଣ।

ଦେବଗଡ ଜିଲା ନ୍ୟାୟାଳୟରେ ଗୁରୁବାର ଆଭାସି ଉଚ୍ଚ ନ୍ୟାୟଳୟର ଶୁଭାରମ୍ଭ କରାଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଆଭାସି ମାଧମରେ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆଭାସି ଜରିଆରେ ଉଚ୍ଚ ନ୍ୟାୟାଳୟ ବିଚାରପତି ସଙ୍ଗମ କୁମାର ସାହୁ ସାମିଲ ହୋଇଥିବା ବେଳେ ଦେବଗଡ ଜିଲା ନ୍ୟାୟାଳୟ ପରିସରରେ ଜିଲା ଜଜ୍ ଗୌତମ ଶର୍ମା, ଅତିରିକ୍ତ ଜିଲା ଜଜ୍ ସନ୍ତୋଷ ନାଏକ, ସିଜେଏମ ସର୍ବେଶ୍ୱର ଦାଶ, ସହକାରୀ ଦୌରାଜଜ୍ ସୁଧିର କୁମାର ମିଶ୍ର, ସିଭିଲ ଜଜ୍ ସିନିୟର ଡିଭିଜନ ସ୍ୱୟଂ ପ୍ରକାଶ ଦାଶ, ଏସ୍‌ଡିଜେଏମ ଲିଙ୍କିପ୍ରିୟା ସାହୁ, ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ, ଜେଏମ୍‌ଏଫସି କ୍ରିଷ୍ଣା ସୁବୁଦ୍ଧି ଏବଂ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଭାସି ନ୍ୟାୟାଳୟ ଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ଜନସାଧାରଣ ସୁଫଳ ପାଇପାରିବେ। ଆଭାସି ମାଧମରେ ଉଚ୍ଚ ନ୍ୟାୟାଳୟ ଚାଲିବା ଦ୍ୱାରା ବିଭିନ୍ନ ମାମଲାର ଶୁଣାଣୀ ଜିଲାରେ ହୋଇପାରିବ। ଫଳରେ ଲୋକେ ଖର୍ଚ୍ଚାନ୍ତର ଶିକାର ହେବନାହିଁ ଏବଂ ଆନୁସଙ୍ଗିକ ନ୍ୟାୟିକ ବ୍ୟବସ୍ଥାରେ ଜନସାଧାରଣ ଲାଭ ପାଇପାରିବେ।


ଦେବଗଡ ସହର ମଠ ସାହିସ୍ଥିତ ମା’ କନକ ଦୁର୍ଗା ମନ୍ଦିର ନବରାତ୍ର ପୂଜା ପଞ୍ଚମୀ ଦିବସରେ ମା’ଙ୍କ ସ୍କନ୍ଧ ମାତା ବେଶ।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ,୧୯।୧୦
(ଶଶାଙ୍କ ଶେଖର ଝାଙ୍କର)


ଚାମ୍ପିୟନ ଦଳକୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି।

ବାରକୋଟ ବ୍ଲକ ଦଣ୍ଡସିଂହା ପଞ୍ଚାୟତ ରେଙ୍ଗାଲବାହାଲ ଗ୍ରାମରେ ବାବା ନିଗମେଶ୍ୱର କ୍ଲବ ପକ୍ଷରୁ ଅନୁଷ୍ଠିତ ଦ୍ୱିଦୀବସିୟ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜାମୁନାଳୀ ଏସଜେ ୧୧ ଷ୍ଟାର ଫୁଟ୍‌ବଲ ଦଳକୁ ୨-୦ ଗୋଲରେ ପରାସ୍ତ କରି କେଲଡା ଓମ ସାଇ ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଥିଲା। ସରୋଜ ଗଡନାୟକ, ପ୍ରଶାନ୍ତ କୁମାର ସାନି, ଦେବାନନ୍ଦ ମିର୍ଦ୍ଧା, ଜଶବନ୍ତ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଫକିର ଦଳବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ସଭାପତି ଚୁଳଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ଧଳ, ହର୍ଷବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବାବା ନିଗମେଶ୍ୱର କ୍ଲବ ସମ୍ପାଦକ ମାନସ କୁମାର ପ୍ରଧାନ, ସିଦ୍ଧାନ୍ତ ସାହୁ, ରାକେଶ ସାହୁ, ସୁମନ୍ତ ସାହୁ, ଲିଟନ ସାହୁ, ମନୋଜ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


## ଟେଣ୍ଡର କଲ୍ ନୋଟିସ୍
ନିର୍ଦ୍ଦେଶକ ରାଉରକେଲା ସରକାରୀ ଡାକ୍ତରଖାନା, ରାଉରକେଲା
DIST.: SUNDARGARH

No. 3122/DIR, RGH Dt.: 18.10.2023

No. E-488: Sealed tenders are invited from registered manufactures / authorized distributors for supply of ଔଷଧ ଉପଯୋଗୀ ସାମଗ୍ରୀ ଏବଂ ବାୟୋମେଟିକାଲ୍ ବର୍ଜ୍ୟବସ୍ତୁ ଯୋଗାଣ for Rourkela Govt. Hospital, Rourkela, Dist.: Sundargarh. Details regarding the terms & conditions and tender paper may be download from **www.sundargarh.nic.in** and submit in the Office of the undersigned. The tender should reached in the Office of the undersigned by 16.11.2023 till 5.00 P.M. through Speed Post, Registered Post and Courier services along with all relevant documents and EMD. The tender will be opened 18.11.2023 at 11 A.M. in the presence of the tenderer or their authorized representative. The undersigned reserved the right to reject or cancelled above tender without assigned any reason thereof.

**Sd./- (Dr. Santosh Kumar Swain)**
**Director, RGH, Rourkela**
OIPR-10158/11/0002/2324

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM,BERHAMPUR
No.O-1311
Phone:0680-2291405, E-Mail:eerw_gm1@yahoo.co.in
**Government of Odisha, e-Procurement Notice**
Bid Identification No.Online Tender//04//SERWDG-I//2023-24
Letter No.3772// RWDG-I//BAM//Date:16.10.2023

| | | | |
|---|---|---|---|
| 1 | Name of the Work | :: | Repair to Road Works |
| 2 | Estimated Cost | :: | Rs.1.68 to 25.21 Lakhs |
| 3 | Period of Completion | :: | As per Annexure Column No.06 |
| 4 | Date & Time of Availability of Bid documents in the Portal | :: | From 20.10.2023 at 11.30 AM to 31.10.2023 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 31.10.2023 upto 6.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
**R.W. Division-I, Ganjam, Berhampur**
OIPR-25085/11/0006/2324

## E-Procurement Notice
OFFICE OF THE DIRECTOR,
TEXT BOOK PRODUCTION & MARKETING
KHARVEL NAGER, UNIT-III, BHUBANESWAR-751001.
No.n-204: TEL. NO.0674-2380871/72
E.MAIL-directortbpmodisha@gmail.com
**Bid Letter No. 10444/TBPM. Dated. 18.10.2023**

01.Description of tender: National Tender for Transportation of N.T.Books & allied Books from truck owners/Transport Agencies/Transport Contractors having registered “Agent Licence” for transportation of N.T.Books & Allied Books to different District Headquarter/Blocks all over Odisha for the Academic Session 2024-25.
02. Date & Time of availability of bid document in the portal
**Start Date & Time: 19.10.2023 10.00 A.M.**
**Closing Date & Time: 08.11.2023 05.00 PM.**
03. Name and address of the O.I.T.: O/o the Director, Text Book Production & Marketing, Kharvel Nagar, Unit-III, Bhubaneswar-751001.
Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in.
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/Partly) tender without assigning any reason thereof.

**Sd/- DIRECTOR,**
**TEXT BOOK PRODUCTION & MARKETING,**
**BHUBANESWAR-1**
OIPR-02005/11/0014/2324

## OFFICE OF THE ENGINEER-IN-CHIEF (CIVIL) ODISHA, BHUBANESWAR
GOVERNMENT OF ODISHA
“e”-PROCUREMENT NOTICE
WORKS DEPARTMENT
E-mail : ceworldbankprojects@gmail.com
**Bid Identification No. CE-W.B.P. (O) - 28 / 2023-24**

**No.B-1102:**1.The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2. Nature of work : Bridge works
3. No. of work : 11 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 19.10.2023 to 5.00 PM of 14.11.2023
7. Date of opening of Bid : Dt.15.11.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**
OIPR-34003/11/0047/2324

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଅର୍ଦ୍ଧେନ୍ଦୁ



@ ବବିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଦର୍ଶ ବସ୍ ଟର୍ମିନାଲ ଅଧାପନ୍ତରିଆ

ଭବାନୀପାଟଣା,୧୯।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣାଠାରେ ଗତ ଦେଢବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ଆଦର୍ଶ ବସ୍ ଟର୍ମିନାଲ ନିର୍ମାଣ କାମ ବିଳମ୍ବିତ ହୋଇଛି। ଏହି ଟର୍ମିନାଲ ନିର୍ମାଣ କାର୍ଯ୍ୟର ଶେଷ(ସମାପ୍ତି) ତାରିଖ ଗତ ଜୁନ୍ ୩୦ତାରିଖ ରହିଥିଲା। ହେଲେ ଏହି ତାରିଖ ସୁଦ୍ଧା ନିର୍ମାଣ କାମକୁ ନିର୍ମାଣକାରୀ ସଂସ୍ଥା ସମାପ୍ତି କରିପାରି ନ ଥିବାବେଳେ ସେହି ଦିନଠୁ ବର୍ତ୍ତମାନ ୪ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ନିର୍ମାଣ କାମ ଶେଷ ହୋଇପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ସମେତ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ଆସନ୍ତା ନଭେମ୍ବର ୩୦ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତରେ ଆସୁଥିବା ଏକ ସୂତ୍ରରୁ ଜଣାପଡିଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ପ୍ରକଳ୍ପ ସମେତ ଭବାନୀପାଟଣା ଆଦର୍ଶ ବସ୍ ଟର୍ମିନାଲ, ଲକ୍ଷ୍ମୀବସ୍ ଯୋଜନା ଓ ଭଙ୍ଗାବାରୀ ମେଡିକାଲ କଲେଜର ଶୁଭାରମ୍ଭ କରିବେ। ତେବେ ଭବାନୀପାଟଣା ଆଦର୍ଶ ବସ୍ ଟର୍ମିନାଲ କାମ ବର୍ତ୍ତମାନ ଅଧାପନ୍ତରିଆ ଅବସ୍ଥାରେ ରହିଥିବାରୁ ମୁଖ୍ୟମନ୍ତ୍ରୀ କିପରି ଏହାର ଉଦ୍‌ଘାଟନ କରିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କାର୍ଯ୍ୟର ଅଗ୍ରଗତି ଦେଖିବା ପାଇଁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି ନିର୍ମାଣ ହେଉଥିବା ଭବାନୀପାଟଣାସ୍ଥିତ ଆଦର୍ଶ ବସ୍ ଟର୍ମିନାଲକୁ ପରିଦର୍ଶନ କରିଛନ୍ତି। ଧାର୍ଯ୍ୟ ଶେଷ ସମୟର ଅବଧି ପରେ ବି କାର୍ଯ୍ୟ ପାଇଥିବା ଠିକାସଂସ୍ଥା ଏହାକୁ ଶେଷ କରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ଆସନ୍ତା ନଭେମ୍ବର ୩୦ପୂର୍ବରୁ ବସଷ୍ଟାଣ୍ଡ ନିର୍ମାଣ କାମ ଶେଷ କରିବାକୁ ଠିକାଦାରଙ୍କୁ ଜିଲାପାଳ ତାଗିଦ କରିଥିବା ମଧ୍ୟ ଶୁଣିବାକୁ ମିଳିଛି। ତେବେ ୩୦ ପୂର୍ବରୁ ବସ ଟର୍ମିନାଲ ନିର୍ମାଣ କାମ ଶେଷ ହେବା ବାହାଘର ବେଳେ ବାଇଗଣ ରୁଆ ଭଳି ସଦୃଶ୍ୟ ହୋଇଛି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା, ପିଡବ୍ଲ୍ୟୁଡି ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରକାଶ କୁମାର ବେହେରା, ସ୍ଥାନୀୟ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ନାୟକ, ଓଏସଆରଟିସିର ସହକାରୀ ପରିଚାଳକ ସ୍ୱଦେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ,ଏହି ବସଟର୍ମିନାଲକୁ ନିର୍ମାଣ କରିବା ପାଇଁ ଡି.କେ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକସନର ସୁମିତ ଜୈନ୍ ପାଇଥିବାବେଳେ ଏଥିପାଇଁ ୧୩.୦୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଫଳକରୁ ଜଣାପଡେ। ଗତ କିଛି ମାସ ତଳେ କଳାହାଣ୍ଡି ଗସ୍ତରେ ଆସି ୫-ଟି ସଚିବ ଭିକେ ପାଣ୍ଡିଆନ ଏହି ବସ ଟର୍ମିନାଲକୁ ପରିଦର୍ଶନ କରିଥିଲେ। ଏହା ପରେ ମଧ୍ୟ କାର୍ଯ୍ୟର ଅଗ୍ରଗତି ନ ହେବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ସେହିପରି ଏହି ଟର୍ମିନାଲର ତଦାରଖ ଦାୟିତ୍ୱ ପୂର୍ତ୍ତ ବିଭାଗକୁ ଦିଆଯାଇଥିବାବେଳେ ବିଭାଗ ପକ୍ଷରୁ ମଧ୍ୟ କାର୍ଯ୍ୟ ବିଳମ୍ବକୁ ନେଇ ନିର୍ମାଣକାରୀ ସଂସ୍ଥା ଉପରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ କ୍ଷୋଭର ବିଷୟ।



ଜିଲାପାଳ ବସ୍ ଟର୍ମିନାଲ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରୁଛନ୍ତି।

■ ଅଧାପନ୍ତରିଆ କାମକୁ ନେଇ ଜିଲାପାଳଙ୍କ ଅସନ୍ତୋଷ

■ ଆସନ୍ତା ୩୦ରେ ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ

# ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଉଦ୍‌ଯାପିତ

ଥୁଆମୂଳ ରାମପୁର,୧୯।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩, ଓଡ଼ିଶା ମିଲେଟସ ମିଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ବ୍ଲକ ଶିକ୍ଷାଧିକାରୀ ତପିମଣୀ ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶଚନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ର କିଶୋର୍ ନାଏକ, ନୋଡାଲ ସିଆରସିସି ସୁନାଧର୍ ମାଝି ମଞ୍ଚାସୀନ ଥିଲେ। ସିଆରସିସି ଉପେନ୍ଦ୍ର ପ୍ରଧାନ, ବ୍ଲକ ଶିକ୍ଷକ ସଂଘ ସଭାପତି ତଥା ସିଆରସିସି ଅଜିତ ନାୟକ, ଯଦୁମଣୀ ନାଏକ, ବିଜନ କୁମାର ଯୋଶୀ, ମାନସ ମୋହନ ଦଲେଇ, ତପନ କୁମାର ବେହେରା, ରଶ୍ମିରଞ୍ଜନ ସେଠୀ, ପ୍ରଦୀପ କୁମାର ନାଏକ, ଅଜିତ କୁମାର୍ ଦୁର୍ଗା, ଉମ୍ବରୁଧର ନାଏକ, ଖଗେଶର ନାଏକ, ସୁବାସ ଚନ୍ଦ୍ର ବିଶାଳ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ମୋଟ ୧୮ଟି ବିଷୟରେ ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ଯାହାକି ଛାତ୍ରଛାତ୍ରୀ ମାନଙ୍କର ଶୃଙ୍ଖଳିତ ପ୍ରତିଭାର ବିକାଶ ସହ ଓଡିଶା ମିଲେଟସ, ପୁଷ୍ଟି ଶସ୍ୟ ସହ ସୁସ୍ଥ ଜୀବନ ସମ୍ପର୍କରେ ଅବଗତ କରାଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜୟ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ବେଦାନ୍ତ ପକ୍ଷରୁ ମୋତିଆବିନ୍ଦୁ ଚିକିତ୍ସା ଶିବିର




ମୋତିଆବିନ୍ଦୁ ଚିକିତ୍ସା ଶିବିରରେ ଅଂଶଗ୍ରହଣ କରିଥିବା ରୋଗୀ ଓ ଅନ୍ୟମାନେ।

ଲାଞ୍ଜିଗଡ, ୧୯।୧୦ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ପକ୍ଷରୁ ବାର୍ଷିକ ମେଗା ମୋତିଆବିନ୍ଦୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ମହାନଦୀ ନେତ୍ର ଚିକିତ୍ସାଳୟ ସହଯୋଗରେ ବେଦାନ୍ତ ହସ୍ପିଟାଲରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଗୁଣାତ୍ମକ ତଥା ସୁବିଧାରେ ଚକ୍ଷୁ ଯତ୍ନ ସମ୍ବନ୍ଧରେ ସ୍ଥାନୀୟ ଲୋକମାନଙ୍କୁ ସହାୟତା ପାଇଁ ଏହି ଶିବିର ଧ୍ୟାନ ଦେଇଥିଲା। ଚଳିତବର୍ଷ ଲାଗି ଏହି ଶିବିର ୭ଟି ପର୍ଯ୍ୟାୟରେ ୪୦ ଜଣ ହିତାଧିକାରୀଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ ସହ ସମୁଦାୟ ୨୮୦ ଜଣଙ୍କୁ ସହାୟତା କରିବ। ୨୦୧୪ରେ ଆରମ୍ଭ ହେବା ପରଠାରୁ ଏହି ଶିବିର ମାଧ୍ୟମରେ ୧ହଜାର ଅପରେସନ କରାଯାଇଛି। ରୋଗୀମାନଙ୍କ ପାଇଁ ପ୍ରାଥମିକ ପରୀକ୍ଷାଠାରୁ ଆରମ୍ଭ କରି ସର୍ଜରୀ ଓ ନିୟମିତ ଦେଖାଶୁଣା ସାଙ୍ଗକୁ ମୋତିଆବିନ୍ଦୁ ଅପରେସନ କରାଉଥିବା ରୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରାଯାଉଛି। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅପରେସନ ସଫଳତା ୩୮ ଜଣ ରୋଗୀ ଉପକୃତ ହୋଇଥିଲେ। ପୂର୍ବବର୍ଷ ୬ଟି ପର୍ଯ୍ୟାୟରେ ମୋଟ ୨୨୧ଟି ଅପରେସନ ସଫଳତା ପୂର୍ବକ କରାଯାଇଥିଲା। ଆରୋଗ୍ୟ ପ୍ରକଳ୍ପ ଅଧିନରେ ଗୋଷ୍ଠୀର ସ୍ୱାସ୍ଥ୍ୟସେବାବଳଙ୍କ ଦ୍ୱାରା ପରିଚାଳିତ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଅଂଶ ଭାବେ ମୋତିଆ ବିନ୍ଦୁ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କୁ ସହାୟତା ଯୋଗାଇ ଦେଇଥିଲେ। କଳାହାଣ୍ଡିର ୬୫ଟି ଗ୍ରାମରେ ୨୨ ହଜାରରୁ ଅଧିକ ରୋଗୀମାନଙ୍କ ଯତ୍ନ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ବେଦାନ୍ତ ଲିମିଟେଡ୍ ଡେପୁଟି ସିଇଓ ଜି.ଜି ପାଲ କହିଛନ୍ତି ଯେ, ଆମ ଗୋଷ୍ଠୀର କଲ୍ୟାଣ ହେଉଛି ଆମର ପ୍ରାଥମିକତା। ଆମେ ସେମାନଙ୍କ ବ୍ୟାପକ ସ୍ୱାସ୍ଥ୍ୟ ସେବାକୁ ନିଶ୍ଚିତ କରିବା ଲାଗି ସେମାନଙ୍କ ପାଇଁ ନିରନ୍ତର ଧ୍ୟାନ ପ୍ରଦାନ କରିଆସୁଛୁ।

# ବିକାଶ ଇନଷ୍ଟିଚ୍ୟୁସନରେ ଜଳ ବିଶୋଧନାଗାର ଲୋକାର୍ପିତ

ଭବାନୀପାଟଣା,୧୯।୧୦(ଉତ୍ତମ କୁମାର ଦାଶ)

'ଜଳ ହିଁ ଜୀବନ' ଏହି ଉକ୍ତିଟିକୁ ସତ୍ୟତା ପ୍ରତିପାଦିତ କରିବାକୁ ଯାଇ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଭବାନୀପାଟଣାସ୍ଥିତ ବିକାଶ ଉଇସଡ଼ମ ପାର୍କ ପରିସରରେ ଗୁରୁବାର ଏକ ଜେଡଏଲଡି ଜିରୋ ଲିକ୍ୟୁଡ ଡିସଚାର୍ଜ ସ୍ୱେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଲୋକାର୍ପିତ ହୋଇଯାଇଛି। ଏହାକୁ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ଲାଣ୍ଟ ସହ ସଂଯୁକ୍ତ ହୋଇଛି ଏମ ବିବି ଆର ଓ ଆରଏଏସ ପ୍ରକଳ୍ପ। ଏହି ପ୍ଲାଣ୍ଟଟି ବିଦ୍ୟାଳୟ ଓ ହଷ୍ଟେଲରୁ ନିଷ୍କାସିତ ହେଉଥିବା ଦୂଷିତ ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ଉଦ୍ଦିଷ୍ଟ। ଏହା ସମ୍ପୂର୍ଣ୍ଣ ରୂପେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱୟଂ ସମ୍ପୂର୍ଣ୍ଣ ପରିଚାଳିତ ପ୍ଲାଣ୍ଟ। ଯାହାକି ଓଡ଼ିଶାରେ ପ୍ରଥମ। ଏହି ପ୍ଲାଣ୍ଟକୁ ପ୍ରଥମ କରି ବିକାଶ ଉଇସଡମ୍ ପାର୍କ ପରିସରରେ ସ୍ଥାପନ କରାଯାଇଛି। ଏହାର ଜଳ ବିଶୋଧନ କ୍ଷମତା ହେଉଛି ୫ ଲକ୍ଷ ଲିଟର ପ୍ରତିଦିନ । ଏହା ଅନବରତ ଭାବେ କାର୍ଯ୍ୟ କରିଥାଏ। ଏହା ଚାରୋଟି ସ୍ତର ମଧ୍ୟଦେଇ ଦୂଷିତ ଜଳକୁ ବିଶୋଧନ କରି ପୁନଃ ବ୍ୟବହାର ଉପଯୋଗୀ କରିଥାଏ। ଏଥିରେ ବ୍ୟାକ୍ଟେରିଆ କଲଚର୍ ପୂର୍ବକ ଜଳକୁ ବିଶୋଧନ ଓ ଦୁର୍ଗନ୍ଧ ମୁକ୍ତ କରିଥାଏ। ଏଥିରେ ଖୁବ କମ ରାସାୟନିକ ଦ୍ରବ୍ୟ ବ୍ୟବହୃତ ହୋଇଥାଏ। ଏହା ଖୁବ କମ ବିଜୁଳିଶକ୍ତି ଆବଶ୍ୟକ କରିଥାଏ। ଏହାର ରକ୍ଷଣା ବେକ୍ଷଣ ଖର୍ଚ୍ଚ ବହୁ ସ୍ୱଳ୍ପ। ଏହି ପ୍ଲାଣ୍ଟଟିକୁ ୫୦୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ସ୍ଥାପନ କରାଯାଇଛି। ଦରକାର ପଡ଼ିଲେ ଏହାକୁ ସହଜରେ ଅନ୍ୟତ୍ର ସ୍ଥାନାନ୍ତରଣ କରିବାର ପ୍ରକ୍ରିୟା ମଧ୍ୟ ଉପଲବ୍ଧ। ଏହି ପ୍ଲାଣ୍ଟଟିର କାର୍ଯ୍ୟକାଳ ପ୍ରାୟ ୩୦ ରୁ ୩୫ ବର୍ଷ। ଏହାର ବ୍ୟୟ ଅଟକଳ ପ୍ରାୟ ୨ କୋଟି ଟଙ୍କା। ଏହି ପ୍ଲାଣ୍ଟକୁ ଇନଜିଓଟେକ ଏକ୍ୟୁଆ ଇଞ୍ଜିନିୟର ସମ୍ବଲପୁର ଦ୍ୱାରା ନିର୍ମାଣ କରାଯାଇଛି। ଏହାଦ୍ୱାରା ଭୂତଳ ଜଳର ବ୍ୟବହାରକୁ ହ୍ରାସ କରାଯାଇ ଜଳର ପୁନଃ ବ୍ୟବହାର କରି ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ପାରୁଛି। ଏହା ଭବିଷ୍ୟତରେ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଏହା ଏକ ସମୟପୋଯୋଗୀ ପଦକ୍ଷେପ।



ଜଳବିଶୋଧନାଗାରକୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ଲୋକାର୍ପଣ କରୁଛନ୍ତି।

# ୫ ଏକର ଜେଲ ଜମି ହସ୍ତାନ୍ତର ନିର୍ଦ୍ଦେଶ

**ବଲାଙ୍ଗୀର,୧୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର):** ସ୍ଥାନ ନିରୂପଣକୁ ନେଇ ଦୀର୍ଘ ଦିନ ଧରି ବାଦବିବାଦରେ ଥିବା ବଲାଙ୍ଗୀର ନୂଆ ସିଭିଲ କୋର୍ଟ କୋଠା ପାଇଁ ଶେଷରେ ଜମି ଚିହ୍ନଟ ହୋଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ଦିଆଯାଇଥିବା ଚିଠି ନମ୍ବର ୩୬୫୨୬/ତା୧୩।୧୦।୨୦୨୩ ଅନୁସାରେ ବଲାଙ୍ଗରର ନୂଆ ସିଭିଲ କୋର୍ଟ କୋଠା ପାଇଁ ଆବଶ୍ୟକ ଜମି ପ୍ରଦାନ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ବଲାଙ୍ଗୀର ତହସିଲ ଅନ୍ତର୍ଗତ ମୌଜା କର ୫.୦୭୯ ଏକର ଜମି ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ବଲାଙ୍ଗୀର ଜିଲା ଜେଲ ଅଧିନସ୍ଥ ୫.୦୭୯ ଏକର ପରିମିତ ଜମିକୁ ଆଇନ ବିଭାଗକୁ ଛାଡି ଦେବାକୁ ରାଜି ହୋଇଥିବା ଜଣାପଡିଛି। ଜମି ହସ୍ତାନ୍ତର ପ୍ରକ୍ରିୟା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜସ୍ୱ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି କରାଯାଇଛି। ଜମି ସଂକ୍ରାନ୍ତୀୟ ଏଭଳି ନିର୍ଦ୍ଦେଶନାମା ପରେ ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଏବଂ ସଂଘର ସଭ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ ଏବଂ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉକ୍ତ ଜମି ଖୁବ୍‌ଶୀଘ୍ର ହସ୍ତାନ୍ତର ହେବ ଏବଂ ନୂଆ ଜିଲା କୋର୍ଟ କୋଠା ତିଆରି ହେବ ବୋଲି ଓକିଲ ସଂଘ ପକ୍ଷରୁ ଆଶା କରାଯାଇଛି।

**ଖୁବ୍ ଶୀଘ୍ର ତିଆରି ହେବ ନୂଆ ସିଭିଲ କୋର୍ଟ**


## କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୫୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଟ୍ରାନ୍ସପୋର୍ଟେସନ୍-ସିସିଆଇ/ଓଡ଼ିଶା/କେଭଏନ୍-I ଓ II/ବରଗଡ଼/୨୦୨୩-୨୪ ତାରିଖ: ୧୮।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/କେଭଏନ୍-I ଓ II/ବରଗଡ଼/୨୦୨୩-୨୪ ତାରିଖ: ୧୮।୧୦।୨୦୨୩

### ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ପାଟନା ଅଞ୍ଚଳ ଅଧୀନରେ ଓଡ଼ିଶା ରାଜ୍ୟରେ ସିଡବ୍ଲ୍ୟୁ-କେନ୍ଦୁପାଲି-I, କେନ୍ଦୁପାଲି-II ଏବଂ ସିଡବ୍ଲ୍ୟୁ-ବରଗଡ଼ ଠାରେ ଏଫ୍‌ପି କଟନ୍ ବେଲ୍‌ସ ର ହ୍ୟାଣ୍ଡଲିଂ ଏବଂ ତତ୍‌ସମ୍ପର୍କିତ ସେବା ଆଦି ପାଇଁ ନିୟମିତ ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ତଥା ସିଡବ୍ଲ୍ୟୁ-କେନ୍ଦୁପାଲି-I, କେନ୍ଦୁପାଲି-II ଏବଂ ସିଡବ୍ଲ୍ୟୁ-ବରଗଡ଼ ଠାରେ ଏଫ୍‌ପି କଟନ୍ ବେଲ୍‌ସ ର ପରିବହନ ପାଇଁ ନିୟମିତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଦୁଇଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୧୮।୧୦।୨୦୨୩ରିଖରୁ ତା୦୭।୧୧।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ । ପରବର୍ତ୍ତୀ ଅପଡେଟ୍, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ ।

କ୍ଷେତ୍ରୀୟ ପ୍ରବନ୍ଧକ



## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER,EHT(O&M) DIVISION, KESINGA
CIN:U40102OR2004SGC007553
Lifeline of Odisha

No. 495 Dated : 17.10.2023
No. CAD-

### NOTIFICATION

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Dept. of Energy, G.O.O Order No: 2353-R&R-II-10/2006, dated 09th March 2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the DGM, EHT(O&M)Division, Kesinga within one months from the date of publication of this notification. Full details of the scheme and plan may be seen in the office of the Deputy General Manager (Elect.) on any working day during office hours.

**Name of the Work:-** Diversion work of 132kV Kesinga-Saintala SC Line from Loc No. 65 to 73 due to Construction of Proposed NH-59 in between Loc No.68-69.

**Perceived benefit that may accrue :** To cross Proposed NH-59 for maintaining safety clearance.

**Name of the Village in which the line will Pass :**
**Tahasil-** Saintala, **RI Circle-** Belgaon **Village -** Bhikabahali, **Dist. -** Bolangir.

FIPR-47/2023-24
OIPR-04011/11/0105/2324
Deputy General Manager(El.)
EHT(O&M)Division,Kesinga

/optcl.odisha /optcl_odisha



# ADMISSION NOTICE

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
Olatpur, P.O: Bairoi, Dist-Cuttack-754010 (Odisha)
Tel: 0671-2805347, Mob: 9438568953, 9937755426, 9437308666
Website : https://svnirtar.nic.in, Email: dasvnirtar@gmail.com,
पंगु लंघयते गिरिः

Applications are invited from the eligible candidates in the prescribed form for admission into;

## BACHELOR IN AUDIOLOGY AND SPEECH LANGUAGE PATHOLOGY (BASLP), 2023-24

### ELIGIBILITY

Candidates passed 10+2 or an equivalent examination from a recognized Board with minimum of 50% aggregated marks. The applicant should have studied Physics, Chemistry and any one of the subject: Biology/ Mathematics/ Computer Science/ Statistics/ Electronics/ Psychology.

**DURATION OF THE COURSE : 04 Years**

**Date of available of Application Form in website & Department of Academics, SVNIRTAR: 20.10.2023**

**Closing date of Receipt of Application form: 06.11.2023 (05.00 PM)**

**For more details log on to https://svnirtar.nic.in**

Sd/-
Director



## TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007

**NOTICE INVITING TENDER**
**NIT No.: TPCODL/P&S/NIT/23-24/20**

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000452/23-24 | Supply of Man Elevator 14 Meter Height |
| 2 | TPCODL/P&S/1000000453/23-24 | Supply of Portable CTPT Tester |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from date. 23.10.2023. Future communication / corrigendum to tender documents, if any, shall be available on TPCODL website.



## ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ଡିଏସ୍‌ବିଏମ୍-ଶେଡ୍ କ୍ଲିନିଂ-୨୦୨୩-୫ଏ, ତାରିଖ: ୧୯।୧୦।୨୦୨୩ ।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଜେଲ), ବଣ୍ଡମୁଣ୍ଡା, ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ ସେବା ଚୁକ୍ତି ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଡିଏସ୍‌ବିଏମ୍, ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥଠାରେ ୦୨ ବର୍ଷ (୭୩୧ ଦିନ) ପାଇଁ ଲୋକୋ ସଫେଇ, ଶେଡ୍ ସଫେଇ, ଆବର୍ଜନା ହଟାଇବା ଏବଂ କ୍ଷତିକାରକ କଠିନ ବର୍ଜ୍ୟବସ୍ତୁର ନିଷ୍କାସନ କରିବା । **ଟେଣ୍ଡର ମୂଲ୍ୟ:** ₹ ୧,୨୭,୩୫,୪୮୭/- । **ଇ.ଏମ୍.ଡି.:** ₹ ୨,୧୩,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୦୬।୧୧।୨୦୨୩, ୧୧.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । **ଦ୍ରଷ୍ଟବ୍ୟ:** ସେବା ଚୁକ୍ତି ଲାଗି ବିଚାରକୁ ଆସିବା ନିମନ୍ତେ ବିଡର ନିଜ ବିଡ୍ ସହିତ ତାଙ୍କ ଦ୍ୱାରା ନିର୍ବାହ କରାଯାଇଥିବା କାର୍ଯ୍ୟର ବିବରଣୀଗୁଡ଼ିକୁ ଦାଖଲ କରିବେ, ଯେଉଁଥିରେ ଚୁକ୍ତିର ପ୍ରକୃତି/ପରିସର, ବାସ୍ତବ ସମାପ୍ତି ମୂଲ୍ୟ ଏବଂ ଏପରି ଚୁକ୍ତିର ବାସ୍ତବ ସମାପ୍ତି ତାରିଖ ସ୍ପଷ୍ଟ ଭାବେ ଦର୍ଶାଯାଇଥିବା ଆବଶ୍ୟକ । ଏହି ସର୍ତ୍ତ ଅନୁଯାୟୀ ବିଡର ପ୍ରାମାଣିକ ଦସ୍ତାବିଜ ଦାଖଲ କରିବାରେ ବିଫଳ ହେଲେ, ଅଫରକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ । (PR-733)



## ପୂର୍ବ ତଟ ରେଳପଥ

ସଂ.Comml/SBP/E-auction/Catg./23/22
ତା.11.10.2023ରିଖ

**କ୍ରମ ସଂ. 1 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ବରଗଡ଼ ରୋଡ଼ "B" ବର୍ଗ (BRGA) / ପ୍ଲାଟଫର୍ମ - 01 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ସ୍ପେଶାଲ ମାଇନର ୟୁନିଟ୍- ସ୍ୱାଧୀନତା ସଂଗ୍ରାମୀ / ଯୁଦ୍ଧ ବିଧବା ଏବଂ ରେଳ କର୍ମଚାରୀଙ୍କ ବିଧବା ପତ୍ନୀ, ରେଳବାଇ ଦ୍ୱାରା ନିଜ ବ୍ୟବହାର ପାଇଁ ଜମି ହରାଇ ସ୍ଥାନାନ୍ତରିତ / ବିସ୍ଥାପିତ ହୋଇଥିବା ବ୍ୟକ୍ତି ବିଶେଷ) ବ୍ୟବସ୍ଥା ।

**କ୍ରମ ସଂ. 2 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ - 02/03 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା ।

**କ୍ରମ ସଂ.3 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ - 02/03 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା ।

**କ୍ରମ ସଂ.4 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ନୂଆପଡ଼ା ରୋଡ଼ "D" ବର୍ଗ (NPD)/ ପ୍ଲାଟଫର୍ମ - 01 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.31.10.2023ରିଖ 1100 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)

**ନିଲାମ ବନ୍ଦ ହେବା ତାରିଖ ଓ ସମୟ :** ତା.31.10.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)

ଟେଣ୍ଡର ବିଜ୍ଞପ୍ତି ସଂ. C-NIT-TS1-KSNG-GMU-W-PF2/3, ତା.09.10.2023ରିଖ

**କାର୍ଯ୍ୟର ନାମ :** 05(ପାଞ୍ଚ) ବର୍ଷ ସମୟାବଧି ନିମନ୍ତେ କେସିଙ୍ଗା (KSNG) ଷ୍ଟେସନର ପ୍ଲାଟଫର୍ମ ନଂ.02/03 (ଟିଟିଲାଗଡ଼ ଏଣ୍ଡ) ଠାରେ ଚା ଦୋକାନ (Tea Stall) ନିମନ୍ତେ ଟେଣ୍ଡର ।

**ପ୍ରତ୍ୟେକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ :** ₹ 90,000/- (ନବେ ହଜାର), EMD : ₹ 22,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 2,500/- + @ 18% GST = ₹ 2,950/- (ଫେରସ୍ତ ଯୋଗ୍ୟ ନୁହେଁ), ସମୟ ଅବଧି: 5 ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.11.2023 ରିଖ 1100 ଘଟିକାରେ ।

**ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା.03.11.2023 ରିଖ 1130 ଘଟିକାରେ ।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-677/O/23-24

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଅର୍ଦ୍ଧେନ୍ଦୁ


@ ବବିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫୁଲଚରାକୁ ହରାଇ ଲାତ୍ତୁରପେଟ ଚାମ୍ପିୟନ

**ଅମରପାଲି,୧୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତ ର ବିଶାଳପାଲି ଗ୍ରାମରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଫୁଲଚରାକୁ ହରାଇ ଲାତ୍ତୁରପେଟ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଜିଲାର ଶ୍ରେଷ୍ଠ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବିଶାଳପାଲି ଓ ବର୍ଡ଼ାକଟା ମଧ୍ୟରେ ହୋଇଥିଲା। ଏଥିରେ ବର୍ଡ଼ାକଟା ଦଳ ୧-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ଲାତ୍ତୁରପେଟ ଓ ଘିଚାପାଲି ମଧ୍ୟରେ ହୋଇଥିଲା। ଏଥିରେ ଲାତ୍ତୁରପେଟ ୨-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା। ତୃତୀୟ ମ୍ୟାଚ ମାଣିକପୁର ଓ ଫୁଲଚରା ମଧ୍ୟରେ ହୋଇଥିଲା। ଏଥିରେ ଫୁଲଚରା ବିଜୟୀ ହୋଇଥିଲା। ଅନ୍ତିମ ଲିଗ ମ୍ୟାଚ ସୁବଲୟା ଓ ଲସ୍ତଲା ମଧ୍ୟରେ ହୋଇଥିବା ବେଳେ ଏଥିରେ ଲସ୍ତଲା ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚରେ ବର୍ଡ଼ାକଟାକୁ ୨-୦ ଗୋଲରେ ପରାସ୍ତ କରି ଲାତ୍ତୁରପେଟ ଦଳ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲରେ ଫୁଲଚରା ଦଳ ପେନାଲ୍ଟି ସୁଟ ଆଉଟରେ ୧-୦ ଗୋଲରେ ଲସ୍ତଲାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ଟି ଲାତ୍ତୁରପେଟ ଓ ଫୁଲଚରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିବାରୁ ପେନାଲ୍ଟି ଶୁଟ ଆଉଟରେ ୧-୦ ଗୋଲରେ ବିଜୟୀ ହୋଇ ଲାତ୍ତୁରପେଟ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଆମ୍ବା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଲାତ୍ତୁରପେଟ ଦଳକୁ ଟ୍ରଫି ସହିତ ନଗଦ ୫ ହଜାର ଟଙ୍କା ଏବଂ ରନର୍ସ ଅପ୍ ଫୁଲଚରା ଦଳକୁ ଟ୍ରଫି ସହିତ ନଗଦ ୪ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅଜିତ ନାଏକ, ଶ୍ରବଣ ବିଶାଳ, ପ୍ରଶାନ୍ତ ସେଠୀ ଓ ବିଦ୍ୟାଧର ସାହୁ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଆୟୋଜକ ଅବିନାଶ ରାଏ, ଲୁଭନ କଲତା, ସତ୍ୟରାଜ ବୁଡା, ନୀତିନ କଲତା, ଟୁନା କଲତା, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ସହିତ ଫାଇନାଲ ମ୍ୟାଚର ଉଭୟ ଦଳର ଖେଳାଳିମାନେ।

**ବିଶାଳପାଲିରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ସ୍ୱାଧୀନତା ପରେ ଭାରତର ହୋଇଛି ଅର୍ଥନୈତିକ ପ୍ରଗତି

**ବୀରମହାରାଜପୁର ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସ୍ୱାଗତ ଉତ୍ସବ**

**ଅମରପାଲି,୧୯।୧୦(ପୀତାମ୍ବର ସାହୁ)**

ଭାରତ ସ୍ୱାଧୀନ ହେବା ସମୟରେ ଏହାର ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। ତେବେ ଭାରତୀୟମାନଙ୍କ କଠିନ ପରିଶ୍ରମ ଯୋଗୁ ଆମ ଦେଶ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି କରିଛି। ଯେଉଁ ଦେଶ ଦିନେ ଭାତମୁଠେ ପାଇଁ ବିଶ୍ୱ ସମୁଦାୟ ପାଖରେ ହାତପତଉ ଥିଲା ସେହିଦେଶ ଆଜି ସମଗ୍ର ବିଶ୍ୱକୁ ଖାଦ୍ୟ ରପ୍ତାନୀ କରୁଛି। ସମ୍ପ୍ରତି ଆମ ଦେଶ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ସହିତ ଅନେକ ଦେଶକୁ ଅସ୍ତ୍ର ବିକ୍ରୟ କଲାଣି। ଆଗାମୀ ଦୁଇ ଦଶନ୍ଧି ଭିତରେ ଭାରତ ବିଶ୍ୱର ପ୍ରମୁଖ ଅସ୍ତ୍ର ଉତ୍ପାଦନକାରୀ ଦେଶ ଭାବରେ ପରିଗଣିତ ହେବ। ଦେଶର ପ୍ରଗତିରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୀରମହାରାଜପୁର ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସ୍ୱାଗତ ଉତ୍ସବରେ ଯୋଗଦେଇ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ବିଭାଗୀୟ ମୁଖ୍ୟ ଯଜ୍ଞେଶ୍ୱର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ପୁରୋହିତ ଓ ଅଧ୍ୟାପକ ସତ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରଭାତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଚନ୍ଦନ, ଶିବାନନ୍ଦ, ଅମ୍ବରୀଶ, ମିଲି, ରୁବି, ବିନିରାଣୀ, ସଂଘମିତ୍ରା, ପିଣ୍ଟୁ, କିନୁ, ଜନନୀ, ଝିଲି, ପ୍ରିୟତମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସଂକୀର୍ତ୍ତନ ସନାତନ ସଂସ୍କୃତିର ମୂଳ ଆଧାର

**ଘଣ୍ଟାପଡା,୧୯।୧୦(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ବୁଢାଦେଓ ପୀଠରେ ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ପଞ୍ଚାୟତସ୍ତରୀୟ ସଂକୀର୍ତ୍ତନ ଧାରା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ୧୮ ଗୋଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇ ହରିନାମ ମହାମନ୍ତ୍ର ଗାନ କରିଥିଲେ। ଉଦ୍‌ଯାପନୀ ସଭାରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂକୀର୍ତ୍ତନ ସନାତନ ସଂସ୍କୃତିର ମୂଳ ଆଧାର ବୋଲି ମତବ୍ୟକ୍ତ କରିଥିଲେ। କଣ୍ଟାମାଳ ବ୍ଲକ ମିଳିତ ଶିକ୍ଷକ ସଂଘ ସଭାପତି ନୀଳାଞ୍ଚଳ ଭୋଇ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, କୁଲୁତାଯୋର ସରପଞ୍ଚ ଚୁମକି ଭୋଇ, ପାକ୍ସ ସଭାପତି ହିମାଞ୍ଚଳ ରଣା, ଘଣ୍ଟାପଡା ନଂ ୧ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ସାମାଜିକ କର୍ମୀ ଦୟାବନ୍ତ ଧରୁଆ, ଦେଓଗାଁ ପୂର୍ବତନ ଜିଲା ପରିଷଦ ଗୁରୁଦେବ ରଣା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ସଂକୀର୍ତ୍ତନ୍ୟ ମଣ୍ଡଳୀକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯିବା ସହିତ ସମ୍ମାନିତ କରାଯାଇଥିଲା। ବୁଢାଦେଓ ସଂକ୍ରାନ୍ତି କମିଟି ମୁଖ୍ୟ ମହେନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଚୈତନ୍ୟ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ପୂଜକ ଦୟାନିଧି ମାଝୀ, ସଦସ୍ୟ ହରିଶ୍ଚନ୍ଦ୍ର ଭୋଇ, ଧର୍ମରାଜ ମାଝୀ, ଘନଶ୍ୟାମ ମାଝୀ, ଜଗତରାମ ଧରୁଆ, ଶୁକଲ ମାଝୀ, ଉଦ୍ଧବ ମାଝୀ, ହେମନ୍ତ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ସଂକୀର୍ତ୍ତନ୍ୟ ମଣ୍ଡଳୀ ହରିନାମ ଗାନ କରୁଛନ୍ତି।

# ଶିଶୁର ଅନ୍ତର୍ନିହିତ ଗୁଣକୁ ସମୃଦ୍ଧ କରିବାରେ ମା'ର ଭୂମିକା ଅତୁଳନୀୟ

**ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ**

**ଘଣ୍ଟାପଡ଼ା,୧୯।୧୦(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଅଗସ୍ତି ମଲିକଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାମାଳ ମିଳିତ ଶିକ୍ଷକ ସଂଘର ସଭାପତି ନୀଳାଚଳ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ରଣା ଓ ମୁଖ୍ୟବକ୍ତା ଭାବେ ଶିକ୍ଷକ ବିଜୟ କୁମାର ଖୁଣ୍ଟୁଲି ଯୋଗଦେଇ ଜଣେ ଶିଶୁର ଅନ୍ତର୍ନିହିତ ଗୁଣକୁ ସମୃଦ୍ଧ କରିବାରେ ମାଆର ଭୂମିକା ଅତୁଳନୀୟ ବୋଲି କହିଥିଲେ। ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ପ୍ରଭାସିନୀ ଜାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାଆମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ଡାଲିରେ ଝୋଟି, ସାଧାରଣ ଝୋଟି ଓ ଘରୋଇ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ରଶ୍ମିତା ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ସୁଷମା, ରୀତା, ସିନି, ସନ୍ତୋଷିନୀ, ଜୟନ୍ତୀ, ଆଚାର୍ଯ୍ୟ ପ୍ରକାଶ, କୈଳାସ, ବିଶିକେଶନ, ଶଙ୍କର୍ଷଣ, ରିଙ୍କୁ, ଅହଲ୍ୟା, ଗାୟତ୍ରୀ ତଥା ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଅମରପାଲି,୧୯।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ହୋତା(୮୬)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ୧୯୫୭ ମସିହାରେ ଶିକ୍ଷକତା ଆରମ୍ଭ କରି ୨୦୦୧ରେ ଅବସର ଗ୍ରହଣ କରିଥିଲେ। ଅନ୍ତିମ ସଂସ୍କାର ସମୟରେ ଜ୍ୟେଷ୍ଠ ପୁତ୍ର ଅଶୋକ ହୋତା, ଅଧ୍ୟାପକ ଅଶ୍ୱିନୀ ହୋତା, ସନ୍ତୋଷ ହୋତା, ଗିରିଧାରୀ ହୋତା, ଝିଅ ଆନନ୍ଦିନୀ, ଜ୍ୱାଇଁ ନରେନ୍ଦ୍ର ଚାନ୍ଦ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଲାଲମନି ଚାନ୍ଦ, ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ, ଦିଲିପ କୁମାର ତ୍ରିପାଠୀ, ଯୁଗଳ କିଶୋର ମିଶ୍ର ପ୍ରମୁଖ ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ହୋତାଙ୍କ ଅନ୍ତିମ ସଂସ୍କାର ପଣ୍ଡାପାଲି ସ୍ୱର୍ଗଦ୍ୱାରଠାରେ ଅନୁଷ୍ଠିତ ହୋଇଥିଲା। ତୃତୀୟ ପୁତ୍ର ବିଜୟ ହୋତା ମୁଖାଗ୍ନି ଦେଇଥିଲେ।

# ୫ ଏକର ଜେଲ ଜମି ହସ୍ତାନ୍ତର ନିର୍ଦ୍ଦେଶ

**ଖୁବ୍ ଶୀଘ୍ର ତିଆରି ହେବ ନୂଆ ସିଭଲ କୋର୍ଟ**

**ବଲାଙ୍ଗୀର,୧୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର):** ସ୍ଥାନ ନିରୂପଣକୁ ନେଇ ଦୀର୍ଘ ଦିନ ଧରି ବାଦବିବାଦରେ ଥିବା ବଲାଙ୍ଗୀର ନୂଆ ସିଭିଲ କୋର୍ଟକୋଠା ପାଇଁ ଶେଷରେ ଜମି ଚିହ୍ନଟ ହୋଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ଦିଆଯାଇଥିବା ଚିଠି ନମ୍ବର ୩୬୫୨୬/ତା୧୩।୧୦।୨୦୨୩ ଅନୁସାରେ ବଲାଙ୍ଗରର ନୂଆ ସିଭିଲ କୋର୍ଟ କୋଠା ପାଇଁ ଆବଶ୍ୟକ ଜମି ପ୍ରଦାନ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ବଲାଙ୍ଗୀର ତହସିଲ ଅନ୍ତର୍ଗତ ମୌଜା କର ୫.୦୭୯ ଏକର ଜମି ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ବଲାଙ୍ଗୀର ଜିଲା ଜେଲ ଅଧିନସ୍ଥ ୫.୦୭୯ ଏକର ପରିମିତ ଜମିକୁ ଆଇନ ବିଭାଗକୁ ଛାଡି ଦେବାକୁ ରାଜି ହୋଇଥିବା ଜଣାପଡିଛି। ଜମି ହସ୍ତାନ୍ତର ପ୍ରକ୍ରିୟା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜସ୍ୱ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି କରାଯାଇଛି। ଜମି ସଂକ୍ରାନ୍ତୀୟ ଏଭଳି ନିର୍ଦ୍ଦେଶନାମା ପରେ ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଏବଂ ସଂଘର ସଭ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ ଏବଂ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଉଦ୍‌ଯାପିତ

**ଥୁଆମୂଳ ରାମପୁର,୧୯।୧୦(ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩, ଓଡ଼ିଶା ମିଲଟସ ମିଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଇଓ ତପିମଣୀ ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଅତିଥିଭାବେ ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଏବିଇଓ ସୁରେଶଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୫୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଟ୍ରାନ୍ସପୋର୍ଟେସନ୍-ସିସିଆଇ/ଓଡ଼ିଶା/କେଇଏନ୍-I ଓ II/ବରଗଡ଼/୨୦୨୩-୨୪ ତାରିଖ: ୧୮।୧୦।୨୦୨୩
ନଂ.: ସିଡବ୍ଲୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/କେଇଏନ୍-I ଓ II/ବରଗଡ଼/୨୦୨୩-୨୪ ତାରିଖ: ୧୮।୧୦।୨୦୨୩

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ପାଟନା ଅଞ୍ଚଳ ଅଧୀନରେ ଓଡ଼ିଶା ରାଜ୍ୟରେ ସିଡବ୍ଲୁ-କେନ୍ଦୁପାଲି-I, କେନ୍ଦୁପାଲି-II ଏବଂ ସିଡବ୍ଲୁ-ବରଗଡ଼ ଠାରେ ଏଫ୍‌ପି କଟନ୍ ବେଲ୍ସ ର ହ୍ୟାଣ୍ଡଲିଂ ଏବଂ ତତ୍‌ସମ୍ପର୍କିତ ସେବା ଆଦି ପାଇଁ ନିୟମିତ ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ତଥା ସିଡବ୍ଲୁ-କେନ୍ଦୁପାଲି-I, କେନ୍ଦୁପାଲି-II ଏବଂ ସିଡବ୍ଲୁ-ବରଗଡ଼ ଠାରେ ଏଫ୍‌ପି କଟନ୍ ବେଲ୍ସ ର ପରିବହନ ପାଇଁ ନିୟମିତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଦୁଇଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୧୮।୧୦।୨୦୨୩ରିଖରୁ ତା୦୭।୧୧।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିବରଣୀ ସିଡବ୍ଲୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ। ପରବର୍ତ୍ତୀ ଅପଡେଟ୍, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ।
କ୍ଷେତ୍ରୀୟ ପ୍ରବନ୍ଧକ

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER,EHT(O&M) DIVISION, KESINGA
CIN:U40102OR2004SGC007553
Lifeline of Odisha

No. 495 Dated : 17.10.2023
No. CAD-

**NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Dept. of Energy, G.O.O Order No: 2353-R&R-II-10/2006, dated 09th March 2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the DGM, EHT(O&M)Division, Kesinga within one months from the date of publication of this notification. Full details of the scheme and plan may be seen in the office of the Deputy General Manager (Elect.) on any working day during office hours.

**Name of the Work:-** Diversion work of 132kV Kesinga-Saintala SC Line from Loc No. 65 to 73 due to Construction of Proposed NH-59 in between Loc No.68-69.

**Perceived benefit that may accrue :** To cross Proposed NH-59 for maintaining safety clearance.

**Name of the Village in which the line will Pass :**
**Tahasil-** Saintala, **RI Circle-** Belgaon **Village -** Bhikabahali, **Dist. -** Bolangir.

FIPR-47/2023-24
OIPR-04011/11/0105/2324

Deputy General Manager(El.)
EHT(O&M)Division,Kesinga

/optcl.odisha /optcl_odisha

**ADMISSION NOTICE**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
Olatpur, P.O: Bairoi, Dist-Cuttack-754010 (Odisha)
Tel: 0671-2805347, Mob: 9438568953, 9937755426, 9437308666
Website : https://svnirtar.nic.in, Email: dasvnirtar@gmail.com,

Applications are invited from the eligible candidates in the prescribed form for admission into;

**BACHELOR IN AUDIOLOGY AND SPEECH LANGUAGE PATHOLOGY (BASLP), 2023-24**

**ELIGIBILITY**

Candidates passed 10+2 or an equivalent examination from a recognized Board with minimum of 50% aggregated marks. The applicant should have studied Physics, Chemistry and any one of the subject: Biology/ Mathematics/ Computer Science/ Statistics/ Electronics/ Psychology.

**DURATION OF THE COURSE : 04 Years**

**Date of available of Application Form in website & Department of Academics, SVNIRTAR: 20.10.2023**

**Closing date of Receipt of Application form: 06.11.2023 (05.00 PM)**

**For more details log on to https://svnirtar.nic.in**

Sd/-
Director

**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007

**NOTICE INVITING TENDER**
**NIT No.: TPCODL/P&S/NIT/23-24/20**

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000452/23-24 | Supply of Man Elevator 14 Meter Height |
| 2 | TPCODL/P&S/1000000453/23-24 | Supply of Portable CTPT Tester |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **date. 23.10.2023**. Future communication / corrigendum to tender documents, if any, shall be available on TPCODL website.

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଡିଏସ୍‌ବିଏମ୍-ଶେଡ୍ କ୍ଲିନିଂ-୨୦୨୩-୫ଏ, ତାରିଖ: ୧୯।୧୦।୨୦୨୩।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଡିଜେଲ), ବଣ୍ଡମୁଣ୍ଡା, ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ ସେବା ଚୁକ୍ତି ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଡିଏସ୍‌ବିଏମ୍, ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥଠାରେ ୦୨ ବର୍ଷ (୭୩୧ ଦିନ) ପାଇଁ ଲୋକୋ ସଫେଇ, ଶେଡ୍ ସଫେଇ, ଆବର୍ଜନା ହଟାଇବା ଏବଂ କ୍ଷତିକାରକ କଠିନ ବର୍ଜ୍ୟବସ୍ତୁର ନିଷ୍କାସନ କରିବା। **ଟେଣ୍ଡର ମୂଲ୍ୟ:** ₹ ୧,୨୭,୩୫,୪୮୭/-। **ଇ.ଏମ୍.ଡି.:** ₹ ୨,୧୩,୭୦୦/-। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୦୭।୧୧।୨୦୨୩, ୧୧.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। **ଦ୍ରଷ୍ଟବ୍ୟ:** ସେବା ଚୁକ୍ତି ଲାଗି ବିଚାରକୁ ଆସିବା ନିମନ୍ତେ ବିଡର ନିଜ ବିଡ୍ ସହିତ ତାଙ୍କ ଦ୍ୱାରା ନିର୍ବାହ କରାଯାଇଥିବା କାର୍ଯ୍ୟର ବିବରଣୀଗୁଡ଼ିକୁ ଦାଖଲ କରିବେ, ଯେଉଁଥିରେ ଚୁକ୍ତିର ପ୍ରକୃତି/ପରିସର, ବାସ୍ତବ ସମାପ୍ତି ମୂଲ୍ୟ ଏବଂ ଏପରି ଚୁକ୍ତିର ବାସ୍ତବ ସମାପ୍ତି ତାରିଖ ସ୍ପଷ୍ଟ ଭାବେ ଦର୍ଶାଯାଇଥିବା ଆବଶ୍ୟକ। ଏହି ସର୍ତ୍ତ ଅନୁଯାୟୀ ବିଡର ପ୍ରାମାଣିକ ଦସ୍ତାବିଜ ଦାଖଲ କରିବାରେ ବିଫଳ ହେଲେ, ଅଫରକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। (PR-733)

**ପୂର୍ବ ତଟ ରେଳପଥ**

ସଂ.Comml/SBP/E-auction/Catg./23/22 ତା.11.10.2023ରିଖ

**କ୍ରମ ସଂ. 1 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ବରଗଡ଼ ରୋଡ୍ "B" ବର୍ଗ (BRGA) / ପ୍ଲାଟଫର୍ମ - 01 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ସ୍ପେଶାଲ ମାଇନର ୟୁନିଟ୍- ସ୍ୱାଧୀନତା ସଂଗ୍ରାମୀ / ଯୁଦ୍ଧ ବିଧବା ଏବଂ ରେଳ କର୍ମଚାରୀଙ୍କ ବିଧବା ପତ୍ନୀ, ରେଳବାଇ ଦ୍ୱାରା ନିଜ ବ୍ୟବହାର ପାଇଁ ଜମି ହରାଇ ସ୍ଥାନାନ୍ତରିତ / ବିସ୍ଥାପିତ ହୋଇଥିବା ବ୍ୟକ୍ତି ବିଶେଷ) ବ୍ୟବସ୍ଥା।

**କ୍ରମ ସଂ. 2 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ - 02/03 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା।

**କ୍ରମ ସଂ.3 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ - 02/03 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା।

**କ୍ରମ ସଂ.4 - ସମ୍ପତ୍ତିର ବିବରଣୀ :** 05 (ପାଞ୍ଚ) ବର୍ଷ ନିମନ୍ତେ ନୂଆପଡ଼ା ରୋଡ୍ "D" ବର୍ଗ (NPD)/ ପ୍ଲାଟଫର୍ମ - 01 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.31.10.2023ରିଖ 1100 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)

ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.31.10.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)

ଟେଣ୍ଡର ବିଜ୍ଞପ୍ତି ସଂ. C-NIT-TS1-KSNG-GMU-W-PF2/3, ତା.09.10.2023ରିଖ

**କାର୍ଯ୍ୟର ନାମ :** 05(ପାଞ୍ଚ) ବର୍ଷ ସମୟାବଧି ନିମନ୍ତେ କେସିଙ୍ଗା (KSNG) ଷ୍ଟେସନର ପ୍ଲାଟଫର୍ମ ନଂ.02/03 (ଟିଟିଲାଗଡ଼ ଏଣ୍ଡ) ଠାରେ ଚା ଦୋକାନ (Tea Stall) ନିମନ୍ତେ ଟେଣ୍ଡର।

**ପ୍ରତ୍ୟେକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ :** ₹ 90,000/- (ନବେ ହଜାର), EMD : ₹ 22,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 2,500/- + @ 18% GST = ₹ 2,950/- (ଫେରସ୍ତ ଯୋଗ୍ୟ ନୁହେଁ), ସମୟ ଅବଧି: 5 ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.11.2023 ରିଖ 1100 ଘଟିକାରେ।

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.03.11.2023 ରିଖ 1130 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-677/O/23-24

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩



## ବିଦ୍ୟୁତ୍ ଆଘାତରେ ଯୁବକ ମୃତ, ହତ୍ୟା ଅଭିଯୋଗ

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ମାଲପଡା ଗାଁର ଜଣେ ଯୁବକଙ୍କ ବୁଧବାର ରାତିରେ ତାଙ୍କ ଶ୍ୱଶୁର ଘରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ବଂଶୀ ଠେଲା(୪୫)। ହେଲେ ମୃତକଙ୍କ ଭାଇ ତାଙ୍କ ଭାଇକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ବଙ୍ଗୋମୁଣ୍ଡା ପୋଲିସ ଘଟଣାସ୍ଥଳରେ ଛାନଭିନ କରୁଛି। ମୃତଦେହ ଗୁରୁବାର ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

## ଉପଜିଲା ପାଳଙ୍କ ଦ୍ୱାରସ୍ଥ ପୀଡିତାଙ୍କ ପରିବାର

### ନାବାଳିକା ଛାତ୍ରୀ ଅପହରଣକୁ ୬ମାସ ବିତିଲା

ଟିଟିଲାଗଡ଼,୧୯।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ମୁରିବାହାଲ କଲେଜକୁ ପଢିବା ପାଇଁ ଯାଇ ଆଉ ଫେରି ନାହାନ୍ତି ଜଣେ ୧୫ ବର୍ଷର ଛାତ୍ରୀ। ଇତିମଧ୍ୟରେ ୬ମାସ ବିତି ଯାଇଥିଲେ ବି ମୁରିବାହାଲ ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ପାରି ନଥିବା ଛାତ୍ରୀଙ୍କ ମାତାପିତା ଅଭିଯୋଗ କରିଛନ୍ତି। ଗୁରୁବାର ଏ ନେଇ ସେମାନେ ରାଜ୍ୟ ଯାଦବ ମହାସଭା ଆଇନସେଲ ସଭାପତି ମନୋହ ହାତୀ, ଯାଦବ ସଂଘ ଟିଟିଲାଗଡ ନଗର ସଭାପତିଙ୍କ ଗହଣରେ ଯାଇ ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢିଙ୍କୁ ଫେରାଦ ହୋଇଛନ୍ତି। ଉପଜିଲାପାଳ ଏଥିରେ ଉଦ୍‌ବେଗ ପ୍ରକାଶ କରିବ ସହ ଏନେଇ ଏସ୍‌ପିଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୩ ଏପ୍ରିଲ ୧୧ତାରିଖରେ ନାବାଳିକା କଲେଜ ଯାଇଥିଲେ। ଗ୍ରାମର ଜଣେ ଯୁବକ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ପରିବାର ଲୋକେ ଥାନାରେ ସେତେବେଳେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଉକ୍ତ ଯୁବକଙ୍କୁ ପୋଲିସ ଗିରଫ କରିନାହିଁ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

କଣ୍ଟାବାଞ୍ଜି,୧୯।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ଗୁରୁବାର ତୁରେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସିଆରସିସି ଫକିର ଚରଣ ବିଶି ଯୋଗ ଦେଇଥିଲେ। ବିଦ୍ୟାଳୟ ଗୁଡିକରେ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଛାତ୍ରୀଛାତ୍ରମାନେ କିପରି ଦକ୍ଷତା ହାସଲ କରିବେ ସେ ଉପରେ ଶିକ୍ଷୟିତ୍ରୀଶିକ୍ଷକମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ହିଆଁଲ କ୍ଲଷ୍ଟରସ୍ତରୀୟ ବୈଠକ ବେହେରେନସିଲେଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ହିଆଲ ସିଆରସିସି ଅମରେନ୍ଦ୍ର ବାଗ ଏଫଏଲଏନ ଓ ଇଉଡାଇସ ପ୍ଲସ ଉପରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଝାଇଥିଲେ।

## ପଥ ଉତ୍ସବ ନେଇ ପ୍ରଶାସନର ପ୍ରସ୍ତୁତି

ଟିଟିଲାଗଡ଼, ୧୯।୧୦ (ଶରତ ମିଶ୍ର)

ଆସନ୍ତା ୨୭ତାରିଖରେ ନୂତନ ଭୋଟର ତାଲିକା ସୂଚି ପ୍ରକାଶିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ଟିଟିଲାଗଡ ଠାରେ ଆସନ୍ତା ୨୮ରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ସହରରେ ପ୍ଲାକାର୍ଡ, ବ୍ୟାନର ସହ ଶୋଭାଯାତ୍ରା, ସଭା ଜରିଆରେ ଲୋକଙ୍କୁ ସଚେତନ କରାଯିବ। ଏହାକୁ ନେଇ ଉପଜିଲାପାଳ ଦୟାମୟ ପାଢି ତାଙ୍କ ସଭା ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକରେ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଶୋଭାଯାତ୍ରାରେ ପ୍ରଶାସନିକ ଅଧିକାରୀଙ୍କ ସମେତ ସହରର ବୁଦ୍ଧିଜୀବୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର, ବିଏଲଓ, ମୁଁ ବି ମିତା ଆମ୍ଭାସଡର ସାମିଲ ହେବେ। ଏହା ପୂର୍ବରୁ ସ୍କୁଲ, କଲେଜରେ ଭୋଟର ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ ହେବ। ଉକ୍ତ ଦିନ ସ୍ଥାନୀୟ ଗୋପବନ୍ଧୁ ପାର୍କ ପରିସରରେ ଭୋଟର ସଚେତନତା ସଭା, ସଚେତନତା ଧର୍ମି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରସ୍ତୁତି ବୈଠକରେ ଟିଟିଲାଗଡ ସହାୟକ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀ, ବିଡିଓ ସୁଶାନ୍ତ ରଣା, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରବୀଣ ପ୍ରକାଶ ପୁରୋହିତ, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାଇନି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଉପସ୍ଥିତ ଥିଲେ।

# ସବୁଠି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ

### ଲୋଇସିଂହା ବ୍ଲକରେ ଶାରଦୀୟ ଦୁର୍ଗାପୂଜା

ଲୋଇସିଂହା,୧୯।୧୦(ସୁଶାନ୍ତ ବାରିକ)

ସାର୍ବଜନୀନ ଶାରଦୀୟ ଦୁର୍ଗପୂଜା ପାଇଁ ଶୁକ୍ରବାର ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀରେ ବିଲ୍ୱାଧିବାସ, କଳସ ଯାତ୍ରା ରହିଛି। ଶନିବାର ସପ୍ତମୀରୁ ପୂଜା ଆରମ୍ଭ ହେବ। ଏଥିପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା, ବୁର୍ଡା, ଯୋଗୀସର୍ଡା ଓ ବାଦିବାହାଲ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶିଳ୍ପୀ ମୃଣ୍ମୟୀ ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଥିବାବେଳେ ପୂଜା ମଣ୍ଡପ ସଜାସଜା ପାଇଁ ଦିନରାତି ଏକ କରି ଦେଇଛନ୍ତି ପୂଜା କମିଟି କର୍ମକର୍ତ୍ତା। ଶୁକ୍ରବାରରୁ ପଞ୍ଚବାଦ୍ୟରେ ପୂଜାମଣ୍ଡପ କମ୍ପିବ ଏବଂ ଆଲୋକମାଳାରେ ଝଲସି ଉଠିବ। ଚଳିତ ବର୍ଷ ସବୁଠି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। **ଲୋଇସିଂହା ସାର୍ବଜନୀନ ଦୁର୍ଗପୂଜା କମିଟି:** ଲୋଇସିଂହା ଦୁର୍ଗାମଣ୍ଡପ ସାର୍ବଜନୀନ ଶାରଦୀୟ ଦୁର୍ଗପୂଜା ଚଳିତ ବର୍ଷ ୫୩ ବର୍ଷରେ ପଦାର୍ପଣ କରିଛି। ସଭାପତି ବଳରାମସିଂରାଏଙ୍କ ତତ୍ତ୍ୱାବଧନାରେ ପୂଜା ଆୟୋଜିତ ହେଉଛି। ଶନିବାର ସପ୍ତମୀ ପୂଜା ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ଅଷ୍ଟମୀରେ ସଦାନନ୍ଦ ସାହୁ ଓ ସାଥୀ କଳାକାରଙ୍କ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ମହା ନବମୀ ଓ ଦଶମୀରେ ବି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। **ବୁର୍ଡା:** ୨୬ ବର୍ଷରେ ପଦାର୍ପଣ କରିଛିବୁର୍ଡା ସାର୍ବଜନୀନ ଦୁର୍ଗାପୂଜା। ଶୁକ୍ରବାରୁ ପୂଜା ଆରମ୍ଭ ହେବ। ଏଠାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ରାବଣ ଦରବାର ଅନୁଷ୍ଠିତ ହେବ। ବିଜୟ ଦେବତା ରାବଣ ଭୂମିକାରେ ଅଭିନୟ କରିବେ। ରାବଣ ଦରବାର ଅବସରରେ ଲୋଇସିଂହା ସୁରସଙ୍ଗମ ସାଂସ୍କୃତିକ କଳକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କୁନ ପିଲାଙ୍କ ନୃତ୍ୟ ରହିଛି । ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ହେଲା ୮୦ ଫୁଟର ରାବଣଙ୍କ ପ୍ରତିମୂର୍ତ୍ତି ଏବଂ ଆତସବାଜି ଖେଳ। ବିଜୟା ଦଶମୀ ତିଥିରେ ଏହାକୁ ଦେଖିବା ପାଇଁ ହଜାରହଜାର ଜନସାଧାରଣଙ୍କ ସମାଗମ ହୋଇଥାଏ ବୋଲି ପୂଜା କମିଟି କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ କହିଛନ୍ତି। **ଯୋଗୀସର୍ଡା:** ଯୋଗୀସର୍ଡାର ପ୍ରସିଦ୍ଧ ଯୋଗେଶ୍ୱର ଧାମ ପୀଠ ପ୍ରାଙ୍ଗଣରେ ଦୀର୍ଘ ୧୧ ବର୍ଷ ହେଲା ଗ୍ରାମବାସୀଙ୍କ ସହଯୋଗରେ ଶାରଦୀୟ ଦୁର୍ଗପୂଜା ପାଳିତ ହେଉଛି । ମଣ୍ଡପରେ ଶୁକ୍ରବାରୁ ପୂଜାରମ୍ଭ ହୋଇ ଆସନ୍ତା ବୁଧବାର ଏକାଦଶୀ ତିଥିରେ ଭସାଣୀ ଯାତ୍ରା ରହିଛି। ବୈଟକୀ ସଂକୀର୍ତ୍ତନ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସଭାପତି ଶୁଭମ କରଣ ସୂଚନା ଦେଇଛନ୍ତି। **ବାଦିବାହାଲ:** ଷଷ୍ଠ ବର୍ଷରେ ପର୍ଦାପଣ କରିଛି ବାଦିବାହାଲ ବେହେରାପଡା ଶାରଦୀୟ ଦୁର୍ଗାପୂଜା। କମିଟିର ୯୦ ଜଣ ସକ୍ରୀୟ ସଦସ୍ୟ ପୂଜା ଆୟୋଜନ କରୁଛନ୍ତି। ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଶୁକ୍ରବାର ଲାଠୋରର ରାବଣ ଦରବାର, ଶନିବାର ବୌଦ୍ଧ ଜିଲା ବାଉଁଶୁଣୀର ରାମଲୀଳା, ରବିବାର ନାୟଗଡ ସ୍ୱର ସଙ୍ଗୀତ ଭଜନ ସମାରୋହ, ସୋମବାର ବଲାଙ୍ଗୀର ପଞ୍ଚମ ଡ୍ୟାନ୍ସଗ୍ରୁପ ଡ୍ୟାନ୍ସ, ମଙ୍ଗଳବାର ଦଣ୍ଡନୃତ୍ୟ କାର୍ଯ୍ୟକ୍ରମ ରହିଛି। ପୂଜାଦିନ ସକାଳେ ସୂର୍ଯ୍ୟପୂଜା ଏବଂ ସନ୍ଧ୍ୟା ଆଳତୀ ଦର୍ଶନ ପାଇଁ ଗ୍ରାମବାସୀଙ୍କ ସମବେତ ପୂଜାକୁ ଋଦ୍ଧିମନ୍ତ କରିଥାଏ ବୋଲି ପୂଜା କମିଟିର ହୃଦୟାନନ୍ଦ ବେହେରା ଓ ସୁନୀଲ ଦାସ କହିଛନ୍ତି।

## ସୁଦୃଶ୍ୟ ତୋରଣ, ମେଢ଼ ଅନ୍ୟତମ ଆକର୍ଷଣ


ଗାନ୍ଧୀନଗରପଡା ପୂଜା କମିଟି ମେଢ଼।

### ଗାନ୍ଧୀନଗରପଡା ନବ ଦିନାତ୍ମକ ଦୁର୍ଗାପୂଜା

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀନଗରପଡା ୪୩ତମ ସାର୍ବଜନୀନ ନବଦିନାତ୍ମକ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଗତ ୧୫ ତାରିଖଠାରୁ କଳସ ଅଧିବାସ ସହ ପୂଜାରମ୍ଭ ହୋଇଛି। ବିଶ୍ୱ କଲ୍ୟାଣ ପାଇଁ ମାତୃଶକ୍ତି ପୂଜାକୁ ନେଇ ପୂଜା କମିଟି ପକ୍ଷରୁ ଜୋର ଦିଆଯାଇଛି। ପୂଜା କମିଟି ସଭାପତି କିଶୋର ଦଣ୍ଡସେନା, ଉପସଭାପତି ପ୍ରଶାନ୍ତ ସେଠ୍, ସମ୍ପାଦକ ସୂର୍ଯ୍ୟକାନ୍ତ ମେହେର, କୋଷାଧକ୍ଷ ପ୍ରକାଶ କ୍ଷେତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଲୋକନାଥ ମନ୍ଦିର ଛକରୁ ଗାନ୍ଧୀନଗରପଡା ଛକ ଯାଏ ସୁନ୍ଦର ଆଲୋକସଜ୍ଜା କରାଯାଇଛି। ସୁଦୃଶ ତୋରଣ ଓ ମେଢ଼ ଅନ୍ୟତମ ଆକର୍ଷଣ ପାଲଟିଛି। ମୁଖ୍ୟ ପୂଜକ ଭାବେ ସମ୍ବଲପୁରର ପଣ୍ଡିତ ବଂଶୀଧର ମିଶ୍ର ଓ ଅତାବିରାର ପଣ୍ଡିତ ଜିତେନ୍ଦ୍ର ମିଶ୍ର ପୂଜା ପରିଚାଳନା କରୁଛନ୍ତି। ନବଦିନାତ୍ମକ ପୂଜା ପାଇଁ ନଅଜଣ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଗୁରୁବାର ଲୋଟସ ଷଡଙ୍ଗୀ ଓ ତାଙ୍କ ସହଧର୍ମିଣୀ ଅନିତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ସଦସ୍ୟ ସରୋଜ ଚୋପଦାର, ରାମଚନ୍ଦ୍ର ପୁରୋହିତ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ପୂଜା ମଣ୍ଡପକୁ ଆସି ଦେବୀ ଦୁର୍ଗାଙ୍କ ଦର୍ଶନ କରୁଛନ୍ତି। ଜାତୀୟ ରାଜପଥ କଡରେ ପୂଜା ମଣ୍ଡପ ଥିବାରୁ ଭିଡକୁ ଆଖି ଆଗରେ ରଖାଯାଇ ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଦୀର୍ଘବର୍ଷ ଧରି ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଗାନ୍ଧୀନଗରପଡା ପୂଜା କମିଟି ପକ୍ଷରୁ ରାବଣ ପୋଡି ଏବଂ ରାବଣ ଦରବାର ଆୟୋଜିତ ହୋଇ ଆସୁଥିଲା। ମାତ୍ର ହାଇସ୍କୁଲ ପଡିଆରେ ରାବଣ ପୋଡିକୁ ଅନୁମତି ନ ମିଳିବାର ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଏହାକୁ ନେଇ ପୂଜା କମିଟି ସଦସ୍ଯ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ୪୬ ବର୍ଷରେ ରୁଗୁଡ଼ିପଡ଼ା ଦୁର୍ଗାପୂଜା

### ରାବଣ ପୋଡ଼ି, ଅର୍କେଷ୍ଟ୍ରା ମୁଖ୍ୟ ଆକର୍ଷଣ

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ରୁଗୁଡିପଡାରେ ପୂଜା ପାଉଥିବା ଦେବୀ ଦୁର୍ଗା ।

ବଲାଙ୍ଗୀର ରୁଗୁଡିପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୪୬ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କମିଟି ପକ୍ଷରୁ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ଆକର୍ଷଣୀୟ ମେଢ଼ ଓ ରାଜମହଲ ତୋରଣ ସହ କାରୁକାର୍ଯ୍ୟପୂର୍ଣ୍ଣ ପୂଜା ମଣ୍ଡପ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି । କର୍ତ୍ତା ଭାବରେ ସିଦ୍ଧାନ୍ତ ପୂଝାରୀ ଓ ତାଙ୍କ ସହଧର୍ମିଣୀ ବର୍ଷାରାଣୀ ପୂଝାରୀ ଦାୟିତ୍ୱ ତୁଲାଉଛନ୍ତି। ରାଜମହଲ ତୋରଣ ଏବଂ ମେଢ଼ ଅନ୍ୟତମ ଆକର୍ଷଣ ପାଲଟିଛି। ଦଶହରା ଦିନର ରାବଣ ପୋଡି ଅନ୍ୟତମ ଆକର୍ଷଣ। ରାମ, ଲକ୍ଷ୍ମଣ, ହନୁମାନ, ଜାମ୍ବବାନ ଓ ବାନର ସେନା ବେଶରେ ସଜ୍ଜିତ ବହୁ କଳାକାର ଦୁର୍ଗା ପୂଜା ମଣ୍ଡପରୁ ରାବଣ ପୋଡି ମୈଦାନକୁ ଶୋଭାଯାତ୍ରାରେ ବିରାଜିବେ। ଏହା ଶ୍ରଦ୍ଧାଳୁ, ଦର୍ଶକଙ୍କ ପାଇଁ ସବୁଠୁ ବଡ ଆକର୍ଷଣ ପାଲଟିଥାଏ। ବିଜୟା ଦଶମୀ ଦିନ ଟ୍ରାନ୍ସପୋର୍ଟ ପଡିଆରେ ରାବଣପୋଡି ଆୟୋଜନ କରାଯିବ। ପୂଜା କମିଟି ସଭାପତିଭାବେ ଚେତନାନନ୍ଦ ପଣ୍ଡା, ଉପସଭାପତ ସଞ୍ଜୀବ ଶତପଥୀ ଓ ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ହରି ନାରାୟଣ ପୂଝାରୀ, ସହସମ୍ପାଦକ କାନ୍ତ ବରର୍ତ୍ତି, ଟିଙ୍କୁ ବାଗ, କୋଷାଧକ୍ଷ ଦେବାଶିଷ ମହାକୁର ଓ ସଦସ୍ୟମାନ ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଦର୍ଶକ ଓ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ପୂଜା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ


ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରୁ ଶୋଭାଯାତ୍ରା ବାହାରୁଛି।

ଖଡ଼ିଆଳ,୧୯।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆଜାଦକି ଅମୃତ ମହୋତ୍ସବ ଅବସରରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜା ଆର୍ତ୍ତତ୍ରାଣ ହାଇସ୍କୁଲଠାରୁ ଏକ ଅମୃତ କଳସ ଶୋଭାଯାତ୍ରା ବାହାରି ଖଡ଼ିଆଳର ବିଭିନ୍ନ ପବିତ୍ର ସ୍ଥାନରୁ ମାଟି ସଂଗ୍ରହ କରିଥିଲେ। ପରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦେଶର ମାଟିକୁ ସମ୍ମାନ, ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ଶକ୍ତିଶାଳୀ ଓ ବିକଶିତ ରାଷ୍ଟ୍ର ଗଠନ କରିବା ନେଇ ସଂକଳ୍ପ ନିଆଯାଇଥିଲା। ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭବେ ଖଡିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ଡିଗ୍ରୀ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ, ପୂର୍ବତନ ଏନଏସି ଅଧ୍ୟକ୍ଷ ନିମାଇ ଚରଣ ତାଣ୍ଡି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଶୀ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗ ଦେଇଥିଲେ।

# ଶିଶୁ ପ୍ରତିଭା ବିକଶିତ କରୁଛି ସୁରଭି

### ବଲାଙ୍ଗୀର ବ୍ଲକସ୍ତରୀୟ ସୁରଭି

ବଲାଙ୍ଗୀର,୧୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ଉଦ୍‌ଯାପନୀ ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲାରେ ବୁଧବାର ବଲାଙ୍ଗୀର ସଦର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବ୍ଲକର ବିଭିନ୍ନ ସ୍କୁଲର ୬ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଉନ୍ନୟନ ଅଧିକାରୀ ଡ. ଇପ୍‌ସିତା ପାତ୍ର ମୁଖ୍ୟଅତିଥି, ଏବିଡିଓ କେଶବ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସରୋଜ ନାୟକଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଏବିଇଓ ସନ୍ଧ୍ୟାରାଣୀ ଧରୁଆ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁରଭିର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିଷ୍ଟାଣ୍ଡ କଲେକ୍ଟର ସୋନିଆଶ୍ରୀ ମଲ୍ଲିକ, ସମ୍ମାନୀତ ଅତିଥି ଏଡିଇଓ କେଶବ ମେହେର, ବିଇଓ ଲୋକନାଥ ସୁନା ଉପସ୍ଥିତ ଥିଲେ। ଏବିଇଓ ସନ୍ଧ୍ୟାରାଣୀ ଧରୁଆ ରିପୋର୍ଟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ କୈଳାସ କୁମ୍ଭାର, ବରିଷ୍ଠ ପ୍ରଧାନଶିକ୍ଷକ ନବୀନ ନନ୍ଦ ଯୋଗଦେଇ ଥିଲେ। ଶର୍ମିଷ୍ଠା ହୋତା, ସରୋଜ ନାୟକ ଓ ରବୀନ୍ଦ୍ର ଠେଠୁଆଲ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପୋଲିସ ହାଇସ୍କୁଲ ପ୍ରଧାନଶିକ୍ଷକ ବିରାଟ କେଶରୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ଲକର ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ, ସିଆରସିସି ଏବଂ ବିଇଓ ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ୩୦ ଜଣ ବିଚାରକ ଭାବେ ଯୋଗ ଦେଇଥିଲେ।

## ଉଦ୍ୟାନ କୃଷି ସଚେତନତା କର୍ମଶାଳା


ମଞ୍ଚାସୀନ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଓ ଅନ୍ୟମାନେ।

ଖପ୍ରାଖୋଲ, ୧୯।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ସଚେତନତା କର୍ମଶାଳା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସମ୍ମାନିତ ଅତିଥି ସହକାରୀ କୃଷି ଅଧିକାରୀ ଖମାରୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ପାମ ଅଏଲ ଉପନିର୍ଦ୍ଦେଶକ ଶମ୍ଭୁନାଥ ସ୍ୱାଇଁ, ଉଦ୍ୟାନ କୃଷି ଅଧିଦର୍ଶକ ତେଜରାଜ ପୁଟେଲ, ବିକଳ୍ପର ବ୍ଲକ ସଂଯୋଜକ ସୁରେଶ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଅଧିକାରୀମାନେ ନିଜ ବିଭାଗର ବିଭିନ୍ନ, ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଉଦ୍ୟାନ କୃଷି ବିଭାଗ ତରଫରୁ ଚାଷୀଙ୍କୁ ବିଭିନ୍ନ ଚାଷ ପାଇଁ ମିଳୁଥିବା ରିହାତି ଓ ସହାୟତା ଉପରେ କହିଥିଲେ। ଫଳ ଚାଷକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ସୁସ୍ଥ ଜୀବନ ପାଇଁ ପାଇଁ ଜୈବିକ ପଦ୍ଧତିରେ ପନିପରିବା ଚାଷ କଲେ ପରିବେଶ ନିରାପଦ ବୋଲି କହିଥିଲେ। ଶେଷଦେବ ମାଝି, ପାଣ୍ଡବ ବରିହାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

# ଶିକାରୀମାନେ ଲୁଚାଇଥିଲେ ମୃତଦେହ

### ଖୋଲିଲା ଜବଦୁ ବଗର୍ତ୍ତୀ ମୃତ୍ୟୁ ରହସ୍ୟ

- ବାର୍‌ହା ଫାଶରେ ପଡି ମୃତ୍ୟୁ ପରେ ଜଙ୍ଗଲରେ ଫିଙ୍ଗିଦେଇଥିଲେ
- ଦୁଇଦିନ ପରେ ଜଙ୍ଗଲରୁ ମିଳିଲା ମୃତଦେହ

ସଇଁତଲା/ବଲାଙ୍ଗୀର/ଟିଟିଲଗଡ, ୧୯।୧୦(ରାଖାଲ ପ୍ରସାଦ ଶତପଥି/ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)


ଜବଦୁ ବଗର୍ତ୍ତୀ।

ବଲାଙ୍ଗୀର ଜିଲା ସଇଁତଲା ଥାନା ପୋଲିସ ନିଖୋଜ ଜବଦୁ ବଗର୍ତ୍ତୀ ମୃତ୍ୟୁ ଘଟଣା ଉପରୁ ପରଦା ଉଠାଇଛି। ଜଙ୍ଗଲ ଭିତରରେ ଶିକାରୀ ଲଗାଇଥିବା ବାର୍‌ହା ଫାଶରେ ପଡି ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାଟି ସଇଁତଲା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସଇଁତଲା ଥାନା କୁମ୍ଭାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମେରମୁଣ୍ଡା ଗ୍ରାମର ଜବଦୁ ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିବା ନେଇ ମଙ୍ଗଳବାର ତାଙ୍କ ସ୍ତ୍ରୀ ଡ଼ାଲିମ୍ବ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜବଦୁ ଏବଂ ତାଙ୍କ ଜଣେ ସମ୍ପର୍କୀୟ ଗେଥଲ କଠାର ଜଙ୍ଗଲ ଯାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ୍ୟ ଜବଦୁଙ୍କର କୌଣସି ପତ୍ତା ନ ମିଳିବାରୁ ତାଙ୍କ ସ୍ତ୍ରୀ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ସଇଁତଲା ଥାନା ଅଧିକାରୀ ଅବନୀ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଏବଂ ସଇଁତଲା ରେଞ୍ଜ କର୍ମଚାରୀମାନେ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ। ମିଳିତ ଭାବେ ଖୋଜାଖୋଜି ପରେ ମଧ ମଙ୍ଗଳବାର ସୁଦ୍ଧା ଜବଦୁଙ୍କର କୌଣସି ଖୋଜ ଖବର ମିଳି ନ ଥିଲା। ବୁଧବାର ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବୁଧବାର ସନ୍ଧ୍ୟାରେ ସଇଁତଲା ରେଞ୍ଜ କର୍ମଚାରୀ ଓ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଜଙ୍ଗଲ ଭିତରେ ଏକ ବୁଦା ମୂଳରୁ ଜବଦୁଙ୍କ ମୃତଦେହ ଥିବା ଖବର ପାଇଥିଲା। ଏହାପରେ ସେଠାକୁ ଯାଇ ମୃତଦେହ ଜବତ କରାଯାଇଥିଲ। ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ଲଗାଇ ବସାଯାଇଥିବା ଫାଶରେ ପଡି ଜବଦୁଙ୍କ ମୃତ୍ୟୁ ହୋଇଥିଲା। ଶିକାରୀମାନେ ଧରା ପଡିଯିବା ଭୟରେ ତାଙ୍କ ମୃତଦେହ ଫାଶରୁ ଉଠାଇ ଜଙ୍ଗଲ ଭିତର ବୁଦାମୂଳରେ ଲୁଚାଇ ଫେରାର ହୋଇଯାଇଥିବା ଗେଥଲ ପୋଲିସକୁ କହିଥିଲେ। ଗୁରୁବାର ଟିଟିଲାଗଡ଼ ହସ୍ପିଟାଲରେ ଜବଦୁଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ୨୦୨୧ ମସିହା ମେ ମାସ ୨୨ ତାରିଖରେ ମୃତ ଜବଦୁ କରମତଲା ଫରେଷ୍ଟର ସୁଧୀର ଜେନାଙ୍କ ସହ ରାତ୍ର ପାଟ୍ରୋଲିଂ କରୁଥିବା ପାରା ଫରେଷ୍ଟ ଗାର୍ଡ଼ ଯୁଗେଶ୍ୱର ଓରଫ ଜଟିଆ ବୁଡେକଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ଜଟିଆଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଜବଦୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଗତ କିଛି ମାସ ତଳେ ସେ ଜାମିନରେ ଜେଲରୁ ବାହାରି ଥିଲେ। ଘଟଣାରେ ଜଣକୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ଆଲୋକ ଭୋଇ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ବର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ସୋହେଲାରେ ବ୍ଲକସ୍ତରୀୟ ସୁରଭି

ସୋହେଲା,୧୯।୧୦(ଅଶ୍ବିନୀ କୁମାର ପାତ୍ର)

ସୋହେଲା ବ୍ଲକସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ସ୍ଥାନୀୟ ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୋହେଲା ଗୋଷ୍ଠୀ ଶିକ୍ଷାଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ସୋହେଲା ବ୍ଲକ ଅଧ୍ୟକ୍ଷ ବବି ପଧାନ, କନଗାଁ ସରପଞ୍ଚ ଅଞ୍ଜଳି ପଧାନ, ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦୁଷ୍ମନ୍ତ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ବାଗତ ସଙ୍ଗୀତ ଏବଂ ବୁଢ଼ାମାଲର ନୃତ୍ୟ ଶିଳ୍ପୀ ସରିତା ବେହେରା ନୃତ୍ୟ ପରିବେଷଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲାପ ଚାନ୍ଦ ମିଶ୍ର ସ୍ବାଗତ ଭାଷଣ,ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସୋହେଲା ବ୍ଲକର ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ସାମିଲ ହୋଇଥିଲେ। ଅପରାହ୍ଣରେ ଗୋଷ୍ଠୀ ଶିକ୍ଷାଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି, ସୋହେଲା ବିଡ଼ିଓ ବିଶ୍ୱରଞ୍ଜନ କର, ବ୍ଲକ କୃଷି ଅଧିକାରୀ ନୀତାଞ୍ଜଳୀ ବିଶି, ବରଗଡ ବିଇଓ ସେବାଶ୍ରୀ ଭୋଇ, ଶିକ୍ଷାବିତ୍ ଗିରିଜା ଶଙ୍କର ଆଚାର୍ଯ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋହର ଉଟି ଧନ୍ୟବାଦ ଅର୍ପଣ କରିଥିଲେ। କନଗାଁ ସିଆରସିସି କେଦାରନାଥ ସାହୁ ସଭା ସଂଯୋଜନା କରିଥିଲେ। ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକସ୍ତରରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ: ମଦ ଜବତ, ଦୁଇ ଭାଇ ଗିରଫ

**ଉପାନ୍ତ ଅଞ୍ଚଳରେ ନକଲି ବିଦେଶୀ ମଦ**

ଅମରପାଲି,୧୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉପାନ୍ତ ଅଞ୍ଚଳରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଆସୁଛି। ଅଭିଯୋଗ ଆଧାରରେ ଅବକାରୀ ବିଭାଗ ପକ୍ଷରୁ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟେଲା ପଞ୍ଚାୟତର ଉପାନ୍ତ ସାଗଜୁରୀ( ଭୋଇଡେରା)ଗ୍ରାମରେ ଚଢ଼ାଉ କରାଯାଇ ନକଲି ବିଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ଦୁଇ ଭାଇଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ଭାଇ ହେଲେ ଉକ୍ତ ଗ୍ରାମର ସୁନିଲ କୁମାର ଭୋଇ (୨୮) ଓ ସୁରେନ କୁମାର ଭୋଇ(୨୫)। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଅଭିଯୁକ୍ତଙ୍କ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଅବକାରୀ ଉପନିରୀକ୍ଷିକା ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେଠାରୁ ୩୬ ବୋତଲ ନକଲି ମଦ, ମଦ ବୋତଲରେ ବ୍ୟବହୃତ ହେବାକୁ ଥିବା ୧୭୧ଟି ଠିପି ସମେତ ମଦରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ଏକ ମାମଲା (ନଂ- ୧୨୦/୨୩ )ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, କେବଳ ଗୋଟିଏ ସ୍ଥାନରେ ନୁହେଁ, ବ୍ଲକର ଉପାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ନକଲି ବିଦେଶୀ ମଦ ପ୍ରସ୍ତୁତ ପରେ ତାହାକୁ ବୀରମହାରାଜପୁର, ସୁବଲୟା, ଉଲୁଣ୍ଡା, ରେଢ଼ାଖୋଲ, ଯୁଯୁମୁରା, ସମ୍ବଲପୁର, ଧମା, ବିନିକା, ସୋନପୁର ଆଦି ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଛି। ପୋଲିସ ଓ ଅବକାରୀ ବିଭାଗ ତଦନ୍ତ କରି ଚଢାଉ କରିବାକୁ ଦାବି ହେଉଛି।

# ସୁବର୍ଣ୍ଣପୁର ରିଂ ରୋଡ଼ ବ୍ରିଜ୍ ନିର୍ମାଣରେ ବିଳମ୍ବ

ସୋନପୁର,୧୯।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ରିଂ ରୋଡ୍ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ଧାର୍ଯ୍ୟ ସମୟ ସରିଥିଲେ ମଧ୍ୟ ପ୍ରକଳ୍ପର ୧୦ ପ୍ରତିଶତ କାର୍ଯ୍ୟ ଏଯାଏ ସରିନି। କାମ କିଛି ମାସ ଧରି ପ୍ରାୟତଃ ବନ୍ଦ ରହିଛି। ପ୍ରକଳ୍ପକୁ ନେଇ ସହରବାସୀ ଚିନ୍ତାରେ ଅଛନ୍ତି। ସହର ପାଇଁ ଜରୁରୀ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଟ୍ରାଫିକ୍ ସମସ୍ୟା ତଥା ସହରବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଂ ରୋଡର ପରିକଳ୍ପନା କରାଯାଇଥିଲା। ସୁବର୍ଣ୍ଣପୁର ସହରକୁ ତିନି ପଟୁ ଘେରି ରହିଥିବା ମହାନଦୀ ଓ ତେଲନଦୀ ଆଡିରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ମାଟିବନ୍ଧ ନିର୍ମାଣ ହୋଇଥିଲା। ୨୦୧୧ ମସିହାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ରିଂ ରୋଡର ମିସିଂ ଲିଙ୍କ୍ ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ହୋଇ ନ ପାରିବା କାରଣରୁ ମଝିରେ କିଛି ବର୍ଷ କାମ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗ ପୂର୍ତ୍ତ ବିଭାଗକୁ ଏହି କାମ ହସ୍ତାନ୍ତର କରିଥିଲା। ପୂର୍ତ୍ତ ବିଭାଗ ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ମିଟର ମାଟିବନ୍ଧ ରାସ୍ତା ଓ ତେଲନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ କରିବା ସହିତ ରିଟେନିଂ ୱାଲ୍ ଓ ୨ଟି ପୋଲ ନିର୍ମାଣ କରିଛି। ତେବେ ରିଂ ରୋଡର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ହୋଇ ନ ଥିବାରୁ ପ୍ରକଳ୍ପଟି ଲୋକଙ୍କ କାମରେ ଆସି ପାରୁନି। କୁମ୍ଭାରପଡାରୁ ଦଶମତିଘାଟ ୧୧୭୫ମିଟର ଲମ୍ବ ରାସ୍ତାରେ ବ୍ରିଜ୍ ନିର୍ମାଣ ହେବ। ଏଥିପାଇଁ ୪ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଥିଲା। ବ୍ରିଜ୍ ପାଇଁ ମୋଟ ୪୭ଟି ପିଅର ପଏଣ୍ଟ ନିର୍ମାଣ ଯୋଜନା ରହିଛି। ଚୁକ୍ତିନାମା ଅନୁଯାୟୀ ୨୦୨୨ରେ ବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । ଏହି ପ୍ରକଳ୍ପ ଦ୍ୱାରା ସହର ଓ ମହାନଦୀର ଶୋଭା ବର୍ଦ୍ଧନ ହେବ। କିନ୍ତୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ବିଳମ୍ବରେ ପିଅର ପଏଣ୍ଟ ପାଇଁ ଡ୍ରଇଂ ଓ ଡିଜାଇନିଂ ଦେବା ଏବଂ ଠିକାସଂସ୍ଥାର ଅବହେଳା ପାଇଁ ଏ ପର୍ଯ୍ୟନ୍ତ ଅଳ୍ପ କେତୋଟି ପିଅର ନିର୍ମାଣ ହୋଇଛି। ବିଭାଗ ପକ୍ଷରୁ ଠିକାସଂସ୍ଥାକୁ କେବଳ ୪ କୋଟି ଟଙ୍କାର ବିଲ ପେମେଣ୍ଟ ହୋଇଥିବା ଜଣାପଡିଛି। ଧିମା ଚାଲିଥିବା ଏହି କାମ ସରିବାକୁ ଆଉ କେତେ ବର୍ଷ ଲାଗିବ ସେ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଲେଣି। ତେଣୁ ବ୍ରିଜ୍ ନିର୍ମାଣ କାମ ତ୍ୱରାନ୍ୱିତ କରିବା ପାଇଁ ଠିକା ସଂସ୍ଥାକୁ ପୂର୍ତ୍ତ ବିଭାଗ ଓ ଜିଲା ପ୍ରଶାସନ ତାଗିଦ୍ କରିବାକୁ ଦାବି ହେଉଛି।


ଅଳ୍ପ କିଛି ପିଅର ନିର୍ମାଣରେ ପୋର୍ଟାଲ୍ ଫ୍ରେମ୍ ବ୍ରିଜ୍ ନିର୍ମାଣ ଅଟକି ରହିଛି ।

**ଅବଧି ସରିଲାଣି, କାମ ୧୦ ପ୍ରତିଶତ ସରିନି**


ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଗୁରୁବାର ଭୁବନେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଗଣ୍ଡିସର ରୀନା କହଁର ହତ୍ୟା ମାମଲା**

ବୌଦ୍ଧ,୧୯।୧୦ (ଅଜିତ କୁମାର ବାରିକ)

ଗୁରୁବାର ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ବୌଦ୍ଧ ଥାନା ଅଧୀନ ଗଣ୍ଡିସର ଗ୍ରାମର ରୀନା କହଁର ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗଣ୍ଡିସର ଗ୍ରାମର ସାମନ୍ତ ହାତୀଙ୍କ ଝିଅ ରୀନା ବାଉଁଶୁଣୀ ଥାନା ଅନ୍ତର୍ଗତ ମାନେଶ୍ୱର ଗ୍ରାମର ଇନ୍ଦ୍ର କହଁରଙ୍କୁ ବିବାହ କରିଥିଲେ। ତେବେ ବିବାହର କିଛିବର୍ଷ ପରେ ଇନ୍ଦ୍ରଙ୍କ ମଧୁମେହ ରୋଗରେ ମୃତ୍ୟୁ ଘଟିଥିଲା। ସେହିଦିନ ଠାରୁ ରୀନା ନିଜର ପୈତୃକ ଗ୍ରାମ ଗଣ୍ଡିସରରେ ପରିବାର ସହ ରହି ଆସୁଥିଲେ। ଗତ ତା୧.୦୭.୨୦୨୦ ରିଖରେ ରୀନା ଗ୍ରାମର ଜଣେ ସଂପର୍କୀୟ ଝିଅ ସହ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ରୀନା ସଂପର୍କରେ ପରିବାର ଲୋକ ଉକ୍ତ ଝିଅକୁ ପଚାରିବାରୁ ସେ ମାନେଶ୍ୱର ଗ୍ରାମର ଭାଗିରଥୀ ଲୁହାଙ୍କ ସହିତ ଯାଇଥିବା ପ୍ରକାଶ କରିଥିଲେ। ଭାଗିରଥୀଙ୍କର ରୀନା ପରିବାର ସହିତ ପୂର୍ବରୁ ପରିଚୟ ଥିବାରୁ ସେମାନେ ରୀନା ଫେରି ଆସିବ ଭାବିଥିଲେ। କିନ୍ତୁ ଚାରିଦିନ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଗତ ତା ୮।୦୭।୨୦୨୦ ରିଖ ଦିନ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ସ୍ତ୍ରୀ ଲୋକର ମୃତଦେହ ଝୁଲୁଥିବା ସୂଚନା ପାଇଥିଲେ । ପରିବାର ଲୋକ ସେଠାକୁ ଯାଇ ଦେଖିବା ପରେ ତାହା ରୀନାଙ୍କ ମୃତଦେହ ବୋଲି ଚିହ୍ନଟ କରିବା ସହିତ ତାଙ୍କୁ କିଏ ମାରି ଦେଇଥିବା ସନ୍ଦେହ କରି ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବୌଦ୍ଧ ପୋଲିସ କେସ ନମ୍ବର ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ରୀନାଙ୍କୁ ହତ୍ୟା କରାଯାଇଥିବା ଜଣାଯିବା ପରେ ପୋଲିସ ନଂ ୧୮୧/୨୦ ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ହତ୍ୟା ଘଟଣାର ତଦନ୍ତ କରି ଅଭିଯୁକ୍ତ ଭାଗିରଥୀ ଲୁହାଙ୍କ ସହିତ ରୀନାଙ୍କ ପ୍ରେମ ସଂପର୍କ ରହିଥିବା ଜାଣିବାକୁ ପାଇଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଭାଗିରଥୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାଟି ସ୍ପେଶାଲ କେସ ନମ୍ବର ୧୩ /୨୦ ହୋଇ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ୨୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ରହିଥିବା ନେଇ ଜିଲା ଦୌରାଜଜ୍ ପ୍ରଧାନ ଅଭିଯୁକ୍ତ ଭାଗିରଥୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ।

### ବୋଲେରୋକୁ ଧକ୍କା ଦେଲା ଡମ୍ପର, ବର୍ତ୍ତିଲେ ୭ ଯାତ୍ରୀ

ବାଉଁଶୁଣୀ,୧୯।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ଅନ୍ତର୍ଗତ କନକପୁର ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନରେ ଛତିଶଗଡରୁ ଏକ ବୋଲେରୋ (ନଂ ସିଜି ୦୪ ଏଲ ଆର୍ ୯୮୮୬)ରେ ୭ ଜଣ ବ୍ୟକ୍ତି ଜଗା ଦର୍ଶନ ପାଇଁ ପୁରୀକୁ ଯାଉଥିଲେ । ମାତ୍ର କନକପୁର ନିକଟରେ ଏକ ଡମ୍ପର ( ନଂ ଓଡି ୧୮ ଏଫ ୫୨୫୨) ଓଭରଟେକ କରିବାକୁ ଯାଇ ବୋଲେରୋ କୁ ଧକ୍କା ଦେଇଥିଲା। ଫଳରେ ବୋଲେରୋର ଡାହାଣ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସୌଭାଗ୍ୟକୁ ସେଥିରେ ବସିଥିବା ୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଖବର ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପାଇକମାଳ, ଝାରବନ୍ଧରେ ମାଟି ସଂଗ୍ରହ କାର୍ଯ୍ୟକ୍ରମ


ଝାରବନ୍ଧ ଅଞ୍ଚଳରେ ମାଟି ସଂଗ୍ରହ କରାଯାଉଛି।

ପାଇକମାଳ/ଝାରବନ୍ଧ,୧୯।୧୦
(ବଡ ଶତପଥୀ/ଦେବେନ୍ଦ୍ର ସାହୁ)

ବରଗଡ ଜିଲ୍ଲା ପାଇକମାଳ ଯମୁନା କାନ୍ଧୁଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ବରଗଡ଼ ଆନୁକୂଲ୍ୟରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ଗୁରୁକୁଳ ଆଶ୍ରମର ସହଦେବ ଶାସ୍ତ୍ରୀ ମୁଖ୍ୟବକ୍ତା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ସମାଜସେବୀ ବଡ଼ ଶତପଥୀ, ଗୋବିନ୍ଦ ପଟେଲ, ନେହେରୁ ଯୁବ କେନ୍ଦ୍ର ଉପଦେଷ୍ଟା ତ୍ରିଲୋଚନ ଶତପଥି ସମ୍ମାନିତ ଅତିଥି ଭାବେ ପ୍ରମୁଖ ଯୋଗଦେଇ ଭାରତର କୋଣ ଅନୁକୋଣରୁ ମାଟି ସଂଗ୍ରହ କରି ଦିଲ୍ଲୀ ଜାତୀୟ ସ୍ମାରକୀ ପୀଠକୁ ପଠାଯିବ। ସେଠାରେ ଶହୀଦ ବୀରମାନଙ୍କ ପାଇଁ ଏକ ଅମୃତ ବାଟିକା ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସମାଜସେବୀ ସରୋଜ ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉଷା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଝାରବନ୍ଧ ବ୍ଲକରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରବନ୍ଧ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ବରଗଡ଼ ଜିଲା ଯୁବ ଅଫିସର ରୋଶନ ଟଣ୍ଡନ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ସାହୁ, ନେହେରୁ ଯୁବକେନ୍ଦ୍ର ଉପଦେଷ୍ଟା ତ୍ରିଲୋଚନ ଶତପଥୀ, ହୃଷୀକେଶ ବରିହା, ହରିହର ସାହୁ, ତ୍ରିଲୋଚନ ଶତପଥୀ, ଗୋବିନ୍ଦ ପଟେଲ, ଜଗଦୀଶ ସାହୁ, ପ୍ରଦୀପ ଶବର ପ୍ରମୁଖ ଯୋଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡଲଫିନ ସୁନା ସ୍ୱାଗତ ଭାଷଣ ଦେଇଥିଲେ। ସର୍ବଦା ଦେଶ ସେବାରେ ଆଗଭର ହୋଇ ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ମୁଖ୍ୟ ଅତିଥି ଶପଥ ପାଠ କରାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାର୍ତ୍ତିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇକୋର୍ଟର ଭର୍ଚୁଆଲ ଶାଖା ଉଦ୍‌ଘାଟିତ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିଭିଲ କୋର୍ଟ ପରିସରରେ ଗୁରୁବାର ହାଇକୋର୍ଟର ଭର୍ଚୁଆଲ ଶାଖା ଉଦ୍‌ଘାଟିତ ହୋଇଛି। ହାଇକୋର୍ଟର ଆକ୍ଟିଙ୍ଗ ଚିଫ୍ ଜଷ୍ଟିସ ବି. ଆର. ଷଡ଼ଙ୍ଗୀ, ଆଡ୍‌ମିନିଷ୍ଟ୍ରେଟିଭ ଜଷ୍ଟିସ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ବରଗଡ଼ରେ ସ୍ଥାନୀୟ ଜିଲା ଜଜ୍ ଲୁନା ମହାନ୍ତି, ପରିବାର ଅଦାଲତ ବିଚାରପତି ସୁଶାନ୍ତ ପଟେଲ, ଏଡ଼ିଜେ ସଂଘମିତ୍ରା ଶର୍ମାଙ୍କ ସମେତ ବିଚାରପତି ସିଦ୍ଧାର୍ଥ ସାହୁ, ରେଜିଷ୍ଟ୍ରାର କମଳାକାନ୍ତ ରାଉତ, ମହିଳା ଅଦାଲତ ବିଚାରପତି ପ୍ରଜ୍ଞାଲିତ ମିଶ୍ର, ବର୍ଷା ଶର୍ମା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ଏସ୍‌ଡିଜେଏମ୍ ସବ୍ୟସାଚୀ ପ୍ରଧାନ, ସିଭିଲ ଜଜ୍ ସୋନାଲି ମହାନ୍ତି, ଆର୍ଯ୍ୟା ଐଶ୍ୱର୍ଯ୍ୟା ଆଚାର୍ଯ୍ୟ, ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ସମ୍ପାଦକ ଉତ୍ତର କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗଦାନ କରିଥିଲେ।



ହାଇକୋର୍ଟର ଭର୍ଚୁଆଲ ଶାଖା ଉଦ୍‌ଘାଟନୀ ସମାରୋହ।

# ବରଗଡ଼ରେ ସୁପର ମମ୍ କାର୍ଯ୍ୟକ୍ରମ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ସୁପର ମମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରକ୍ ଏନ୍ ରୋଲ୍ ସାଂସ୍କୃତିକ ଏକାଡେ଼ମୀ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଏମ୍‌ଡ଼ି ବବଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଓଡ଼ିଶା ଏଣ୍ଟର ପ୍ରାଇଜେସ୍‌ର ମୁଖ୍ୟ ଚନ୍ଦ୍ରଶେଖର ବାଗ, ପ୍ରୀତମ ସିଂ, ଅଶୋକ କୁମାର ପଶାୟତ, ଶଙ୍କର ପଟ୍ଟନାୟକ, ସୁଜାତା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମା'ମାନଙ୍କୁ କଳା ପ୍ରଦର୍ଶନର ସୁଯୋଗ ଦେଇ ସୁପର ମମ୍‌ରେ ପରିଣତ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ମାନି ଚକ୍ରବର୍ତ୍ତୀ ଏବଂ ପ୍ରୀତମ ପ୍ରଧାନ ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ଭି. ଜ୍ୟୋତିର୍ମୟୀ ପ୍ରଥମ, ଯୋଗିତା ନାୟକ ଦ୍ୱିତୀୟ ଏବଂ ନିତୁ ଶିଖା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହାବ୍ୟତୀତ ପ୍ରତିଯୋଗିତାରେ ଭାଗ ନେଇଥିବା ୨୦ଜଣ ମା'ମାନଙ୍କୁ ମଧ୍ୟ ରକ୍ ଏନ୍ ରୋଲ୍ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମିନା ମାଖିଜା, ଆରତୀ ଅଗ୍ରୱାଲ, କମଳ ସାହୁ, ଅଞ୍ଜୁ କନ୍ଧେର, ପ୍ରିୟଙ୍କା ଯାଦବ, ଅଞ୍ଜଳି ଭୋଇ, ଶ୍ରୀୟା ଷଣ୍ଢ, ଶୈକ ଅଝର ପ୍ରମୁଖ ସହଯୋଗ କରିଥିଲେ।



ସୁପର ମମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# କଳାକାରଙ୍କ ବିକାଶ ପାଇଁ କଟକଣା ନାହିଁ

ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଏହା ସହିତ ଏ ଅଞ୍ଚଳର କଳା, ସଂସ୍କୃତି ଓ ସାହିତ୍ୟର ବିକାଶକୁ ଗୁରୁତ୍ୱ ଦିଆଯାଉଛି। କଳାକାରଙ୍କ ବିକାଶ ପାଇଁ କୌଣସି କଟକଣା ନାହିଁ, ସବୁବେଳେ ଦ୍ୱାର ଉନ୍ମୁକ୍ତ ବୋଲି ଗୁରୁବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ବରଗଡ଼ ଗସ୍ତରେ ଆସି ପଶ୍ଚିମ ଓଡ଼ିଶା କଳାକାର ମହାସଂଘର କଳକାର ସମାବେଶ ତଥା ନୂଆଁଖାଇ ଭେଟ୍‌ଘାଟ୍ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।

ତ୍ରିପାଠୀ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଉଦ୍ୟମକୁ ପ୍ରଶଂସା କରି ଆହୁରି କହିଥିଲେ, ସରକାରୀସ୍ତରରେ ଉକ୍ତ ମହାସଂଘକୁ ୧୩ ଡେସିମିଲ ନିଃଶୁଳ୍କ ଜାଗା ପ୍ରଦାନ ସହିତ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଛି। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟଶୈଳୀକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ବରଗଡ଼ ବିଧାୟକ ଆଚାର୍ଯ୍ୟ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପାଇଁ ସରକାରୀ ଜାଗା, ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଦେବା ସହ ବରଗଡ଼ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ଡ. ଅଜିତ କୁମାର ମିଶ୍ର ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ କଳାକାରମାନଙ୍କ ସହିତ ଜିଲା ପ୍ରଶାସନ ସବୁବେଳେ ରହିଛି ଏବଂ ଆଗକୁ ରହିବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ଚନ୍ଦ୍ରଶେଖର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ ସହିତ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । କଳାକାର ଭତ୍ତା ୧୨୦୦ଟଙ୍କାରୁ ୨ହଜାର ଟଙ୍କା ବୃଦ୍ଧି, ସରକାରୀ ବସ୍‌ରେ ରିହାତି, ଆହୁରି ଅଧିକ ୫୦ହଜାର କଳାକାରଙ୍କୁ ଭତ୍ତା ସମେତ ପଶ୍ଚିମ ଓଡ଼ିଶାର ୧୧ଜିଲାର କଳାକାରଙ୍କ ପାଇଁ ରାଜ୍ୟ ରାଜଧାନୀରେ ସରକାରୀ ଜମି ସହିତ ଏକ ଭବ୍ୟ କଳାକାର ଭବନ ନିର୍ମାଣ ପାଇଁ ମୁଖ୍ୟ ଅତିଥି ତ୍ରିପାଠୀଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଭାରତୀ କଳା ପରିଷଦର କଳାକାରମାନେ ଉଦ୍‌ଘାଟନୀ ନୃତ୍ୟ ଏବଂ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ସ୍କୁଲ ଛାତ୍ରୀମାନେ ଉଦ୍‌ଯାପନୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରମୋଦ ଦାଶ, ଶଙ୍କର ପଟ୍ଟନାୟକ, ସଦାନନ୍ଦ ଜାଲ, ଡୋଲାମଣି ଶତପଥି, ଅନିରୁଦ୍ଧ ପାଇକ, ରାଜେଶ ବାରିକ, କାଳୀଚରଣ ବାଗ, ନରେନ୍ଦ କଣ୍ଡା, ମୀନା ମାଖିଜା, ଗୋପାଳ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।



ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ବକ୍ତବ୍ୟ ରଖୁଛନ୍ତି।






## ସଂକ୍ଷେପରେ

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା,୧୯।୧୦(ସଙ୍ଗୀତା ଜେନା): ଟାଙ୍ଗରପାଲି ଥାନା ଅନ୍ତର୍ଗତ ନବକୃଷ୍ଣନଗର ଅଞ୍ଚଳରେ ଜନୈକ ଯୁବକ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କମଳଲୋଚନ ପ୍ରଧାନ(୩୦)। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୩/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, କମଳ ଗତ ୧୦ ତାରିଖରେ ବ୍ୟକ୍ତିଗତ ଅସନ୍ତୋଷ ଯୋଗୁ ବିଷ ଖାଇଦେବାରୁ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଇଏସ୍‌ଆଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୫ ତାରିଖରେ ତାଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ବିଳମ୍ବିତ ରାତିରେ କମଳଙ୍କ ମୃତ୍ୟୁ ହୋଇଥିଲା।

### ସଫେଇ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପିରେ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ଗତ ୧୩ତାରିଖରେ ବୃତ୍ତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ସ୍ୱତନ୍ତ୍ର ଅଭିଯାନ ଅଧୀନ ଏକ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଡେପୁଟି ସିଏମ୍‌ଓ ଡାକ୍ତର ସୁରେନ୍ଦ୍ର କୁମାରଙ୍କ ନେତୃତ୍ୱରେ ଏହି ଟିମ୍ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ। ଏଥିରେ ୪୫ଜଣ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଶିବିରରେ ବଡି ମାସ୍ ଇଣ୍ଡେକ୍ସ, ଉଚ୍ଚତା, ଓଜନ ଆଦି ପରୀକ୍ଷା ସହିତ ରକ୍ତଚାପ, ରାଣ୍ଡମ ବ୍ଲଡ ସୁଗାର, ଗ୍ରୁପିଂ ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଥିଲା। ଏହା ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ ଓ ପ୍ରତିକାରରେ ସହାୟକ ହୋଇଥିଲା। ଚିହ୍ନଟ ରୋଗୀଙ୍କୁ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନ କରାଇବା ଏବଂ ସେମାନଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଉତ୍ସାହିତ କରିବା ପାଇଁ ଠିକାଶ୍ରମିକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ ପର୍ସନାଲ ସିଏଲସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବିଜ୍ଞାନ ପାତ୍ର ଏବଂ ସିଏଲ୍‌ସି ବିଭାଗୀୟ ଦଳ ପରିଚାଳନା କରିଥିଲେ।

### ଇସ୍ପାତ ନଗରରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା

ରାଉରକେଲା,୧୯।୧୦(ଦିନେଶ ମିଶ୍ର): ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ଇସ୍ପାତ ନଗର କମିଟି ପକ୍ଷରୁ ଆସନ୍ତା ଦଶହରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଖଡ୍ଗ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମ୍ପାଦକ ଅକ୍ଷୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଆଗାମୀ ଦଶହରାରେ ବାର ହାତ ଖଡ୍ଗ ପୂଜା ସହ ଦଶହରା ଦିନ ଖଡ୍ଗ ଶୋଭାଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ୨୪ ତାରିଖ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଖଣ୍ଡାୟତ ଓ କ୍ଷତ୍ରୀୟଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ଆଲୋଚନା କରିବେ। ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଖଡ୍ଗ ଶୋଭାଯାତ୍ରାରେ ଖଣ୍ଡାୟତ କ୍ଷତ୍ରୀୟ ମହିଳାମାନେ ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା। ଏହି ଶୋଭାଯାତ୍ରା ଖଡ୍ଗ ଭବନରୁ ବାହାରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇ ପୁଣି ଖଡ୍ଗ ଭବନକୁ ଫେରିଲା ପରେ ପ୍ରସାଦ ସେବନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପେନ୍ଦ୍ର କୁମାର ନାୟକ, ଚାନ୍ଦମଣି ବେହୁରା, ନାରାୟଣ ସାମଲ, ସୁବ୍ରତ ମଲ୍ଲିକ, କିଶୋର ନାୟକ, ରବିନ୍ଦ୍ର କୁମାର ବାରିକ, ଉଗ୍ରସେନ ବିଶ୍ୱାଳ, ସସ୍ମିତା ପ୍ରଧାନ, ସନ୍ତୋଷ ବିଶ୍ୱାଳ, ରାଧେଶ୍ୟାମ ପରିଡା, ଅଭିରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଭା ପାଇବ ଆଇଏନ୍‌ଏସ୍ ମହେନ୍ଦ୍ରଗିରି



**ଧରାବତରଣ କରିବେ ମା'**

**ସେକ୍ଟର-୨୦ ଏବିସି ବ୍ଲକ**

ରାଉରକେଲା,୧୯।୧୦(ସଙ୍ଗୀତା ଜେନା)

ଶାରଦୀୟ ପୂଜା ପାଇଁ ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି। ବିଶାଳ ତୋରଣ, ସୁଦୀର୍ଘ ଆଲୋକମାଳାରେ ସାଜସଜ୍ଜା କରାଯାଉଛି। ଏହି କ୍ରମରେ ରାଉରକେଲା ସେକ୍ଟର-୨୦ ଏବିସି ବ୍ଲକ ପକ୍ଷରୁ ଶାରଦୀୟ ପୂଜା ଆୟୋଜନ ୪୨ ବର୍ଷରେ ପଦାର୍ପଣ କରିଛି। ସବୁ ବର୍ଷ କିଛି ନିଆରା ଥିମ୍‌ରେ ପୂଜା କରାଯାଉଥିବା ବେଳେ ଚଳିତ ଥର ନୌସେନା ଯୁଦ୍ଧ ପୋତ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ପ୍ରତିକୃତି ପେଣ୍ଡାଲରେ ମା' ବିଜେ କରିବେ। ପ୍ରାୟ ୭୦ ଫୁଟ୍ ଉଚ୍ଚ ଓ ୧୪୦ ଫୁଟ୍ ଚଉଡ଼ା ତୋରଣରେ ୧୪ ଫୁଟ୍‌ର ମା'ଙ୍କ ଓରିଏଣ୍ଟାଲ ମୂର୍ତ୍ତି ଶୋଭା ପାଇବ। ୭ଲକ୍ଷ ଟଙ୍କା ବଜେଟ୍‌ରେ ଆକର୍ଷଣୀୟ ପେଣ୍ଡାଲ ସହିତ ଚନ୍ଦ୍ରାୟନ-୧ ଠାରୁ ଆରମ୍ଭ କରି ଚନ୍ଦ୍ରାୟନ -୩ ରକେଟ୍, ସୌରମଣ୍ଡଳ, ଏଲିଅନ୍, ଅନ୍ତରୀକ୍ଷ ଯାନ, ଆଷ୍ଟ୍ରୋନଟ୍ ଆଦି ପ୍ରଦର୍ଶନ କରାଯିବ। ମୂର୍ତ୍ତି ପଛରେ ୩-ଡି ସ୍କ୍ରିନିଂ ମାଧ୍ୟମରେ ପ୍ରକୃତ ଅନ୍ତରୀକ୍ଷର ସ୍ୱରୂପ, ଦୃଶ୍ୟ, ଶବ୍ଦ, ଚନ୍ଦ୍ରାୟନ୍ ୧, ୨, ୩ , ଚନ୍ଦ୍ରାୟନ-୩ ସଫଳତାରେ ଯୋଗ ଦେଇଥିବା ବୈଜ୍ଞାନିକ ମଣ୍ଡଳୀ, ଦିବଂଗତ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଏ.ପି.ଜେ. ଅବଦୁଲ କଲାମ୍, ଡ. ଭାବା, ରକେଟ ୱିମେନ୍, ପ୍ରଥମ ଅନ୍ତରୀକ୍ଷ ଭାରତୀୟ ରାକେଶ ଶର୍ମା, ବିକ୍ରମ ଓ ପ୍ରଜ୍ଞାନ, ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନର ଅବତରଣ ଆଦିଙ୍କ ପ୍ରତିମୂର୍ତ୍ତି ପ୍ରଦର୍ଶନ ହେବ। ୧୫୦ ଜଣ ପୂଜା କମିଟି ସଦସ୍ୟଙ୍କ ସହଯୋଗରେ ୭ମୀରୁ ୧୦ମୀ ପର୍ଯ୍ୟନ୍ତ ପ୍ରସାଦ ବଣ୍ଟନ କରାଯିବ। ମୀନାବଜାର ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଉପଦେଷ୍ଟା ଶିଶିର ସାହୁ, ସଭାପତି ସୁବ୍ରତ ଜେନା, ସାଧାରଣ ସମ୍ପାଦକ ନିରଞ୍ଜନ ସାମଲ, କୋଷାଧ୍ୟକ୍ଷ ଯଶୋବନ୍ତ ବେହେରାଙ୍କ ସମେତ ଅନ୍ୟମାନେ ପୂଜା ପରିଚାଳନା କରୁଛନ୍ତି।



ମହେନ୍ଦ୍ରଗିରି ସଦୃଶ ବିଶାଳ ତୋରଣକୁ କାରିଗର ନିର୍ମାଣ କରୁଛନ୍ତି।

**ସେମାନେ ଯାହା କୁହନ୍ତି...**



"ଆମ ପୂଜାରେ ପ୍ରତ୍ୟେକ ଥର କିଛି ନୂତନତ୍ୱ ସ୍ଥାନ ପାଇଥାଏ। ପୂର୍ବଥର ସ୍କାରି ହାଉସ୍ ଥିମ୍ ଥିବା ବେଳେ ଚଳିତ ଥର ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ପାଇଁ ଭାରତୀୟ ବିଜ୍ଞାନର ଉନ୍ନତି ଓ ଅନ୍ତରୀକ୍ଷ ସମ୍ବନ୍ଧୀୟ ଉପାଦେୟ ତଥ୍ୟ ପ୍ରଦାନ କରାଯାଉଛି। ଯାହାଦ୍ୱାରା ଯୁବପିଢ଼ିଙ୍କ ଅଧିକ ଶିକ୍ଷା ଲାଭରେ ସହାୟକ ହେବ।

**-ନିରଞ୍ଜନ ସାମଲ, ସାଧାରଣ ସମ୍ପାଦକ**



"ଓଡ଼ିଶାର ଗୌରବ ମହେନ୍ଦ୍ରପର୍ବତ। ଚଳିତ ଥର ଏହି ଥିମ୍ ପାଇଁ ଆମେ ନିଷ୍ପତ୍ତି ନେଇଥିଲୁ। ଏହା ଓଡ଼ିଶାର ଗୌରବ ତଥା ଆମ ପାଇଁ ଗର୍ବର ବିଷୟବସ୍ତୁ। ଏହି ବିଶାଳ ତୋରଣ ନିର୍ମାଣ ପାଇଁ ପଶ୍ଚିମବଙ୍ଗର ୨୩ ଜଣ କଳାକାର ଦିନରାତି ପରିଶ୍ରମ କରୁଛନ୍ତି। ମା'ଙ୍କ ମୂର୍ତ୍ତିକୁ ବାବୁଲି ସାହୁ ନିର୍ମାଣ କରୁଛନ୍ତି। ୨ହଜାର ବାଉଁଶ ଓ ୭ଶହ ସିଏଫ୍‌ଟି କାଠ ଦ୍ୱାରା ବିଶାଳ ତୋରଣ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବାକୁ ଯାଉଛି।

**-ଯଶୋବନ୍ତ ବେହେରା, କୋଷାଧ୍ୟକ୍ଷ**

# ଥାନା ଘେରିଲା ଭାଜପା ଯୁବମୋର୍ଚ୍ଚା

ରାଉରକେଲା,୧୯।୧୦(ସଙ୍ଗୀତା ଜେନା)

**ରକ୍ତଦାନ ଶିବିରରେ ମନ୍ତ୍ରୀ ଛୁଞ୍ଚି ଫୋଡିବା ଘଟଣା**

ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଗତ ସୋମବାର ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ବିନା ଡାକ୍ତରୀ ସାର୍ଟିଫିକେଟ୍‌ରେ ଜଣେ ବ୍ୟକ୍ତିଙ୍କ ରକ୍ତଚାପ ମାପିବା ସହ ଛୁଞ୍ଚି ଫୋଡ଼ି ରକ୍ତ ସଂଗ୍ରହ କରିଥିଲେ। ଏହାଦ୍ୱାରା କିଛି ଅଘଟଣ ହୋଇଥିଲେ କିଏ ଏଥିପାଇଁ ଦାୟୀ ହୋଇଥାନ୍ତେ ବୋଲି ଭାଜପା ଯୁବମୋର୍ଚ୍ଚା ପ୍ରଶ୍ନ କରିଛି। ଏହାର ପ୍ରତିବାଦ ସହ ମନ୍ତ୍ରୀଙ୍କ ଗିରଫ ଦାବିରେ ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ରଘୁନାଥପାଲି ଥାନା ଘେରାଉ କରାଯାଇଥିଲା। ପରେ ଏସ୍‌ପି ରାଉରକେଲା ମିତ୍ରଭାନୁ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭାଜପା ରାଜ୍ୟ ଉପସଭାପତି ଅଙ୍କୁଶ ବର୍ମା ଅଭିଯୋଗ କରି କହିଥିଲେ, ବିନା ଡାକ୍ତରୀ ସାର୍ଟିଫିକେଟ୍‌ରେ ଏହା କେମିତି କରାଯାଇପାରିଲା। ଏଭଳି କାର୍ଯ୍ୟ ପାଇଁ ଅନ୍ୟଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ମନ୍ତ୍ରୀଙ୍କ ପ୍ରତି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ରାଜ୍ୟବାସୀ ଖାଇବାକୁ ପାଉ ନ ଥିବା ବେଳେ ମନ୍ତ୍ରୀ ନାୟକ ସୁନ୍ଦରଗଡ଼ର ଏକ କୱାଲି କାର୍ଯ୍ୟକ୍ରମରେ ଟଙ୍କା ଉଡାଉଥିବା ବେଶ୍ ଆଶ୍ଚର୍ଯ୍ୟଚକିତ କରିଛି । ଏହାର ବିରୋଧ କରିବା ସହ ସାରଦାଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି ବୋଲି ବର୍ମା କହିଥିଲେ। ସ୍ମାରକପତ୍ରର ଏକ ନକଲ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ନିହାର ରାୟ, ପ୍ରବାଳ ରଞ୍ଜନ ବାରିକ, କେଦାର ପ୍ରିୟଦର୍ଶୀ, ସରୋଜ ଦାଶଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।




ଭାଜପା ଯୁବମୋର୍ଚ୍ଚା ନେତାମାନେ ଥାନା ଘେରାଉ କରିଛନ୍ତି।

# ଅଧାପନ୍ତରିଆ ଆର୍ମି ସିଏସ୍‌ଡି କ୍ୟାଣ୍ଟିନ କାର୍ଯ୍ୟ

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬ ସ୍ଥିତ ଏନ୍‌ସିସି ନବମ ବାଟାଲିୟନ ପରିସରରେ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ ପାଇଁ ଏକ ଆର୍ମି ସିଏସ୍‌ଡି କ୍ୟାଣ୍ଟିନ ପ୍ରତିଷ୍ଠା କରିବାକୁ ୨୦୨୧ରେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ କ୍ୟାଣ୍ଟିନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। କ୍ୟାଣ୍ଟିନ କାର୍ଯ୍ୟକୁ ଠିକାରେ ନେଇଥିବା ସଂସ୍ଥା କାମ ସମ୍ପୂର୍ଣ୍ଣ ନ କରି ଦିନ ପରେ ଦିନ ଗଡେଇ ଚାଲିଛି। ଏହାକୁ ନେଇ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ଏହି ଆର୍ମି ସିଏସ୍‌ଡି କ୍ୟାଣ୍ଟିନ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ଆରଏସ୍‌ପି ସିଏସ୍‌ଆର ପାଣ୍ଠିରୁ ୮୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଠିକାଦାର କାର୍ଯ୍ୟାଦେଶ ପାଇବା ପରେ ପ୍ରାୟ ୧୨ଟି କୋଠରୀ ବିଶିଷ୍ଟ ଏହି କ୍ୟାଣ୍ଟିନ କାମ ଆରମ୍ଭ କରିଥିଲେ। ବର୍ଷାଦିନ ଆସିଯିବାରୁ ଠିକାଦାର ଜଣଙ୍କ ଉକ୍ତ କାମ ବନ୍ଦ କରି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଖାଲି ପାଚେରି ଉଠାଇ ଅଧାପନ୍ତରିଆ ଭାବେ ଦେଢବର୍ଷ ହେଲା କାମକୁ ଛାଡି ଦିଆଯାଇଛି। ଏହାକୁ ନେଇ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଅବରସପ୍ରାପ୍ତ ସେନାର କିଛି କର୍ମକର୍ତ୍ତା ଆରଏସ୍‌ପି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଆରଏସ୍‌ପି ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବା ଲାଗି ସେମାନେ ଦାବି କରିଛନ୍ତି। ଏ ନେଇ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ରାଙ୍କୁ ପଚାରିବାରୁ ସେ କହିଥିଲେ, ଠିକାସଂସ୍ଥା ଏହି କ୍ୟାଣ୍ଟିନ କାମ ବିଳମ୍ବ କରିବାରୁ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ। ଆସନ୍ତା ନଭେମ୍ବର ଶେଷ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହ ଭିତରେ ନୂତନ ଟେଣ୍ଡର ବାହାରିବ। ଏହି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ କାମ ଖୁବ୍ ଶୀଘ୍ର କରାଯିବ ବୋଲି ମିତ୍ରା କହିଥିଲେ।



ଅସମ୍ପୂର୍ଣ୍ଣ ହୋଇ ପଡିଥିବା କ୍ୟାଣ୍ଟିନ।

### ଆରଏମସି ପକ୍ଷରୁ ଚଢ଼ାଉ

ରାଉରକେଲା,୧୯।୧୦(ସଙ୍ଗୀତା ଜେନା): ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସେକ୍ଟର-୨ ସମେତ ଆଖପାଖ ଅଞ୍ଚଳରେ ଖାଦ୍ୟ ଉଠାଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଗୁଣବତ୍ତା ନ ଥିବା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗରେ ୩୪ଟି ଦୋକାନରେ ଯାଞ୍ଚ କରାଯିବା ସହ ସାଢ଼େ ୧୦ ହଜାର ଟଙ୍କା ଜରିମନା ଆଦାୟ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା, ଦୀକ୍ଷା ଦେ, ମୋନାଲିସା ଟପ୍ପୋ, ସ୍ଥାନୀୟ ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ।

### ମଦ ଜବତ, ଢାବା ମାଲିକ ଗିରଫ

ରାଉରକେଲା,୧୯।୧୦(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଥିବା ରୋଜି ଢାବାରେ ବେଆଇନ ଭାବେ ମଦ କାରବାର କରାଯାଉଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଢାବା ମାଲିକ ଗାନ୍ଧୀରୋଡ୍‌ର ସୁଖବିନ୍ଦର ସିଂ(୩୧)। ତାଙ୍କଠାରୁ ୧୦ଟି ବିୟର ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୩।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ରାଉରକେଲା ଖେଳାଳିଙ୍କୁ ମିଳିଲା ପଦକ

ରାଉରକେଲା,୧୯।୧୦(ସଙ୍ଗୀତା ଜେନା)

**ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା**

ଓଡ଼ିଶା ରାଜ୍ୟ ଭାରୋତ୍ତଳନ ସଂଘ ଆନକୂଲ୍ୟରେ ରାଜ୍ୟ ଭାରୋତ୍ତଳନ ପ୍ରତିଯୋଗିତା ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଗତ ୧୮ତାରିଖରେ ସମ୍ପନ୍ନ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୮୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲାରୁ ଜୁନିୟରରେ ଦେବାଶିଷ ଦେ ୮୧ କେଜି ବର୍ଗରେ କାଂସ୍ୟ ପଦକ, ସୌମ୍ୟରଞ୍ଜନ ରାଉତରାୟ ୧୦୨ କେଜି ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ମହିଳା ଯୁବବର୍ଗ ବିଭାଗରେ ମୌସୁମୀ ଦାସ ୮୧ କେଜିରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସମସ୍ତ ଖେଳାଳିଙ୍କୁ ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଦୁର୍ଗାମାଧବ ନାୟକ, ପ୍ରଶାନ୍ତ ପଟେଲ, ଅନୀଲ ବହିଦାର, ରବିନ୍ଦ୍ର ପଣ୍ଡା, ଜୟଦେବ ପାତ୍ର, ତଥା ଶ୍ରମ ମନ୍ତ୍ରୀ ସାରଦା ନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ରାଉରକେଲା ୟଙ୍ଗ୍ ମ୍ୟାନ୍ ଆସୋସିଏଶନ (ରାଏମା) କ୍ଲବ କୋଚ୍ ବାସୁଦେବ ବାନାର୍ଜୀ, ମ୍ୟାନେଜର ସାମସନ୍ ଲାକ୍ରା, ରବିନ୍ଦ୍ର ଗଣ୍ଡ, ସନ୍ତୋଷ ଭୂୟାଁ, ବିଷ୍ଣୁ ଚରଣ ମହାନ୍ତି ତଥା ଅରିଜିନାଲ ପାୱାର କ୍ଲବର ଓ.ପି. ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



କଳିଙ୍ଗ ଷ୍ଟାଡ଼ିୟମରେ ଖେଳାଳିଙ୍କୁ ପଦକ ପ୍ରଦାନ କରାଯାଉଛି।

# ଜନ୍ମଦାତ୍ରୀ ପ୍ରକୃତ ଭଗବାନ

ରାଉରକେଲା,୧୯।୧୦(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ଓଡିଆ ଚିନ୍ମୟ ବିଦ୍ୟାଳୟରେ ଗୁରୁବାର ମାତୃପୂଜା ଦିବସ ପ୍ରଧାନ ଶିକ୍ଷୟିତ୍ରୀ ଇପ୍‌ସିତା ସୁଜତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ରାଉରକେଲା ଚିନ୍ମୟ ମିଶନର ଆଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଅରୂପାନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ମାତୃପୂଜାର ମହତ୍ତ୍ୱ ବିଷୟରେ ଅବଗତ କରାଯାଇଥିଲା। ଏହାସହ ମାତୃଶକ୍ତିକୁ ଶ୍ରଦ୍ଧା, ସମ୍ମାନ ଓ ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସେମାନଙ୍କ ମା'ମାନଙ୍କୁ ପୁଷ୍ପ, ଚନ୍ଦନ ଓ ଧୂପ, ଦୀପ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଚିନ୍ମୟ ବିଦ୍ୟାଳୟରେ ମାତୃପୂଜା କରାଯାଉଛି।

# ରାଉରକେଲା ପ୍ରାନ୍ତୀୟ ଅଧ୍ୟାୟର ଶୁଭାରମ୍ଭ

ରାଉରକେଲା,୧୯।୧୦(ବିପ୍ଳବ ରଞ୍ଜନ ଦାଶ)

ଓଡିଶା ରାଜ୍ୟ ଉତ୍ପାଦକତା ପରିଷଦ (ଓଏସ୍‌ପିସି) ଏବଂ ଆର୍‌ଏସ୍‌ପି ସହଭାଗିତା କ୍ରମେ ଇଣ୍ଡୋ-ଜର୍ମାନ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଜୋନାଲ ଅଧ୍ୟାୟ ଶୁଭାରମ୍ଭ ହୋଇଛି। ଏଥିରେ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଏବଂ ଓଏସ୍‌ସିପି ସଭାପତି ତଥା ସେଲ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଅଶୋକ ତ୍ରିପାଠୀ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଏବଂ ଓଏସ୍‌ପିସିର ଉପାଧ୍ୟକ୍ଷ ତ୍ରିଜୀବ ଚନ୍ଦ୍ର ହୋତା ବରେଣ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଶୁଭାରମ୍ଭ ହେବା ପରେ ଅଶୋକ ତ୍ରିପାଠୀ ରାଉରକେଲା ଜୋନାଲ ଅଧ୍ୟାୟ ସଭାପତି ତଥା ଓଏସପିସି ଉପାଧ୍ୟକ୍ଷ ଭାବେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀଙ୍କ ନାମ ଘୋଷଣା କରିଥିଲେ। ଉଦଘାଟନୀ ସମାରୋହରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ସୁନୀଲ କୟାଲକ ଓଏସ୍‌ପିସିର ଅନ୍ୟ ସଦସ୍ୟ, ଆରସିସିଆଇର ସଦସ୍ୟ, ଆରଏସ୍‌ପିର ବହୁ ସିଜିଏମ୍ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉତ୍ପାଦକତାର ପ୍ରକୃତ ସଂଜ୍ଞା ଦକ୍ଷତା। ଦକ୍ଷତା ଦ୍ୱାରା ହିଁ ଅଧିକ ଉତ୍ପାଦନ ଏବଂ ଲାଭ ଆହରଣ ପରିମାଣରେ ବୃଦ୍ଧି ଆଣେ ବୋଲି ମୁଖ୍ୟଅତିଥି କହିଥିଲେ। ଉତ୍ପାଦନରେ ଅଧିକ ଅଭିବୃଦ୍ଧି ଓ ଅଧିକ ଲାଭାର୍ଜନ ହାସଲ କରିବା ଦିଗରେ କାମ କରିବା ଆବଶ୍ୟକ ସେ ବୋଲି କହିଥିଲେ। ଏହାପରେ ଅଶୋକ ତ୍ରିପାଠୀ ଓ ଡ. ଶୁଭଙ୍କର ମହାପାତ୍ର ଓଏସପିସିର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିଚାର ବିମର୍ଶ କରି ରାଉରକେଲା ଜୋନାଲ ଅଧ୍ୟାୟକୁ ନିପୁଣ ଓ ପ୍ରଭାବଶାଳୀ ସଙ୍ଗଠନ କରିବା, ଶିଳ୍ପ ଏବଂ ଉଦ୍ୟୋଗିକ କ୍ଷେତ୍ରରେ ଉତ୍ତମ ସୁଯୋଗ ସୃଷ୍ଟି କରିବାରେ ଆର୍‌ଏସ୍‌ପିକୁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜୋନାଲ ଅଧ୍ୟାୟର ସଭାପତି ଭାବେ ଚୟନ ହୋଇଥିବାରୁ ଓଏସପିସିକୁ ସୂର୍ଯ୍ୟବଂଶୀ ଧନ୍ୟବାଦ ଜଣାଇବା ସହ ସଙ୍ଗଠନକୁ ଆଗକୁ ନେବା ଓ ଅଞ୍ଚଳର ଶିଳ୍ପ ମାନଚିତ୍ରରେ ସକରାତ୍ମକ ପ୍ରଭାବ ନେଇ ପ୍ରତିଶ୍ରୁତି ଦେଇଥିଲେ। ତ୍ରିଜୀବ ଚନ୍ଦ୍ର ହୋତା ଓଏସ୍‌ପିସିର କାର୍ଯ୍ୟପ୍ରଣାଳୀ ଏବଂ ଯାତ୍ରା ବିଷୟରେ ବର୍ଣ୍ଣନା କରିଥିବା ବେଳେ ଆର୍‌ଏସ୍‌ପିର ଏଚ୍‌ଏସ୍‌ଏମ୍-୧, ସିଆରଏମ, ଏସଏସଏମ, ରୋଲ ଶପ୍ ଓ ପାଇପ ପ୍ଲାଣ୍ଟ ବିଭାଗର ସିଜିଏମ ସୁବ୍ରତ କୁମାର ସମାବେଶକୁ ସ୍ୱାଗତ କରିଥିଲେ। ଓପିଏସ୍‌ସି ବରିଷ୍ଠ ସଦସ୍ୟ ଦେବବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଆଣ୍ଡସି ଲ୍ୟାବ୍‌ର ସିନିୟର ମ୍ୟାନେଜର ସୁଶ୍ରୀ ଅଙ୍କିତା ବିଲୁଙ୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଜୋନାଲ ଅଧ୍ୟାୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କାର୍ ଦୁର୍ଘଟଣା: ବର୍ତ୍ତିଲେ ଚାଳକ




**କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଶୀ):** କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥ ସାଧପଡ଼ା ନିକଟରେ ଗୁରୁବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବଡ଼ଗାଁର କୁଳଦୀପ ପାଣିଗ୍ରାହୀ (୪୫) କୌଣସି କାମରେ ଏକୁଟିଆ କୁଚିଣ୍ଡା ଆସି ଘରକୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନିଜ ଅଲ୍ଟୋ କାର୍ (ନଂ.ଓଡି୧୭ଏଚ୍-୩୪୦୩)ଟି ଗୋବିନ୍ଦପୁର ଥାନା ସାଧପଡା ନିକଟରେ ନିୟନ୍ତ୍ରଣ ହରାଇ ଏକ ଗଛରେ ବାଡେଇ ହୋଇଥିଲା। ଚାଳକ କୁଳଦୀପ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାର୍‌ଟି ଭାଙ୍ଗି ଚୁରମାର ହୋଇଯାଇଛି। ଘଟଣାସ୍ଥଳରେ ଗାଁ ଲୋକେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚିନାହିଁ।

### କାମାକ୍ଷା ଦେବୀଙ୍କ ସ୍କନ୍ଦମାତା ବେଶ



**ସମ୍ବଲପୁର,୧୯।୧୦(ବି.ଶଙ୍କର):** ଶାରଦୀୟ ନବରାତ୍ରର ପଞ୍ଚମୀ ତିଥିରେ ସମ୍ବଲପୁରସ୍ଥିତ ମା' କାମାକ୍ଷା ଦେବୀ ଗୁରୁବାର ସ୍କନ୍ଦମାତା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସକାଳେ ସ୍କନ୍ଦମାତାଙ୍କୁ ଉଗ୍ରତାରା ଭାବେ ପୂଜା କରାଯାଇଥିଲା। ପଣ୍ଡିତ ଜୟ ଗୋପାଳ ସୁଆର ଓ ପଣ୍ଡିତ ସୁଶାନ୍ତ କୁମାର ପତି ପୂଜାର୍ଚ୍ଚନା, ଚଣ୍ଡୀପାଠ, ହୋମକାର୍ଯ୍ୟ କରିଥିଲେ। ସବ୍ୟସାଚୀ ସାହୁ ଓ ଅନିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଧନକଉଡା ସଂକୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିଲେ।

### କୈଶୋର ସ୍ୱାସ୍ଥ୍ୟ ଦିବସ

ଜମନକିରା,୧୯।୧୦(ରବୀନ୍ଦ୍ର ଦାନି): ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତ ଅନ୍ତର୍ଗତ ନୂଆବୁର୍ଦ୍ଦା ଓ ଝାରମୁଣ୍ଡାଠାରେ ଗୁରୁବାର ପୃଥକ୍ ଭାବେ କୈଶୋର ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଣ୍ଡେନପାଲି ଆଶା ବବିତା ନାଥ ଅଧ୍ୟକ୍ଷତା କରିଥିବା ବେଳେ ଡା. ରାଜାରାମ ଷଡଙ୍ଗୀ କୈଶୋର ଜୀବନଶୈଳୀ, ଖାଦ୍ୟପେୟ, ସୁରକ୍ଷିତ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ସାହାନୀ ସାହୁ, ଆଶାମଞ୍ଜରୀ ପଣ୍ଡା, ସୁସ୍ମିତା ସାହୁ, ଅଙ୍ଗନୱାଡି କର୍ମୀ ମାଗଦାଲି ମୁଣ୍ଡା, ଅଲି ଗର୍ଡିଆ ପ୍ରମୁଖ ପ୍ରସଙ୍ଗ ବିଷୟରେ ବୁଝାଇଥିଲେ। ଏଥିର କିଶୋରୀ ବାଳିକାମାନେ ଯୋଗଦେଇ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଖଣି ଅଞ୍ଚଳ ବୁଲି ଦେଖିଲେ

## କୋଲ୍ ଇଣ୍ଡିଆ ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ଏମ୍‌ସିଏଲ୍ ଗସ୍ତ

ସମ୍ବଲପୁର,୧୯।୧୦(ବି.ଶଙ୍କର)

କୋଲ୍ ଇଣ୍ଡିଆ ଲିମିଟେଡର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବ୍ରଜେଶ କୁମାର ତ୍ରିପାଠୀ ଦୁଇଦିନିଆ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଗସ୍ତରେ ଆସି ଫେରିଯାଇଛନ୍ତି। ସେ ଏମ୍‌ସିଏଲ୍‌ର ସମ୍ବଲପୁର ଓ ଝାରସୁଗୁଡା ଅଞ୍ଚଳ ପରିଦର୍ଶନ କରିବା ସହ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଦୁର୍ନୀତି ବିରୋଧରେ ଜାରି ରହିଥିବା ପ୍ରତିବଦ୍ଧତା ଓ ନିୟନ୍ତ୍ରଣ ପଦକ୍ଷେପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ପ୍ରତି ଏମ୍‌ସିଏଲ୍ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ପ୍ରଶଂସା କରି ଆନ୍ତରିକ ସହ କାର୍ଯ୍ୟ କରୁଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ସେ କୋଇଲା ଇଣ୍ଡିଆ ସିଭିଓ ଇବ୍ ଭ୍ୟାଲି କୋଲଫିଲ୍ଡ ପରିଦର୍ଶନ କରି କୋଇଲା ଖଣି ଓ ପଠାଇବା କାର୍ଯ୍ୟ ଯାଞ୍ଚ କରିଥିଲେ। ପରେ ସେ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରରେ ବିଭିନ୍ନ ୟୁନିଟ୍‌ର ନେତୃତ୍ୱ ନେଉଥିବା ଏରିଆ ଜେନେରାଲ ମ୍ୟାନେଜର, ପ୍ରୋଜେକ୍ଟ ଅଫିସର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ




ଖଣି ଅଞ୍ଚଳ ବୁଲି ଦେଖୁଛନ୍ତି କୋଲ୍ ଇଣ୍ଡିଆ ମୁଖ୍ୟ ଭିଜିଲାନ୍ସ ଅଧିକାରୀ। ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ନେଇ ସମ୍ବଲପୁର ବୁର୍ଲା ଜାଗୃତିବିହାରସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବିଭାଗୀୟ ମୁଖ୍ୟଙ୍କ ମଧ୍ୟରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ ଏସ୍. ବାପଟ, ସିଭିଓ ପି.କେ. ପଟେଲଙ୍କ ସମେତ କାର୍ଯ୍ୟକାରିଣୀ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

# ହିଣ୍ଡାଲ୍‌କୋର ସୁରକ୍ଷା- ୩୬୦ କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସୁରକ୍ଷା-୩୬୦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସଡକ ସୁରକ୍ଷା, ବିଦ୍ୟୁତ୍ ସୁରକ୍ଷା, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଇତ୍ୟାଦି ବିଷୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି ମୁଖ୍ୟ ଦୀପକ ମହାନ୍ତି, ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ସୁକାନ୍ତ ମହାପାତ୍ର, ଏଫ୍‌ଆର୍‌ପି ମାନବ ସମ୍ବଳ ମୁଖ୍ୟ ଶର୍ମିଳା ସିଦ୍ଧାର୍ଥ, ଡା. ଚିରଞ୍ଜିବି ରେଡ୍ଡୀ, ସୁରକ୍ଷା ଅଧିକାରୀ ଅମରେନ୍ଦ୍ର ସାହୁ, ଶିଶୁମନ୍ଦିର ପ୍ରଧାନ ଶିକ୍ଷକ ପ୍ରତାପ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହିଣ୍ଡାଲ୍‌କୋ ଅଧିକାରୀ ସରୋଜ ଆଚାର୍ଯ୍ୟ ସଭା



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ସୁରକ୍ଷା କାର୍ଯ୍ୟକ୍ରମ।

ପରିଚାଳନା କରିଥିଲେ। ସିପିଆର୍ ମାଧ୍ୟମରେ ବିପଦ ସମୟରେ ହୃତ୍‌ପିଣ୍ଡର ସୁରକ୍ଷା ସହିତ କୃତ୍ରିମ ଉପାୟରେ ଶ୍ୱାସକ୍ରିୟା ପଦ୍ଧତି ବାବଦରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୀତେଶ ରଥ ଓ ଆନନ୍ଦ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ।

# ହୀରାକୁଦରେ ନୂଆଁଖାଇ ଭେଟ୍‌ଘାଟ



ନୂଆଖାଇ ଭେଟ୍‌ଘାଟରେ କଳାକାରମାନଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସୃଜନୀ ଅନୁଷ୍ଠାନ ପକ୍ଷରୁ ହୀରକୁଦସ୍ଥିତ ଟାଉନ ହଲରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲ୍‌କୋ ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ଦାଶ, ହିଣ୍ଡାଲ୍‌କୋର ବରିଷ୍ଠ ଅଧିକାରୀ ବିଷ୍ଣୁ ସାହୁ ସମ୍ମାନିତ ଅତିଥି ଥିଲେ। ସୃଜନୀର ସଭାପତି ଶ୍ରୀନିବାସ ପଣ୍ଡାଙ୍କ ପରିଚଳାନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶ ସୂଚନା ପ୍ରଦାନ ଓ ସୃଜନୀ ଏକାଡେମୀର ଅଧ୍ୟକ୍ଷା ସବିତା ପାଣିଗ୍ରାହୀ ଅତିଥି ସ୍ୱାଗତ କରିଥିଲେ। ବୀରେନ୍ଦ୍ର ନାରାୟଣ ଜେନା ସଂଯୋଜନା କରିଥିବାବେଳେ ବୈକୁଣ୍ଠ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ହୀରାକୁଦ ତଥା ଆଖପାଖ ଗ୍ରାମର ୭ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୬ଟି କଳା ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା କଳାକାରମାନଙ୍କୁ ଟ୍ରଫି, ଉତ୍ତରୀୟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କଳାକାର ଟୁଟୁ ହୋତାଙ୍କ ତତ୍ତ୍ୱାବଧାନ ଓ ଉଦ୍‌ଘୋଷିକା ଅମ୍ରିତା ସାହାଣୀଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏସ୍‌ଏମ୍‌ସି ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

### ୨୨ ଦୋକାନୀଙ୍କଠାରୁ ଜରିମାନା ଆଦାୟ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ପାର୍ବଣକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଗୁରୁବାର ଟାଉନ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଟିମ୍ ଟାଉନ ଥାନା ଅନ୍ତର୍ଗତ ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳ, କୁଞ୍ଜେଲପଡା, ଲେଡିଲୁଇସ ହାଇସ୍କୁଲ ସମ୍ମୁଖ ଅଞ୍ଚଳ, ସରକାରୀ ବସ୍‌ଷ୍ଟାଣ୍ଡ, ଗଙ୍ଗାଧର ମେହେର କଲେଜ ଛକ, ଫାଟକ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ଏହି ସମୟରେ ୨୨ ଜଣ ଦୋକାନୀଙ୍କଠାରୁ ୩୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ମହାନଗର ନିଗମ କାର୍ଯ୍ୟାଳୟର ଖାଦ୍ୟ ନିରାପତ୍ତା ଅଧିକାରୀ ସନ୍ଦିପ ସୌରଭ, ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଟାଉନ ଥାନାର ହାବିଲଦାର ଆର୍.କେ. ପ୍ରଧାନ, ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗର କର୍ମଚାରୀ ଅମନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏମ୍‌ସି କମିଶନରଙ୍କ ସହ ବଜରଙ୍ଗ ଦଳର ଆଲୋଚନା

ସମ୍ବଲପୁର,୧୯।୧୦(ବି.ଶଙ୍କର)

ବଜରଙ୍ଗ ଦଳର ପ୍ରତିନିଧି ଦଳ ବିଭିନ୍ନ ଦାବି ନେଇ ଗୁରୁବାର ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) କମିଶନର ବେଦ ଭୂଷଣଙ୍କ ସହ ଆଲୋଚନା କରିଛନ୍ତି। ସମ୍ବଲପୁର ସହରରେ ଦେଖା ଦେଉଥିବା ପରିବେଶ ପ୍ରଦୂଷଣ, ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କୁମ୍ଭାରପଡ଼ା ପ୍ରବେଶପଥରେ ନିର୍ମାଣ ହେଉଥିବା କଲଭର୍ଟ ନେଇ ଆଲୋଚନା କରିଥିଲେ। ଶାରଦୀୟ ଦୁର୍ଗା ପୂଜା ପୂର୍ବରୁ ସହରର ଡ୍ରେନ୍‌କୁ ଠିକ୍ ଭାବରେ ସଫେଇ କରିବାକୁ ଦାବି କରାଯାଇଛି। ତେବେ କମିଶନର ଏହା ଉପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ବଜରଙ୍ଗ ଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧିର ରଞ୍ଜନ ବହିଦାର ନେତୃତ୍ୱ ନେଇଥିଲେ।

# ଖବର ପ୍ରକାଶ ପରେ କର୍ମଚାରୀଙ୍କ ତତ୍ପରତା

## ଆଇଟିଡିଏ ଜମି ଉନ୍ନତି ପ୍ରସଙ୍ଗ

କୁଚିଣ୍ଡା,୧୯।୧୦(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତରେ ଆଇଟିଡିଏ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆଦିବାସୀଙ୍କ ଜମି ଉନ୍ନତି ହୋଇଥିଲା। ମାତ୍ର ହିତାଧିକାରୀଙ୍କୁ ମାଧ୍ୟମ କରି ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଧରିତ୍ରୀରେ ଖବର ପ୍ରସାରିତ ହେବା ପରେ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ୨୦୨୧-୨୧ଆର୍ଥିକ ବର୍ଷରେ ଆଇଟିଡିଏ ପକ୍ଷରୁ ଏହି ଯୋଜନାରେ ବାଲିପଟା, କଟୁନଗର, କୁଇଲେରତୁଡା ଆଦି ଗ୍ରାମର ହିତାଧିକାରୀଙ୍କ ଜମି ଉନ୍ନତି କାମ ହୋଇଥିଲା। ମାତ୍ର ଆଇଟିଡିଏରେ କାର୍ଯ୍ୟରତ ଜଣେ ଅଧିକାରୀ ହିତାଧିକାରୀଙ୍କୁ ଅନ୍ଧାରରେ ରଖି ଦଲାଲମାନଙ୍କ ସହାୟତାରେ ଶ୍ରମିକ ପରିବର୍ତ୍ତେ ଜେସିବି ଲଗାଇ ଜମି ସମତଳ କରି ଅନ୍ୟ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଶ୍ରମିକ ପେମେଣ୍ଟ କରିଥିଲେ। ପରବର୍ତ୍ତୀ ସମୟରେ ଆକାଉଣ୍ଟଧାରୀଙ୍କୁ କିଛି ଟଙ୍କା ଦେଇ ଶ୍ରମିକ ପାଉଣା ହଡପ କରିଥିଲେ। ଏ ନେଇ ବାଲିପଟା ଗ୍ରାମର ସଞ୍ଜିତ ପିଙ୍ଗ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବାବେଳେ ଗୁରୁବାର ଧରିତ୍ରୀରେ ଖବର ପ୍ରସାରଣ ହୋଇଥିଲା। ଏହାଜାଣି ଗୁରୁବାର ସମ୍ପୃକ୍ତ ଅଧିକାରୀ ଜଣକ ସଞ୍ଜିତଙ୍କ ପାଖକୁ ଯାଇ ଏକ କାଗଜରେ ସ୍ୱାକ୍ଷର କରିବାକୁ କହିଥିଲେ। ମାତ୍ର ପିଙ୍ଗ ମନା କରିବାରୁ ଅଧିକାରୀ ଜଣକ ଫେରି ଆସିଥିବା ଜଣାଯାଇଛି। ଏହାଛଡା କଟୁନଗର ଓ କୁଇଲେରତୁଡା ଗ୍ରାମର ହିତାଧିକାରୀଙ୍କୁ ମଧ୍ୟ ଅନୁରୂପ ଭାବେ ସ୍ୱାକ୍ଷର ପାଇଁ ଯାଇ ନିରାଶ ହୋଇଥିବା ଜଣାଯାଏ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇ ସାଧାରଣରେ ଦାବି ହେଉଛି।

# ପଞ୍ଚାୟତ ଅଧିକାରୀଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ସମ୍ବଲପୁର,୧୯।୧୦(ବି.ଶଙ୍କର)

ଯୁଯୁମୁରା ବ୍ଲକର ଟାମ୍ପରଗଡ ଗ୍ରାମପଞ୍ଚାୟତକୁ ଗୁରୁବାର ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ଭଞ୍ଜନ ସାଗର ପରିଦର୍ଶନ କରିଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ କ୍ଷୀରୋଦ ରାଉଳ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଟାମ୍ପରଗଡ ଗ୍ରାମପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି, ପିଡିଏସ୍ ସାମଗ୍ରୀ ବଣ୍ଟନ ଉପରେ ଜିଲା ପଞ୍ଚାୟତ ଅଧିକାରୀ ସମୀକ୍ଷା କରିଥିଲେ। ଏ ସମ୍ପର୍କରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ନାକଟିଦେଉଳ,୧୯।୧୦ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୌଡ଼, ଶଟପୁଟ, ଡ଼ିସ୍‌କସ ଥ୍ରୋ, ଲମ୍ବଡ଼ିଆଁ ସହ ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ୩୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ମହାକୁଡ଼, ପ୍ରଦୀପ କୁମାର ସାହୁ, ବିଭୁତି ଭୂଷଣ ସାହୁ, ଗିରିଶବାଳା ନାଏକ, ସଂଗୀତା ସେଠ, ଜୟନ୍ତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବାଳକ ବିଭାଗରେ ସ୍ନାତକ ଦ୍ୱିତୀୟବର୍ଷ କଳାଛାତ୍ର ଚୈତନ୍ୟ ବାରିକ ଓ ବାଳିକା ବିଭାଗରେ ସ୍ନାତକ ପ୍ରଥମବର୍ଷ କଳାଛାତ୍ରୀ ପ୍ରିୟଙ୍କା ବିଶି ଚାମ୍ପିୟନ ହୋଇଥିଲେ। ସାଂସ୍କୃତିକ ପ୍ରତିଯୋଗିତାର ବାଳକ ବିଭାଗରେ ସ୍ନାତକ ଶେଷବର୍ଷ କଳା ଛାତ୍ର ଶୁଭଜିତ ଦେହୁରି, ବାଳିକା ବିଭାଗରେ ସ୍ନାତକ ଶେଷବର୍ଷ କଳା ଛାତ୍ରୀ ତେଜସ୍ୱିତା ସାହୁ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳୀ ରବଣା ଧନ୍ୟବାଦ ଦେଇଥିଲେ।

# ୬ଜଣଙ୍କୁ ସ୍କୁଟି ଋଣ ପ୍ରଦାନ

ଜମନକିରା,୧୯।୧୦ (ରବୀନ୍ଦ୍ର ପ୍ରସାଦ ଦାନି)

ମିଶନ ଶକ୍ତି ଜରିଆରେ ସରକାର ସିଆର୍‌ପିଙ୍କୁ ବିନା ସୁଧରେ ସ୍କୁଟି କିଣିବା ପାଇଁ ଏକଲକ୍ଷ ଟଙ୍କାର ଋଣ ଯୋଜନା କରିଛନ୍ତି। ଏହି ଯୋଜନାରେ ଜମନକିରା ସମବାୟ ବ୍ୟାଙ୍କ ପକ୍ଷରୁ ୬ଜଣ ସିଆର୍‌ପି/ସିଏମ୍ କର୍ମଚାରୀଙ୍କୁ ସ୍କୁଟି ପ୍ରଦାନ କରାଯାଇଛି। ସେମାନେ ହେଲେ ସୁସ୍ମିତା ଝାଙ୍କର, କଳ୍ପନା ଦେହୁରି, ସୁମିତ୍ରା କାଲୋ, ସୁସ୍ମିତା ପଟେଲ, ସିମାରାଣି ପଟେଲ ଓ ବିଳାସିନୀ ନାଥ। ଶାଖା ପରିଚାଳକ ଅନୁପମ ଦାଶ ଓ ବ୍ୟାଙ୍କ ଡାଇରେକ୍ଟର ଉମାକାନ୍ତ ପ୍ରଧାନ ପ୍ରମୁଖ ସ୍କୁଟି ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ସ୍କୁଟି ପାଇଥିବା ଜଣେ କର୍ମଚାରୀ।

# ଝାରସୁଗୁଡ଼ା ବିଧାୟିକାଙ୍କୁ ଭେଟିଲେ ପାଟଣେଶ୍ୱରୀ କ୍ଲବ ପ୍ରତିନିଧି

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ସହରର ପାଟଣେଶ୍ୱରୀ କ୍ଲବ ପ୍ରତିନିଧି ଦଳ ଝାରସୁଗୁଡା ବିଧାୟିକା ଦୀପାଳି ଦାସଙ୍କୁ ତାଙ୍କ ଝାରସୁଗୁଡାସ୍ଥିତ ବାସଭବନରେ ଗୁରୁବାର ସାକ୍ଷାତ କରିଛନ୍ତି। ସମ୍ପ୍ରତି ପାଟଣେଶ୍ୱରୀ ମନ୍ଦିରରେ ଚାଲିଥିବା ନବରାତ୍ର ପୂଜା ଓ ମନ୍ଦିର ଉନ୍ନୟନ କାର୍ଯ୍ୟ ପ୍ରସଙ୍ଗରେ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ପ୍ରଥମେ କ୍ଲବ କର୍ମକର୍ତ୍ତା ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଐତିହ୍ୟସମ୍ପନ୍ନ ପାଟଣେଶ୍ୱରୀ ମନ୍ଦିର ବିକାଶ ଦିଗରେ ଦୃଷ୍ଟି ଦେବାକୁ ପ୍ରତିନିଧି ଦଳ ବିଧାୟିକାଙ୍କୁ ଅନୁରୋଧ କରିଛନ୍ତି। ପ୍ରତିନିଧି ଦଳରେ କ୍ଲବ



ଝାରସୁଗୁଡା ବିଧାୟିକାଙ୍କ ସହ ଆଲୋଚନା କରୁଛନ୍ତି କ୍ଲବ କର୍ମକର୍ତ୍ତା।

ସଭାପତି ଶ୍ରୀମନ୍ତ ପୁରୋହିତ, ସମ୍ପାଦକ ଅମୂଲ୍ୟ ପଟ୍ଟନାୟକ, ସଭ୍ୟ ପ୍ରଭଞ୍ଜନ ବଳ, ସୁଧାଂଶୁ ଶେଖର ବେହେରା, ଅଲେଖ ଘିବେଲା, ମହେନ୍ଦ୍ର ସାହୁ, ବିପିନ ପଧାନ, ସୁଶୀଲ ପଧାନ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ନିଯୁକ୍ତି ଶିବିର

## ଅଲଟ୍ରାଟେକ ସିମେଣ୍ଟରେ ନିଯୁକ୍ତି ପାଇଲେ ୩ ଛାତ୍ର

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ଶାସନସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଲଟ୍ରାଟେକ ସିମେଣ୍ଟ (ଆଦିତ୍ୟ ବିର୍ଲା ଗ୍ରୁପ) ପକ୍ଷରୁ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିଖିତ ପରୀକ୍ଷା ଓ ଅନ୍‌ଲାଇନ ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟର ୩ ଛାତ୍ର ବାଇବେକ ମୁଣ୍ଡା, ଗୁଲୁ ମେହେର ଓ ଶ୍ରୀକାନ୍ତ କୁମାର ଗହିରଙ୍କୁ ଚୟନ କରାଯାଇଥିଲା। ଏହି ଛାତ୍ରମାନେ




ଶିବିରରେ ନିଯୁକ୍ତି ପାଇଥିବା ୩ ଛାତ୍ର।

ଅକ୍ଟୋବର ୧୮ରେ କମ୍ପାନୀରେ ଯୋଗ ଦେଇଥିଲେ। ପ୍ରିନ୍ସପାଲ ସୌମ୍ୟଜିତ ମିଶ୍ର, ମ୍ୟାନେଜମେଣ୍ଟ ସଦସ୍ୟ ଆଦର୍ଶ ଅଗ୍ରୱାଲ ଏବଂ ଟ୍ରେନିଂ ଓ ପ୍ଲେସମେଣ୍ଟ ଅଫିସର ରାଜ ଶେଖର ସିହ୍ନା ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ଡିପ୍ଲୋମା ଇଞ୍ଜିନିୟରିଂ, ବିସିଏ, ବିବିଏ ଏବଂ ବି.କମ୍ ଛାତ୍ରୀଛାତ୍ରଙ୍କ ପାଇଁ ୮ରୁ ଅଧିକ କମ୍ପାନୀ କ୍ୟାମ୍ପସ ଡ୍ରାଇଭ୍ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନର ନିଯୁକ୍ତି ଓ ସ୍ଥାନିତ କ୍ଷେତ୍ରରେ ପ୍ରମାଣିତ ଟ୍ରାକ ରେକର୍ଡ ରହିଛି। ଡିପ୍ଲୋମା, ଡିଗ୍ରୀ କୋର୍ସ, ବିସିଏ/ବିବିଏ ପାଠ୍ୟକ୍ରମର ଶେଷବର୍ଷରେ ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍ ଛାତ୍ରମାନଙ୍କୁ ସ୍ଥାନିତ କରିବା ପାଇଁ ପାନ ଇଣ୍ଡିଆରୁ ଖ୍ୟାତିସମ୍ପନ୍ନ କମ୍ପାନୀର କ୍ୟାମ୍ପସ ନିଯୁକ୍ତି ଡ୍ରାଇଭ ଆୟୋଜନ କରିଥାଏ ବୋଲି ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ଅଫିସର ରାଜ ଶେଖର ସିହ୍ନା କହିଛନ୍ତି।



ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜା ଅବସରରେ ଲୋକ ମହୋତ୍ସବ ପାର୍ବଣର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ



**ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଗୁରୁବାର ସ୍କନ୍ଦମାତା ବେଶରେ ଦର୍ଶନ ଦେଇଥିଲେ। ଆଶ୍ୱିନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧୂପ, ଦୀପ, ଫୁଲ ଏବଂ ଅନ୍ୟ ପୂଜା ସାମଗ୍ରୀ ସହିତ ମନ୍ଦିରକୁ ପହଞ୍ଚିଥିଲେ। ଦେବୀଙ୍କ ସମ୍ମୁଖରେ ଦୀପ ଜାଳିବା ସହିତ ପୂଜା କରି ସେମାନେ ନିଜକୁ ସୌଭାଗ୍ୟ ମନେ କରିଥିଲେ। ମନ୍ଦିର ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

### ଚାଷୀଙ୍କୁ ମିଳିବ ଟଙ୍କିକିଆ ଚିକିତ୍ସା ସେବା

**ପଦ୍ମପୁର,୧୯।୧୦(ପ୍ରଦୀପ୍ତ ଦାଶ)** ବରଗଡ଼ ଜିଲା ପଦ୍ମପୁର ବରିକେଲରେ ଗୁରୁବାର ଭିମ୍ସାର ବୁର୍ଲାର ମେଡିସିନ ବିଭାଗର ସହକାରୀ ଅଧ୍ୟାପକ ଡାକ୍ତର ଶଙ୍କର ରାମଚନ୍ଦାନୀ ଜୟକିଷାନ ଏକ ଟଙ୍କିଆ କ୍ଲିନିକ ଆରମ୍ଭ କରିଛନ୍ତି। ପ୍ରତି ସପ୍ତାହ ବୁଧବାର ଏହି କ୍ଲିନିକ କେବଳ ଚାଷୀଙ୍କ ପାଇଁ ଖୋଲା ରହିବ। ବରିକେଲର ବୟୋଜ୍ୟେଷ୍ଠ ଚାଷୀ ଜନ୍ମେଜୟ ଦିଶ୍ରୀ ନଡ଼ିଆ ଭାଙ୍ଗି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲକ ମେହର, ରମେଶ ମେହର, ଧର୍ମେନ୍ଦ୍ର ସାହା, ସୁବାଷ ସାମନ୍ତ ରାୟ, ଦିଲୀପ ବେହେରା, ରାଜେଶ ସାହୁ, ମନୋରଞ୍ଜନ ସାହୁ, ହରିଶଙ୍କର ସାହା, ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସୋହେଲା,୧୯।୧୦(ଅଶ୍ୱିନୀ କୁମାର ପାତ୍ର)** ସୋହେଲା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ବୁଧବାର ପୁରାତନ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସରୋଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରେମଚାନ୍ଦ ଦୁଆନ୍ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରତାପ ମିଶ୍ର, ଅଧ୍ୟାପକ ସୁଦାମ ସାହୁ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ହିଁ ଶିକ୍ଷାର ଆଧାର ବୋଲି କହିଥିଲେ। ଛାତ୍ରୀ ବିନି, ତନୁଶ୍ରୀ, ନମିତା, ଲୀନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଲକ୍ଷ୍ମଣ, ଶିବାନୀ, ଶ୍ରାବଣି, ସୁବ୍ରତ ସ୍ୱାଗତ କରିଥିଲେ। ସୀତାରାମ ଧନ୍ୟବାଦ ଅର୍ପଣ କରିଥିଲେ।

### ଇତିହାସ ବିଭାଗରେ ସମ୍ବର୍ଦ୍ଧନା ସଭା

**ପଦ୍ମପୁର,୧୯।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିହାସ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବୈଷୟିକ ଶିକ୍ଷା, ଯୋଗାଯୋଗ ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ବୁନି ସାହୁ, ଅଧ୍ୟାପକ ବାଳଗୋପାଳ ମେହେର, ଫନିନ୍ଦ୍ରମ୍ ସ୍ୱାଗତ କରିବା ସହ ଜଣେ ଉତ୍ତମ ଛାତ୍ର ହେବାକୁ ବିଭିନ୍ନ କୌଶଳର ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଛାତ୍ର ଆଲୋକ, ଭୋଜରାଜ, ବାବୁଲୁ, ମାନସ, ରାଜେଶ, ଉଜେଶ ଓ ଛାତ୍ରୀ ମନୀଷା,ଦିପ୍ତୀ, ଦୀପା, ସମୀକ୍ଷା, ବବିତା, ପୂଜା ସହଯୋଗ କରିଥିଲେ। ଶେଷରେ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାଚଗୀତରେ ଦୁଲୁକିଲା ମଞ୍ଚ

**ସୋହେଲା,୧୯।୧୦(ଅଶ୍ୱିନୀ କୁମାର ପାତ୍ର)** ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜା ଅବସରରେ ଲୋକମହୋତ୍ସବ ପାର୍ବଣର ଦ୍ୱିତୀୟ ସନ୍ଧ୍ୟାରେ ଢୋଲ ଓ ମାଦଳର ତାଳେ ଦର୍ଶକ ଝୁମିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଣ୍ଡାପଦରର ମା' ସରସ୍ୱତୀ କୁନାହ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ କଳାଜୀବୀ ବରଗଡ଼ର କଳାକାରମାନେ ଡାଲଖାଇ, ନୂଆଁଖାଇ, ପଞ୍ଚରସି ନୃତ୍ୟ ପରିବେଷଣ କରିଥିଲେ। ସାଇଶ୍ରୀ କମେଡ଼ି ତଡକା ବଡକର୍ଲେର କଳାକାରମାନେ ହାସ୍ୟ ରସାତ୍ମକ କାର୍ଯ୍ୟକ୍ରମ ବହୁର ଚଳସି, ନଙ୍ଗଲୁ ପୁଲିସ, ଆଡ କାଠିଆ ଡାକ୍ତର ପରିବେଷଣ କରି ଦର୍ଶକଙ୍କୁ ହସାଇଥିଲେ। ଅଞ୍ଜନ ପ୍ରଧାନ ମଞ୍ଚ ପରିଚଳନା କରିଥିଲେ।

# ଚିନିକଳ ବନ୍ଦ ନିର୍ଦ୍ଦେଶ, ବଢ଼ିଲା ଅସନ୍ତୋଷ

**ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କ ସମବାୟ ସମିତି ସମୂହର ରେଜିଷ୍ଟ୍ରାର ଉଦ୍ଧବ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ନିର୍ଦ୍ଦେଶନାମା ନଂ-୧୮୨୭୩ ତା-୧୬।୧୦।୨୦୨୩ରିଖରେ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ଚିନିକଳ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ସେ ଉଲ୍ଲେଖ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି, ୨୦୨୨-୨୩ ଅଡ଼ିଟ୍ ରିପୋର୍ଟ ଅନୁସାରେ ଏହି ଚିନିକଳ ଠିକ୍ ଭାବେ ବ୍ୟବସାୟ କରୁନାହିଁ ଗତ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଚିନିକଳକୁ ୭୨କୋଟି ୫୯ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ସେହିପରି ୧୯୮୯ ଅଗଷ୍ଟ ୨୦ତାରିଖ ପରଠାରୁ ଆଦୌ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ନ ଥିବା ୨୦୧୬-୧୭ ଅଡ଼ିଟ୍ ରିପୋର୍ଟରୁ ଜାଣିବାକୁ ମିଳିଛି ବୋଲି ଚିଠିରେ ଉଲ୍ଲେଖ ରହିଛି ।

ଏହା ସହିତ ଚିଠିରେ ଆହୁରି ଉଲ୍ଲେଖ ରହିଛି, ଗତ ମେ ୯ତାରିଖରେ ବରଗଡ଼ ସମବାୟ ଚିନିକଳ ପରିଚାଳନା ନିର୍ଦ୍ଦେଶକଙ୍କୁ କାହିଁକି ଏହି ଚିନିକଳକୁ ବନ୍ଦ କରି ଦିଆ ନ ଯିବ, ସେ ନେଇ କାରଣ ଦର୍ଶାଇବା ପାଇଁ ନୋଟିସ୍ ଜାରି କରି ୩୦ଦିନ ମଧ୍ୟରେ ଲିଖିତ ସ୍ପଷ୍ଟିକରଣ ଦେବାକୁ ନିର୍ଦ୍ଦେଶ ଥିଲା। ୨୦୧୬-୧୭ରୁ ଚିନିକଳ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା, ଚିନିକଳକୁ କ୍ଷତି ସହିବାକୁ ପଡୁଥିବା ଏବଂ ଏହାର ପୁନରୁଦ୍ଧାର ଆଶା କ୍ଷୀଣ ବୋଲି ପରିଚାଳନା ନିର୍ଦ୍ଦେଶକ ସ୍ପଷ୍ଟୀକରଣ ଦେଇଥିଲେ। ସେଭଳି ସ୍ପଷ୍ଟୀକରଣ ମିଳିବା ପରେ ତାକୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହାପରେ ଚିନିକଳ ପୁନରୁଦ୍ଧାର ଆଶା ସମ୍ଭବ ହେଉ ନ ଥିବା ଯୋଗୁ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ଏବଂ ବରଗଡ଼ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଚିନିକଳର ଲିକ୍ୟୁଡେଟର ଭାବେ ନିଯୁକ୍ତ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି ।

ପ୍ରକାଶଥାଉକି, ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ବରଗଡ଼ ସମବାୟ ଚିନିକଳକୁ ଉଦ୍‌ଘାଟନ କରିଥିଲେ। ସେହିଦିନଠାରୁ ଦୀର୍ଘବର୍ଷ ଧରି ଚିନିକଳ ଠିକ୍‌ଭବେ ଚାଲୁଥିଲା। ଜିଲା ତଥା ଜିଲା ବାହାର ଆଖୁଚାଷୀମାନେ ମଧ୍ୟ ଉକ୍ତ ଚିନିକଳ ଦ୍ୱାରା ଉପକୃତ ହେଉଥିଲେ। ଚିନିକଳ ଅଞ୍ଚଳର ବହୁଲୋକଙ୍କୁ କର୍ମ ଯୋଗାଉଥିଲା। ତେବେ ପରବର୍ତ୍ତୀ ସମୟରେ ଚିନିକଳ ଅକାମୀ ହୋଇ ପଡ଼ିଥିଲା। ଏହାକୁ କାର୍ଯ୍ୟକ୍ଷମ କରିବା ତଥା ବକେୟା ଦରମା ପ୍ରଦାନ ଦାବିରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଚିନିକଳକୁ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କିନ୍ତୁ ତାହା ମଧ୍ୟ ମିଳି ନ ଥିଲା ଏବଂ ଶେଷରେ ଚିନିକଳ ବନ୍ଦ ନିର୍ଦ୍ଦେଶ ଜାଣିବା ପରେ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ବଢ଼ିବାରେ ଲାଗିଛି।

# ଶିଶୁମାନେ ଦେଶର ଶକ୍ତି, ପ୍ରଗତିର ସୂତ୍ରଧର




ସୁରଭି ଓ ମିଲେଟ୍ସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପୁଇଁନ୍ତଲା ବ୍ଲକସ୍ତରୀୟ ସୁରଭି ଓ ମିଲେଟ୍ କାର୍ଯ୍ୟକ୍ରମ**

**ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)** ଶିଶୁମାନଙ୍କ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବ୍ଲକସ୍ତରୀୟ ସୁରଭି ଓ ମିଲେଟ୍ସ କାର୍ଯ୍ୟକ୍ରମ ପୁଇଁନ୍ତଲା ବ୍ଲକ ବୁଢେଲ ନିଧିସାଗର ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବୁଢେଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ବାଙ୍କ, ବିଡିଓ ଅମରେନ୍ଦ୍ର ସ୍ୱାଇଁ, ଏବିଇଓ ଗୋପାଲ ବୁଡେକ, ଲଛମନ ପଧାନ, ଅବସରପ୍ରାପ୍ତ ଏବିଇଓ ଦୁର୍ବାଦଳ ମିଶ୍ର, ଅବସରପ୍ରାପ୍ତ ବିଡିଓ ବିଜ୍ଞାନ କୁମ୍ଭାର ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ବିଧାୟକ ଡ ମହାଲିଙ୍ଗ ଶିଶୁମାନେ ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର ଏବଂ ଦେଶର ସାମଗ୍ରିକ ବିକାଶ ଶିଶୁ ମାନଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ। ଉତ୍ସବ ଅବସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଲେଟ୍ସ କୁଇଜ୍ ପ୍ରତିଯୋଗିତାରେ ଆର୍ଯ୍ୟନ ଷାଣ୍ଡେ, ବକ୍ତୃତାରେ ଶ୍ରଦ୍ଧାଞ୍ଜଳି ବେହେରା, ପ୍ରବନ୍ଧରେ ଦିଶାନ୍ତ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁଇଁତଲା ବ୍ଲକ ଚେୟାରମେନ ସରୋଜ ପଧାନ ଯୋଗଦେଇ ଶିଶୁ ମାନଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସୁରଭି ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ।

# ବିକାଶ ଛାତ୍ରୀଛାତ୍ରଙ୍କ ଶିକ୍ଷା ଭ୍ରମଣ




କେରଳ ଅଭିମୁଖେ ଶିକ୍ଷା ଭ୍ରମଣରେ ବାହାରିଥିବା ବିକାଶ ଛାତ୍ରୀଛାତ୍ର, ଶିକ୍ଷକବୃନ୍ଦ ।

**ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)** ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଦ୍ୟାଳୟର ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୩୭ ଛାତ୍ରୀଛାତ୍ର ହାଇଦ୍ରାବାଦ, ବିଶାଖାପାଟଣା, ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୧୩୧ ଛାତ୍ରୀଛାତ୍ର ଅହମ୍ମଦାବାଦ, ୧୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୨୦୧ ଛାତ୍ରୀଛାତ୍ର କେରଳ ଅଭିମୁଖେ ଯାତ୍ରା କରିଛନ୍ତି। ସେହିପରି ଶୁକ୍ରବାର ୧୦ଜଣ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୧୧୦ ଛାତ୍ରୀଛାତ୍ର ସୁନ୍ଦରବନ ଏବଂ ୭ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୬୯ ସିନିୟର ସେକେଣ୍ଡାରୀ ଛାତ୍ରୀଛାତ୍ର କେରଳ ଅଭିମୁଖେ ଶିକ୍ଷା ଭ୍ରମଣରେ ଯିବାର କାର୍ଯ୍ୟକ୍ରମ ରହିଥିବା ବିକାଶ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଯାତ୍ରାର ଶୁଭ କାମନା ଜଣାଇଛନ୍ତି।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଶରଧାପାଲି

**ସୋହେଲା,୧୯।୧୦(ଅଶ୍ୱିନୀ କୁମାର ପାତ୍ର)**

ଦୁର୍ଗାପୂଜା ଅବସରରେ ସୋହେଲାରେ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ଚତୁର୍ଥ ମ୍ୟାଚ୍‌ରେ ଶରଧାପାଲି ଦଳ ବରଗଡ଼ ମୁଣ୍ଡାପଡ଼ାକୁ ୪-୨ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଶରଧାପାଲି ଆଉ ୩ଟି ଗୋଲ ଦେଇ ଥିବାବେଳେ ବରଗଡ଼ ଦଳ ଗୋଟିଏ ଗୋଲ ଶୁଝାଇ ଦେଇଥିଲେ। ଫଳରେ ଶରଧାପାଲି ଦଳ ବିଜୟୀ ହୋଇଥିଲା। ସଞ୍ଜୟ ଦାସ, ଶ୍ରୀନିବାସ ରାଓ, ପଞ୍ଚାନନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଖେଦାପାଲି ଓ କଦଳୀପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଗୋଟିଏ ଅଫିସରେ ୨ ଏସ୍‌ଡିଓ

- ଜଣେ ଅଫିସରେ, ଅନ୍ୟ ଜଣେ ବାରଣ୍ଡାରେ କାମ କଲେ
- ଆଇନ ଅନୁଯାୟୀ ସବୁ ହୋଇଛି: ଏକଜିକ୍ୟୁଟିଭ ଇଞ୍ଜିନିୟର

**ଟିଟିଲାଗଡ଼, ୧୯।୧୦(ଶରତ ମିଶ୍ର)** ଟାଟା ପାୱାର କମ୍ପାନୀର ଟିଟିଲାଗଡ ସବ୍‌ଡିଭିଜନ ଏସ୍‌ଡିଓ ଭାବରେ କାର୍ଯ୍ୟରତ ସୌମ୍ୟରଞ୍ଜନ ଦାଶ ଛୁଟିରେ ଯାଇଥିବା ବେଳେ ତାଙ୍କ ଆସନରେ ଅନ୍ୟଜଣେ ବସିଥିବା ଅଭିଯୋଗ କରିଛନ୍ତି। ଦାଶଙ୍କ କହିବା ମୁତାବକ ତାଙ୍କର ଜଣେ ପରିଜନଙ୍କ ମୃତ୍ୟୁ ନେଇ ସେ ଗତ ୪ତାରିଖରେ ଛୁଟି ଦରଖାସ୍ତ ଦେଇଥିଲେ। ତେବେ ଉକ୍ତଦିନ ସନ୍ଧ୍ୟାରେ ତାଙ୍କ ବଦଳି ଆଦେଶ ଆସିଥିଲା। ୫ତାରିଖରୁ ସେ ୧୫ ତାରିଖ ଯାଏ ଛୁଟିରେ ଥିଲେ। ବଦଳି ଆଦେଶ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପକ୍ଷ ଟାଟା କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ରଖିଥିଲେ। ହାଇକୋର୍ଟ ତାଙ୍କୁ ୪ ସପ୍ତାହ ପର୍ଯ୍ୟନ୍ତ ରିଲିଭ ନକରିବାକୁ ଆଦେଶ ଜାରି କରିଥିଲେ। ହେଲେ ସେ କୌଣସି ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ବେଳେ ଅନ୍ୟ ଜଣେ କିଭଳି ତାଙ୍କ ସ୍ଥାନରେ ବସିବାକୁ ନେଇ ସେ ନେଇ ପ୍ରଶ୍ନ କରିଛନ୍ତି। ନୂତନ ଏସ୍‌ଡିଓ ସୁଶାନ୍ତ ବେହେରା ତାଙ୍କର ଏଠାକୁ ବଦଳି ପରେ କମ୍ପାନୀର ଟିଟିଲାଗଡ ନିର୍ବାହୀ ଯନ୍ତ୍ରୀ ଏଠାକାର କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁମତି ଦେଇଥିବା କହିଛନ୍ତି। ଗୁରୁବାର ଏସ୍‌ଡିଓ ସିଟ୍‌ରେ ବସିବା ପାଇଁ ପୁରୁଣା ଓ ନୂଆ ଏସ୍‌ଡିଓଙ୍କ ମଧ୍ୟରେ କିଛି ସମୟ ପାଇଁ କଥା କଟାକଟି ହୋଇଥିବା ଜଣାଯାଇଛି। ବେହେରା ଏସ୍‌ଡିଓ ଚୌକିରେ ବସିଥିବା ବେଳେ ପୁରୁଣା ଏସ୍‌ଡିଓ ଦାସ ବାରଣ୍ଡାରେ ବସି କାର୍ଯ୍ୟ କରୁଥିବା ଦେଖାଯାଇଥିଲା। ଏ ନେଇ କମ୍ପାନୀର ଟିଟିଲାଗଡ ଏକଜିକ୍ୟୁଟିଭ ଇଞ୍ଜିନିୟର ବିନାୟକ ରାଉତଙ୍କୁ ପଚାରିବାରୁ ଆଇନ ଅନୁଯାୟୀ ସବୁ ହୋଇଛି। ସୁଶାନ୍ତ ବେହେରା ହିଁ ଟିଟିଲାଗଡର ଏସ୍‌ଡିଓ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁରୁଣା ଏସ୍‌ଡିଓ ଦାଶ ଗୁରୁବାର ପୁଣି ଥରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

# ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ

**ବୌଦ୍ଧ,୧୯।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ବୌଦ୍ଧ ବ୍ଲକ ଅଧୀନ ମୁରୁଷୁଣ୍ଡି ଗ୍ରାମ ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନବକୁମାର ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଦଳୀୟ ନେତା ଓ କର୍ମୀମାନେ ମୁରୁଷୁଣ୍ଡି ପଞ୍ଚାୟତର ତେତେଲେଙ୍ଗା, ଯୋଗିବେରୁଣୀ, ଜଗଦୀଶପୁର, କଣ୍ଟୁଆଣି, ଡାଙ୍ଗପଡା, ଲୁଣ୍ଡାବେରୁଣୀ ଆଦି ଗ୍ରାମର ଘରକୁ ଘର ଯାଇ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବା ସହ ଦେଶ ବାସୀଙ୍କୁ ରକ୍ଷା କରିବାକୁ ହେଲେ କଂଗ୍ରେସ ଦଳ ଏକମାତ୍ର ବିକଳ୍ପ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଦଳର ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, ହରଭଙ୍ଗା ବ୍ଲକ ସଂପାଦକ ପଲସ୍ତି ପ୍ରଧାନ, ସମେରେନ୍ଦ୍ର ମହାକୁଡ, ବେଣୁଧର ମେହେର ପ୍ରଦୀପ ଦାସ, ବସନ୍ତ ହୋତା, ରୋହିତାଶ୍ୱ ବେହେରା, ସତ୍ୟ ନାରାୟଣ ବେହେରା, ବୁଦ୍ଧଦେବ ପ୍ରଧାନ,ପ୍ରମୋଦ ବାଘ, ଗୋପାଳ ବାଘ, କୃଷ୍ଣ ନାଏକ , ଟିଟୁ କର୍ମୀ, ଅଭିଲାଷ ସ୍ୱାଇଁ, ପ୍ରକାଶ ମହଲାଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ କର୍ମୀ ସାମିଲ ଥିଲେ।

# ୫୭ ୟୁନିଟ୍ ରକ୍ତ ସଂଗ୍ରହ

**ବରପାଲି,୧୯।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ ମହଦାରେ ବିଜେପୁର ନିର୍ବାଚନ ମଣ୍ଡଳୀସ୍ତରୀୟ କୁସୁମର ଜନ୍ମଦିନ ଅବସରରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ବିଜେଡି ସଭାପତି ପ୍ରଭାସ ସିଂ, ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ଉଦଘାଟନ କରିଥିଲେ। ଶିବିରରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ମାନିନୀ ଭୋଇ, ଯୁବନେତା ସୁବ୍ରତ ସିଂ, ଜୀବନ ବିନ୍ଦୁ ଜିଲା ସଂଯୋଜକ ଗୌରହରି ମିଶ୍ର, ଜିଲା ଯୁବ ବିଜୁଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଜୁ ଜନତା ଦଳ ରାଜ୍ୟ ମହିଳା ସମ୍ପାଦକ ଶକୁନ୍ତଳା ମହାପାତ୍ର, ଝରଣା ମେହେର, ମହଦା ସରପଞ୍ଚ ତପସ୍ୱିନୀ ସାହୁ, ବରପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, ବିନୟ ଗଡତିଆ, ବରପାଲି ପାକ୍ସ ସଭାପତି ଗୁରୁ ମେହେର, ଓଡ଼ିଶା ରାଜ୍ୟ ସମବାୟ ଲିମିଟେଡ୍‌ର ଉପସଭାପତି ବିରସନ ସାହୁ, ଯୁବ ବିଜେଡି ଯୁବ ବ୍ଲକ ସଭାପତି ଅକ୍ଷୟ ଗଡତିଆ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟା ସଭ୍ୟା ଓ କର୍ମୀ ଉପସ୍ଥିତ ଥିଲେ।




ଶିବିରରେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ୩ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ଗିରଫ

**ବରଗଡ଼,୧୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ୩ ଆନ୍ତଃରାଜ୍ୟ ଏଟିଏମ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟ ଗୟା ଜିଲା ଖିଜେରସରାଇ ଥାନା ବାହା ନିବାସୀ ମୁକେଶ କୁମାର ତିୱାରୀ(୩୬), ଅଜିତ କୁମାର(୨୨) ଏବଂ ବିହାର ରାଜ୍ୟ ନାଳନ୍ଦା ଜିଲା ଥର୍ଥହାରୀ ଥାନା ନାରାୟଣପୁର ନିବାସୀ ରାହୁଲ କୁମାର ଦ୍ୱିବେଦୀ(୨୩)। ପୋଲିସ ସେମାନଙ୍କ ପାଖରୁ ନଗଦ ୯୫୦୦ ଟଙ୍କା, ଗୋଟିଏ ଭୁଜାଲି, ୩ ମୋବାଇଲ, ଏକ କାର୍ (ନଂ.ଜେଏଚ୍‌୦୧ଡିକ୍ୟୁ/୫୪୩୦), ୮କଳାରଙ୍ଗର ଫାଇବର ପ୍ଲେଟ, ୧୦ କଳାରଙ୍ଗର ପେପର୍, ଅଠା, କଇଁଚି ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଦଫା ୪୫୪, ୩୮୦ ଆଇପିସିରେ ପୃଥକ ୬ଟି ମାମଲା (ନଂ.୫୯୯/୨୩), ୬୦୦/୨୩, ୬୦୧/୨୩, ୬୦୨/୨୩, ୬୦୩/୨୩, ୬୦୪/୨୩) ରୁଜୁ କରିଛି ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।

ବରଗଡ଼ ଏସ୍‌ଡ଼ିପିଓ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ଅଭ୍ୟାସଗତ ଏଟିଏମ୍ ଲୁଟେରା। ସେମାନେ ବିଭିନ୍ନ ସ୍ଥାନରେ ଥିବା ଏଟିଏମ୍‌ରେ ପ୍ଲେଟ, ପେପର ଭର୍ତ୍ତି କରୁଥିଲେ। ସାଧାରଣତଃ ଯେଉଁ ରଙ୍ଗର ଏଟିଏମ୍, ସେଥିରେ ସେମାନେ ସେହି ରଙ୍ଗର ପେପର, ପ୍ଲେଟ ଭର୍ତ୍ତି କରୁଥିଲେ। ଫଳରେ ବ୍ୟାଙ୍କ ଉପଭୋକ୍ତା ଏଟିଏମରୁ ଟଙ୍କା କାଢ଼ିବା ସମୟରେ ଟଙ୍କା ବାହାରି ନ ପାରି ଅଧବାଟରେ ଅଟକି ଯାଉଥିଲା। ଉପଭୋକ୍ତାମାନେ ଏଟିଏମରୁ ଚାଲି ଯାଉଥିଲେ ଏବଂ ସେମାନେ ଚାଲିଯିବା ପରେ ଅଭିଯୁକ୍ତମାନେ ପୂର୍ବରୁ ଖଞ୍ଜିଥିବା ପେପର, ପ୍ଲେଟ କାଢ଼ି ଟଙ୍କା ବାହାର କରୁଥିଲେ। ଅନ୍ୟପଟେ ଉପଭୋକ୍ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଉଥିଲା। ମୋବାଇଲରେ ଟଙ୍କା କଟିଥିବା ନେଇ ମେସେଜ୍ (ଏସଏମଏସ୍) ଆସିବା ପରେ ଉପଭୋକ୍ତା ସେ ନେଇ ଜାଣି ପାରୁଥିଲେ।

ବରଗଡ଼ କାନାଡ଼ା ବ୍ୟାଙ୍କ ଏଟିଏମରୁ ଗତ କିଛିଦିନ ତଳେ ଏଭଳି ଲୁଟ୍ ହେବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ୩ଟି ଟିମ୍ ଗଠନ କରାଯାଇଥିଲା ଏବଂ ସେହି ଟିମ୍ ସେଥିପ୍ରତି ନଜର ରଖିଥିଲା। ବୁଧବାର ପୂର୍ବାହ୍ନରେ ବରଗଡ଼ ରକ୍ମିଣୀ ଟକିଜ ନିକଟ ଷ୍ଟେଟବ୍ୟାଙ୍କ ଏଟିଏମରୁ ସେଭଳି ଲୁଟ୍ ହେଉଥିବା ସୂଚନା ପାଇ ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଭଳି ଲୁଟ୍ ଘଟଣାରେ ଆହୁରି ଅଧିକ ଅଭିଯୁକ୍ତ ସାମିଲ ଥିବା ଅନୁମାନ କରାଯାଉଛି। ଫଳରେ ସେ ନେଇ ଅଧିକ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି କାଣ୍ଡନକେଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଗା ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଇଁ ସଜେଇ ହେଉଛି ଅବନକେଲା

**ସୁନ୍ଦରଗଡ,୧୯।୧୦(ଜୟ ନାରାୟଣ ମେଣ୍ଡୁଲି):** ଦୁର୍ଗା ପୂଜାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ପ୍ରସ୍ତୁତ ହୋଇଛି ଅବନକେଲା ଗ୍ରାମ। ପୂଜା କମିଟି ସଭାପତି କିଶୋର ନାଏକ, ଉପସଭାପତି ଅଲେଖ ସେଟ, ସମ୍ପାଦକ ଫିରୋଜ କୁମାର ପଟେଲ, ସହ ସମ୍ପାଦକ ମିରାନନ୍ଦ ସେଟ, କୋଷାଧକ୍ଷ କ୍ଷେମାଶୀଳ ପଟେଲ ତଥା ପୂଜା କମିଟି ଉପଦେଷ୍ଟା ଅଲେଖ ପଟେଲ, ଗଦାଧର ପଟେଲ, ସୁରେନ୍ଦ୍ର ବଡେକ, ଡିସେମ୍ବର ପଟେଲ, ଉଦିତ ପଟେଲ, ଗିରିଧାରୀ ପଟେଲ ଓ ଅନ୍ୟାନ୍ୟ ସଭ୍ୟଙ୍କୁ ନେଇ ଜୋର ସୋରରେ ଚାଲିଛି କାର୍ଯ୍ୟକ୍ରମର ଆୟୋଜନ। ଗ୍ରାମର ପ୍ରଗତି ମଣ୍ଡପ ସଜେଇ ହୋଇ ସାରିଛି ମା'ଙ୍କ ସ୍ୱାଗତ ପାଇଁ। ୨୦ରେ ମା'ଙ୍କ କଳସ ଯାତ୍ରା ହେବା ସହ ସନ୍ଧ୍ୟାରେ ଗାୟିକା ଦମୟନ୍ତୀ ମହାପାତ୍ର ଓ ସାଥି ପାଲା ପରିବେଷଣ କରିବେ। ୨୧ରେ ଭାଇଜିଉନ୍ତିଆ ଓଷାର ପୂଜା ପରେ ରେମଣ୍ଡା ବରଗଡ଼ରୁ ଆସୁଥିବା ମା' ସମଲେଶ୍ୱରୀ କୃଷଗୁରୁ କଳାପରିଷଦ ତାଙ୍କର କଳା ପରିବେଷଣ କରିବେ। ୨୨ ସନ୍ଧ୍ୟାରେ ଜୟ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ଅବନକେଲାର କଳାକାରମାନେ କୀର୍ତ୍ତନ ପରିବେଷଣ କରିବେ। ୨୩ ସନ୍ଧ୍ୟାରେ ସୁନ୍ଦରଗଡ ତଥା ପାଖ ଅଞ୍ଚଳର ଅନେକ ନେତା ରାଜନେତା ତଥା କଳାକାରଙ୍କୁ ନେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହର ସଭା କାର୍ଯ୍ୟକ୍ରମ ହେବ। ବିଭିନ୍ନ ହିସାବରେ ଅବନକେଲା ଦୁର୍ଗାପୂଜାକୁ ସମୃଦ୍ଧ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିବାର କାର୍ଯ୍ୟକ୍ରମ ରହିଛି। ରାତିରେ ଜୟ ଜଗନ୍ନାଥ କଳା ପରିଷଦ ଅବନକେଲା ରଙ୍ଗାରଙ୍ଗ ମଞ୍ଚରେ ପ୍ରସ୍ତୁତ କରିବ ସାମାଜିକ ନାଟକ "ସୁଖ ଆସିଥିଲା ଭଗାରୀ ହୋଇ"। ୨୪ରେ ବିଜୟା ଦଶମୀ ଓ ୨୫ ସନ୍ଧ୍ୟାରେ ମା'ଙ୍କ ଭସାଣି ଉତ୍ସବ ହେବ।

### ଶିକ୍ଷକଙ୍କ ବିୟୋଗରେ ଶୋକ

**ବଡ଼ଗାଁ,୧୯।୧୦( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଗୁରୀପୋଷ ଗ୍ରାମର ଖେଳ ଶିକ୍ଷକ ଗୋପାଳ କୃଷ୍ଣ ପୃଷେଟ (୪୨)ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ରାଉରକେଲା ଝିରପାନୀ ନିକଟ ଲହଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ଖେଳ ଶିକ୍ଷକ ଥିଲେ। ମଙ୍ଗଳବାର ସାନ୍ଧ୍ୟାରେ ସେ ଓ ତାଙ୍କର କେତେକ ସହକର୍ମୀ ମାର୍କେଟକୁ କୌଣସି କାମରେ ଯାଇ ସ୍କୁଲ୍‌କୁ ଫେରୁଥିବାବେଳେ ପଛପଟୁ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ଆଇଜିଏଚକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଭୁବନେଶ୍ୱର ଆମରି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ଶେଷ ଦର୍ଶନ ପାଇଁ ରାଉରକେଲାରୁ ବହୁ ସଂଖ୍ୟକ ଛାତ୍ରୀ ଆସିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମା'ଙ୍କ ଆଗମନ ପାଇଁ ଚଳଚଞ୍ଚଳ ପୂଜା ମଣ୍ଡପ





**ସୁନ୍ଦରଗଡ,୧୮।୧୦(ଜୟ ନାରାୟଣ ମେଣ୍ଡୁଲି)**

ଶାରଦୀୟ ଦୁର୍ଗାପୂଜା ପାଇଁ ଏବେ ସବୁଠି ଚାଲିଛି ପ୍ରସ୍ତୁତି। ମା'ଙ୍କ ଧରାଅବତରଣ ଆଗମନକୁ ନେଇ ଚଳଚଞ୍ଚଳ ହୋଇଉଠିଛି ପଲ୍ଲୀଠୁ ସହର। ବିଭିନ୍ନ ଦେବୀ ପୀଠ ଗୁଡିକରେ ଷୋହଳ ପୂଜା ଆରମ୍ଭ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ମୂର୍ତ୍ତି ଠୁ ଆରମ୍ଭ କରି ସୁଦୃର୍ଶ୍ୟ ମେଢ ଓ ତୋରଣକୁ କାରିଗରମାନେ ନିଜର କଳାତ୍ମକ ଚାତୁରୀରେ ଆକର୍ଷଣୀୟ ରୂପ ଦେବାରେ ଲାଗିପଡିଛନ୍ତି। ସୁନ୍ଦରଗଡ ସହରରେ ଦୂର୍ଗାପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ତନ୍ମଧ୍ୟରେ ସହରର ରଙ୍ଗାଢିପା ଦୂର୍ଗା ପୂଜା କମିଟିର ଦୂର୍ଗା ପୂଜା ଚଳିତ ବର୍ଷ ୭୫ ବର୍ଷରେ ପଦାର୍ପଣ କରିଛି। ୧୯୪୯ମସିହା ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ସ୍ଥାନୀୟ ପଡା ତଥା ସହର ବାସୀଙ୍କ ମିଳିତ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ପୂଜାକୁ ଅଧିକ ଆକର୍ଷଣୀୟ କରିବାପାଇଁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଲାଗିପଡିଛନ୍ତି। ୨୦ତାରିଖ ଷଷ୍ଠୀ ତିଥି ସନ୍ଧ୍ୟାରେ କଳସ ଶୋଭାଯାତ୍ରା

**୭୫ବର୍ଷରେ ରଙ୍ଗାଢିପା ଦୁର୍ଗାପୂଜା**

ଓ ବିଲ୍ୱବରଣ ପରେ ମା'ଙ୍କ ପୂଜା ଆରମ୍ଭ ହେବ। ୨୧ ତାରିଖ ସପ୍ତମୀ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ପବିତ୍ର ଭାଇ ଜିଉନ୍ତିଆ ଓଷା ପାଳିତ ହେବ। ୨୨ରେ ମହାଷ୍ଟମୀ ପୂଜା, ୨୩ତାରିଖରେ ମହାନବମୀ ପୂଜା ଅନୁଷ୍ଠିତ ହେବ। ୨୪ତାରିଖରେ ଦଶମୀ ଦଶହରା ପୂଜା ସହ ସନ୍ଧ୍ୟାରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ସନ୍ଧ୍ୟା, ସଂକୀର୍ତ୍ତନ,ଛୋଟ ପିଲାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆଦି ଆୟୋଜିତ ହୋଇଛି। ସେହିପରି ପ୍ରତ୍ୟହ ଅନ୍ନଭୋଗର ବ୍ୟବସ୍ଥା ହୋଇଛି। ଗତ ୪୦ବର୍ଷ ଧରି ପଶ୍ଚିମବଙ୍ଗ ପୁରୁଲିଆର ଶିଳ୍ପୀ ସଞ୍ଜୟ ସୂତ୍ରଧର ଚଳିତ ବର୍ଷ ମଧ୍ୟ ମା'ଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ମା'ଙ୍କ ମଣ୍ଡପରେ ସମସ୍ତଙ୍କ ଉଦ୍ୟମରେ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ଆସନ୍ତା ବର୍ଷରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ରାଜସ୍ଥାନ ଜୟପୁରରେ ନିର୍ମାଣ ଚାଲିଥିବା ମା'ଙ୍କ ବିଗ୍ରହ ପ୍ରତିଷ୍ଠା ହେବ।

**କମିଟିର କର୍ମକର୍ତ୍ତା ଯାହା କୁହନ୍ତି...**



"ସୁନ୍ଦରଗଡ ସହରର ରଙ୍ଗାଢିପା ଦୁର୍ଗାପୂଜା ବହୁତ ପୁରୁଣା। ୧୯୪୯ରେ ପଡାର ସ୍ୱର୍ଗତ ତ୍ରିବିକ୍ରମ ଜେନା, ଅକ୍ଷୟ ପଟ୍ଟନାୟକ, ଭଗବାନ ପଟେଲ ଓ ଅନ୍ୟ ବୟୋଜ୍ୟେଷ୍ଠ ନାଗରିକଙ୍କ ଉଦ୍ୟମରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ଆମ୍ଭପଡା ବାସୀ ତଥା ସୁନ୍ଦରଗଡ ବାସୀଙ୍କ ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଳିତ ବର୍ଷ ପୂଜାର ବ୍ୟୟ ଅଟକଳ ୮ଲକ୍ଷ ରହିଛି। ମା'ଙ୍କ ମଣ୍ଡପକୁ ସ୍ଥାୟୀ ଭବ୍ୟ ମନ୍ଦିର ନିର୍ମାଣ କରୁଛୁ। ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମା'ଙ୍କ ବିଗ୍ରହ ତିଆରି ରାଜସ୍ଥାନ ଜୟପୁରରେ ଚାଲିଛି। ୨୦୨୪ରେ ମନ୍ଦିର ଓ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ହେବ।

**–ହରେକୃଷ୍ଣ ମିଶ୍ର, କାର୍ଯ୍ୟକାରୀ ସଭାପତି, ରଙ୍ଗାଢିପା ଦୁର୍ଗାପୂଜା କମିଟି, ସୁନ୍ଦରଗଡ।**

## ଛାତ୍ରୀ ନିବାସ ଉଦ୍‌ଘାଟିତ



**ଲହୁଣୀପଡ଼ା,୧୯।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଭୁତୁଡା ପଞ୍ଚାୟତ ରଜାବସା ସ୍ଥିତ ସେବାଶ୍ରମରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇଁର ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ, ଭୁତୁଡା ସରପଞ୍ଚ ବାସନ୍ତୀ ମୁଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନରେଶ ଚୌଧୁରୀଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫଳରେ ଅଞ୍ଚଳର ଆଦିବାସୀ ଛାତ୍ରୀମାନେ ପାଠ ପଢିବାର ସୁବିଧା ପାଇବେ ବୋଲି ଅତିଥିମାନେ କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟ, ଅଭିଭାବିକା ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରଞ୍ଜିତ ପାତ୍ର, ଭୁବନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରୀ ନିବାସ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡାକ ବିଭାଗ ପକ୍ଷରୁ ଡାକମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ ଅଧିକାରୀ ଓ କର୍ମଚାରୀ।

**ବଡ଼ଗାଁ,୧୯।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଡାକ ବିଭାଗ ପକ୍ଷରୁ ଡାକମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ ବିଭାଗର ଜିଲା ଉପ ଅଧିକ୍ଷକ ଏସଏସ ମହାରଣା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଉତ୍ତରାଞ୍ଚଳ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଡିଭିଜନର ସମସ୍ତ ଗ୍ରାମୀଣ ଡାକ ସେବକ ଓ ସଚେତନ ମହିଳାମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମହାରଣା ମହିଳାଙ୍କ ପାଇଁ ଲାଗୁ ହୋଇଥିବା ମହିଳା ସମ୍ମାନ ସଞ୍ଚୟ ଯୋଜନା ଓ ଡାକ ଜୀବନ ବୀମା ଉପରେ ବୁଝାଇଥିଲେ। ଡାକ ଇନ୍ସପେକ୍ଟର ଦାସ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଥିବା ଟାଇମ ଡିପୋଜିଟ, ଜାତୀୟ ସଞ୍ଚୟ ଯୋଜନା, ମାସିକ ପେନସନ ଯୋଜନା, କିସାନ ବିକାଶ ପତ୍ର, ସୁକନ୍ୟା ଯୋଜନା, ବରିଷ୍ଠ ନାଗରିକ ପେନସନ ଯୋଜନା, ଅଟଳ ପେନସନ ଯୋଜନା ଆଦି ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହା ସହିତ ଦୁର୍ନୀତି ନିବାରଣ ସଚେତନତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଉତ୍ତରାଞ୍ଚଳ ନୀରିକ୍ଷକ ଭୀକ୍ଷୁ ପ୍ରସାଦ ପୃଷେଟ ଓ ଅମୀତ କୁମାର ପୃଷେଟ ପରିଚାଳନା କରିଥିଲେ। କାର୍ଯ୍ୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଭୋଇପାଲି ଗ୍ରାମୀଣ ପୋଷ୍ଟମାଷ୍ଟର ଦିଲ୍ଲୀପ ଗୌଡ, ଖଟକୁରବାହାଲର ଗ୍ରାମୀଣ ପୋଷ୍ଟମାଷ୍ଟର ଅଶୋକ ରାଉତ ଓ ପଞ୍ଚରାର ପୋଷ୍ଟମାଷ୍ଟର ସସ୍ମିତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୁକ୍କଡ଼ ନାଟକ ମାଧ୍ୟମରେ ସ୍ୱଚ୍ଛତା ଅଭିଯାନ

**ବନ୍ଧମୁଣ୍ଡା,୧୯।୧୦ (ସୁବ୍ରତ ଡେ)**

ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅବସରରେ ବନ୍ଧମୁଣ୍ଡାବାସୀ ବରକାନି ସମେତ ସେକ୍ଟର ୨୧ସ୍ଥିତ ନୟାବଜାର ଅଞ୍ଚଳରେ ପାୱାର ଗ୍ରୀଡ କର୍ପୋରେସନ ରାଉରକେଲା ଶାଖା ଦ୍ୱାରା ନୁକ୍କଡ଼ ନାଟକର ଆୟୋଜନ କରାଯାଇଛି। ଏହି ନାଟକ ମାଧ୍ୟମରେ ଅଞ୍ଚଳର ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଜାଗ କରାଯାଇଛି। ନାଟ୍ୟକାରମାନେ ଲୋକଙ୍କୁ ନିଜ ଘର ତଥା ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ପାୱାର ଗ୍ରୀଡ ନିଗମର ରାଉରକେଲା ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି, ଅନେକ ସଂକ୍ରାମକ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଏକମାତ୍ର ଉପାୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଲୋକଙ୍କୁ ସଚେତନ କରାଯାଉଛି ବୋଲି ମ୍ୟାନେଜର ପଣ୍ଡା କହିଛନ୍ତି।

## ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

**ବଡ଼ଗାଁ,୧୯।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜରେ ଗୁରୁବାର ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ, ରାଜ୍ୟ ଆଇଟିଆଇ ଫାଉଣ୍ଡେସନ ସଭାପତି ମେହେମୁଦ ଅହମଦ ଓ ରାଉରକେଲା ଲାୟନ୍ସ କ୍ଲବ ସଭାପତି ସରୋଜ ପାତ୍ର ଯୋଗଦେଇଥିଲେ। ନର୍ସିଂ କଲେଜର ଚେୟାରମ୍ୟାନ ଡ.ଅରୁଣ କୁମାର ନାୟକ ଅତିଥିଙ୍କୁ ଆୟୁର୍ବେଦ ଚିକିତ୍ସା କେନ୍ଦ୍ରର ବିଭିନ୍ନ ବିଭାଗ, ରୋଗୀ ଶଯ୍ୟା ଓ ଔଷଧ ତିଆରି ବ୍ୟବସ୍ଥା ଗୁଡ଼ିକ ଦେଖାଇଥିଲେ। ସେଠାରେ ବିଧାୟକ ଭବାନୀ ଶଙ୍କର ଭୋଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆୟୋଜିତ ସଭାରେ ତହସିଲଦାର ସରୋଜ କୁମାର ପୃଷେଟ, ତାଙ୍କ ବାଲ୍ୟକାଳରେ କିପରି ଏକ ରୋଗରେ ପୀଡିତ ଥିଲେ ଓ ଆୟୁର୍ବେଦ ଔଷଧ ଖାଇ ଭଲ ହୋଇଥିଲେ କହିବା ସହିତ ଏହି ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ଅଞ୍ଚଳ ତଥା ଜିଲାବାସୀଙ୍କ ପାଇଁ ସୁବିଧା ଯୋଗାଇଦେବ ବୋଲି ଆଶା ପ୍ରକଟ କରିଥିଲେ। ଅନ୍ୟତମ ଅତିଥି ରାଉରକେଲା ଲାୟନ୍ସ କ୍ଲବ ସଭାପତି ସରୋଜ ପାତ୍ର କହିଥିଲେ, ଆୟୁର୍ବେଦ ଔଷଧ ଦ୍ୱାରା ଚିକିତ୍ସାର ଗୁରୁତ୍ୱ ରହିଛି। ଏହାର ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନ ଥାଏ। ଆଇଟିଆଇ, ସ୍କୁଲ୍ ଓ କଲେଜ ପ୍ରତିଷ୍ଠା କରି ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଶିକ୍ଷା କ୍ଷେତ୍ରରେ ଅଞ୍ଚଳର ବିକାଶ କରିଥିଲାବେଳେ ବର୍ତ୍ତମାନ ଚିକିତ୍ସା ସେବାର ବିକାଶ ପାଇଁ କରିଥିବା କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ। ଆଇଟିଆଇର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ କହିଥିଲେ, ପୂର୍ବେ ଡାକ୍ତରଖାନା ନ ଥିଲା। ଗାଁ ବଇଦ ଲୋକଙ୍କ ଚିକିତ୍ସା କରୁଥିଲେ। ଆୟୁର୍ବେଦ ଚିକିତ୍ସାରେ ପାର୍ଶ୍ୱ ପ୍ରତିକ୍ରିୟା ହେଉ ନ ଥିବାରୁ ଲୋକେ ସୁସ୍ଥ ରହୁଥିଲେ ବୋଲି ସେ କହିଥିଲେ।



ଅତିଥି ଫିତା କାଟି ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

## ରେଳବାଇ ସ୍କୁଲରେ ଶାରଦୀୟ ମହୋତ୍ସବ




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ବନ୍ଧମୁଣ୍ଡା,୧୯।୧୦(ସୁବ୍ରତ ଡେ)**

ବନ୍ଧମୁଣ୍ଡାସ୍ଥିତ ରେଳବାଇ ହାଇସ୍କୁଲରେ ଦୁର୍ଗା ପୂଜା ଅବସରରେ ଶାରଦୀୟ ମହୋତ୍ସବ ଏକ ପାରମ୍ପାରିକ ଢଙ୍ଗରେ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରବୀର କୁମାର ଦତ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଥିଲେ, ଆମ ସମସ୍ତଙ୍କୁ ନିଜ ଭିତରେ ଥିବା ଅସୁର ଶକ୍ତିକୁ ମାରିବା ଏବଂ ମାତୃତ୍ୱ ଶକ୍ତିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ୨୦୨୧ରେ ୟୁନେସ୍କୋ ମଧ୍ୟ ଦୁର୍ଗା ପୂଜାକୁ ନିଜର ସାଂସ୍କୃତିକ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। ଯେଉଁଥିପାଇଁ ଦେଶର ଏକ ପ୍ରମୁଖ ଧାର୍ମିକ ପର୍ବ ବର୍ତ୍ତମାନ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଙ୍କ ଦ୍ୱାରା ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପିତ ହୋଇଥିଲା। ଛାତ୍ରୀଛାତ୍ରମାନେ କବିତା, ଗୀତ ଏବଂ ବକ୍ତୃତା ମାଧ୍ୟମରେ ଦୁର୍ଗା ପୂଜାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ବନ୍ଧମୁଣ୍ଡା ରେଳବାଇ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଶରଦୀୟ ମହୋତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଞ୍ଚଳର ବୁଦ୍ଧିଜୀବୀ ବେଶ୍ ପ୍ରଶଂସା କରିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କୁତ୍ରା,୧୯।୧୦(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ୨ ଦିନିଆ ଜିଲା ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡା. ରାଜେନ ଏକ୍କା ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଜେଏସଡବ୍ଲ୍ୟୁ ଅପରେସନ ମୁଖ୍ୟ ଅନିଲ ସିଂ ଯୋଗଦେଇ ସୁନ୍ଦରଗଡ ମାଟିକୁ ଶ୍ରେଷ୍ଠ ମାଟିଭାବେ ପ୍ରଶଂସା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଶାରୀରିକ, ମାନସିକ ଭାବରେ କ୍ରୀଡ଼ାବିତମାନେ ସଦାସର୍ବଦା ସୁସ୍ଥ ରହିଥାନ୍ତି ବୋଲି କହିବା ସହିତ ବର୍ଷ ତମାମ ଖେଳକୁଦ ପ୍ରତି ନିଜକୁ ସାମିଲ କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର ମୁଖ୍ୟ ସଂଗ୍ରାମ ରାଉତ, ଅଲେଖ ଦଳେଇ, ବିଇଓ ଶରତ କୁମାର ପତି, ବ୍ଲକ ଉପାଧକ୍ଷ କୌସ୍ତୁଭ ଭୁଷଣ ହୋତା, ସାମାଜିକ କର୍ମୀ ପ୍ରଭୁଦୟାଲ ଅଗ୍ରୱାଲ, ଥାନା ଅଧିକାରୀ ମନୋରଞ୍ଜନ ବିସି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆକର୍ଷଣୀୟ ଖେଳପାଇଁ କୁତ୍ରା ,ସୁନ୍ଦରଗଡ ସଦର, କୁଆଁରମୁଣ୍ଡା, ବଣେଇଁ, ଗୁରୁଣ୍ଡିଆ ବ୍ଲକକୁ ଟ୍ରଫି ପ୍ରଦାନ କରାଯିବା ସହ ବିଭିନ୍ନ ଖେଳକୁଦରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କୃତି ଶିକ୍ଷକ ବିଭୀଷଣ ବାରିକ ସଂଯୋଜନା କରିଥିବା ବେଳେ ଆଶିଷ ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଦୀପିକା କେରକେଟା,ଧୃତିସୁନ୍ଦର ସାହୁ, ରୋହିତ ଜୟପୁରିଆ, ସୁଦାମ ମହାନନ୍ଦ, ନମିତା କୁଲୁ, ଲିପିକା କାଲୋ, ଲିପିକା ସାହୁ, ସୁନିତା ପଟେଲ, ନୂତନ ହରୋ, ସଂଗୀତା ଦେଇ, ଆଶାଜେନ କିରୋ, ତପନ ସୁନ୍ୟାନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

**ରାଜ୍ୟ କବାଡି ବିଜେତା ଦଳକୁ ସମ୍ବର୍ଦ୍ଧନା**

ଅନ୍ୟ ପକ୍ଷରେ ରାଜ୍ୟ ସ୍ତରରେ ୧୭ ବର୍ଷ କବାଡି ବାଳିକା ବିଜୟୀ ଦଳ କୁତ୍ରା ମାଟିରେ ପହଞ୍ଚିବା ପରେ ଜିଲାର ସମସ୍ତ କ୍ରୀଡା ଶିକ୍ଷକ ଛାତ୍ରୀଛାତ୍ର ମାନେ ୧୦ ନମ୍ବର ରାଜ୍ୟ ରାଜପଥରୁ ପ୍ରାୟ ୧ କିଲୋମିଟର ସ୍ଥିତ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ବାଜା ବଜାଇ ତାଙ୍କୁ ପାଛୋଟି ଆଣିଥିଲେ। ବିଦ୍ୟାଳୟ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



## ଉପଯୁକ୍ତ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକଙ୍କ ଉତ୍ତେଜନା

**କୁଆଁରମୁଣ୍ଡା,୧୯।୧୦(ମହେନ୍ଦ୍ର କୁମାର ସାହୁ)**




ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ନାଇକେନବାହାଲରେ ଥିବା ସ୍ୱସ୍ତିକ ସ୍ପଞ୍ଜ ଆଇରନ୍ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି କାର୍ଯ୍ୟରତ ଶ୍ରମିକ ବଳଭଦ୍ର ସା(୩୫)ଙ୍କ ଶରୀରର ପ୍ରାୟ ୯୦ ଶତକଡା ପୋଡିଯାଇଥିଲା। କାରଖାନା କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବଳଭଦ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ କୁଆଁରମୁଣ୍ଡା ଫାଣ୍ଡିରେ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ପରେ ବହୁ ସଂଖ୍ୟାକ ସ୍ଥାନୀୟ ଲୋକେ ଫାଣ୍ଡିରେ ପହଞ୍ଚି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଖବର ପାଇ ବୀରମିତ୍ରପୁର ଥାନାଧିକାରୀ ଆଶିଷ ଜେନା ଫାଣ୍ଡିରେ ପହଞ୍ଚି ଘଟଣା ସମ୍ବନ୍ଧରେ ଅବଗତ ହୋଇ କାରଖାନା ମାଲିକ ତୁରନ୍ତ ଘଟଣାର ସମାଧାନ ପାଇଁ ସୂଚନା ଦେବା ସହ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ରଙ୍କୁ ଏହାର ତଦନ୍ତ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାରଖାନାର ୨ କର୍ମଚାରୀ ଫାଣ୍ଡିକୁ ଯାଇ ଦେଢ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ।

**କାରଖାନା ବିସ୍ଫୋରଣରେ ଶ୍ରମିକଙ୍କ ମୃତ୍ୟୁ ଘଟଣା**

ଏହାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଥିଲେ। ମୃତ ଶ୍ରମିକଙ୍କ ମାସିକ ଦରମା ୧୫ ହଜାର ଥିବା ବେଳେ ବାର୍ଷିକ ୧ଲକ୍ଷ ୮୦ ହଜାର ଟଙ୍କା ହେଉଛି। ପାଖାପାଖି ୨୦ ବର୍ଷ ଯଦି ଚାକିରୀ କରିଥାନ୍ତେ ତେବେ ୩୬ ଲକ୍ଷ ରୋଜଗାର କରିଥାନ୍ତେ। ତେଣୁ ୨୦ ବର୍ଷର ପ୍ରାୟ ୩୬ ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ କୁଆଁରମୁଣ୍ଡା ଜମିଦାର ସଞ୍ଜୀବ ପ୍ରତାପ ସିଂଦେଓ, ରାଜେଶ କେର୍କେଟା, ସରପଞ୍ଚ ରାଜେଶ ହାସଦା, ରାଜୁ ତିୱାରୀ, ଟୁକୁ ମହାପାତ୍ରଙ୍କ ସହ ବହୁ ସ୍ଥାନୀୟ ନେତୃବର୍ଗ ଦୃଢ ଦାବି କରିଛନ୍ତି। ଅନ୍ୟପକ୍ଷେ ଦୀର୍ଘ ସମୟ ଅପେକ୍ଷା ପରେ ମଧ କାରଖାନା ମାଲିକ ଫାଣ୍ଡିକୁ ନ ଆସିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଶୁକ୍ରବାର ଘଟଣାର ସମାଧାନ କରାଯିବ ବୋଲି ଫାଣ୍ଡି ଅଧିକାରୀ ଓ ଉପସ୍ଥିତ କାରଖାନା କର୍ମଚାରୀଙ୍କ ପ୍ରତିଶ୍ରୁତି ପରେ ଉତ୍ତୋଜନା କମିଥିଲା।




TANISHQ
presents
Dharohar
Modern Heirlooms

ଏହି ଦୀପାବଳିରେ, ଆସନ୍ତୁ, ଆଉ ଉତ୍‌ଫୁଲ୍ଲିତ ହୁଅନ୍ତୁ ଆଭାମୟ ବଂଶଗତ ସମ୍ପଦଙ୍କ ଯୋଗେ, ଯାହା ପ୍ରସ୍ତୁତ ହୋଇଛି ଖାସ୍ ଆପଣଙ୍କ ଲାଗି – ଉତ୍ତରାଧିକାରରେ ପ୍ରାପ୍ତର ତତ୍ତ୍ୱାବଧାରକ ଯେ ଆପଣ ।



20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ

ପାଆନ୍ତୁ 100%*
ଏକ୍ସଚେଞ୍ଜ ମୂଲ୍ୟ ଯେ କୌଣସି ଦୋକାନ ରୁ କିଣିଥିବା ନିଜର ପୁରୁଣା ସୁନା ଉପରେ

AMERICAN EXPRESS
₹10,000 Additional Discount*
on American Express® Cards.
Offer valid from 20th to 26th October 2023. Valid on Minimum Transaction of ₹1,50,000 on Diamond Jewellery & Solitaire Jewellery. T&Cs apply.

To locate your nearest store and know more on 6366920017. Buy online at tanishq.co.in or Download our App *Conditions apply, For T&C visit our website.

Showrooms at **Jeypore:** Ground Floor, S.R Central Mall, Ph: 06854-233227; **Bhubaneswar:** Master Canteen Square & Chandrashekharpur, **Cuttack:** Cantonment Road, **Rourkela:** Keshar Bhavan at Main Road, **Brahmapur:** City high School Road, **Sambalpur:** Buddharaja Road, **Angul:** Amalapada, **Balasore:** Vivekanand Marg, **Jharsuguda:** Beheremal Chowk, **Puri:** Grand Road, **Jajpur Road:** Chorda Road Bypass, **Bargarh:** Bhatli Chowk Road



LOVED IN 70 COUNTRIES

BAJAJ THE WORLD'S FAVOURITE INDIAN

ଭାରତର ଫେଭରିଟ୍ 150
ଏକ ପୂରା ନୂଆ ଅବତାରରେ

ଆଡ୍ଭେଞ୍ଚର ମାନିଆ ପାଇଁ ସଜ ହୋଇଯାଆନ୍ତୁ, ଯେହେତୁ ଭାରତର ଫେଭରିଟ୍ 150 cc ମୋଟରସାଇକଲ ଏବେ 14.5 PS ର ପାୱର୍, ସୁତୀକ୍ଷ୍ଣ LED ହେଡ୍‌ଲ୍ୟାମ୍ପସ, ଆଉ ଏକବାରେ ସଠିକ୍ ମୋନୋଶକ୍ ସସ୍‌ପେନ୍‌ସନ୍ ରେ ସୁସଜ୍ଜ ।



THE ALL-NEW pulsar N150
DEFINITELY MALE

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

14.5 PS ପାୱର୍

LED ପ୍ରୋଜେକ୍ଟର୍ ହେଡ୍‌ଲ୍ୟାମ୍ପସ

ନୂଆ ରିଅର୍ ମୋନୋଶକ୍ ସସ୍‌ପେନ୍‌ସନ୍

O&M ODI

72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ N150 ପ୍ରକାର ସକାଶେଏକ୍ସ-ଶୋରୁମ୍ ମୂଲ୍ୟ । ବାସ୍ତବିକ କଲର୍ ଆଉ ସହ-ଉପକରଣଗୁଡ଼ିକ ଅଲଗା ହୋଇପାରେ ଅଥବା ମାନକ ଉପକରଣଙ୍କ ଅଂଶ ହୋଇନପାରେ । ନିର୍ଦ୍ଦିଷ୍ଟ ମଡେଲସବୁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ AMC ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela:** RM BAJAJ 90780 83803 • **Sundergarh** RM BAJAJ 9078083500 • **Bargarh CHANDAN BAJAJ 8895591155 • Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ 9337200356. Authorised Service Centre:** Binika 9437151684, **Dungripali** 9937006819, **Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh** 9937301752, **Padampur** 9437417977, **Gaisilet** 9937517018, **Barpali** 9861368656, **Junagarh** 9437092196, **Muniguda 9124600099, Padampur 9668826075 Rajkhariar 9437072917, Khariar Road** 9437188542, **Brajrajnagar 9937124444, Bamra** 9937108643, **Bagdhi** 7873430989,**Kuchinda 9437392099, Laikera 9658855530, Jamankira 9437393978 Deogarh** 9437020444, **Rajgangpur 8908908901, Bonaigarh 9078083800 Subdega** 7894408649 **Diptipur**- 7750039856, **Godbhaga** – 9937514987, **Saintala**-8114662939 / 9658030100, **Baliguda** 7008301945, **M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.**